

ଟେଷ୍ଟ ଅଧିନାୟକ ଦୌଡରେ ଗିଲ
ପୃଷ୍ଠା ୭

Website: sanchar.live  mail Id: sanchardisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

# ସଂଚାର
THE SANCHAR
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ



Vol. 34 | ISSUE 46 | ଭାଗ ୩୪ | ସଂଖ୍ୟା ୪୬
Bhubaneswar | Friday 9 May 2025 | Page 8 Rs. 4.00
ଭୁବନେଶ୍ୱର ଶୁକ୍ରବାର ୯ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




# ଯୁଦ୍ଧ ଆରମ୍ଭ
## ପାକିସ୍ତାନକୁ ନାହିଁ ନିସ୍ତାର





- ସିଆଲକୋଟ, ଲାହୋର୍, ଇସଲାମାବାଦରେ ତୁହାକୁ ତୁହା ଆକ୍ରମଣ
- ୪ ଯୁଦ୍ଧ ବିମାନକୁ ଖସାଇଲା ଭାରତ
- ଚାନ୍ଦିପୁରରେ ହାଇଆଲର୍ଟ
- ୱାର ରୁମ୍‌ରେ ପ୍ରଧାନମନ୍ତ୍ରୀ
- ମୋର୍ଚ୍ଚା ସମ୍ଭାଳିଲେ ଜୟଶଙ୍କର
- ୟୁରୋପୀୟ ସଂଘ ସହ ଆଲୋଚନା
- ପାକିସ୍ତାନ ଭିତରେ ପଶିଲା ଭାରତ
- ଏକାଥରେ ହଜାର ମିଜାଇଲ୍ ମାଡ଼
- ରଜୌରୀ ସେକ୍ଟରରେ ପାକିସ୍ତାନର ଆତ୍ମଘାତୀ ଆକ୍ରମଣ
- ଅଧାରେ ଅଟକିଲା ଧର୍ମଶାଳା ଆଇପିଏଲ୍
- ଜମ୍ମୁ, ଅମୃତସର, କଚ୍ଛ, ଶ୍ରୀନଗର ଅନ୍ଧାରରେ
- ଦୁବାଇ ପଳାଇଲେ ପାକ୍ ପ୍ରଧାନମନ୍ତ୍ରୀ
- ପୁଣିଥରେ ଗର୍ଜିଲା ବୋଫର୍ସ
- କାର୍‌ଗିଲ୍ ଯୁଦ୍ଧରେ ଦେଇଥିଲା ବିଜୟ
- ଆଇଏନ୍‌ଏସ୍ ବିକ୍ରାନ୍ତର ହମ୍‌ଲା

**ନୂଆଦିଲ୍ଲୀ, ୮।୫:** ଭାରତର 'ଅପରେସନ ସିନ୍ଦୂର'ର ଦିନକ ପରେ ଗୁରୁବାର ଆରମ୍ଭ ହୋଇଛି ଯୁଦ୍ଧ, ଯାହାର ନାମ ରଖାଯାଇଛି 'ଅପରେସନ୍ ସିନ୍ଦୂର ୨.୦'। ଦୁଇ ଦେଶ ଏକରକମ ଯୁଦ୍ଧକୁ ଓହ୍ଲାଇଛନ୍ତି। ପ୍ରଥମେ ପାକିସ୍ତାନ ଆଟାକ୍ କରିବା ପରେ ଏହରା ଜବାବ ଦେବାକୁ ଯାଇ ଭାରତ ପାକିସ୍ତାନର ଇସଲାମାବାଦ, ଲାହୋର୍ ଓ ସିଆଲକୋଟ, ରାୱଲପିଣ୍ଡି ପରି ପ୍ରମୁଖ ସହର ଉପରେ ତୁହାକୁ ତୁହା ଆକ୍ରମଣ କରିଛି। ସେଠାରେ ଭାରତୀୟ ସେନା ପକ୍ଷରୁ ଡ୍ରୋନ୍ ଓ ମିସାଇଲ୍ ଆଟାକ୍ ହୋଇଛି। ଏପରିକି ରାୱଲପିଣ୍ଡି ସେନା ହେଡ୍‌କ୍ୱାର୍ଟର୍‌ରେ ମଧ ଆଟାକ୍ ହୋଇଛି। ସେହିପରି ଭାରତୀୟ ସୀମାବର୍ତ୍ତୀ ୪ଟି ରାଜ୍ୟରେ କୌଣସି ପ୍ରକାର ଆକ୍ରମଣ ଆଶଙ୍କାରେ ବ୍ଲାକ୍‌ଆଉଟ୍ କରାଯାଇଛି। ସେସବୁ ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ଘର ଭିତରେ ରହିବା ସକାଶେ ଆଲର୍ଟ କରାଯାଇଛି। ଭାରତୀୟ ସେନାର ତିନିଟିଯାକ ବାହିନୀ ନିଜ ନିଜ ସ୍ତରରେ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ବାୟୁସେନା ପକ୍ଷରୁ ଆକ୍ରମଣ ହେବା ପରେ ନୌସେନାର ପ୍ରମୁଖ ଯୁଦ୍ଧାସ୍ତ୍ର ଆଇଏନ୍‌ଏସ୍ ବିକ୍ରମକୁ ଆରବ ସାଗରରେ ମୁତୟନ କରାଯାଇଛି। ଏଥିସହ ଆଗାମୀ କାର୍ଯ୍ୟପନ୍ଥା ସକାଶେ ଜାତୀୟ ନିରାପତ୍ତା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ସହ ଘନଘନ ବୈଠକ କରିଛନ୍ତି। ସେହିପରି ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଆମେରିକା ଓ ୟୁରୋପୀୟ ସଂଘ ସହ ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ନେଇ ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ ସଦ୍ୟ ସୂଚନାନୁସାରେ, ଅମିତ୍ ଶାହ ପାରା ମିଲିଟାରୀ ଫୋର୍ସ ସହ ଆଲୋଚନା କରିଛନ୍ତି। ଏଥିସହ ସାରା ଦେଶର ବିମାନବନ୍ଦରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅନ୍ୟପକ୍ଷରେ ପାକିସ୍ତାନ ସେନାମୁଖ୍ୟ ଜିହାଦ୍ ଆକ୍ରମଣର ନାରା ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଭାରତର କ୍ରମାଗତ ଆକ୍ରମଣ ଫଳରେ ପାକିସ୍ତାନ ସେନାବାହିନୀରେ ଭୟର ବାତାବରଣ ଦେଖାଦେଇଛି। ଏପରିକି ଭାରତୀୟ ମିସାଇଲ୍ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କ ବାସଭବନଠାରୁ ୨୦ କିମି ଦୂରବର୍ତ୍ତୀ ➩ପୃଷ୍ଠା-୬

## ସଚିବଙ୍କ ସହ ସମୀକ୍ଷା, ସତର୍କ ରହିବାକୁ ପରାମର୍ଶ

'ଅପରେସନ୍ ସିନ୍ଦୂର'ର ସଫଳ କାର୍ଯ୍ୟକାରିତାର ପ୍ରାୟ ଗୋଟିଏ ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ସାମ୍ପ୍ରତିକ ଜାତୀୟ ନିରାପତ୍ତା ପରିସ୍ଥିତିକୁ ଦୃଷ୍ଟିରେ ରଖି ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ସଚିବମାନଙ୍କ ସହ ସାକ୍ଷାତ କରି ଜାତୀୟ ପ୍ରସ୍ତୁତି ଏବଂ ଆନ୍ତଃ-ମନ୍ତ୍ରଣାଳୟ ସମନ୍ୱୟର ସମୀକ୍ଷା କରିଥିଲେ। ଏହି ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିବା ଅବସରରେ ପ୍ରଧାନମନ୍ତ୍ରୀ ସେମାନଙ୍କୁ ନିରନ୍ତର ସତର୍କତା ଏବଂ ସ୍ପଷ୍ଟ ଯୋଗାଯୋଗ ସୁନିଶ୍ଚିତ କରିବାକୁ କହିଥିଲେ। ଜାତୀୟ ନିରାପତ୍ତା ଏବଂ ପରିଚାଳନା ପ୍ରସ୍ତୁତି ପ୍ରତି ତାଙ୍କ ସରକାରଙ୍କ ପ୍ରତିବଦ୍ଧତାକୁ ମୋଦି ଦୋହରାଇଥିଲେ।ପ୍ରଧାନମନ୍ତ୍ରୀ ପରିଚାଳନାଗତ ନିରନ୍ତରତା ଏବଂ ଅନୁଷ୍ଠାନିକ ସ୍ଥିରତା ବଜାୟ ରଖିବା ପାଇଁ ମନ୍ତ୍ରଣାଳୟ ଏବଂ ଏଜେନ୍ସିମାନଙ୍କ ମଧ୍ୟରେ ନିରବଚ୍ଛିନ୍ନ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ ବେସାମରିକ ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଭୁଲ ସୂଚନା ଏବଂ ମିଥ୍ୟା ଖବରର ମୁକାବିଲା ପାଇଁ ପ୍ରୟାସ ➩ପୃଷ୍ଠା-୬

## 'ସିନ୍ଦୂର'ରେ ଯାଇଛି ଜୈଶ୍ ଆତଙ୍କୀ ଅଜହର୍‌ର ଜୀବନ



ଭାରତୀୟ ବାୟୁସେନା ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀ ଶିବିର ଉପରେ ଏକ ବଡ଼ ଆକ୍ରମଣ କରିଛି, ଯାହାର ନାମ ଦିଆଯାଇଛି 'ଅପରେସନ ସିନ୍ଦୂର'। ଏହି ଆକ୍ରମଣରେ ୧୯୯୯ ମସିହାରେ ଇଣ୍ଡିଆନ ଏୟାରଲାଇନ୍ସ ବିମାନ ଆଇସି-୮୧୪ ହାଇଜାକ ଘଟଣାର ମୁଖ୍ୟ ମାଷ୍ଟରମାଇଣ୍ଡ ତଥା ଜୈଶ-ଏ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନର ନେତା ଆବଦୁଲ ରଉଫ ଅଜହର ନିହତ ହୋଇଥିବା ଖବର ମିଳିଛି। ଏହି ଆକ୍ରମଣ ପାକିସ୍ତାନର ବାହାୱାଲପୁରସ୍ଥିତ ଜୈଶ-ଏ-ମହମ୍ମଦର ମୁଖ୍ୟ କାର୍ଯ୍ୟାଳୟ ଜାମିଆ ମସଜିଦ ସୁଭାନ ଅଲ୍ଲାହ ଉପରେ କରାଯାଇଥିଲା। ଖବର ଅନୁସାରେ, ଏହି ଆକ୍ରମଣରେ ଜୈଶ ନେତା ମାସୁଦ ଅଜହରଙ୍କର ୧୪ ଜଣ ପରିବାର ସଦସ୍ୟ ମଧ ନିହତ ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରେ ତାଙ୍କ ଭଉଣୀ, ଜ୍ୱାଇଁ, ଭଣଜା ଓ ଅନ୍ୟ ଆତ୍ମୀୟ ଅଛନ୍ତି। ମାସୁଦ ଅଜହର ନିଜେ ଏକ ବୟାନ ଜାରି କରି ଏହି ମୃତ୍ୟୁର ଖବର ନିଶ୍ଚିତ କରିଛନ୍ତି। ଏହି ଆକ୍ରମଣ ଗତ ୨୨ ଏପ୍ରିଲ ୨୦୨୫ରେ ଜମ୍ମୁ ଓ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ କରାଯାଇଥିଲା, ଯେଉଁଥିରେ ୨୬ ଜଣ ନିରୀହ ଲୋକ, ଯେଉଁମାନଙ୍କ ମଧ୍ୟରେ ଜଣେ ନେପାଳୀ ନାଗରିକ ଥିଲେ, ପ୍ରାଣ ହରାଇଥିଲେ। ଭାରତୀୟ ଗୁଇନ୍ଦା ସଂସ୍ଥାଙ୍କ ସୂଚନା ଅନୁସାରେ, ଏହି ➩ପୃଷ୍ଠା-୬



## ସର୍ବଦଳୀୟ ବୈଠକରେ ଦେଶବାସୀଙ୍କ ସୁରକ୍ଷା ନେଇ ଚିନ୍ତା

**ନୂଆଦିଲ୍ଲୀ,୮।୫:** ପାକିସ୍ତାନ ସହ ଉତ୍ତେଜନା ବଢ଼ୁଥିବା ବେଳେ କେନ୍ଦ୍ର ସରକାର ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଗୁରୁବାର ଦ୍ୱିତୀୟ ସର୍ବଦଳୀୟ ବୈଠକ କରି 'ଅପରେସନ୍ ସିନ୍ଦୂର'ର ସଫଳତା ଓ ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ରାଜନୈତିକ ନେତାମାନଙ୍କୁ ଅବଗତ କରାଇଛନ୍ତି। ବୈଠକରେ ଅଧ୍ୟକ୍ଷତା କରିଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନେତାମାନଙ୍କୁ କହିଛନ୍ତି ଯେ 'ଅପରେସନ ସିନ୍ଦୂର' ଅଧୀନରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କୀ ଆଡ୍ଡା ଉପରେ ଭାରତର ଆକ୍ରମଣରେ ଅତି କମରେ ୧୦୦ ଆତଙ୍କବାଦୀ ନିହତ ହୋଇଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ମଧ ନେତାମାନଙ୍କୁ ଜଣାଇଥିଲେ ଯେ ଏହା ଏକ ଜାରି ରହିଥିବା ଅପରେସନ ଓ ଭାରତର ଟାର୍ଗେଟ ଷ୍ଟ୍ରାଇକ୍ ପରିପ୍ରେକ୍ଷୀରେ ଯଦି ପାକିସ୍ତାନ ଆକ୍ରମଣ କରେ ତେବେ ଭାରତ ଏହାର ଦୃଢ ଜବାବ ଦେବ। ଉଲ୍ଲେଖଯୋଗ୍ୟ, ଭାରତର ସଶସ୍ତ୍ର ବାହିନୀ ଦ୍ୱାରା କରାଯାଇଥିବା ଆକ୍ରମଣର ଜବାବ ଦେବାକୁ ଇସଲାମାବାଦ ବୁଧବାର ପ୍ରତିଜ୍ଞା କରିଛି। ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଗଣମାଧ୍ୟମକୁ କହିଛନ୍ତି ଯେ ଏହି ପ୍ରସଙ୍ଗରେ ବ୍ୟାପକ ରାଜନୈତିକ ସହମତି ସୃଷ୍ଟି କରିବା ପାଇଁ ଏହାକୁ ଡକାଯାଇଥିଲା ଏବଂ ନେତାମାନେ ପରିପକ୍ୱତା ଦେଖାଇଥିଲେ ଏବଂ ପ୍ରତିବାଦ କରିନଥିଲେ। ରିଜିଜୁ କହିଛନ୍ତି ଯେ ନେତାମାନେ ସମସ୍ତ ଭାରତୀୟଙ୍କ ଜାତୀୟ ସୁରକ୍ଷା ଏବଂ ନିରାପତ୍ତା ପ୍ରସଙ୍ଗରେ ଚିନ୍ତା ବ୍ୟକ୍ତ ➩ପୃଷ୍ଠା-୬

## ଇରାନ୍ ବୈଦେଶିକ ମନ୍ତ୍ରୀଙ୍କ ସହ ଆଲୋଚନା



ପାକିସ୍ତାନ ସହ ପରିସ୍ଥିତିକୁ ଆହୁରି ଗମ୍ଭୀର କରିବାକୁ ଭାରତର କୌଣସି ଉଦ୍ଦେଶ୍ୟ ନାହିଁ, କିନ୍ତୁ ଯଦି ପାକିସ୍ତାନ ଭାରତ ଉପରେ ସାମରିକ ଆକ୍ରମଣ କରେ, ତା'ହେଲେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଗୁରୁବାର କହିଛନ୍ତି। ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଅରାଘଚିଙ୍କ ସହ ଏକ ବୈଠକରେ ସେ ଏହି ମନ୍ତବ୍ୟ ଦେଇଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି ଯେ 'ବର୍ବର' ପହଲଗାମ ଆତଙ୍କବାଦୀ ଆକ୍ରମଣ ଭାରତକୁ ବୁଧବାର 'ସୀମାପାର' ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରିବାକୁ ବାଧ କରିଥିଲା। ଏହି ଆକ୍ରମଣ ଆମକୁ ମେ ୭ ତାରିଖରେ ସୀମାପାର ଆତଙ୍କବାଦୀ ➩ପୃଷ୍ଠା-୬

## ଚାନ୍ଦିପୁରରେ ହାଇ ଆଲର୍ଟ

**ଭୁବନେଶ୍ୱର:** ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ମୁଖ ଯୁଦ୍ଧ ଆରମ୍ଭ ହୋଇସାରିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଚାନ୍ଦିପୁରରେ ହାଇ ଆଲର୍ଟ ଜାରି କରାଯାଇଛି। ଚାନ୍ଦିପୁରରେ କ୍ଷେପଣାସ୍ତ୍ର ଘାଟି ରହିଥିବା ବେଳେ ଏହା ଭାରତର ଅନ୍ୟତମ ପ୍ରମୁଖ ସାମରିକ ଘାଟୀ ଭାବେ ପରିଚିତ। ତେଣୁ ଏଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ରାଜ୍ୟର ବିଭିନ୍ନ ବିମାନବନ୍ଦରରେ ମଧ ଆଲର୍ଟ ଜାରି କରାଯାଇଛି।


SIKSHA 'O' ANUSANDHAN
SAAT-2025
Empowering students for a brighter future

PHARMACY PROGRAMS OFFERED
- B.Pharm
- M.Pharm in Pharmacology
- M.Pharm in Pharmaceutics
- M.Pharm in Industrial Pharmacy
- M.Pharm in Pharmaceutical Analysis

APPROVAL & RECOGNITIONS
- Approved by UGC and PCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited B.Pharm Program

NIRF INDIA RANKINGS 2024
- 14th Best in University Category
- 24th Best in Overall Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


## ପାକ୍ ପ୍ରଧାନମନ୍ତ୍ରୀ ଫେରାର୍
### ହଟିଲେ ସେନାମୁଖ୍ୟ

**ଇସଲାମାବାଦ:** ପାକିସ୍ତାନ ଉପରେ ଭାରତ ତା'ର ତିନି ବାହିନୀ ମାଧ୍ୟମରେ ଘନ ଘନ ଆକ୍ରମଣ କରିଚାଲିଥିବା ବେଳେ ଏଥିରେ ପାକିସ୍ତାନୀ ନେତାଙ୍କ ଛାତି ଧଡ଼ଧଡ଼ ହୋଇଛି। କୌଣସି ପ୍ରକାର ବିପଦରୁ ବର୍ତ୍ତିଯିବା ସକାଶେ ସେମାନେ ଏବେ ଦେଶ ଛାଡ଼ି ଚାଲିଯିବା ପାଇଁ ସୁଯୋଗ ଉଣ୍ଡୁଛନ୍ତି। ସଦ୍ୟ ସୂଚନା ଅନୁଯାୟୀ, ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଦେଶଛାଡ଼ି ଦୁବାଇ ପଳାଇଯାଇଥିବା ଚର୍ଚ୍ଚା ହେଉଛି। ଏହାଛଡ଼ା ସେନାମୁଖ୍ୟ ଅସୀମ ମୁନିର ପଦରୁ ହଟିଥିବା ଜଣାପଡ଼ିଛି। ତାଙ୍କ ସ୍ଥାନରେ ସମସାଦ ମିର୍ଜାଙ୍କୁ ପରବର୍ତ୍ତୀ ସେନାମୁଖ୍ୟ ଭାବେ ନିଯୁକ୍ତି ଦିଆଯିବାର ସମ୍ଭାବନା ରହିଛି। ଇତିମଧ୍ୟରେ ଦେଶର ଅନ୍ୟ ନେତାଏ ମଧ ପଳାୟନ ପ୍ରକ୍ରିୟା ଆରମ୍ଭ କରିଦେଇଥିବା ଜଣାପଡ଼ିଛି। ଭାରତର ତିନି ସେନା ପାକିସ୍ତାନର ୪ଟି ପ୍ରମୁଖ ସହର ସହ ପିଓକେରେ ପ୍ରବେଶ କରିସାରିଛି। ତେଣୁ ପାକିସ୍ତାନ ଥରଥର ହୋଇଛି। ଭାରତର ତିନି ସେନା ପକ୍ଷରୁ ଅପରେସନ୍ ସିନ୍ଦୂର ୨.୦ ଆରମ୍ଭ ହୋଇସାରିଥିବା ବେଳେ ପାକିସ୍ତାନ ଏପରି ଅତର୍କିତ ➩ପୃଷ୍ଠା-୬

### ମା' ତାରାତାରିଣୀ ପୀଠରେ ମୁଖ୍ୟମନ୍ତ୍ରୀ
## ଆମେ ଜଗନ୍ନାଥ ଚାହୁଁ, ଜିହାଦ ନୁହଁ



**ଭୁବନେଶ୍ୱର,୮।୫(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ଗାଙ୍ଗଦହଣୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ ପ୍ରସିଦ୍ଧ ତାରାତାରିଣୀ ପୀଠରେ ମା' ତାରାତାରିଣୀଙ୍କୁ ଦର୍ଶନ କରିବା ସହ ଏହି ଅଞ୍ଚଳର ଭିତ୍ତିଭୂମି ବିକାଶ ନିମନ୍ତେ ଜିଲ୍ଲା ପ୍ରଶାସନ ସହ ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ଗାଙ୍ଗଦହଣୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ମହୋତ୍ସବରେ ଯୋଗଦେବା ପୂର୍ବରୁ ତାରାତାରିଣୀ ପୀଠ ବୁଲି ଦେଖିବା ସହ ଉନ୍ନତିକରଣ ପାଇଁ କାର୍ଯ୍ୟକାରୀ ହେବାକୁ ଥିବା ଭିତ୍ତିଭୂମିର ବିକାଶ ପାଇଁ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା କେବଳ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ଦେବାର ପ୍ରକ୍ରିୟା ନୁହେଁ; ଏହା ସେମାନଙ୍କୁ ଜୀବନ ଦୌଡ଼ ପାଇଁ ପ୍ରସ୍ତୁତ କରିବାର ଏକ ପ୍ରକ୍ରିୟା। ଶିକ୍ଷାକୁ ସଠିକ ମାର୍ଗରେ ଉପଯୋଗ କରାଯାଉ। ଆଜି ଆମ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନରେ ଅନେକ ପିଲା ପାଠ ➩ପୃଷ୍ଠା-୬

# ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡା,୮।୫ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ରର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ପାଇଁ ଏକ ପ୍ରସ୍ତୁତି ବୈଠକ ଇଛାପୁର ଯାତ୍ରୀ ନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ତଥା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଟକ ଜୋନର ସହକାରୀ ଦେବୋତ୍ତର କମିଶନର ପ୍ରକାଶ କର, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରତୀକାନ୍ତ ବେହେରା, ଦେବୋତ୍ତର ନିରୀକ୍ଷକ ଶକ୍ତି ସ୍ୱରୂପ ନାୟକ, ବଡ ପଣ୍ଡା ମାଧବ ଚନ୍ଦ୍ର ପତ୍ରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ କଳଭନ୍ତୁ ପତ୍ରୀ, ମୁଖ୍ୟ ବିଶ୍ୱକର୍ମା ରଘୁନାଥ ମହାରଣା ଓ ପୁରୋଗ୍ରମ ଓଣ୍ଟା ପ୍ରମୁଖ ଉପସ୍ଥିତ ରହି ରଥ ନିର୍ମାଣ ସଂପର୍କରେ ଆଲୋଚନା କରିଥିଲେ।

ଗତ ୨ ବର୍ଷ ହେଲା ରଥ ନିର୍ମାଣରେ ତ୍ରୁଟି ରହୁଥିବାରୁ ରଥ ଚାଲିଲା ବେଳେ ବାମ ମୋଡ ଡାହାଣ ମୋଡ ନେଇ ଅଟକି ରହିବା ଓ ମୋଡ ଭାଙ୍ଗି ନପାରି ଜଗ୍ ମାଧ୍ୟମରେ ଘୁଂଚାଇବା ସହ ବହୁ ସମୟ ନଷ୍ଟ ଏବଂ ଦୁଇ ଦିନ ଯାଗାରେ ଚାରିଦିନ ଗୁଣ୍ଡିଚା ଯାତ୍ରା ହେବା ଭଳି ଅଘଟଣ ଘଟି ଯାଉଛି। ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଯେପରି କୌଣସି ଅଘଟଣ ନଘଟେ ସେଥିପାଇଁ ରଥ ନିର୍ମାଣ ସମୟରେ ପୁରୀରୁ ଅଭିଜ୍ଞ ଭୋଇ ମହାରଣାଙ୍କ ଦ୍ୱାରା ରଥ ନିର୍ମାଣ ତଦାରଖ କରାଇବା ସହ ବ୍ରେକ୍ ନିର୍ମାଣରେ ପୁରୀ ସିଷ୍ଟମ ଲାଗୁ କରି ଚେନ୍ ପୁଲି ମାଧ୍ୟମରେ ବ୍ରେକ୍ ଲଗାଇବା ପାଇଁ ପ୍ରସ୍ତାବ ଦିଆଯାଇଛି। ପ୍ରତ୍ୟେକ ବର୍ଷ ଗୋଟିଏ ଅଖ ଓ ଦୁଇଟି ଚକ ବଦଳା ଯାଉଥିବା ବେଳେ ଚଳିତ ବର୍ଷ ତିନିଟି ଅଖ, ଚାରୋଟି ଚକ ନୂଆ ଲଗାଇବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଏହି ସହିତ ରଥ ନିର୍ମାଣ ଦାୟିତ୍ୱରେ ଥିବା ମୁଖ୍ୟ ମହାରଣା ଓ ତାଙ୍କ ସହକାରୀମାନେ ସେବା ମନୋଭାବ ନେଇ କାମ କରିବା ପାଇଁ ଆଲୋଚନା କରାଯିବା ସହ ରଥ ନିର୍ମାଣ ସୁରୁଖୁରୁରେ କରାଯାଇ ଚଳିତ ବର୍ଷ ରଥଯାତ୍ରାକୁ ନିର୍ବିଘ୍ନରେ ସାରିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିବା ଓ ଏହା ଉପରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଗୁରୁତ୍ୱାରୋପ କରିଥିବା ଜଣାପଡିଛି।

### ସରକାରଙ୍କ ନୀତି ନିୟମକୁ ଫୁ

# ନିର୍ଦ୍ଧୂମ ଖରାରେ ଛାତ୍ରଛାତ୍ରୀଙ୍କୁ ନେଇ ସମ୍ବର୍ଦ୍ଧନା ସଭା



**ନିଶ୍ଚିନ୍ତକୋଇଲି,୮।୫ (ସଂଚାର ବ୍ୟୁରୋ):** ରାଜ୍ୟରେ ଭୟାବହ ଗ୍ରୀଷ୍ମ ପ୍ରବାହ କାରଣରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସକାଳୁଆ ସ୍କୁଲ ଚାଲିଥିବା ବେଳେ ପ୍ରବଳ ରୁଦ୍ରତାପକୁ ଆଖି ଆଗରେ ରଖି ସମସ୍ତ ସ୍କୁଲ ଓ କଲେଜକୁ ଛୁଟି ଘୋଷଣା କରାଯାଇଛି। କିନ୍ତୁ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ବିଭାଗ ଅଧୀନ ଅଞ୍ଚଳରେ ଶିକ୍ଷକମାନେ ବେଧଡକ ଓ ବେପରୱା କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏପରିକି ଜଣେ ପ୍ରଧାନଶିକ୍ଷକଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଆଳରେ ଆଜି ଗୁରୁବାର ମଧ୍ୟାହ୍ନରେ ସମ୍ବର୍ଦ୍ଧନା ସଭା କରିବା ଓ ସେଥିରେ କୋମଳମତି ଛାତ୍ରଛାତ୍ରୀ ଯୋଗଦେବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।

ନିଶ୍ଚିନ୍ତକୋଇଲି ବ୍ଲକ ବଡଖାର ପଞ୍ଚାୟତ ଗୋପପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ନାୟକ ଗତ ଏପ୍ରିଲ ମାସରେ ବିଦ୍ୟାଳୟରୁ ଅବସର ନେଇଥିଲେ। ସକାଳୁଆ ସ୍କୁଲ ଚାଲିଥିବା ବେଳେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ସରକାର ସମସ୍ତ ସ୍କୁଲ କଲେଜ ଗୁଡ଼ିକୁ ଛୁଟି ଘୋଷଣା କରିଛନ୍ତି। କିନ୍ତୁ ଉକ୍ତ ବିଦ୍ୟାଳୟ ଅଧୀନସ୍ଥ ଧଳପଡା କ୍ଲଷ୍ଟରର ସିଆରସିସି ନରେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଗୁରୁବାର ମଧ୍ୟାହ୍ନରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ଏଥିରେ ନିଶ୍ଚିନ୍ତକୋଇଲି ମଣ୍ଡଳର ଅତିରିକ୍ତ ଶିକ୍ଷାଧିକାରୀ ସୁଶୀଳ କୁମାର ଚକ୍ରବର୍ତ୍ତୀ, ପ୍ରଭାତ କୁମାର ବେହେରା, ଜାକିର ହୁସେନଙ୍କ ସହ ବହୁ ସିଆରସିସି, ପ୍ରଧାନଶିକ୍ଷକ, ଅବସରପ୍ରାପ୍ତ ଶିକ୍ଷକ ଆଦି ଯୋଗ ଦେଇଥିବା ବେଳେ କୋମଳମତି ଛାତ୍ରଛାତ୍ରୀମାନେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ତେବେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ବିଦ୍ୟାଳୟରେ ସଭା ସମିତି କରିବା ଓ ସମ୍ପୂର୍ଣ୍ଣ ବାରଣ ଥିବାବେଳେ ସମ୍ବର୍ଦ୍ଧନା ସଭା କରିବା ପାଇଁ ସିଆରସିସି ମହୋଦୟ କାହାଠାରୁ ଅନୁମତି ଆଣିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ବିଷୟରେ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେ ଉକ୍ତ ଘଟଣାକୁ ହାଲୁକାରେ ନେଇଥିବା ବେଳେ ଶିକ୍ଷା ବିଭାଗରେ ସମସ୍ତ ପ୍ରକାର ଅନ୍ୟାୟ ଅନୀତିକୁ ଉଚ୍ଚ ପଦସ୍ଥ ଅଧିକାରୀମାନେ ଘଣ୍ଟ ଘୋଡାଇବା ସିଦ୍ଧହସ୍ତ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ରାଜ୍ୟ ଶିକ୍ଷା ବିଭାଗ ମନ୍ତ୍ରୀ, ସଚିବ ଏହାକୁ ଗୁରୁତ୍ୱର ସହିତ ନେଇ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।



# ଡ୍ରେନେଜ ଓ ସାଇଫନର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ କଲେ ବିଧାୟକ

**ମାହାଙ୍ଗା,୮।୫ (ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଲଳିତଗିରି ପଂଚାୟତର ମାଣିତିରି ଗ୍ରାମ ନିକଟରେ ଓଡିଶା ସରକାରଙ୍କ ଜଳସମ୍ପଦ ବିଭାଗ ତରଫରୁ ପଟ୍ଟାମୁଣ୍ଡାଇ କେନାଲର ୫ ନମ୍ବର ଶାଖାନାଳରେ ଡ୍ରେନଜ ସାଇଫନ ନିର୍ମାଣ ସହିତ, ଜେରକନ୍ଦ ଓ ଗଙ୍ଗାଧର ନିକଟରେ କ୍ରଶ ଡ୍ରେନେଜ ସହିତ ସାଇଫନର ପୁନଃରୁଦ୍ଧାର କାର୍ଯ୍ୟର ଶୁଭ ଶିଳାନ୍ୟାସ ମାନ୍ୟବର ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ କରକମଳରେ ସମାହିତ। ଏହି କାର୍ଯ୍ୟର ଅଟକଳ ରାଶି ହେଉଛି, ୭୧.୪୪ ଲକ୍ଷ ଟଙ୍କା। ଏହି କାର୍ଯ୍ୟ ହେଲେ ବହୁ ଚାଷୀମାନେ ଉପକୃତ ହେବେ ବୋଲି ଶ୍ରୀ ବିଧାୟକ କହିଥିଲେ। ଏହି ଶୁଭ ଶିଳାନ୍ୟାସ ପରେ ଜିତେନ୍ଦ୍ର କୁମାର ଶତପଥିଙ୍କ ସଭାପତିତ୍ୱରେ ଏକ ପ୍ରର୍ଥପ୍ରାନ୍ତ ସଭା ଆୟୋଜନ ହୋଇଥିଲା। ଏଥିରେ ଗ୍ରାମର ଶତାଧିକ ଲୋକମାନେ ଯୋଗଦେଇଥିଲେ। ସଭା ଶେଷରେ ଲଳିତଗିରି ସମିତି ସଭ୍ୟା ଧ୍ରୁବଚରଣ ସାମଲ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ ଠିକାଦାରଙ୍କ ସହିତ ବହୁ ବିଧାୟକଙ୍କ ସମର୍ଥନମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।



# ମାଙ୍କଡ଼ ଆକ୍ରମଣରେ ମହିଳା ଗୁରୁତର

**ସାଲେପୁର,୮।୫ (ସଂଚାର ବ୍ୟୁରୋ):** ଏକ ଦନ୍ତା ମାଙ୍କଡ଼ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଏହି ଘଟଣା ସାଲେପୁର ବ୍ଲକ ଅନ୍ତର୍ଗତ କଟରପା ଗ୍ରାମରେ ଏକ ଦନ୍ତା ମାଙ୍କଡ଼ ୨ଦିନ ହେବ ଗାଁରେ ଉତ୍ପାତ ରଚିଛି। ଗତକାଲି କଟରପା ଗ୍ରାମର ଲକ୍ଷ୍ମୀପ୍ରିୟା ସାହୁ(୫୫) ନାମକ ଜଣେ ମହିଳା ନିଜ ଘର କାମ କରୁଥିବାବେଳେ ହଠାତ୍ ଏହି ମାଙ୍କଡ଼ ତାଙ୍କୁ କାମୁଡ଼ି ରକ୍ତାକ୍ତ କରିଛି। ସମ୍ପୃକ୍ତ ମହିଳାକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଦନ୍ତା ମାଙ୍କଡ଼ର ଦୌରାତ୍ମ୍ୟଯୋଗୁଁ ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିବା ଜଣାଯାଇଛି।

# ବିଧାୟକଙ୍କ ଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟର କାର୍ଯ୍ୟାଦେଶ ବଣ୍ଟନ




**ଡେରାବିଶ,୮।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଆଜି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ତାଙ୍କ ବିଧାୟକ ପାଣ୍ଠିରେ ବ୍ଲକ ଅନ୍ତର୍ଗତ ୨୬ ଗୋଟି ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏହି ଉପଲକ୍ଷେ ବ୍ଲକ ସଭାକକ୍ଷରେ ବିଡ଼ିଓ ନମିତା ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପାଟକୁରା ବିଧାୟକ ଶ୍ରୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟାଦେଶ ସବୁ ବଣ୍ଟନ କରିଥିଲେ। ବିଧାୟକଙ୍କର ଏହି ପାଣ୍ଠିରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ରାସ୍ତାଘାଟ, ସ୍କୁଲ, ମନ୍ଦିର ଇତ୍ୟାଦିର ଉନ୍ନତିକରଣ କାର୍ଯ୍ୟ କରାଯିବ ବୋଲି ଜଣାଯାଇଛି। ବିଧାୟକ ଶ୍ରୀ ମହାପାତ୍ର ତାଙ୍କ ପ୍ରତିକ୍ରିୟାରେ ପାଟକୁରାର ଉନ୍ନତି ପାଇଁ ସେ ସଦା ସର୍ବଦା ଉଦ୍ୟମ କରି ଆସୁଥିବା ବେଳେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ୨ କୋଟି ୨୧ ଲକ୍ଷ ୨୦ ହଜାର ଟଙ୍କାର ବିଧାୟକ ହାତପାଣ୍ଠିରେ ଡେରାବିଶ ଅଞ୍ଚଳର ବେଶ ଉନ୍ନତି ହୋଇପାରିବ ବୋଲି କହିଥିଲେ। ଆଜିର କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ଉପାଧାୟଙ୍କ ସମେତ ବ୍ଲକ ଅନ୍ତର୍ଗତ ୨୬ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏବଂ ବ୍ଲକ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

# ପୋଖରୀରେ ବୁଡି ଶିଶୁ ମୃତ

**ରାଜନଗର,୮।୫ (ସଂଚାର ବ୍ୟୁରୋ):** ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ପଟାପାରିଆ ଗାଁରେ ଦୁଇ ବର୍ଷର ଶିଶୁପୁତ୍ର ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ଆଜି ଦିନ ପ୍ରାୟ ୧୦ ଘଟିକା ସମୟରେ ଘର ପଛରେ ଥିବା ପୋଖରୀରେ ବୁଡି ଶିଶୁପୁତ୍ର ମୃତ୍ୟୁ ବରଣ କରିଛନ୍ତି। ପଟାପାରିଆ ଗାଁର ଗୌରି ଶଙ୍କର ପାତ୍ରଙ୍କ ୨ ବର୍ଷର ପୁଅ ବରୁଣ ଘର ପାଖରେ ଖେଳୁଥିବା ବେଳେ ପୋଖରୀକୁ ଖସି ପଡ଼ିଥିଲା। ପରିବାର ଲୋକେ ପୁଅକୁ ନପାଇ ଖୋଜାଖୋଜି କରିବା ପରେ ପୋଖରୀରୁ ବରୁଣକୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରି ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଳଚୁଆ ସାମୁଦ୍ରିକ ଥାନାରେ କେସ ନମ୍ବର ୭/୨୦୨୫ ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ସର୍ଟସର୍କିଟ ଯୋଗୁଁ ଜଳିଗଲା ଗୁହାଳ



**ସାଲେପୁର,୮।୫ (ସଂଚାର ବ୍ୟୁରୋ):** ଗୁହାଳ ଉପରେ ଯାଇଥିବା ବିଦ୍ୟୁତ୍ ତାରରେ ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟି ଗୋଟିଏ ବଖରା ଗୁହାଳ ଜଳିଯାଇଥିବାବେଳେ ସ୍ଥାନୀୟ ଲୋକଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ ୪ଟି ଗୋରୁଗାଈ ଉଦ୍ଧାର ପାଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଆଜି ଦିନ ପ୍ରାୟ ୨.୩୦ମି. ସମୟରେ ସାଲେପୁର ବ୍ଲକ ଲୁଣାହାର ଗ୍ରାମର ରାଜେନ୍ଦ୍ର ମଲ୍ଲଙ୍କ ଗୋରୁ ଗୁହାଳ ଉପରେ ଯାଇଥିବା ବିଦ୍ୟୁତ୍ ତାରରେ ସଟ୍‌ସର୍କିଟ୍ ଯୋଗୁଁ ଗୁହାଳ ଚାଳ ଉପରେ ନିଆଁ ପଡ଼ି ଗୁହାଳରେ ନିଆଁ ଲାଗିଯାଇଥିଲା। ଏହି ନିଆଁଟି ଏତେ ପ୍ରଖର ଥିଲା ଯେ ନିଆଁକୁ ଆୟତ୍ତ କରିବାକୁ ସ୍ଥାନୀୟ ଲୋକ ଓ ଦମକଳ ବାହିନୀକୁ ନାକେଦମ୍ ହେବାକୁ ପଡ଼ିଥିଲା। ସ୍ଥାନୀୟ ଲୋକମାନଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ ଗୁହାଳରେ ଥିବା ୨ଟି ଗାଈ ଓ ୨ଟି ବାଛୁରୀକୁ ନିଆଁ ମଧରୁ ଉଦ୍ଧାର କରାଯାଇଥିଲା। ଏହି ଅଗ୍ନିକାଣ୍ଡରୁ ୪ଟି ଗୋରୁଗାଈ ବର୍ତ୍ତି ଯାଇଥିଲେ। ଦମକଳ ବାହିନୀର ଜୋରଦାର ଉଦ୍ୟମ ଫଳରେ ଶେଷରେ ନିଆଁକୁ ଆୟତ୍ତ କରାଯାଇଥିଲା।



# ଅରୁଆ କଦଳୀବଣ ହାଇସ୍କୁଲରେ ଗୁରୁଚର୍ଯ୍ୟା ଓ ବନ୍ଧୁ ମିଳନ

**କେନ୍ଦ୍ରାପଡା,୮।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅରୁଆ କଦଳୀବଣ ହାଇସ୍କୁଲରେ ଗୁରୁଚର୍ଯ୍ୟା ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ଉତ୍ସବରେ ବରିଷ୍ଠ ଶିକ୍ଷାବିତ୍ ମନୋଜ କୁମାର ଶତପଥୀ ପୌରହିତ୍ୟ କରିଥିଲେ। ପୂର୍ବତନ ଶିକ୍ଷକ ସୋମନାଥ ମହାପାତ୍ର, ପ୍ରଧାନ ଶିକ୍ଷକ ଅଶୋକ କୁମାର ବଳ, ଶିକ୍ଷକ ଦେବାଶିଷ ସ୍ୱାଇଁ, ଫକୀର ଚରଣ ସ୍ୱାଇଁ, ହରିହର ନାୟକ ଓ ବିଜୟ କୁମାର କବି(ଆପୁଆ) ଯୋଗଦେଇ ବିଦ୍ୟାଳୟର ଇତିହାସ ବିଷୟରେ ଅବଗତ କରାଇଥିଲେ। ପୂର୍ବତନ ଛାତ୍ରଛାତ୍ରୀ ସୁଧୀର ଦାସ, ବିଶ୍ୱରଞ୍ଜନ କାମିଲା, ଦେବେନ୍ଦ୍ର ପ୍ରଧାନ, ସ୍ମୃତିରଞ୍ଜନ ମହାନ୍ତି ନରୋତ୍ତମ ଘଡାଇ, ମହେଶ୍ୱର ବେହେରା, ଅମିତ୍ ଖଣ୍ଡାଇ, ଦିବ୍ୟଜ୍ୟୋତି ଦାସ, ମାନସ କୁମାର ମହାନ୍ତି, ପୂଜା ପ୍ରିୟଦର୍ଶିନୀ କର, ସୋନାଲି ଚକ୍ରବର୍ତ୍ତୀ, ପୂଜା ପ୍ରିୟଦର୍ଶିନୀ ଦାସ, ବିଦୁସ୍ମିତା ନାୟକ, ଅନିତା ସାହୁ, ସ୍ୱର୍ଣ୍ଣପ୍ରଭା ସାହୁ, ସସ୍ମିତା ବେହେରା, ସ୍ମୃତିରେଖା ସାହୁ ଓ ପଦ୍ମାଳୟା ମହାପାତ୍ର। ବିଦ୍ୟାଳୟ ଜୀବନର ସ୍ମୃତିକୁ ବଖାଣିବା ସହିତ ବିଦ୍ୟାଳୟର ଉନ୍ନତି ଓ ଗୌରବ ବିଷୟରେ ଆଲୋଚନା କରିଥିଲେ।

# ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ବାଧତାମୂଳକ କମ୍ପ୍ୟୁଟର ତାଲିମ

**କେନ୍ଦ୍ରାପଡ଼ା,୮।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀଙ୍କୁ ବାଧତାମୂଳକ କମ୍ପ୍ୟୁଟର ତାଲିମ ଆରମ୍ଭ କରାଯାଇଛି। ଏନେଇ ଏକ ବୈଠକ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓକାକ୍ ମାଧମରେ ପ୍ରତ୍ୟେକ କର୍ମଚାରୀଙ୍କୁ ଏହି ତାଲିମ ପ୍ରଦାନ କରାଯିବ।



ଜିଲ୍ଲା କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ନଥିପତ୍ର ସହ ଅଭିଯୋଗ, ଦରଖାସ୍ତ ଆଦି ଜନସାଧାରଣଙ୍କ ଆପତି ଅଭିଯୋଗ ଗୁଡିକୁ ଅନଲାଇନରେ ପଞ୍ଜିକରଣ କରାଯାଇ ନଥି ପ୍ରସ୍ତୁତ କରଯିବ ଏବଂ ତାହାର ବର୍ଗୀକରଣ କରାଯାଇ କାର୍ଯ୍ୟଟି କେଉଁ ବିଭାଗରେ ଓ କାହାଦ୍ୱାରା ସଂପାଦିତ ହେଉଛି ତାହାର ମଧ ତାଲିକା ପ୍ରସ୍ତୁତ କରାଯିବ। ଏହାର ସମୟସୀମା ଅବଧି ଓ ନିଷ୍ପାଦନର ମଧ ଅନଲାଇନରେ ଉପଲବ୍ଧ ହୋଇପାରିବ। କିମ୍ବା ଫାଇଲଟି କେଉଁଠି, କେଉଁଥିପାଇଁ ଅଟକି ରହିଛି ଏହା ମଧ ଜିଲ୍ଲାପାଳ ଜାଣିପାରିବେ। ଉଦ୍ଦେଶ୍ୟ ମୂଳକ ଭାବେ ଫାଇଲକୁ ଅଟକ ରଖିଥିବା କିରାଣୀ ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନଲାଇନ ହେବା ଦ୍ୱାରା ଜନ ସାଧାରଣ ଶିଘ୍ର ପ୍ରଶାସନ ପାଖରୁ ନ୍ୟାୟ ପାଇବା ସହ ରାଜ୍ୟ ସରକାରଙ୍କ ତ୍ୱରିତ ସେବା ପ୍ରଦାନ ନୀତି କାର୍ଯ୍ୟକାରୀ ହୋଇପାରିବ ବୋଲି ଜଣାପଡିଛି।

ଚଳିତ ମାସ ୧୩, ୧୪ ଓ ୧୫ ତାରିଖରେ ବ୍ଲକ ଓ ତହସିଲ ମାନଙ୍କରେ ଓକାକ୍ ମାଧମରେ ମାଷ୍ଟର ଟ୍ରେନର ମାନଙ୍କୁ ତାଲିମ ଦିଆଯିବ। ଏହି ମାଷ୍ଟର ଟ୍ରେନର ମାନେ ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀ ମାନଙ୍କୁ କମ୍ପ୍ୟୁଟର ଶିକ୍ଷା ତାଲିମ ପ୍ରଦାନ କରିବେ ବୋଲି ଅତିରିକ୍ତ ଜିଲ୍ଲପାଳ ରବୀନ୍ଦ୍ର କୁମାର ମଲିକ ସୂଚନା ଦେଇଛନ୍ତି।

# ବିଦ୍ୟାର୍ଥୀଙ୍କ ପକ୍ଷରୁ ଗୁରୁପୂଜା ଓ ସମ୍ବର୍ଦ୍ଧନା ସଭା

**ରାଜନଗର,୮।୫ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ୧୯୯୨-୯୩ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁରୁଣ୍ଟି ପଂଚାୟତ ଅନ୍ତର୍ଗତ ବଳରାମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିସରରେ ପୁରାତନ ଛାତ୍ର କଳ୍ପତରୁ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ଅକ୍ଷୟ କୁମାର ମିଶ୍ର, ବିକ୍ରମାଦିତ ଦାସ, ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ଅଧାପକ ବୈକୁଣ୍ଠ ତ୍ରିପାଠୀ, ସୁରେନ୍ଦ୍ରନାଥ ପଣ୍ଡା, ପଞ୍ଚାନନ ବିଶ୍ୱାଳ, ବିଜୟ କୁମାର ନନ୍ଦ, ବସନ୍ତ କୁମାର ମିଶ୍ର, କଳ୍ପତରୁ ଖୁଣ୍ଟିଆ, ଅଧକ୍ଷ ଘନଶ୍ୟାମ ମିଶ୍ର ପ୍ରମୁଖଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ସହିତ ଫୁଲଚନ୍ଦନ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇ ଆଶିଷ ଭିକ୍ଷା ଲାଭ କରିଥିଲେ। ଏହି ସମୟରେ ପୁରୁଣା ସ୍ମୃତିକୁ ମନେପକାଇ ଶିକ୍ଷକ ଓ ଛାତ୍ରଛାତ୍ରୀ ମାନେ ଭାବବିହ୍ୱଳ ହୋଇପଡ଼ିଥିଲେ। ପୁରାତନ ଛାତ୍ର କେଶବ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଟ୍ରାନ୍ସଫର୍ମର ପୋଡ଼ିଯିବାରୁ ୧୭ଘଣ୍ଟା ଅନ୍ଧାରରେ ୪ଶହରୁ ଊର୍ଦ୍ଧ୍ୱ ପରିବାର



**ସାଲେପୁର,୮।୫ (ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତ୍ରିରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଜଳିଯିବାରୁ ସାଲେପୁର ଅରବିନ୍ଦ ମାର୍ଗର ଜନସାଧାରଣ ରାତିତମାମ୍ ଅନ୍ଧାର ଓ ଅସହ୍ୟ ଗୁଳୁଗୁଳିରେ ଛଟପଟ ହୋଇପଡ଼ିଛନ୍ତି। ଗତକାଲି ରାତିରେ ଚନ୍ଦ୍ରାଦେଇପୁର ପଞ୍ଚାୟତ ନିକଟରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ଟ୍ରାନ୍ସଫର୍ମରଟି ବହୁ ସମୟ ଜଳିଥିବାବେଳେ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଏହି ନିଆଁକୁ ଆୟତ୍ତ କରିବାକୁ ୩୦ମିନିଟ୍‌ରୁ ଅଧିକ ସମୟ ଲାଗିଥିଲା। ଏହି ଟ୍ରାନ୍ସଫର୍ମର ପୋଡ଼ିଯିବାରୁ ଅରବିନ୍ଦ ମାର୍ଗ, ଚନ୍ଦ୍ରାଦେଇପୁର, ଲୁଣାହାର ଅଞ୍ଚଳର ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ପରିବାର ଅନ୍ଧାରରେ ରହିବା ସହ ଅସହ୍ୟ ଗୁଳୁଗୁଳିରେ ଛଟପଟ ହୋଇଥିଲେ। ଆଜି ବିଦ୍ୟୁତ୍ ବିଭାଗ ପକ୍ଷରୁ ଦିନ ତମାମ୍ ମରାମତି କରାଯାଇଥିଲେ ମଧ ସନ୍ଧ୍ୟାସୁଦ୍ଧା ପୋଡ଼ିଯାଇଥିବା ଟ୍ରାନ୍ସଫର୍ମର ସ୍ଥାନରେ ନୂତନ ଟ୍ରାନ୍ସଫର୍ମର ବସି ପାରିନଥିଲା। ଫଳରେ ୧୭ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ୍ ସେବାରୁ ବଞ୍ଚିତ ଥିବା ବିଦ୍ୟୁତ୍ ଗ୍ରାହକଙ୍କ ପାଇଁ ଅନ୍ୟ ଏକ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା।

# ଅଟଳ ସେନାର ମଶାଲ ଶୋଭାଯାତ୍ରା



**ସାଲେପୁର,୮।୫ (ସଂଚାର ବ୍ୟୁରୋ):** ପାକିସ୍ତାନର ୯ଟି ଆତଙ୍କବାଦୀ ଆଡା ଉପରେ ଭାରତର ବାୟୁସେନା, ସ୍ଥଳସେନା ଓ ଜଳସେନା ପକ୍ଷରୁ ୭ତାରିଖ ମଧରାତ୍ରରେ ହୋଇଥିବା ପ୍ରଚଣ୍ଡ ଆକ୍ରମଣର ବିଜୟ ଉଲ୍ଲାସ ଏବଂ ଭାରତୀୟ ସେନାବାହିନୀ ମନୋବଳକୁ ସୁଦୃଢ଼ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ଅଟଳ ସେନା ପକ୍ଷରୁ ମନ୍ଦିରରେ ଦୀପଦାନ ଓ ମଶାଲ ଶୋଭାଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗତକାଲି ସନ୍ଧ୍ୟାରେ ସାଲେପୁରସ୍ଥିତ ମା'ସାହେଶ୍ୱରୀ, ପ୍ରଭୁ ଶ୍ରୀରାମ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ସମୂହ ଦୀପଦାନ କରାଯାଇ ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତିରେ ଭାରତର ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ଏବଂ ସଚେତନତା ଶୀର୍ଷକରେ ଆଲୋଚନା କରାଯାଇଥିଲା। ଓଡ଼ିଶା ଅଟଳ ସେନାର ରାଜ୍ୟ ଉପଦେଷ୍ଟା ତଥା ବିଜେପି ନେତା ପ୍ରସନ୍ନ ମିଶ୍ର, ସଭାପତି ଦିବାକର ପ୍ରଧାନ, ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତଥା ଓଡ଼ିଶା ବୁଦ୍ଧିଜୀବୀ ମହାସଂଘର ସଭାପତି ପ୍ରଫେସର ଉମେଶ ଚନ୍ଦ୍ର ପତି, ବରିଷ୍ଠ ଆଇନ୍‌ଜୀବୀ ଗୌତମ ରାୟ ଚୌଧୁରୀ, ପ୍ରାକ୍ତନ ପ୍ରଧାନଶିକ୍ଷକ ନିଗମାନନ୍ଦ କର ଓ ବିପିନ ବିହାରୀ କର, ସାହିତ୍ୟିକ ତଥା ପ୍ରାକ୍ତନ ସେନା ଅଧିକାରୀ ଚିତ୍ତରଞ୍ଜନ ପଣ୍ଡା, ଶିକ୍ଷାବିତ୍ ଭିକାରୀ ଚରଣ ବେହେରା, ପ୍ରଦୀପ୍ତ କୁମାର ବିଶ୍ୱାଳ, ଦାଶରଥି ସାହୁ, ଇଂଜିନିୟର ବିଭୂତି ଚରଣ ପାତ୍ର, ପଦ୍ମଲୋଚନ ସାହୁ, ରବୀନ୍ଦ୍ର କୁମାର ବେହେରା, ଧନେଶ୍ୱର ସାମଲ, ପ୍ରାକ୍ତନ ସେନା ଅଧିକାରୀ ପ୍ରଣବ କୁମାର ବିଶ୍ୱାଳ, ବିକ୍ରମ ବାରିକ, ହରିହର ସାମଲ, ଗୌତମ ଚରଣ ବେହେରା ପ୍ରମୁଖ ଅର୍ଦ୍ଧଶତାଧିକ ନାଗରିକ ସାଲେପୁର ସହରାଞ୍ଚଳରେ ମଶାଲ ଶୋଭାଯାତ୍ରାରେ ସାମିଲ ହୋଇ ହିନ୍ଦୁସ୍ତାନ ଜିନ୍ଦାବାଦ, ଆତଙ୍କିସ୍ତାନ ମୁର୍ଦ୍ଦାବାଦ ଧ୍ୱନି ଦେଇ ବଜାର ପରିକ୍ରମା କରିଥିଲେ। ସ୍ଥାନୀୟ ଜନସାଧାରଣ ଓ ବ୍ୟବସାୟୀମାନଙ୍କ ପକ୍ଷରୁ ଶୋଭାଯାତ୍ରାକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

### ଜଙ୍ଗଲ ଜମିକୁ ବି ଛାଡିଲେନି ମାଫିଆ

# ବେଆଇନ ଭାବେ ଖୋଲୁଛନ୍ତି ଚିଙ୍ଗୁଡିଘେରି



**ରାଜନଗର,୮।୫ (ସଂଚାର ବ୍ୟୁରୋ):** ବେଆଇନ ଚିଙ୍ଗୁଡିଘେରି ଯୋଗୁଁ ଭିତରକନିକାର ଜୈବବିବିଧତା ସଂକଟରେ। ଭିତରକନିକାର ସୁରକ୍ଷା ପାଇଁ ଆଇନ ପରେ ଆଇନ କରାଯାଉଥିଲେ ମଧ ଭିତରକନିକାକୁ ସୁରକ୍ଷା ଯୋଗାଇ ଦିଆଯାଇପାରିନାହିଁ। ଖାସ ଏହି କାରଣରୁ ଭିତରକନିକା ବିଶ୍ୱ ଐତିହ୍ୟ ମାନ୍ୟତାରୁ ବାଦ ପଡ଼ିଲା। ଭିତରକନିକାର ସୁରକ୍ଷା ପାଇଁ ମାନ୍ୟବର ହାଇକୋର୍ଟ ବେଆଇନ ଚିଙ୍ଗୁଡିଘେରିକୁ ଉଚ୍ଛେଦ ବାରମ୍ବାର ନିର୍ଦ୍ଦେଶ ଦେଇଥିଲେ ଘେରି ଉଛେଦ କାର୍ଯ୍ୟକ୍ରମ କେବଳ କାଗଜ କଲମରେ ଯାହା କିଛି ସଫଳ ହୋଇଛି। ଦାୟିତ୍ୱରେ ଥିବା ବାବୁ ମାନଙ୍କ ପାଇଁ ଘେରି ଉଛେଦ କାର୍ଯ୍ୟ କାର୍ଯ୍ୟକାରୀ ହୋଇପାରିନି। ଚିଙ୍ଗୁଡି ମାଫିଆମାନେ ଏବେ ଚିଙ୍ଗୁଡିଘେରି ପାଇଁ ଜଙ୍ଗଲ ଜମିକୁ ଜୋର ଜବରଦସ୍ତ ନିଜ ଅକ୍ତିଆରକୁ ନେଲେଣି।

ରାଜନଗର ତହସିଲ ଅନ୍ତର୍ଗତ ପ୍ରଭାତୀ ମୌଜାରେ ଜଙ୍ଗଲ କିସମ ଜମିରେ ଚିଙ୍ଗୁଡି ଘେରି ଖୋଲାଯିବା ଘଟଣା ଉଦବେଗ ସୃଷ୍ଟି କରିଛି। ରାଜସ୍ୱ ନିରିକ୍ଷକ ଘଟଣାସ୍ଥଳକୁ ଯାଇ ଜଙ୍ଗଲ ଜମିରେ ଚିଙ୍ଗୁଡି ଘେରି ଖୋଲା ବନ୍ଦ କରିବା ପରେ ମଧ ପ୍ରଭାବଶାଳି ମଫିଆ ଜଙ୍ଗଲ ଜମିରେ ଘେରି ଖୋଲା ଜାରି ରଖିଛନ୍ତି। ତହସିଲ ପ୍ରଶାସନ, ବନବିଭାଗ ଅଧିକାରୀମାନେ ଏସବୁ ଦେଖୁଥିଲେ ମଧ କାର୍ଯ୍ୟାନୁଷ୍ଠାନ ବଦଳରେ ହାତ ବାନ୍ଧି ବସିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରାଜନଗର ତହସିଲ ଅନ୍ତର୍ଗତ ପ୍ରଭାତୀ ମୌଜାର ଜଙ୍ଗଲ କିସମ ଜମିରେ ବେଆଇନ ଭାବେ ଚିଙ୍ଗୁଡି ଘେରି ଖୋଲାଯାଉଛି। ଭିତରକନିକା ଜାତୀୟ ଉଦ୍ୟାନର ୨୦୦ ମିଟର ମଧରେ ଥିବା ଏହି ଜଙ୍ଗଲ କିସମ ଜମିରେ ବେଆଇନ ଭାବେ ଚିଙ୍ଗୁଡି ଘେରି ଖୋଲା ଯାଉଛି। ଖାତା ନମ୍ବର ୨୯୦, ପ୍ଲଟ ନମ୍ବର ୧୯୧, କିସମ ଜଙ୍ଗଲ, ୩ ଏକର ୨୬ ଡେସମିଲ ଜମିକୁ ସେହି ଗାଁର ଜଣେ ପ୍ରଭାବଶାଳି ବଙ୍ଗଭାଷୀ ଚିଙ୍ଗୁଡି ଘେରି ଖୋଲୁଛନ୍ତି। ଗତ ୧୦ ଦିନ ତଳେ ଚିଙ୍ଗୁଡି ଘେରି ଖୋଲା ଆରମ୍ଭ ହେବ ଖବର ପାଇ ରଙ୍ଗଣୀ ରାଜସ୍ୱ ନିରିକ୍ଷକ ଘଟଣାସ୍ଥଳରେ ପହଞ୍ଚି ଚିଙ୍ଗୁଡି ଘେରି ଖୋଲା ବନ୍ଦ କରିଥିଲେ ମଧ ଘେରି ଖୋଳୁଥିବା ଜେସିବି ମେସିନକୁ ଛାଡି ଦେଇଥିଲେ। ଜେସିବି ମେସିନ ଛାଡିବା ପାଇଁ ଡିଲ କରିବାରେ ପ୍ରଭାବଶାଳୀ ବଙ୍ଗଭାଷୀ ପୁଣି ଜଙ୍ଗଲ ଜମିରେ ଘେରି ଖୋଲିବା ଆରମ୍ଭ କରିଥିବା ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ରଙ୍ଗଣୀ ରାଜସ୍ୱ ନିରିକ୍ଷକ ପଙ୍କଜ ବାବୁଙ୍କୁ ପଚାରିବାରୁ ସରକାରୀ ଜମିରେ ଘେରି ଖୋଲା ହେଉଥିଲା। ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଘେରି ଖୋଲିବା ବନ୍ଦ କରିଛି ବୋଲି କହିଛନ୍ତି। ଭିତରକନିକା ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ମଧରେ ଚିଙ୍ଗୁଡି ଘେରି କରିବା ବେଆଇନ। ଯେଉଁଠି ନିଜ ଜମିରେ ଚିଙ୍ଗୁଡି ଘେରି କରିବାକୁ ଅନୁମତି ମିଳୁନି ସେ ଅଞ୍ଚଳରେ ଜଙ୍ଗଲ କିସମ ଜମିରେ ବେଆଇନ ଭାବେ ଚିଙ୍ଗୁଡି ଘେରି ଖୋଲାଯିବା ଓ ବିଭାଗୀୟ ଅଧିକାରୀ କାର୍ଯ୍ୟନୁଷ୍ଠାନ ନନେଇ ବଙ୍ଗଭାଷୀଙ୍କୁ ସୁରକ୍ଷା ଦେବା ଘଟଣା ଆଲୋଡନ ସୃଷ୍ଟି କରିଛି।

● ୱାକଫ୍ ସଂଶୋଧନ ଆଇନ-୨୦୨୫ ସମ୍ବନ୍ଧୀୟ ଆଲୋଚନାଚକ୍ର

# ସବୁଧର୍ମର ପ୍ରତିନିଧିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୮।୫(ସଂଚାର ବ୍ୟୁରୋ): ଆମ ସରକାର, ଲୋକଙ୍କ ସରକାର, ସମ୍ବେଦନଶୀଳ ସରକାର; ମୁଁ ସବୁବେଳେ ଆପଣମାନଙ୍କ କଥା ଶୁଣିବାକୁ ପ୍ରସ୍ତୁତ। ନୂଆ ୱାକଫ୍ ଆଇନ ଗରିବ, ଅସହାୟ ସଂଖ୍ୟାଲଘୁମାନଙ୍କ ପାଇଁ ଉଦ୍ଦିଷ୍ଟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ସବ୍‌କା ସାଥ୍, ସବ୍‌କା ବିଶ୍ୱାସ' ନୀତି ଆଧାରରେ ୱାକଫ୍ ଆଇନରେ ସଂଶୋଧନ କରାଯାଇଛି। ଯଦି ଆପଣମାନଙ୍କ କିଛି ପ୍ରସ୍ତାବ ଥାଏ, ତେବେ ଆପଣମାନେ ତାକୁ ସରକାରଙ୍କୁ ଲିଖିତ ଭାବରେ ଦିଅନ୍ତୁ, ସରକାର ତାହାର ସମାଧାନ ଦିଗରେ ଉଦ୍ୟମ କରିବେ। ଆଜି ଲୋକସେବା ଭବନର କନଭେନ୍‌ସନ ହଲରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ନୂଆ ୱାକଫ୍ ଆଇନ (ୱାକଫ୍ ସଂଶୋଧନ ଆଇନ ୨୦୨୫) ସମ୍ପର୍କରେ ଆୟୋଜିତ ଏକ ଆଲୋଚନା ଚକ୍ରରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜାତି, ଧର୍ମ ନିର୍ବିଶେଷରେ ଆମେ ସମସ୍ତେ ଓଡ଼ିଆ। ସମସ୍ତେ ମିଶି ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଆଲୋଚନାଚକ୍ରରେ ୧୦ଟି ଜିଲ୍ଲାର ବିଭିନ୍ନ ସମ୍ପ୍ରଦାୟର ପ୍ରାୟ ୨୫୦ ପ୍ରତିନିଧି ଯୋଗ ଦେଇଥିଲେ। ନୂଆ ୱାକଫ୍ ଆଇନ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିବା ତଥା ସଂଖ୍ୟାଲଘୁ ବର୍ଗର ଲୋକଙ୍କ ପାଇଁ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ସମ୍ପର୍କରେ ଜଣାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୨୦୨୫ ସଂଶୋଧନ ଏକ ଉପଯୋଗୀ ଓ ନ୍ୟାୟପୂର୍ଣ୍ଣ ଆଇନ। ଏହା ସମ୍ପର୍କରେ ବ୍ୟାପକ ବିଭ୍ରାନ୍ତି ସୃଷ୍ଟି କରାଯାଉଛି। ତେଣୁ ଏ ବିଷୟରେ ସମସ୍ତେ ସଚେତନ ହେବା ବୋଲି କହିଥିଲେ। ଆଲୋଚନାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏକାମ୍ର ବିଧାୟକ ବାବୁ ସିଂହ, ନିଆଳି ବିଧାୟକ ଛବି ମଲ୍ଲିକ, ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ।

## ୨୭ ଶିଶୁଙ୍କ ଠିକଣା ଖୋଜିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୮।୫ (ସଂଚାର ବ୍ୟୁରୋ) :** ସେବାଶ୍ରମରୁ ନିଖୋଜ ୨୭ ଜଣ ଶିଶୁଙ୍କ ଠିକଣା ସଂଗ୍ରହ କରିବାକୁ ଓଡିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଯାଜପୁର ଜିଲ୍ଲା ବିଂଝାରପୁର ଥାନା ଅଳକୁଣ୍ଡସ୍ଥିତ ବଳଦେବଜୀଉ ସେବା ଆଶ୍ରମରୁ ୨୭ ଶିଶୁ ନିଖୋଜ ହୋଇଥିବା ଅଭିଯୋଗ ହୋଇଥିଲା । ଏହି ମାମଲାର ଶୁଣାଣି କରି ହାଇକୋର୍ଟ ସଂପୃକ୍ତ ଶିଶୁଙ୍କ ଠିକଣା ସଂଗ୍ରହ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସେବା ଆଶ୍ରମ ତରଫରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ରମାକାନ୍ତ ଷଡ଼ଙ୍ଗୀ ଦର୍ଶାଇଥିଲେ ଯେ ଶିଶୁମାନଙ୍କୁ ସେମାନଙ୍କ ଅଭିଭାବକଙ୍କ ଜିମାରେ ପୁନଃସ୍ଥାପିତ କରାଯାଇଛି । ନିଖୋଜ କୁହାଯାଉଥିବା ଶିଶୁମାନେ ଏବେ ନିଜ ଅଭିଭାବକଙ୍କ ନିକଟରେ ଅଛନ୍ତି । ଏହି ଶିଶୁମାନଙ୍କ ଠିକଣା ସଂଗ୍ରହ ପାଇଁ ସରକାର ଜଣେ ଦାୟିତ୍ୱ ସଂପନ୍ନ ଅଧିକାରୀଙ୍କୁ ପ୍ରତିନିଧି ଭାବେ ପଠାଇବେ । ଆଇନଜୀବୀ ଷଡ଼ଙ୍ଗୀଙ୍କୁ ଏଭଳି ତଥ୍ୟ ପ୍ରଦାନ କରିଥିବା ସେବା ଆଶ୍ରମର ସଂପୃକ୍ତ ବ୍ୟକ୍ତିଙ୍କୁ ଏହି ଅଧିକାରୀ ସାକ୍ଷାତ କରି ଶିଶୁମାନଙ୍କ ଅଭିଭାବକଙ୍କ ଘର ଠିକଣା ସଂଗ୍ରହ କରିବେ । ଏକ ସପ୍ତାହ ଭିତରେ ଏହି ପ୍ରକ୍ରିୟା ସଂପୂର୍ଣ୍ଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି । ମେ ୧୨ ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସୁଦୀପ୍ତ କୁମାର ସାହୁ ଏହି ସେବା ଆଶ୍ରମରୁ ନିଜ ଦୁଇ ଝିଅଙ୍କୁ ଉଦ୍ଧାର ପ୍ରସଂଗ ନେଇ ହାଇକୋର୍ଟରେ ମାମଲା ଦାୟର କରିଥିଲେ । କିନ୍ତୁ ମାମଲାର ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା ଯେ ୩୧ ଜଣ ଶିଶୁ ଆଶ୍ରମରୁ ପଳାୟନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଉଦ୍ଧାର କରାଯାଇଛି । ତେବେ କୋର୍ଟ ଏହାକୁ ନେଇ କଡା ଅସନ୍ତୋଷ ଜାହିର କରିବା ସହ ଏହି ନିର୍ଦ୍ଦେଶ ଦେଇଛନ୍ତି ।

## ନିଶାସକ୍ତ ସ୍ୱାମୀ ସ୍ତ୍ରୀ ସହ ଝଗଡ଼ା ପରେ ଜାଳିଦେଲା ଘର

**ବାଲେଶ୍ୱର, ୮।୫ (ସଂଚାର ବ୍ୟୁରୋ) :** ନିଆଁରେ ଜଳିପୋଡି ପାଉଁଶ ହୋଇଗଲା ସବୁ କିଛି । ପୋଡି ଜଳି ଛାରଖାର ହୋଇଯାଇଛି ଘର ଭିତରେ ଥିବା ଜିନିଷପତ୍ର । ହଁ ଆଖା ନାଲି ପାଣି କଲା ଏମିତି କମାଲ ଯେ ଘର ଧ୍ୱଂସ ହୋଇଗଲା। ନିଶାସକ୍ତ ସ୍ୱାମୀ ଘଟାଇଛି ଏଭଳି ଉନ୍ମତ୍ତ କାଣ୍ଡ । ପାରିବାରିକ କଳହରୁ ଘଟି ଯାଇଛି ଏଭଳି ଅଘଟଣ । ସ୍ୱାମୀ ସ୍ତ୍ରୀ ଝଗଡା ପରେ ରାଗି ଯାଇ ସ୍ୱାମୀ ଏମିତି। ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା ସମେତ ଘରର ସମସ୍ତ ଆସବାବପତ୍ର । ଧାନ ଚାଉଳ ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ନିଆଁରେ ସ୍ୱାହା ହୋଇ ଯାଇଛି । ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଡୁଙ୍ଗୁରା ପଞ୍ଚାୟତ କିଶୋରନଗର ଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା । ନିଶାସକ୍ତ ଅବସ୍ଥାରେ ନିଜ ହାତରେ ନିଜ ଭାଗ୍ୟକୁ ଉଜାଡ଼ି ଦେଇଛି ମଦ୍ୟପ ସ୍ୱାମୀ । ବୁଧବାର ଦିନ ମଧୁସୂଦନ ବାରିକ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା । ଫଳରେ ଲକ୍ଷ୍ମୀପ୍ରିୟା ରାଗି କରି ଗାଁର ଜଣେ ପଡ଼ୋଶୀଙ୍କ ଘରକୁ ପଳାଇ ଯାଇଥିଲେ । ଏଥିରେ ମଧୁସୂଦନ ଆହୁରି ରାଗି ଯାଇଥିଲେ । ସେ ଭୀଷଣ ଉତକ୍ଷିପ୍ତ ହୋଇ ନିଜ ଘରେ ନିଆଁ ଲଗାଇ ଦେଇଥିଲେ । ତେବେ ସ୍ଥାନୀୟ ଲୋକେ ନିଆଁ ଲାଗିଥିବା ଦେଖି ତୁରନ୍ତ ଦମକଳ ବାହିନୀକୁ ଖବର ଦେଇଥିଲେ । ଯାହାପରେ ଦୁଇଟି ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । କିନ୍ତୁ ସେତେବେଳକୁ ଘରଟି ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇ ଯାଇଥିଲା । ମଦ କିଭଳି ଘର ପରିବାରକୁ ନଷ୍ଟ କରିଦିଏ ଇଏ ହେଉଛି ଏକ ଜ୍ୱଳନ୍ତ ଉଦାହରଣ । ନିଜ କର୍ମ ପାଇଁ ଏବେ ନିଜେ ଲୁହ ଗଡ଼ାଇବା ଛଡ଼ା ମଧୁସୂଦନ ପାଖରେ ଆଉ କିଛି ବାଟ ନଥିବ ।

## ଛୁଟି ଘୋଷଣାକୁ ମାନୁନଥିବା ସ୍କୁଲ୍ ଉପରେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୮।୫(ସଂଚାର ବ୍ୟୁରୋ):** ଖରା ପାଇଁ ରାଜ୍ୟ ସରକାର ସମସ୍ତ ସ୍କୁଲ୍‌ରେ ଛୁଟି ଘୋଷଣା କରିଥିଲେ ହେଁ କେତେକ ସ୍କୁଲ୍ ଏହାକୁ ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ହୋଇଛି। ଏପରି ନିୟମ ବହିର୍ଭୂତ କାର୍ଯ୍ୟ କରୁଥିବା ବିଦ୍ୟାଳୟକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତାଗିଦ୍ କରାଯିବା ସହ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଖରାକୁ ନଜର ରଖି ସ୍କୁଲ ବନ୍ଦ ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ କେତେକ ସ୍କୁଲ ନିୟମ ଉଲ୍ଲଙ୍ଘନ କରି ପିଲାଙ୍କୁ ପାଠ ପଢାଉଛନ୍ତି। ଏହା ବିଭାଗ ନଜରକୁ ଆସିଥିବା ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି। ସେଥିପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଏହା ଉପରେ ତୀକ୍ଷ୍ଣ ନଜର ରଖିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗତ ୨୨ ତାରିଖରୁ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ଛୁଟି ଘୋଷଣା କରିଛନ୍ତି।

# ବେସାମରିକ ପ୍ରତିରକ୍ଷା ଅଭ୍ୟାସ ପାଇଁ ମୁଖ୍ୟ ସଚିବଙ୍କ ବୈଠକ



### ସ୍ୱେଚ୍ଛାସେବୀ ସଂଖ୍ୟା ବୃଦ୍ଧି ଓ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୮।୫(ସଂଚାର ବ୍ୟୁରୋ):** ରାଜ୍ୟରେ ବେସାମରିକ ପ୍ରତିରକ୍ଷା ଅଭ୍ୟାସ ପାଇଁ ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆଜି ଅପରାହ୍ଣରେ ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି। ବୈଠକରେ ବିଭିନ୍ନ ଜିଲ୍ଲାରେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସ୍ଥିତି, ସେମାନଙ୍କର ସଂଖ୍ୟା ବୃଦ୍ଧି ଓ ସାଙ୍ଗଠନିକ ସୁଦୃଢ଼ କରିବା ସହିତ ସେମାନଙ୍କ ଦ୍ୱାରା ସେବା ପ୍ରଦାନ ସମ୍ପର୍କିତ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ଜନଗହଳିପୂର୍ଣ୍ଣ ଶିଳ୍ପାଞ୍ଚଳ ଓ ସହରରେ ଅଧିକ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀ ମୁତୟନ କରାଯିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ, ଅଗ୍ନିଶମ ବିଭାଗ ଡଃ. ସୁଧାଂଶୁ ଷଡଙ୍ଗୀ, ଓସଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ. କମଳଲୋଚନ ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, ଅନୁଗୁଳ, ସମ୍ବଲପୁର, ସୁନ୍ଦରଗଡ଼ ଆଦି ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀମାନଙ୍କର ସ୍ଥିତି ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇ ବିଭିନ୍ନ ପରାମର୍ଶ ଦିଆଯାଇଛି।

ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ପରିସ୍ଥିତି ସମୟରେ ଜନସାଧାରଣଙ୍କୁ ସାହାଯ୍ୟ କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ସେମାନେ ପ୍ରାଥମିକ ଚିକିତ୍ସା, ସନ୍ଧାନ ଏବଂ ଉଦ୍ଧାର, ଅଗ୍ନିଶମ ସେବାରେ ସହାୟତା, ସ୍ଥାନାନ୍ତର ଏବଂ ପୁନରୁଦ୍ଧାର କାର୍ଯ୍ୟରେ ସାହାଯ୍ୟ କରି କ୍ଷୟକ୍ଷତିକୁ ହ୍ରାସ କରିବା, ଜୀବନ ବଞ୍ଚାଇବା ଏବଂ ସଙ୍କଟ ସମୟରେ ସାମୂହିକ ସ୍ଥିରତା ବଜାୟ ରଖିବାରେ ପ୍ରମୁଖ ଯୋଗଦାନ କରିଥାନ୍ତି। ସେହିପରି ବିପର୍ଯ୍ୟୟ ସମୟରେ ଆଗଧାଡ଼ିରେ ରହି ସାହାଯ୍ୟ କରିଆସିଥିବା ଆପଦ ମିତ୍ରମାନଙ୍କ ଭୂମିକାକୁ ପ୍ରଶଂସା କରାଯିବା ସହିତ ଆବଶ୍ୟକ ସମୟରେ ସେମାନଙ୍କ ସହାୟତା ନେବାକୁ ପରାମର୍ଶ ଦିଆଯାଇଛି । ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସମେତ, ଜାତୀୟ ସେବା ସଂସ୍ଥା(ଏନଏସ୍ଏସ),ସମର ଶିକ୍ଷାର୍ଥୀ ବାହିନୀ, ନେହେରୁ ଯୁବକେନ୍ଦ୍ର, ସେଣ୍ଟ ଜୋନ ଆମ୍ବୁଲାନ୍ସ ଭଳି ସଂସ୍ଥା ସହ ବୈଠକ କରି ଆମର ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ସମନ୍ୱୟକୁ ଅଧିକ ସୁଦୃଢ଼ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ବିଭିନ୍ନ ଜିଲ୍ଲାର ପ୍ରମୁଖ ଶିଳ୍ପାଞ୍ଚଳ ଓ ଜନସଂଖ୍ୟା ବହୁଳ ସ୍ଥାନରେ ଜନସାଧାରଣଙ୍କୁ ସତର୍କ ମୂଳକ ସୂଚନା ଦେବାକୁ ସାଇରନ୍ ବ୍ୟବସ୍ଥା ରଖିବାକୁ ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଶ୍ରୀ ଆହୁଜା କହିଛନ୍ତି ଯେ ସାମ୍ପ୍ରତିକ ପରିସ୍ଥିତିରେ ପ୍ରତ୍ୟେକ ସଂକଟଜନକ ସମୟକୁ ସୁଯୋଗ ଓ ଆହ୍ୱାନ ବୋଲି ମନେ କରି ନିଜକୁ ପ୍ରସ୍ତୁତ ରଖିବା ସହ ଜନସଚେତନତା ବୃଦ୍ଧିର ଆବଶ୍ୟକତା ରହିଛି। ତେଣୁ ଜିଲ୍ଲାପାଳ, ଏସ୍‌ପି ଓ ଅଧିକାରୀଙ୍କୁ ଆବଶ୍ୟକ ପ୍ରସ୍ତୁତି ସକାଶେ ସେ ପରାମର୍ଶ ଦେଇଥିଲେ।

## ରାଜ୍ୟସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା

**ଭୁବନେଶ୍ୱର,୮।୫(ସଂଚାର ବ୍ୟୁରୋ):** ମହିଳା ଏବଂ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଲକ୍ଷ ନେଇ ଏକ ଦୁଇ ଦିନିଆ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା ଗତକାଲି ଓ ଆଜି ସ୍ଥାନୀୟ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ, ଲକ୍ଷ୍ମୀସାଗର, ଆୟୋଜିତ ହୋଇଛି। କାର୍ଯ୍ୟକ୍ରମକୁ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। କର୍ମଶାଳାରେ ୩୦ଟି ଜିଲ୍ଲାରୁ ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ, ଆର୍ଥିକ କାରବାର ବୁଝୁଥିବା ଜିଲ୍ଲାସ୍ତରୀୟ କର୍ମଚାରୀ, ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ ତଥା ସଖୀ ନିବାସ ପରିଚାଳନା କରୁଥିବା ଅଣସରକାରୀ ସଂଗଠନ (ଏନଜିଓ)ଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସରକାରୀ ବ୍ୟବସ୍ଥା ଓ ପ୍ରୋଟୋକଲ ସହ ସୁସଙ୍ଗତ ହେବା ପାଇଁ ତଥା ଆର୍ଥିକ ପ୍ରକ୍ରିୟା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନ୍ୱୟନ କ୍ଷେତ୍ର ଉପରେ ପ୍ରତ୍ୟକ୍ଷ ତାଲିମ ପ୍ରଦାନ ଏହି କାର୍ମଶାଳାର ଲକ୍ଷ୍ୟ। ଆଜିକାଲି ସରକାରଙ୍କ ସମସ୍ତ ଦେଣନେଣ ପ୍ରକ୍ରିୟା ଏସଏନଏ ସ୍ପର୍ଶ ପୋର୍ଟାଲ ମାଧ୍ୟମରେ ସମ୍ପାଦିତ କରାଯାଉଛି। ତେଣୁ ଏହାର କାର୍ଯ୍ୟକାରିତାକୁ ପରିଚିତ କରାଇବା ତଥା ଏନ୍‌ଏସ୍‌ଏ ସ୍ପର୍ଶରେ ବିଲ୍ କିପରି ଜେନେରେଟ୍ ଓ ଅପଲୋଡ୍ କରାଯିବ, ବିନିଯୋଗ ପ୍ରମାଣପତ୍ର /ଖର୍ଚ୍ଚ ବିବରଣୀ ଦାଖଲ, ପାଣ୍ଠି ପ୍ରକାଶନ ପ୍ରୋଟୋକଲ ଓ ରିପୋର୍ଟିଂ ଭଳି ଜରୁରୀ କାର୍ଯ୍ୟଗୁଡ଼ିକ ଉପରେ ପ୍ରତ୍ୟକ୍ଷ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା। ଏଥିସହିତ ଡିଜିଟାଲ୍ ମନିଟରିଂ ଉପକରଣର ବ୍ୟବହାର ଯଥା ମିଶନ ଶକ୍ତି ଡ୍ୟାସ ବୋର୍ଡ, ଗୁଗଲ ସିଟ୍ ଆଦିର ପ୍ରଭାବଶାଳୀ ଉପଯୋଗ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା।

## ଯୁଦ୍ଧ ଗୁଜବକାରୀ ସୋସିଆଲ ମିଡିଆରେ ସକ୍ରିୟ

**ଭୁବନେଶ୍ୱର,୮।୫:** ଭାରତର ଅପରେସନ ସିନ୍ଦୁରର ସଫଳତା ପରେ ଏବେ ଆରମ୍ଭ ହୋଇଛି ଯୁଦ୍ଧ ଗୁଜବ। ଏହି ଗୁଜବରେ ଯୁଦ୍ଧ ଅପେକ୍ଷା ଯୁଦ୍ଧ ଭୟରେ କିଭଳି ବିଭିନ୍ନ ସାମଗ୍ରୀ ମହଜୁଦ ରଖିବ ତାହାକୁ ନେଇ ଭଳିକି ଭଳି ମାର୍ଗନିର୍ଦ୍ଦେଶିକା ଛଡାଯାଉଛି । ତେବେ ଏଭଳି ମାର୍ଗନିର୍ଦ୍ଦେଶିକା କିଏ କେଉଁଠାରୁ ଛାଡୁଛି ତାହାର କୌଣସି ସୂଚନା ନଥିବାବେଳେ ଲୋକେ କିନ୍ତୁ ସୋସିଆଲ ମିଡିଆରେ ଏହାକୁ ଅଧିକ ଭାବରେ ସେୟାର କରିବାରେ ଲାଗିଛନ୍ତି। ସୋସିଆଲ୍ ମିଡିଆରେ ଚକ୍କର କାଟୁଥିବା ଏହି ବେନାମୀ ମାର୍ଗଦର୍ଶିକାରେ ପ୍ରଥମେ ରହିଛି ଯୁଦ୍ଧ ସମୟରେ ନିଜ ପାଖରେ ଅତି କମ୍‌ରେ ନଗଦ ୫୦ହଜାର ଟଙ୍କା ଗଚ୍ଛିତ ରଖନ୍ତୁ । ଏଥି ସହିତ ଗାଡି ପାଇଁ ତେଲ, ରୋଗୀଙ୍କ ପାଇଁ ଔଷଧ ସହିତ ଅନ୍ୟାନ୍ୟ ସାମଗ୍ରୀ କଥା ଉଲ୍ଲେଖ କରାଯାଇଛି । ଏଭଳି ମାର୍ଗଦର୍ଶିକା ଏବେ ଏ ମୋବାଇଲ୍‌ରୁ ସେ ମୋବାଇଲ୍ ଚକ୍କର କାଟୁଥିବାବେଳେ ଲୋକେ ବି ଏହା ସହିତ ଆଉ କିଛି ସୂଚନା ଯୋଡି ଛାଡିବାରେ ଲାଗିଛନ୍ତି। ଏଭଳି ବେନାମୀ ବାର୍ତ୍ତା ସହରରୁ ଗାଁ ପର୍ଯ୍ୟନ୍ତ ବ୍ୟାପୁଥିବାରୁ ଲୋକଙ୍କ ଉପରେ ମଧ୍ୟ ଧିରେ ଧିରେ ଏହାର ପ୍ରଭାବ ପଡିବାରେ ଲାଗିଛି । କିଛି ଲୋକେ ଏଥିରେ ପ୍ରଭାବିତ ହୋଇ ଏଟିଏମରୁ ଟଙ୍କା ଉଠାଇବା ସହିତ ନିଜ ପାଖରେ ଥିବା ଟଙ୍କାକୁ ଆଉ ବ୍ୟାଙ୍କ୍‌ରେ ଜମା କରୁନାହାନ୍ତି । ନଗଦ ଗଚ୍ଛିତ ରଖିବା ପାଇଁ କିଛି ଲୋକ ଖର୍ଚ୍ଚ ବି କମାଇବାରେ ଲାଗିଛନ୍ତି । ଏଥି ସହିତ ଔଷଧ ମଧ୍ୟ କିଣିବାରେ ଲାଗିଛନ୍ତି । ଏଭଳି ବେନାମୀ ମାର୍ଗଦର୍ଶିକା ସୋସିଆଲ ମିଡିଆରେ ଘୂରି ବୁଲିବା ପରେ ଏହାକୁ ନିୟନ୍ତ୍ରଣ ଲାଗି ଯଦିଓ ସେଭଳି ପଦକ୍ଷେପ ନିଆଯାଇ ନାହିଁ, କିନ୍ତୁ ସରକାରୀ କଳ ଏ ଦିଗରେ ପଦକ୍ଷେପ ଆରମ୍ଭ କରିଛି । ରାଜ୍ୟରେ ସବୁ ସାମଗ୍ରୀ ମହଜୁଦ ରହିଛି ଏବଂ ଯଦି କୌଣସି ସ୍ଥାନରେ ଅଭାବ ବୋଲି ଦର୍ଶାଯାଏ ତେବେ ସରକାର କଡା ପଦକ୍ଷେପ ଗ୍ରହଣ କରିବେ ବୋଲି କୁହାଯାଉଛି । ତେବେ ବର୍ତ୍ତମାନ ସୁଦ୍ଧା ସୋସିଆଲ ମିଡିଆରେ ବିଭିନ୍ନ ଭାଷାରେ ଘୂରି ବୁଲୁଥିବା ଏହି ଗୁଜବକୁ କିଏ କେଉଁଠାରୁ ଛାଡି ଲୋକଙ୍କୁ ଭୟଭୀତ କରୁଛି ସେ ଦିଗରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଗୁଜବକାରୀମାନେ ଅଧିକ ଉତ୍ସାହିତ ହୋଇ ନୂଆ ନୂଆ ଗୁଜବ ଛାଡିବାରେ ଲାଗିଛନ୍ତି । ଇତି ମଧ୍ୟରେ କେନ୍ଦ୍ର ସରକାର ଓଟିଟି ପ୍ଲାଟଫର୍ମରୁ ପାକିସ୍ତାନୀ କଣ୍ଟେଣ୍ଟ ହଟାଇବାପାଇଁ ନିର୍ଦ୍ଦେଶ ଦେଇଥିବାରୁ ଖୁବ୍‌ଶୀଘ୍ର ସୋସିଆଲ ମିଡିଆ ଗୁଜବକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଆଇଟି ବିଶେଷଜ୍ଞମାନେ ଆଶା ପ୍ରକାଶ କରୁଛନ୍ତି । (ତଥ୍ୟ)

## ଅପରେସନ ସିନ୍ଦୂର: ଭୁବନେଶ୍ୱର ୨ଟି ବିମାନ ବାତିଲ




ଭୁବନେଶ୍ୱର, ୮।୫ (ସଂଚାର ବ୍ୟୁରୋ) : ଅପରେସନ ସିନ୍ଦୂର ପରେ ଦେଶରେ ହାଇ ଆଲର୍ଟ । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ବିମାନ ବନ୍ଦରରୁ ୨ ଟି ବିମାନର ଉଡାଣ ବାତିଲ୍ କାରହଇଛି । ଭୁବନେଶ୍ୱରରୁ ହିନ୍ଦନ ଗାଜିଆବାଦକୁ ବିମାନ ଉଡାଣ ବାତିଲ୍ ହୋଇଛି । ପଶ୍ଚିମ ପ୍ରାନ୍ତକୁ ଉଡାଣ କଟକଣା ଥିବା ବାତିଲ ହୋଇଥିବା କହିଛନ୍ତି ନିର୍ଦ୍ଦେଶକ। ଭୁବନେଶ୍ୱର ପାଟ୍‌ନା ଦେଇ ଚଣ୍ଡିଗଡ ଯାଉଥିବା ବିମାନ ମଧ୍ୟ ବାତିଲ ହୋଇଛି। ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏନେଇ ସୂଚନା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ କିନ୍ନର ସଂଘର କୃତଜ୍ଞତା



**ଭୁବନେଶ୍ୱର,୮।୫(ସଂଚାର ବ୍ୟୁରୋ):** ଦୀର୍ଘଦିନ ଧର କିନ୍ନରମାନଙ୍କର ୧୦ ଦଫା ଦାବି ସମ୍ବଳିତ ସମସ୍ୟା ନେଇ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ରାଜ୍ୟ ସରକାର ସେଥିମଧ୍ୟରୁ କିଛି ସମସ୍ୟାର ସମାଧାନ କରିଥିଲେ। ସେଥିରୁ ଆଧାରକାର୍ଡ଼, ଭୋଟ ପରିଚୟପତ୍ର, ରାସନ କାର୍ଡ କିନ୍ନରମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଥିଲା ବେଳେ ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କିନ୍ନରମାନଙ୍କ ପାଇଁ ଆଉ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ନେଇ ଘୋଷଣା କରିଛନ୍ତି। ଗତକାଲି କ୍ୟାବିନେଟରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ଆରମ୍ଭ କରିଛନ୍ତି। ଏହି ବସ୍ ସେବା ଯୋଜନାରେ ବିଭିନ୍ନ ଲୋକଙ୍କ ପାଇଁ ରିହାତି ଥିବା ବେଳେ ପ୍ରଥମ ପାଇଁ ଓଡ଼ିଶାରେ କିନ୍ନରମାନଙ୍କ ପାଇଁ ଉଭୟ ଶୀତତାପ ନିୟନ୍ତ୍ରଣ ଓ ବିନା ଶୀତତାପ ନିୟନ୍ତ୍ରଣ ବସରେ ୫୦ ପ୍ରତିଶତ ରିହାତି ଘୋଷଣା କରାଯାଇଛି। ତେଣୁ ନିଖିଳ ଓଡ଼ିଶା କିନ୍ନର ଓ ତୃତୀୟ ଲିଙ୍ଗୀ ମହାସଂଘର ରାଜ୍ୟ ସଭାପତି ତଥା କିନ୍ନର କମିଟିର ପୂର୍ବତନ ଚେୟାରମ୍ୟାନ ପ୍ରତାପ କୁମାର ସାହୁ ଏଥିସକାଶେ ମୁଖ୍ୟମନ୍ତ୍ରୀ ଓ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ଓ ସଶକ୍ତିକରଣ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ରାଜ୍ୟ ସରକାର କିନ୍ନର ୱେଲ୍‌ଫେୟାର ବୋର୍ଡ ଗଠନ କରି ରାଜ୍ୟରେ ଥିବା ପ୍ରାୟ ୩୦ ହଜାର କିନ୍ନର ଉପକୃତ ହୋଇପାରିବେ ବୋଲି ଶ୍ରୀ ସାହୁ କହିଛନ୍ତି।

● କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ

## ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଏକ୍ସଲେନ୍ସି ସେଣ୍ଟର

**ଭୁବନେଶ୍ୱର,୮।୫(ସଂଚାର ବ୍ୟୁରୋ):** ଭାରତରେ ବୃତ୍ତିଗତ ଶିକ୍ଷାର ରୂପାନ୍ତରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ କ୍ୟାବିନେଟ ଜାତୀୟ ଆଇଟିଆଇ ଉନ୍ନୟନ ଓ କୌଶଳ ବିକାଶ ପାଇଁ ୫ଟି ଜାତୀୟ ଏକ୍ସଲେନ୍ସ ସେଣ୍ଟର (ଏନସିଓଇ) ସ୍ଥାପନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ଏନସିଓଇଗୁଡ଼ିକ ଭୁବନେଶ୍ୱର, ଚେନ୍ନାଇ, ହାଇଦ୍ରାବାଦ, କାନପୁର ଏବଂ ଲୁଧିଆନା ସମେତ ୫ଟି ଜାତୀୟ କୌଶଳ ପ୍ରଶିକ୍ଷଣ ସଂସ୍ଥା (ଏନଏସଟିଆଇ)ରେ ସ୍ଥାପନ କରାଯିବ। ଏହି ଯୋଜନା ଅଧୀନରେ ଉନ୍ନତ ପ୍ରଶିକ୍ଷକ ପ୍ରଶିକ୍ଷଣ (ଟିଓଟି) ସୁବିଧା ପାଇଁ ୫ଟି ଏନଏସଟିଆଇରେ ଭିତ୍ତିଭୂମିର ବିକାଶ କରାଯିବ। ଏଥିସହ ୫୦ ହଜାର ପ୍ରଶିକ୍ଷକଙ୍କୁ ପ୍ରାକ୍-ସେବା ଓ ସେବାକାଳୀନ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ଉଦ୍ୟୋଗଟି ବଜେଟ ୨୦୨୪-୨୫ ଏବଂ ବଜେଟ ୨୦୨୫-୨୬ରେ ଘୋଷଣା ଅନୁସାରେ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଭାବେ କାର୍ଯ୍ୟକାରୀ ହେବ, ଯାହାର ମୋଟ ବ୍ୟୟ ରାଶି ୬୦ ହଜାର କୋଟି ଟଙ୍କା। ଏହି ଯୋଜନା ୧ ହଜାର ସରକାରୀ ଆଇଟିଆଇକୁ ହବ ଓ ସ୍ପୋକ ବ୍ୟବସ୍ଥାରେ ଉନ୍ନୟନ, ଶିଳ୍ପ ସହ ସମ୍ପର୍କିତ ନୂତନ କୋର୍ସ ଓ ୫ଟି ଏନଏସଟିଆଇର କ୍ଷମତା ବୃଦ୍ଧି ସହ ୫ଟି ଜାତୀୟ ଏକ୍ସଲେନ୍ସ ସେଣ୍ଟର ସ୍ଥାପନ ଉପରେ ଗୁରୁତ୍ୱ ଦେବ। ଏହି ଯୋଜନାର ଲକ୍ଷ୍ୟ ହେଉଛି ରାଜ୍ୟ ସରକାର ଓ ଶିଳ୍ପ ସହଯୋଗରେ ବିଦ୍ୟମାନ ଆଇଟିଆଇଗୁଡ଼ିକୁ ସରକାରୀ ମାଲିକାନା ଏବଂ ଶିଳ୍ପ ପରିଚାଳିତ ଆକାଂକ୍ଷୀ କୌଶଳ ସଂସ୍ଥା ଭାବେ ପ୍ରତିଷ୍ଠା କରିବା। ୫ ବର୍ଷ ମଧ୍ୟରେ ୨୦ ଲକ୍ଷ ଯୁବକଙ୍କୁ ଶିଳ୍ପର ମାନବ ମୂଳଧନ ଆବଶ୍ୟକତାକୁ ପୂରଣ କରୁଥିବା କୋର୍ସ ମାଧ୍ୟମରେ କୌଶଳୀ କରାଯିବ। ଏହି ଯୋଜନା ସ୍ଥାନୀୟ ଶ୍ରମଶକ୍ତି ଯୋଗାଣ ଓ ଶିଳ୍ପ ଚାହିଦା ମଧ୍ୟରେ ସମନ୍ୱୟକୁ ସୁନିଶ୍ଚିତ କରିବ। ଏହାଦ୍ୱାରା ଶିଳ୍ପ, ବିଶେଷକରି ଏମଏସଏମଇଗୁଡ଼ିକ ନିଯୁକ୍ତି ପାଇଁ ସହଜରେ ଶ୍ରମିକ ପାଇପାରିବେ।

ପ୍ରଥମ ଥର ପାଇଁ ଏହି ଯୋଜନା ଆଇଟିଆଇ ଉନ୍ନୟନର ଯୋଜନା ଓ ପରିଚାଳନାରେ ଶିଳ୍ପ ସହ ଗଭୀର ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କରୁଛି। ଏହି ଯୋଜନା ଫଳାଫଳ ଆଧାରିତ କାର୍ଯ୍ୟକାରିତା ପାଇଁ ଶିଳ୍ପ-ନେତୃତ୍ୱାଧୀନ ସ୍ପେଶାଲ ପର୍ପସ ଭେହିକଲ (ଏସପିଭି) ମଡେଲ ଗ୍ରହଣ କରିବ। ଅତୀତରେ ଆଇଟିଆଇ ଉନ୍ନୟନ ପାଇଁ ଯୋଜନା ରହିଥିଲେ ମଧ୍ୟ, ଶିଳ୍ପ ଆବଶ୍ୟକତା ସହ ସମନ୍ୱିତ କୋର୍ସ ସାମଗ୍ରୀ ଏବଂ ଡିଜାଇନ ସହିତ ଆଇଟିଆଇ ପୁନଃକଳ୍ପନା ପାଇଁ ଏକ ଜାତୀୟ ସ୍ତରରେ ସ୍କେଲେବଲ କାର୍ଯ୍ୟକ୍ରମ ମାଧ୍ୟମରେ ଗତ ଦଶନ୍ଧିର ବୃଦ୍ଧିଶୀଳ ପ୍ରୟାସକୁ ବୃଦ୍ଧି କରିବାର ଏହା ଉପଯୁକ୍ତ ସମୟ। ଏହା ବିକଶିତ ଭାରତର ଲକ୍ଷ୍ୟ ସାକାର କରିବାରେ କୌଶଳୀ ଶ୍ରମଶକ୍ତିର ଏକ ପୁଲ ସୃଷ୍ଟି କରିବା ପାଇଁ ଏକ ମୁଖ୍ୟ ସକ୍ଷମତା ଭାବେ କାର୍ଯ୍ୟ କରିବ।

## ବୀର ସୈନିକଙ୍କୁ ସମର୍ଥନ ଜଣାଇ ପିସିସିର ରକ୍ତଦାନ ଶିବିର



**ଭୁବନେଶ୍ୱର,୮।୫(ସଂଚାର ବ୍ୟୁରୋ):** ଭାରତର ବୀର ସୈନିକମାନେ ଯେପରି ଅଦ୍ୟମ ସାହସ ଓ ପରାକାଷ୍ଠା ଦେଖାଇ ପାକିସ୍ଥାନ ଉପରେ ପ୍ରତିଶୋଧ ନେଇଛନ୍ତି ସେମାନଙ୍କୁ ଦୃଢ଼ ସମର୍ଥନ ଜଣାଇ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏହି ଶିବିରକୁ ଉଦ୍‌ଘାଟନ କରି କହିଛନ୍ତି ଯେ ଦେଶମାତୃକାକୁ ରକ୍ଷା କରିବା ପାଇଁ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ଆମର ବୀର ଯବାନମାନେ ଯେଭଳି ସେବା କରୁଛନ୍ତି ଓ ପାକିସ୍ଥାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, ସେମାନଙ୍କୁ ସମର୍ଥନ ଓ ସମ୍ମାନ ଜଣାଇ ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଛି। ଏହି ଶିବିରରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ନଗେନ୍ଦ୍ର ପ୍ରଧାନ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ମନୋଜ ସିଂ, ମନୋରଞ୍ଜନ ଦାଶ, ନବଜ୍ୟୋତି ପଟ୍ଟନାୟକଙ୍କ ସମେତ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ।

## ଆଜି କଂଗ୍ରେସର ତ୍ରିରଙ୍ଗା ଯାତ୍ରା

**ଭୁବନେଶ୍ୱର,୮।୫(ସଂଚାର ବ୍ୟୁରୋ):** ଆସନ୍ତାକାଲି ପ୍ରାତଃ ୮ଟା ସମୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବ। ଏହି ଯାତ୍ରା ରାମ ମନ୍ଦିର ଛକଠାରୁ ଆରମ୍ଭ ହୋଇ ମାଷ୍ଟର କ୍ୟାଣ୍ଟିନ ଛକରେ ପହଞ୍ଚିବ। ଭାରତର ବୀର ଯବାନ ପାକିସ୍ଥାନର ଆତଙ୍କବାଦୀ କାର୍ଯ୍ୟକ୍ରମକୁ ଦମନ କରିବାପାଇଁ ଯେଉଁ ସାହସ, ପରାକ୍ରମ ଓ ଶକ୍ତି ପ୍ରଦର୍ଶନ କରିଛନ୍ତି ତାର ସମ୍ମାନାର୍ଥେ ଏହି ତ୍ରିରଙ୍ଗା ଯାତ୍ରା ଉଦ୍ଦିଷ୍ଟ। ଆମର ଯବାନମାନେ ଦେଶକୁ ସୁରକ୍ଷା ଦେବାପାଇଁ, ଦେଶର ସମ୍ମାନ ରକ୍ଷା କରିବାପାଇଁ ଏବଂ ଆତଙ୍କ ବାଦର ବିଲୋପପାଇଁ ଯେଉଁ ସାମରିକ ଦକ୍ଷତା ଓ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛନ୍ତି ତାହାର ପଟାନ୍ତର ନାହିଁ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି।

# ଚିଲିକା ମଇଁଷି କ୍ଷୀରର ସ୍ୱତନ୍ତ୍ର ବଜାର ପାଇଁ ଓମଫେଡର ଆଗ୍ରହ

### ଚିଲିକା ମଇଁଷିର ସଂରକ୍ଷଣ ପାଇଁ ପ୍ରାଣୀ ପାଳନ ବିଭାଗର ସ୍ୱତନ୍ତ୍ର ବ୍ୟବସ୍ଥା

**ବ୍ରହ୍ମଗିରି,୮।୫(ସଂଚାର ବ୍ୟୁରୋ):** ସଂପର୍କ ସଙ୍ଗଠନ ତରଫରୁ ଜିଲ୍ଲା ପ୍ରାଣୀଧନ ବିଭାଗ ଏବଂ ଚିଲିକା ମଇଁଷି ପାଳକ ସଂଘ ର ମିଳିତ ଆନୁକୂଲ୍ୟ ରେ ଚିଲିକା ମଇଁଷିମାନଙ୍କର ସଂରକ୍ଷଣ ଓ ସମ୍ବର୍ଦ୍ଧନ ଲକ୍ଷ୍ୟରେ ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ ସ୍ଥିତ ଭାବକୁଣ୍ଡଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଅଞ୍ଚଳର ମଇଁଷି ଚାଷୀମାନଙ୍କୁ ନେଇ ଏକ ଚାଷୀ ସମାବେଶ ହୋଇଯାଇଛି। ସଂପର୍କର ସାଧାରଣ ସଂପାଦକ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଣୀ ପାଳନ ବିଭାଗର ନିର୍ଦ୍ଦେଶକ ତଥା ଓମଫେଡର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଯୋଗଦେଇ ମଇଁଷି ପାଳକମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ମଇଁଷି ପାଳକ ମାନଙ୍କ ସହ ଆଲୋଚନା କରିବା ସହ ଚିଲିକା ମଇଁଷି କ୍ଷୀରର ଉପଯୁକ୍ତ ବଜାର ମୂଲ୍ୟ ପାଇଁ ସୋସାଇଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଓଏଲ୍‌ଆରଡିଏସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହାଡିବନ୍ଧୁ ଭୋଇ ଉପସ୍ଥିତି ରହି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ ।



ନରେଗା ଯୋଜନାରେ ମଇଁଷି ଚାଷୀ ମାନଙ୍କ ଗୁହାଳ ସହାୟତା ପାଇଁ ପ୍ରତଶୃତି ଦେଇଥିଲେ । ଓମଫେଡ ସହାୟତାରେ ବ୍ରହ୍ମଗିରି କୃଷ୍ଣପ୍ରସାଦ ଅଞ୍ଚଳର ସାତପଡ଼ା,ମାଣିକ ପାଟଣା, କୁରୁପାଳ,କୃଷ୍ଣପ୍ରସାଦ ଗଡ଼,ମାଲୁଦ, ଗମ୍ଭାରୀ ଠାରେ, ଚିଲିକା ମଇଁଷି କ୍ଷୀରକୁ ନେଇ ଦୁଗ୍ଧ ଶୀତଳିକରଣ ଭଣ୍ଡାର ଶୀଘ୍ର ସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଚିଲିକା ମଇଁଷି ମାନଙ୍କର ନିୟମିତ କ୍ଷୀରର ରେକର୍ଡ଼ କରି ଅଧିକ କ୍ଷୀର ଦେଉଥିବା ମଇଁଷି ମାନଙ୍କର ସୂଚୀ ପ୍ରସ୍ତୁତ କରି ସେମାନଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ପ୍ରତିଶୃତି ଦେଇଛନ୍ତି । ବ୍ରିଡ୍ ସଂରକ୍ଷଣ ପାଇଁ ପୁରୁଷ ମଇଁଷି (ପଣ୍ଡା) ବିଭିନ୍ନ ଗୋଠରେ ଅଦଳବଦଳ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ଚାଷୀମାନଙ୍କର ସହାୟତା ନିମନ୍ତେ ପଞ୍ଚାୟତ ମାନଙ୍କରେ ବିଭିନ୍ନ ସରକାରୀ ଯୋଜନାରେ ପୋଖରୀ ଖନନରେ ସହାୟତା କରିବାକୁ ପ୍ରତିଶୃତି ଦେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ସାତପଡ଼ା, ମାଣିକପାଟଣା, କୁରୁପାଳ, କୃଷ୍ଣପ୍ରସାଦଗଡ, ମାଲୁଦ, ଗମ୍ଭାରୀରେ ଚିଲିକ ମଇଁଷି କ୍ଷୀରର ସଂଗ୍ରହ କେନ୍ଦ୍ର ପ୍ରତିଷ୍ଠା କରି ଓମଫେଡ୍ ମାଧ୍ୟମରେ ବଜାରରେ ସୁଲଭ ଦରରେ ବିକ୍ରୟ କରିବାକୁ ଯୋଜନା ହୋଇଛି । ଉକ୍ତ କ୍ଷୀରରୁ ଦହି, ଖୁଆ ପ୍ରସ୍ତୁତ କରି ଉପଲବ୍ଧ କରିବାକୁ ଯୋଜନା ହୋଇଛି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହାୟତାରେ ଚିଲିକା ମଇଁଷିର ସଂରକ୍ଷଣ ଏବଂ ସମ୍ବରଧନ ପାଇଁ ବିଭିନ୍ନ ଯୋଜନାମାନ ପ୍ରସ୍ତୁତ ହେଉଥିବାର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମଇଁଷି ଚାଷୀ ଉପେନ୍ଦ୍ର ଜେନା, ପିଣ୍ଟୁ ବେହେରା, ଟୁଲୁ ମାଝୀ , ପ୍ରସନ୍ନ କୁମାର ତରାଇ, କାଳୁରାମ ଖୁଣ୍ଟିଆ, ବିଚିତ୍ର ଜେନା, ବାପି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ଜିଏମ ପୁମୁଲ ତାପସ ଦାସ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶରତ ଚନ୍ଦ୍ର ବେହେରା, ଡକ୍ଟର ରାଜେଶ ପାଣିଗ୍ରାହୀ, ଡକ୍ଟର ସୁଦାତା ପଟ୍ଟନାୟକ, ଡକ୍ଟର ବିଶ୍ୱଜିତ ବେହେରା, ଡାକ୍ତର ଗୁରୁ ପ୍ରସନ୍ନ ସାହୁ ପ୍ରମୁଖ ଉପସ୍ଥିତି ଥିଲେ । ଚିଲିକା ମଇଁଷି ନାମକ ସ୍ୱତନ୍ତ୍ର ପ୍ରଜାତିର ଦେଶୀୟ ମଇଁଷିକୁ ନେଇ ସଂପର୍କ ଅନୁଷ୍ଠାନ ତରଫରୁ ଦିଆଯାଇଥିବା ବିଭିନ୍ନ ଦାବି ଉପରେ ଓଡ଼ିଶା ଲାଇଭଷ୍ଟକ୍ ରିସର୍ଚ୍ଚ ଡେଭଲପମେଣ୍ଟ ସୋସାଇଟି (ଓଏଲ୍‌ଆର୍‌ଡିଏସ୍) କିଛି ଦିନ ତଳେ ଚିଠି କରିଥିଲା। ଚିଠିରେ ଚିଲିକା ମଇଁଷି ପାଇଁ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯିବ ବୋଲି ଉଲ୍ଲେଖଥିଲା। ଚିଲିକା ମଇଁଷି ପାଇଁ ବହୁମୁଖି ଆଶ୍ରୟସ୍ଥଳ ନିର୍ମାଣ ନିମିତ୍ତ ସିପଲା, ବୁଦ୍ଧିବର, କୃଷ୍ଣପ୍ରସାଦ, ବିରିପଦର, ଅଁଳାକୁଦା, , ବଡବେଣାକୁଦି, ସିଆରା, ଗମ୍ଭାରୀ, ବାଙ୍କିଜଳ ଏବଂ ବାଘମୁଣ୍ଡା ଭଳି ଦଶଟି ସ୍ଥାନକୁ ଚୟନ କରାଯାଇଛି। ସେହିପରି ଗୋ ସମ୍ପଦା ବୀମା ଯୋଜନା ଏବଂ ଜାତୀୟ ପଶୁପାଳନ ମିଶନ ଅଧୀନରେ ଚାଷୀମାନେ ସେମାନଙ୍କର ମଇଁଷିଗୁଡ଼ିକୁ ବୀମା କରିବାର ସୁବିଧା ପାଇପାରିବେ ଯେଉଁଠାରେ ଚାଷୀ, ବିମାଦେୟ ପରିମାଣର କେବଳ ୧୫ ପ୍ରତିଶତ ବହନ କରିବେ ଏବଂ ବାକି ୮୫% ବିମାଦେୟ ସରକାର ପ୍ରଦାନ କରିବେ। ଚିଲିକା ମଇଁଷିର ମୃତ୍ୟୁ ପରେ ଚାଷୀ ବୀମା କମ୍ପାନୀଠାରୁ କ୍ଷତିପୂରଣ ଦାବି କରିପାରିବେ। ତେବେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗରେ ଚିଲିକା ମଇଁଷି ପାଳନକୁ ସାମିଲ୍ କଲେ ଅଧିକରୁ ଅଧିକ ଯୁବପିଢି ଚିଲିକା ମଇଁଷି ପାଳନ କରିବାକୁ ଆଗ୍ରହୀ ହେବେ ଏବଂ ଚିଲିକା ମଇଁଷିର ସଂରକ୍ଷଣ ଓ ସମ୍ବର୍ଦ୍ଧନ ହୋଇପାରିବ ବୋଲି ସଂପର୍କ ଅନୁଷ୍ଠାନ ତରଫରୁ ଦାବି ରଖାଯାଇଛି ।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶୁକ୍ରବାର ୯ ମେ ୨୦୨୫, ଭୁବନେଶ୍ୱର

Friday 9 May 2025, Bhubaneswar


# ପାକିସ୍ତାନକୁ ସବକ ଶିଖାଇବାର ବେଳ

ଯୁଦ୍ଧର ଏକ ନୀତି ହେଲା ଶତ୍ରୁକୁ କେବେ ଦୁର୍ବଳ ଭାବିବ ନାହିଁ କିମ୍ବା ଏହାକୁ ହେୟଜ୍ଞାନ କରିବ ନାହିଁ। ଶତ୍ରୁକୁ ସମୂଳେ ବିନାଶ କରିବା ହେଉଛି ଯୁଦ୍ଧର ନୀତି ନଚେତ ସୁଯୋଗ ଦେଖି ଶତ୍ରୁ ପୁନର୍ବାର ଶକ୍ତି ସଞ୍ଚୟ କରି ଆକ୍ରମଣ କରିପାରେ। ସେତେବେଳେ ଏହାର ମୁକାବିଲା କରିବା ସମ୍ଭବ ନହୋଇପାରେ। ଇତିହାସରେ ବାରମ୍ବାର ଏହା ପ୍ରମାଣିତ ହୋଇଛି। ଆଲ୍ଲାଉଦ୍ଦିନ ଖିଲିଜଙ୍କୁ ବିଶ୍ୱାସ କରି ଭାରତ କିପରି ଏଥିପାଇଁ ମୂଲ୍ୟ ଦେଇଥିଲା ତାହା ଇତିହାସରେ ଲିପିବଦ୍ଧ ରହିଛି। ପାକିସ୍ତାନ ଭଳି ଏକ ଆତଙ୍କବାଦୀ ରାଷ୍ଟ୍ରକୁ କେବେ ବିଶ୍ୱାସ ବା ଦୟା କରିବା ଅନୁଚିତ। କାରଣ ପଛରୁ ଛୁରି ମାରିବା ସେମାନଙ୍କ ଚରିତ୍ର। ଚେଙ୍ଗିଜ ଖାନ, ମାମୁଦ, ତୈମୁରଲଙ୍ଗ ଏବଂ ଓସାମା ବିନ ଲାଡେନର ଦାୟାଦଙ୍କୁ କେବେ ବିଶ୍ୱାସ ବା କ୍ଷମା କରିବା ଅନୁଚିତ। ଏବେ ଉପଯୁକ୍ତ ସମୟ ପାକିସ୍ତାନକୁ କଠିନ ଦଣ୍ଡରେ ଦଣ୍ଡିତ କରିବାର। ଏବେ ପାକିସ୍ତାନରେ ଥିବା ଆତଙ୍କୀ ସଙ୍ଗଠନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାର ସମୟ। ସର୍ଜିକାଲ ଷ୍ଟ୍ରାଇକ କରି ସନ୍ତୁଷ୍ଟ ରହିବାର ଆବଶ୍ୟକତା ନାହିଁ। ସେମାନଙ୍କୁ ଦୟା ଦେଖାଇବାର କିଛି ଅର୍ଥ ନାହିଁ। ହତ୍ୟାକାରୀକୁ କ୍ଷମା କରିବାର ବ୍ୟବସ୍ଥା ଆମ ଆଇନରେ ନାହିଁ। ନିରୀହ ନିରସ୍ତ୍ର ଲୋକଙ୍କୁ ହତ୍ୟା କରି ନିଜକୁ ବୀର ବୋଲି ଦାବି କରୁଥିବା ଆତଙ୍କବାଦୀଙ୍କୁ ନିମର୍ମଭାବେ ଦମନ କରିବାର ଏବେ ଯେଉଁ ସୁଯୋଗ ସୃଷ୍ଟି କରିବାର ଏବେ ଯେଉଁ ସୁଯୋଗ ସୃଷ୍ଟି ହୋଇଛି ତାହାକୁ ହାତ ଛଡ଼ା କଲେ ଇତିହାସ ଆମକୁ କେବେ କ୍ଷମତା ଦେବ ନାହିଁ। ଗତ ମାସ ୨୨ ତାରିଖରେ ଆତଙ୍କବାଦୀଙ୍କ ପହଲଗାମ ଆକ୍ରମଣର ଜବାବରେ ଭାରତ ପାକିସ୍ତାନ ଉପରେ ଆକ୍ରମଣ କରିଛି। ୬ ତାରିଖ ରାତିରେ ଭାରତୀୟ ସେନା ପାକିସ୍ତାନର ୯ଟି ସ୍ଥାନରେ ମିସାଇଲ ମାଡ଼ କରିଛି। ମାତ୍ର ୨୫ ମିନିଟର ଅପରେସନରେ ୭୦ଜଣ ପ୍ରାଣ ହରାଇଛନ୍ତି ଏବଂ ବହୁ ଆତଙ୍କୀ ତାଲିମକେନ୍ଦ୍ର ଧ୍ୱଂସ ହୋଇଛି। ଭାରତ କେବଳ ଆତଙ୍କୀ ତାଲିମ କେନ୍ଦ୍ର ଏବଂ ଶିବିରକୁ ଟାର୍ଗେଟ କରିଛି। କୌଣସି ସର୍ବସାଧାରଣ ସ୍ଥାନ ବା ସେନାକୁ ଭାରତ ଟାର୍ଗେଟ କରିନି। ଏହାକୁ କହନ୍ତି ସଂଯମତା। କିନ୍ତୁ ପାକିସ୍ତାନ ଭାରତର ନିରୀହ ବ୍ୟକ୍ତିଙ୍କୁ ହତ୍ୟା କରୁଛି। ଏହା ହିଁ ଏକ ସଭ୍ୟ ଏବଂ ଆତଙ୍କବାଦୀ ରାଷ୍ଟ୍ର ମଧ୍ୟରେ ପାର୍ଥକ୍ୟ। ଏବେ ଭାରତ ଏତିକିରେ ସନ୍ତୁଷ୍ଟ ରହିବା ଅନୁଚିତ। ପାକିସ୍ତାନରେ ଆତଙ୍କୀ ସଙ୍ଗଠନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ପର୍ଯ୍ୟନ୍ତ ଏହି ଆକ୍ରମଣ ଜାରି ରହିବା ଉଚିତ। ଏବେ ପାକିସ୍ତାନ ଦୁର୍ବଳ ସ୍ଥିତିରେ ରହିଛି। ଭାରତ ପଛରେ ବିଶ୍ୱବାସୀଙ୍କ ସମର୍ଥନ ରହିଛି। ତେଣୁ ଏବେ ଶତ୍ରୁକୁ ଧ୍ୱଂସ କରିବାର ସୁବର୍ଣ୍ଣ ସୁଯୋଗ। ଏହାକୁ ହାତଛଡ଼ା କରିବା ଅନୁଚିତ। ଦୀର୍ଘ ୭୮ ବର୍ଷ ଧରି ଭାରତ ଓ ପାକିସ୍ତାନ ମଧ୍ୟରେ କାଶ୍ମୀର ପ୍ରସଙ୍ଗକୁ ନେଇ ଲଢ଼େଇ ଜାରି ରହିଛି। ଅନେକ ଥର ଉଭୟ ଦେଶ ମଧ୍ୟରେ ଏହାକୁ ନେଇ ସମ୍ମୁଖ ଯୁଦ୍ଧ ହୋଇଛି। ପ୍ରତିଥର ପାକସ୍ତାନ ଶୋଚନୀୟ ଭାବେ ପରାଜିତ ହୋଇଛି। ବାରମ୍ବାର ସମ୍ମୁଖ ଯୁଦ୍ଧର ପରାସ୍ତ ହେବା ପରେ ଶେଷରେ ପାକିସ୍ତାନ ଭାରତ ସହ ଛାୟା ଯୁଦ୍ଧ ଚଳାଇଛି। କାଶ୍ମୀର ଏବଂ ଦେଶର ଅନ୍ୟାନ୍ୟ ସ୍ଥାନରେ ଆତଙ୍କବାଦୀମାନେ ହିଂସାକାଣ୍ଡ ସୃଷ୍ଟି କରିବା ସହ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି। ଭାରତକୁ ସବୁ ଦୃଷ୍ଟିରୁ ଦର୍ବୁଳ କରିବା ହେଉଛି ଏହାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ। ପାକିସ୍ତାନ ଭଲଭାବେ ଜାଣିଛି ଯେ, କାଶ୍ମୀର ହେଉଛି ଭାରତର ଏବଂ ଧାରା ୩୭୦ ଉଚ୍ଛେଦ ପରେ ଏହା ଭାରତର ଅଭିନ୍ନ ଏବଂ ଅବିଚ୍ଛେଦ୍ୟ ଅଙ୍ଗ ହୋଇସାରିଛି। ଭାରତରୁ ଏହାକୁ ବିଚ୍ଛିନ୍ନ କରିବା ସମ୍ଭବ ନୁହେଁ। ପାକିସ୍ତାନ ଭାରତକୁ ଧନ୍ୟବାଦ ଦେବା କଥା ଯେ, ପାକ ଅଧିକୃତ କାଶ୍ମୀର (ପିଓକେ)କୁ ଦଖଲ କରିବା ପାଇଁ ଭାରତ ଆଜି ପର୍ଯ୍ୟନ୍ତ ଉଦ୍ୟମ କରି ନାହିଁ। ପଣ୍ଡିତ ନେହରୁ ଏବଂ ଇନ୍ଦିରା ଗାନ୍ଧିଙ୍କ ପାକିସ୍ତାନ ପ୍ରତି ଦୁର୍ବଳତା ପାଇଁ ଆଜି ପିଓକେ ରହିଛି। ନଚେତ ପିଓକେ ବୋଲି କିଛି ଶବ୍ଦ ନଥାନ୍ତା। ୧୯୭୧ ଯୁଦ୍ଧରେ ପାକିସ୍ତାନ ପରାଜିତ ହୋଇ ଭାରତ ନିକଟରେ ଆତ୍ମସମର୍ପଣ କରିବା ପରେ ପିଓକେ ଦଖଲ ନିମନ୍ତେ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଥିଲା। କିନ୍ତୁ ଭାରତ ଏହାକୁ ହାତଛଡ଼ା



କରିଦେଲା। ତେଣୁ ପାକିସ୍ତାନ ନିଜକୁ ଭାଗ୍ୟବାନ ବୋଲି ଭାବିବା ଉଚିତ। ଯାହା ବି ହେଉ ପାକିସ୍ତାନର କାଶ୍ମୀର ଉପରେ ଲୋଭ ଧାରା ୩୭୦ ଉଚ୍ଛେଦ ପାର ବି ଅତୁଟ ରହିଛି। କାଶ୍ମୀର ଏକ ଦିବା ସ୍ୱପ୍ନ ବୋଲି ଜାଣି ସୁଦ୍ଧା ପାକିସ୍ତାନ ଏହି ସ୍ୱପ୍ନ ଦେଖିବା ଛାଡ଼ିପାରିନାହିଁ। କାଶ୍ମୀରକୁ ପାଇବା ପାଇଁ ପାକିସ୍ତାନ ଆତଙ୍କବାଦୀଙ୍କ ସହାୟତା ନେଇଛି। ପାକିସ୍ତାନରେ ଗଢ଼ି ଉଠିଛି ଅନେକ ଆତଙ୍କୀ ସଙ୍ଗଠନ। ଅଶୀ ଦଶକରୁ ପାକିସ୍ତାନ ଏହିସବୁ ଆତଙ୍କୀ ସଙ୍ଗଠନକୁ ସହାୟତା ଏବଂ ସହଯୋଗ କରିଆସୁଛି। ଏହା ମଧ୍ୟରେ ରହିଛି ଲସ୍କରଠଇ-ତୋଇବା ଏବଂ ଜୈସ-ଇ-ମହମ୍ମଦ। ଏମାନେ ଅଲକାଏଦା ଏବଂ ତାଲିବାନ ଆଦର୍ଶରେ ଅନୁପ୍ରାଣୀତ। ତୈମୁରଙ୍ଗ, ମାମୁଦ ଏବଂ ଚେଙ୍ଗିଜ ଖାନଙ୍କର ଏମାନେ ହେଉଛନ୍ତି ବଂଶଧର। ହତ୍ୟା,ଲୁଣ୍ଠ. ବ୍ୟଭିଚାର, ଅତ୍ୟାଚାର ହେଉଛି ଏମାନଙ୍କ ନୀତି ଏବଂ ଆଦର୍ଶ। ଇସଲାମ ଧର୍ମର ମୌଳିକ ତତ୍ତ୍ୱ ଏମାନଙ୍କୁ ଜଣାନାହିଁ। ମାନବବାଦ କ'ଣ ତାହା ସେମାନେ ଜାଣନ୍ତି ନାହିଁ। ଲୁଣ୍ଠନ ହେଉଛି ସେମାନଙ୍କର ପେସା। ଅସ୍ତ୍ର ଧରି ଲଢ଼େଇ କରିବା ଏବଂ ଲୁଚି ଛପି କାପୁରଷ ଭଳି ମଣିଷ ମାରିବା ହେଉଛି ସେମାନଙ୍କ ଧର୍ମ। ବିଶ୍ୱାସରେ ବିଷ ଦେବା ସେମାନଙ୍କ ନୀତି। ଜ୍ଞାନ ବିଜ୍ଞାନ, ମାନବିକତା ଏବଂ ଶିକ୍ଷା ସଂସ୍କୃତି ସହିତ ସେମାନଙ୍କପର କୌଣସି ସମ୍ପର୍କ ନାହିଁ। ସେମାନଙ୍କ ପ୍ରତିହିଂସା, ମୌଳବାଦ ଚିନ୍ତାଧାରା ଏବଂ ଅମାନବୀୟ ଆଚରଣ ପାଇଁ ଭାରତକୁ ଅନେକ କଷ୍ଟ ସହିବାକୁ ପଡ଼ୁଛି। ଭାରତୀୟ ଙ୍କ ଚରିତ୍ରର ବିଶେଷତ୍ୱ ହେଲା ସହନଶୀଳତା। ଭାରତବାସୀଙ୍କ ଧୈର୍ଯ୍ୟ ଏବଂ ସହନଶୀଳତାକୁ ଅନେକ ଭାରତର ଦୁର୍ବଳତା ବୋଲି ବିଚାର କରନ୍ତି। ଏଭଳି ଚିନ୍ତାଧାରା ସ୍ୱାଭାବିକ। ବାସ୍ତବରେ ଭାରତବାସୀ ସବୁ ବେଳେ ଆତ୍ମରକ୍ଷା କରି ଆସିଛନ୍ତି। କିନ୍ତୁ ଆତଙ୍କବାଦୀଙ୍କ ପ୍ରତି ଆକ୍ରମଣାତ୍ମକ ଆଭିମୁଖ୍ୟର ଆବଶ୍ୟକତା ରହିଛି। ଆତଙ୍କବାଦୀ ଆମକୁ ଆକ୍ରମଣ କରିବା ପୂର୍ବରୁ ଆମେ ସେମାନଙ୍କୁ ଆକ୍ରମଣ କରି ସମୂଳେବିନାଶ କରିବା ଉଚିତ। ୨୬/୧୧ ପରେ ଭାରତ ସରକାର ଅନୁରୂପ ପଦକ୍ଷେପ ନେବା ଉଚିତ ଥିଲା। କିନ୍ତୁ ତତ୍କାଳୀନ ସରକାର ଏହାର ଲାଭକ୍ଷତି ବିଚାର କରି ଏଥିରୁ ନିବୃତ୍ତ ରହିଲେ। ୨୦୧୮ରେ ପୁଲୱାମା ହମଲା ପରେ ଭାରତୀୟ ସେନା ପାକସ୍ତାନରେ ସର୍ଜିକାଲ ଷ୍ଟ୍ରାଇକ କରି ପାକିସ୍ତାନକୁ ଚେତାବନୀ ଦେଇଥିଲା। କିନ୍ତୁ ଏହା ଯଥେଷ୍ଟ ନଥିଲା। ଏବେ ପହଲଗାମ ନରସଂହାର ପରେ ଏଥିଲାଗି ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି। ହମାସ ବିରୋଧରେ ଇସ୍ରାଏଲ ଯେପରି ଚରମ ପଦକ୍ଷେପ ନେଲା ଏବେ ଭାରତ ପାକିସ୍ତାନ ବିରୋଧରେ ଅନୁରୂପ ପଦକ୍ଷେପ ନେବା ଉଚିତ। ଏକଥା ସତ୍ୟ ଯେ, ଯୁଦ୍ଧ ହେଲେ ଉଭୟ ଦେଶ କ୍ଷତି ସହିବେ ଏବଂ ଭାରତର ସୁଦୃଢ଼ ଅର୍ଥନୀତି ପ୍ରତି ବିପଦ ସୃଷ୍ଟି ହୋଇପାରେ। କିନ୍ତୁ ଏବେ ଯେଉଁ ସୁଯୋଗ ସୃଷ୍ଟି ହୋଇଛଇ, ସାରା ବିଶ୍ୱ ଯେପରି ଭାରତକୁ ସମର୍ଥନ ଦେଉଛନ୍ତି, ସେଭଳି ସୁଯୋଗ ନିକଟ ଭବିଷ୍ୟତରେ ଆଉ ମିଳିବ କି ନାହିଁ ସନ୍ଦେହ। ସମ୍ମୁଖ ଯୁଦ୍ଧ ପୂର୍ବରୁ ଭାରତ ପାକିସ୍ତାନ ବିରୋଧରେ ଅନେକ ମହତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ସିନ୍ଧୁ ନଦୀ ଜଳ ଚୁକ୍ତିକୁ ଭାରତ ବାତିଲ କରିଛି। ସିନ୍ଧୁ ନଦୀ ହେଉଛି ପାକିସ୍ତାନର ଲାଇଫ ଲାଇନ। ସିନ୍ଧୁ ନଦୀର ଜଳ ଭାରତ ଅଟକାଇଲେ ତାହା ପାକିସ୍ତାନର ଅର୍ଥନୀତିକୁ ତଳିତଳାନ୍ତ କରିଦେବ। ସେହିପରି ପାକିସ୍ତାନ ସହ ଭାରତ ସମସ୍ତ ପ୍ରକାର ବାଣିଜ୍ୟିକ ସମ୍ପର୍କ ମଧ ଛିନ୍ନ କରିଛି। ଏବେ ପାକିସ୍ତାନ ବିରୋଧୋ ସାମରିକ କାର୍ଯ୍ୟାନୁଷ୍ଠାନର ବେଳ। ଏହା ପୂର୍ବରୁ କାଶ୍ମୀର ଉପତ୍ୟକାରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ଖୋଜି ଖୋଜି ନିପାତ କରିବାର ବେଳ। ଶତ ପ୍ରତିଶତ ସଫଳତା ହାସଲ ପର୍ଯ୍ୟନ୍ତ ଏହା ଜାରି ରହିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଆଶା ପ୍ରଧାନମନ୍ତ୍ରୀ ମୋଦି , ଗୃହମନ୍ତ୍ରୀ ଅମିତ ଶାହ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏ ଦିଗରେ ସମୁଚିତ ଦୃଷ୍ଟି ଦେବେ। ଏବେ ପାକିସ୍ତାନ ସହ ସମ୍ମୁଖ ଯୁଦ୍ଧ ସହିତ ଉପଯୁକ୍ତ କୂଟନୀତି ବା ରଣକୌଶଳର ଆବଶ୍ୟକତା ରହିଛି। ପାକିସ୍ତାନକୁ ସବକ ଶିଖାଇବା ପାଇଁ ବେଲୁଚସ୍ତାନର ବିଦ୍ରୋହୀ ଏବଂ ଆଫଗାନିସ୍ତାନର ତାଲିବାନ ସହ ଭାରତ ହାତ ମିଳାଇବା ଉଚିତ। ପାକିସ୍ତାନ ସହିତ ବାଂଲାଦେଶର ସଖି କଣ୍ଢେଇ ସରକାରକୁ ମଧ ଏବେ ଉପଯୁକ୍ତ ଶିକ୍ଷା ମିଳିବା ଉଚିତ। ଚୀନକୁ ଭାରତ ଦ୍ୱିପାକ୍ଷିକ ବିବାଦରେ ମୁଣ୍ଡ ନପୁରାଇବାକୁ କହିବା ଉଚିତ।

# ଯୁଦ୍ଧ ସମୟରେ ଯୁବ ସଂଗଠନର ଭୂମିକା



## କିଶୋର ଚନ୍ଦ୍ର ବେହେରା

ବିକଶିତ ଭାରତ ଗଠନରେ ଯୁବକଙ୍କର ଭୂମିକା ଯେତିକି ଆବଶ୍ୟକ ସାର୍ବଭୌମତ୍ୱର ରକ୍ଷା କରିବା ସେତିକି ଗୁରୁତ୍ୱପୂର୍ଣ୍ଣ। ମାନବ ସଭ୍ୟତାର ବିଡ଼ମ୍ବନା ଯେ ଇତିହାସରେ ସର୍ବଦା ଯୁଦ୍ଧ ଓ ହିଂସାର ପରିବେଶ ରହିଆସିଛି। ରାଜତନ୍ତ୍ର ଏବଂ ସାମନ୍ତବାଦୀ ଯୁଗରେ ଶକ୍ତିଶାଳୀ ଶାସକମାନେ ନିଜର ରାଜ୍ୟ ବିସ୍ତାର ପାଇଁ ସର୍ବଦା ଯୁଦ୍ଧରେ ସମ୍ପୃକ୍ତ ହେଉଥିଲେ। ସଭ୍ୟତାର ଇତିହାସରେ ଏପରି କୌଣସି ଶତାବ୍ଦୀ ନାହିଁ ଯେଉଁ ଶତାବ୍ଦୀରେ କୌଣସି ଯୁଦ୍ଧର ପରିବେଶ ସୃଷ୍ଟି ହୋଇନାହିଁ। ସଂପ୍ରତି ସମୟରେ ସମସ୍ତ ସାମାଜିକ ସଂଗଠନ ଓ ସ୍ୱଚ୍ଛାସେବୀ ଅନୁଷ୍ଠାନ ରାଷ୍ଟ୍ର ପାଇଁ ଗୁରୁତ୍ୱ ବହନ କରୁଛି। ଗତ ଏପ୍ରିଲ ୨୨ ତାରିଖରେ ପହଲଗାଓଁରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ନିରିହ ପର୍ଯ୍ୟଟକଙ୍କ ମଧ୍ୟରେ ୨୫ ଜଣ ଭାରତୀୟ ଓ ଜଣେ ନେପାଳୀ ଜୀବନ ହରାଇଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ପାକିସ୍ତାନ ଆଶ୍ରୟରେ ଆଶ୍ରିତ ସନ୍ତ୍ରାସବାଦୀ ମାନଙ୍କୁ ଦାୟୀ କରାଯାଉଥିବାବେଳେ ଭାରତ ଗୋଟିଏ ପରେ ଗୋଟିଏ ବଡ଼ ପଦକ୍ଷେପ ନେବା ପାଇଁ ପ୍ରସ୍ତୁତ ହେଉଛି। ପ୍ରଥମ ପଦକ୍ଷେପ ପାକିସ୍ତାନ ସହିତ ସମସ୍ତ ବୈଦେଶିକ ସମ୍ପର୍କ ଛିନ୍ନ କରିଥିବାବେଳେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଉଭୟ ଉଭୟଙ୍କୁ ଆକ୍ଷେପ ପ୍ରତିଆକ୍ଷେପ କରୁଛନ୍ତି। ସେପଟେ ସୀମାରେ ବାରମ୍ବାର ଅସ୍ତ୍ର ବିରତି ଉଲଙ୍ଘନ କରୁଛି ପାକିସ୍ତାନ। ଭାରତ ଯେଭଳି ଗୋଟିଏ ପରେ ଗୋଟିଏ କଡ଼ା ପଦକ୍ଷେପ ନେଉଛି କୁହାଯାଉଛି କି, ଯେକୌଣସି ସମୟରେ ଯୁଦ୍ଧ ଘୋଷଣା ହୋଇପାରେ। ଭାରତ ସରକାର ତିନି ସେନାକୁ ମୁକ୍ତ ଛାଡ଼ି ଦେଇଛନ୍ତି। ଅତି ଗୋପନୀୟତା ରକ୍ଷାକରି ମେ ୬ ତାରିଖ ମଧ୍ୟରାତ୍ରରେ "ଅପରେସନ ସିନ୍ଦୁର" ସଫଳତାର ସହ ଆକ୍ରମଣ କରି ପ୍ରାଥମିକ ଆକଳନରୁ ଜଣାପଡିଛି ତିନି ଶହରୁ ଉର୍ଦ୍ଧ ସନ୍ତ୍ରାସବାଦୀ ମୃତ୍ୟୁ ବରଣ କରିଥିଲା ବେଳେ ୯ଟି ଶିବିରକୁ ଭାରତୀୟ ସୈନ୍ୟ ଧ୍ୱଂସ ବିଧ୍ୱସ୍ତ କରିଦେଇଛନ୍ତି। ଆକ୍ରମଣର ନାମ "ଅପରେସନ ସିନ୍ଦୁର" ଦେବାର କାରଣ ହେଉଛି ଅନେକ ନବ ଦମ୍ପତି ଓ ମହିଳାଙ୍କ ମଥାର ସିନ୍ଦୂର ଟୋପା ଲିଭି ଯାଉଥିବାରୁ ଶହୀଦଙ୍କ ଶ୍ରଦ୍ଧାଞ୍ଜଳି ଉଦେଶ୍ୟରେ ଏହାର ନାମକରଣ କରାଯାଇଅଛି। ପୂର୍ବରୁ ଭାରତ-ପାକିସ୍ତାନ ମଧ୍ୟରେ ବଡ଼ ଯୁଦ୍ଧ ଦେଖିବାକୁ ମିଳିଛି। ଭାରତ- ପାକିସ୍ତାନ ମଧ୍ୟରେ କାରଗିଲ ଯୁଦ୍ଧ। ଦୀର୍ଘ ୫୬ ଦିନ ଧରି ଏହି ଯୁଦ୍ଧ ହୋଇଥିଲା। ଯେଉଁଥିରେ ଅନେକ ସେନା ମଧ୍ୟ ପ୍ରାଣ ହରାଇ ଦେଶ ପାଇଁ ଶହୀଦ ହୋଇଛନ୍ତି। ୧୯୯୯ ମସିହାରେ ଏହି ଯୁଦ୍ଧ ହୋଇଥିବାବେଳେ ୫ ରୁ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କେବଳ ଲଢୁଆ ବିମାନରୁ ବୋମା ପକାଇବା ପାଇଁ ୨ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ମାତ୍ର ପାକିସ୍ତାନ ଏହାଠାରୁ ବହୁତ କମ୍ ଖର୍ଚ୍ଚ କରିଥିଲା। ଏକ ରିପୋର୍ଟରେ ପ୍ରକାଶ ପାଇଛି କି, ଯଦି ଏବେ ଯୁଦ୍ଧ ହୁଏ ତାହେଲେ ଭାରତ ଦୈନିକ ୨୦୦୦ କୋଟି ଟଙ୍କା ଦୈନିକ ଖର୍ଚ୍ଚ କରିପାରିବ। ସେପଟେ ପାକିସ୍ତାନ ଦୈନିକ ୩୦୦ ରୁ ୪୦୦ କୋଟି ପର୍ଯ୍ୟନ୍ତ ଖର୍ଚ୍ଚ କରିବ।

ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଏବେ ଯୁଦ୍ଧ ସ୍ଥିତିରେ ପହଞ୍ଚି ସାରିଛି। ପୂର୍ଣ୍ଣ କ୍ଷମତା ସହ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ତିନି ସେନା, ଜଳ-ସ୍ଥଳ-ଆକାଶ ମାର୍ଗରେ ଘନ ଘନ ଚାଲିଛି ସମରାଭ୍ୟାସ। ଏପରି ସ୍ଥଳେ ଯଦି ବାସ୍ତବରେ ଭାରତ-ପାକିସ୍ତାନ ଯୁଦ୍ଧ ହୁଏ, ତା'ହେଲେ କେଉଁ ଦେଶ କାହାକୁ ସମର୍ଥନ କରିବ ସେନେଇ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ, ଖାସ୍ କରି ଇସଲାମିକ ଦେଶମାନଙ୍କ ସହ ଭାରତର ଉତ୍ତମ ବ୍ୟବସାୟିକ ସହଯୋଗୀ ଥିବା ସାଉଦି ଆରବ, କତାର, ୟୁଏଇ ଆଦି ଇସଲାମିକ ରାଷ୍ଟ୍ରଗୁଡିକ କାହାକୁ ସମର୍ଥନ କରିବେ ଏବ ଦ୍ୱନ୍ଦରେ ଭାରତକୁ ନା ପାକିସ୍ତାନକୁ ? ଯଦି ଦେଖାଯାଏ, ଇସଲାମିକ ଦେଶଗୁଡିକ ଧାର୍ମିକ ଏକତା ଅପେକ୍ଷା ସେମାନଙ୍କ ଭୂ-ରାଜନୈତିକ, ଅର୍ଥନୈତିକ ଲାଭ ଏବଂ ଆଞ୍ଚଳିକ ସ୍ଥିରତାକୁ ପ୍ରାଥମିକତା



ଦେଉଛନ୍ତି। ଇରାନ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ପାଇଁ ପୂର୍ବରୁ ମଧ୍ୟସ୍ଥତା ପ୍ରସ୍ତାବ ଦେଇସାରିଛି। ପାକିସ୍ତାନକୁ ସମର୍ଥନ ଦେବା ପରିବର୍ତ୍ତେ ନିଜକୁ ଏକ ନିରପେକ୍ଷ ପକ୍ଷ ଭାବରେ ଛିଡା କରିଛି। ଅଧିକାଂଶ ଇସଲାମିକ ରାଷ୍ଟ୍ର ପାକିସ୍ତାନ ସପକ୍ଷରେ ଛିଡା ହେବାକୁ ସଙ୍କୋଚ କରୁଛନ୍ତି। ଏହାର ବଡ଼ କାରଣ ହେଲା ଭାରତ ସେହି ଦେଶଗୁଡିକ ଲାଗି ଏକ ବିଶାଳ ଓ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ସହଯୋଗୀ ଅଟେ। ଏହି ଦୃଷ୍ଟିରୁ ସେମାନେ ଭାରତ ସହ ନିଜର ସମ୍ପର୍କ ଖରାପ କରିବାକୁ ଚାହୁଁନାହାନ୍ତି।୧୯୭୧ ମସିହା ଭାରତ, ପାକିସ୍ଥାନ ଏବଂ ବାଂଲାଦେଶ ଇତିହାସ ପାଇଁ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ବର୍ଷ ଭାରତ ପାକିସ୍ତାନକୁ ଯେଉଁ ଝଟକା ଦେଇଥିଲା ତାହା ଆଜି ବି ଭୁଲିନି ଇସଲାମାବାଦ। ଆଉ ଯୁଦ୍ଧ ପାଇଁ ପାକିସ୍ତାନ ଭାରତକୁ ଉସକାଇ ପୂର୍ବକଥା ଯେତେବେଳେ ମନେ ପକାଏ ସେତେବେଳେ ନିଜ ଆଡ଼ୁ ଥଣ୍ଡା ହୋଇଯାଏ। ଯଦିଓ ପାକିସ୍ତାନକୁ ଭାରତ କଡ଼ା ଜବାବ ଦେଇଥିଲା ହେଲେ ଏହାର ପରିଣାମ ବାଂଲାଦେଶ ଜନ୍ମ ନେଇଥିଲା। କାରଣ ପାକିସ୍ତାନ କେବେ ଚାହୁଁନଥିଲା ବାଂଲାଦେଶର ଜନ୍ମ। ୧୯୭୧ରେ ବାଂଲାଦେଶ ସ୍ୱାଧୀନ ପାଇବା ପାଇଁ ଯୁଦ୍ଧ ହୋଇଥିଲା। ୩ ଡିସେମ୍ବର ୧୯୭୧ରେ ଏହା ଆରମ୍ଭ ହୋଇଥିଲା। ଭାରତ ୧୯୪୭ରେ ସ୍ୱାଧୀନ ହେବା ପରେ ପାକିସ୍ତାନ ଓ ବାଂଲାଦେଶ ଏକାଠି ହୋଇଥିଲେ। ସେତେବେଳେ ବାଂଲାଦେଶର ନାମ ଥିଲା ପୂର୍ବ ପାକିସ୍ତାନ।

ଜାତୀୟ ବିପର୍ଯ୍ୟୟ କିମ୍ବା ଯୁଦ୍ଧ ସମୟରରେ ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟ ଓ ଦକ୍ଷତା ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣା ଦାୟକ। ସାମାଜିକ ଓ ଯୁବ ସଂଗଠନ ମାନଙ୍କ ମଧ୍ୟରେ ବେସାମରିକ ପ୍ରତିରକ୍ଷା ବାହିନୀର କାର୍ଯ୍ୟଦକ୍ଷତା ପ୍ରଶଂସନୀୟ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ଏନ୍. ସି. ସି, ଜାତୀୟ ସେବା ଯୋଜନା ସ୍ୱଚ୍ଛାସେବୀ, ଯୁବ ରେଡକ୍ରସ୍ ଓ ସ୍କାଉଟ ଗାଇଡ ଛାତ୍ରଛାତ୍ରୀମାନେ ସଚେତନତାର ବାର୍ତ୍ତାକୁ ବହୁଳ ପରିମାଣରେ ପ୍ରଚାର ପ୍ରସାର କରିଥାନ୍ତି। କେନ୍ଦ୍ର ସରକାରଙ୍କ କ୍ରିଡ଼ା ଓ ଯୁବ ବ୍ୟାପାର ବିଭାଗ ଦ୍ୱାରା ଗ୍ରାମାଞ୍ଚଳର ବିକାଶ ଦିଗରେ କାର୍ଯ୍ୟକ୍ରମ କରିବା ନିମନ୍ତେ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ପ୍ରତିଷ୍ଠା କରାଯାଇଛି ନେହେରୁ ଯୁବ କେନ୍ଦ୍ର। ଯୁଦ୍ଧ ସମୟରେ ଭାରତୀୟ ଜନସାଧାରଣ ଅସାଧାରଣ ସାହସ ଓ ଏକତା ପ୍ରଦର୍ଶନ କରିବା ଉଚିତ। ବିଦେଶରୁ ଆସିଥିବା ଶରଣାର୍ଥୀଙ୍କୁ ଖାଦ୍ୟ, ବସ୍ତ୍ର ଓ ଆଶ୍ରୟ ଯୋଗାଇ ଦେବା ସହ ସେମାନଙ୍କ ମନରେ ସର୍ବଦା ସାହାସୀକତା ଓ ଧୈର୍ଯ୍ୟ ଶକ୍ତିକୁ ଜାଗରଣ ଭାବନା ସୃଷ୍ଟି କରିବା। ରକ୍ତଦାନ ଓ ଅର୍ଥ ସହାୟତା ଲୋକମାନେ ସୈନ୍ୟମାନଙ୍କ ପାଇଁ ରକ୍ତଦାନ ଶିବିର ଆୟୋଜନ କରିବା ସହିତ ଏବଂ ଯୁଦ୍ଧ ପାଣ୍ଠିରେ ଅର୍ଥ ଦାନ କରିବାକୁ ସାଧାରଣ ଜନତାଙ୍କୁ ନିବେଦନ କରିଥାନ୍ତି। ଶତ୍ରୁ ଆକ୍ରମଣରେ ଆହତ ନିରିହ ଲୋକଙ୍କର ପ୍ରାଥମିକ ଚିକିତ୍ସା , ବିପଦ ପୂର୍ଣ୍ଣ ସ୍ଥାନରୁ ସୁରକ୍ଷା ସ୍ଥାନକୁ ସ୍ଥାନାନ୍ତରିତ କରିବା ଯୁବ ବର୍ଗ ଏହାକୁ ସୁଚାରୁରୂପେ ସମ୍ପାଦନା କରିପାରନ୍ତି। ତେଣୁକରି ଯୁଦ୍ଧ ସମ୍ଭାବନାକୁ ଆଖିରେ ରଖି ଜିଲ୍ଲା ପ୍ରଶାସନ ଜରୁରୀକାଳୀନ ବିଭାଗ ବେସାମରିକ ପ୍ରତିରକ୍ଷା ବାହିନୀର ସହଯୋଗରେ ସମସ୍ତ ଯୁବ ସଂଗଠନକୁ ଆପାତ କାଳୀନ ସମୟରେ ଜରୁରୀ ସେବା ଯୋଗାଇଦେବାକୁ ତାଲିମ୍ ପ୍ରଦାନ କରିଥାନ୍ତି। ଯୁଦ୍ଧ ସମୟରେ ଯୁଦ୍ଧ ସାଇରନ୍ ସାଧାରଣ ଲୋକଙ୍କୁ ଶତ୍ରୁ ଆକ୍ରମଣର ସୂଚନା ଦେଇଥାଏ। ଶତ୍ରୁ ଆକ୍ରମଣ ବେଳେ କେମିତି ସାଧାରଣ ଲୋକେ କରିବେ ନିଜ ଆତ୍ମରକ୍ଷା? ଯୁଦ୍ଧ ହେଲେ କେଉଁଠି ରହିବେ? ଗୁଳିଗୋଳା ଓ ବୋମା ବର୍ଷଣ ସମୟରେ କୁଆଡ଼େ ଯାଇ ଲୁଚିବେ ? ଏସବୁ ଅଭ୍ୟାସ ସହ ମକଡ୍ରିଲ୍ ମାଧ୍ୟମରେ ସମସ୍ତ ସ୍ୱଚ୍ଛାସେବୀ ଅନୁଷ୍ଠାନ ଓ ଯୁବ ବର୍ଗ ନିଜ ପରିବାର ଓ ସମ୍ପର୍କୀୟ ମାନଙ୍କୁ ସଚେତନ କରିଥାନ୍ତି।


**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**


# ଉଦ୍‌ବେଗଜନକ ସଂକେତ



## ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଏହା ଏକ ଉଦ୍‌ବେଗଜନକ ସଂକେତ ଯେ, ୟୁଟ୍ୟୁବ ଭିଡିଓ ଅପସାରଣ କ୍ଷେତ୍ରରେ ଆନ୍ତର୍ଜାତିକ ତାଲିକାରେ ଭାରତ ପୁଣି ଥରେ ଶୀର୍ଷରେ ରହିଛି। ବିଶ୍ୱବ୍ୟାପୀ ମୋଟ ୯.୪ ମିଲିଅନ ଭିଡିଓ ଗୁଗୁଲ ମାଲିକାନାଧୀନ କମ୍ପାନୀ ଦ୍ୱାରା ଗଲାବର୍ଷ ଅକ୍ଟୋବରରୁ ଡିସେମ୍ବର ମାସ ମାତ୍ର ୩ମାସ ମଧ୍ୟରେ ଅପସାରଣ କରାଯାଇଥିବାବେଳେ ସେଥିମଧ୍ୟରୁ ୩୦ପ୍ରତିଶତ ହେଉଛି ଭାରତଠାରୁ। ଏହା ସ୍ପଷ୍ଟ ଯେ, ଲୋକପ୍ରିୟ ଭିଡିଓ ସେୟାରିଂ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମର ଅପବ୍ୟବହାର ଭାରତରେ ଅପ୍ରତିହିତ ଭାବେ ବଢ଼ିଚାଲିଛି। ୟୁଟ୍ୟୁବର ଗାଇଡଲାଇନ ଯୌନ-ଉଦ୍ଦିପକ ପ୍ରଦର୍ଶନ, ହିଂସାକୁ ଉତ୍ସାହିତ କରିବା, ନିର୍ଯ୍ୟାତନା, ସାଇବର ଅପରାଧ, ଘୃଣ୍ୟ ବୟାନ ଏବଂ ବିଭ୍ରାନ୍ତିକର ତଥ୍ୟକୁ ସମ୍ପୂର୍ଣ୍ଣ ବାରଣ କରିଥିଲେ ମଧ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ସହାୟତାରେ ଏବେ ୯୬ ପ୍ରତିଶତର ଅଧିକ ଏହାର ନୀତି, କଟକଣା ଉଲଂଘନ ହେଉଥିବା ଲକ୍ଷ୍ୟ କରାଯାଏ। ତେବେ ଏବେ ଏସବୁ ନୀତିବିରୁଦ୍ଧ ଦୃଶ୍ୟାବଳୀ ବା ପ୍ରସାରଣକୁ ୟୁଟ୍ୟୁବ୍ ଅପସାରଣ ବା ପ୍ରତ୍ୟାହାର କରିନେବା ପୂର୍ବରୁ ବହୁ ସଂଖ୍ୟାରେ କମେଂଟ ସବୁଠାରୁ ବଡ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ନିକଟରେ ୟୁଟ୍ୟୁବର ରଣବୀର ଆଲାବାଦିଆ ଇଣ୍ଡିଆସ ଗଟ୍ ଟ୍ୟାଲେଂଟ' ଅନଲାଇନ ସୋ'ରେ ଦେଇଥିବା କେତେକ ଆପତିଜନକ ମନ୍ତବ୍ୟକୁ ଦେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ତାଙ୍କ ବିରୁଦ୍ଧରେ ମଧ ବହୁ ଥାନାର ଏଫଆଇଆର(ଏତଲା) ଦାୟର ହୋଇଥିଲା। କେନ୍ଦ୍ର ସୂଚନା ଓ




ପ୍ରସାରଣ ମନ୍ତ୍ରଣାଳୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ଭିଡିଓ ପ୍ରସାରଣକୁ ପ୍ରତ୍ୟାହାର କରାଯାଇଥିଲା। ସେହିପରି ସୋସିଆଲ ମିଡିଆ ପାଇଁ ଆଇନ ଓ ଗାଇଡଲାଇନ ପ୍ରଣୟନ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଏହା ନିସନ୍ଦେହ ଯେ, ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆ (ସାମାଜିକ ଗଣମାଧ୍ୟମ) ଏବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଏତେ ମାତ୍ରାରେ ଜନଜୀବନ ସହ ଜଡିତ ହୋଇଯାଇଛି ଯେ, ଏହା ବ୍ୟତିରେକ ମାନବ ସମାଜର ଚଳଣି ଅସମ୍ଭବ ମନେହୁଏ। କିନ୍ତୁ ଏହାର ଅପବ୍ୟବହାର କିଛି କମ୍ ନୁହେଁ, ଗୁଜବ ପ୍ରଚାର ଠାରୁ ଆରମ୍ଭ କରି ଠକେଇ, ସାଇବର ଅପରାଧ ପର୍ଯ୍ୟନ୍ତ ବିଭିନ୍ନ ସମାଜ ବିରୋଧି କାର୍ଯ୍ୟ କ୍ଷେତ୍ରରେ ସାମାଜିକ ଗଣମାଧ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଏହା ନିସନ୍ଦେହ ଯେ, ବିଭ୍ରାନ୍ତକର ଏବଂ ଅପପ୍ରଚାର ସମାଜ ତଥା ଦେଶ ପାଇଁ ଏବେ ଗୁରୁ ଧମକ ସୃଷ୍ଟି କରିଛି। ଭାରତ ଏବେ ଏକ ପ୍ରମୁଖ ରିସ୍କ ନେଶନ ଭାବେ ଚିହ୍ନଟ ହୋଇଛି। କେଉଁମାନେ କ୍ଷତିକାରକ ଏବଂ ଆପତିଜନକ ଭିଡିଓ ଲୋଡ କରୁଛନ୍ତି, ସେମାନଙ୍କୁ ଚିହ୍ନଟ କରାଯିବା ଆବଶ୍ୟକ। ଅବଶ୍ୟ ସରକାର ଏବଂ ୟୁଟ୍ୟୁବର ପରି ପ୍ଲାଟଫର୍ମର ମିଳିତ ସହଯୋଗ ଦୁର୍ବୃତ ବା ସମାଜ ବିରୋଧିଙ୍କୁ ଚିହ୍ନଟ କରିବାରେ ସହାୟକ ହୋଇପାରିବ। ଏହା ସତ୍ୟ ଯେ, ସାମାଜିକ ଗଣମାଧ୍ୟମର ତ୍ୱରିତ ପ୍ରସାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବହୁ ସମସ୍ୟା ସହଜରେ ସମାଧାନ କରିବାରେ ସହାୟକ ହୋଇଛି। ମହିଳା ନିର୍ଯ୍ୟାତନା, ମହିଳା ହିଂସା ଘଟଣାରେ ତ୍ୱରିତ ଭିଡିଓ ଘୁରି ବୁଲିବା ଯୋଗୁଁ ପୋଲିସ ଅବିଳମ୍ବେ ଘଟଣା ସ୍ଥଳରେ ପହଁଚିବା ସହ ଅପରାଧିଙ୍କୁ କାବୁ କରିବାରେ ସହାୟକ ହୋଇଛି। ସେହିପରି ବର୍ଷ ବର୍ଷ ଧରି ସୁଧୁରି ନଥିବା ରାସ୍ତାର ଅବସ୍ଥା ରାତାରାତି ସମାଧାନ ହୋଇଯିବା ଦେଖାଯାଏ। ତେବେ ସାମାଜିକ ଗଣମାଧ୍ୟମର ସତ୍ -ବ୍ୟବହାର ଏକାନ୍ତ ଜରୁରୀ। ଏହା ଦ୍ୱାରା ବହୁ ଅନାଲୋଚିତ ଘଟଣା ଲୋକଲୋଚନକୁ ଆସିପାରିବ। କିନ୍ତୁ ଏହାର ଦୁରୂପଯୋଗ କେବଳ ସମାଜର କ୍ଷତି କରିବ ନାହିଁ, ସମାଜ ବିରୋଧି ଶକ୍ତିଙ୍କ ଉତ୍ସାହିତ କରିବାରେ ସହାୟକ। ଏଥିଲାଗି ସଚେତନତା ସହ ଜରୁରୀ ନିୟନ୍ତ୍ରଣ ଏବଂ ସଚେତନତା ଆବଶ୍ୟକ ରହିଛି। ସେହିପରି ୟୁଟ୍ୟୁବ୍ ମଧ ସଜାଗ ଏବଂ ସତର୍କ ରହିବା ଜରୁରୀ। ଭାରତ ମଧ ୟୁଟ୍ୟୁବର ବିଶୃଙ୍ଖଳାକାରୀଙ୍କୁ ନିୟନ୍ତ୍ରଣ ପାଇଁ ଏବେ ଉପଯୁକ୍ତ ସମୟ ଉପନୀତ ହୋଇଛି।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ, ମୋବାଇଲ: ୭୯୭୮୬୬୬୪୦୩**


# ଜାତି ଜନଗଣନା ଏବଂ ରାଜନୀତି



## ଗୋପାଳ ମହାପାତ୍ର

କେନ୍ଦ୍ର ସରକାର ଜାତିଗତ ଜନଗଣନା ପାଇଁ ସ୍ୱୀକୃତି ଦେଇଛନ୍ତି। ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ବିହାର ସରକାର ଜାତିଗତ ଜନଗଣନା ବହୁପୂର୍ବରୁ କରାଇଛନ୍ତି ଏପରିକି ବିରୋଧି ଦଳମାନେ କ୍ରମାଗତ ଭାବେ ଜାତି ଆଧାରିତ ଜନଗଣନା ସାରା ଦେଶରେ କରାଇବା ପାଇଁ ଦାବି କରୁଥିଲେ। ବିଜେପିର ଶୀର୍ଷ ନେତୃତ୍ୱ ବୁଝି ପାରିଥିଲା ଯେ ଜାତି ଆଧାରିତ ଜନଗଣନାର ପ୍ରସଙ୍ଗ୍ ନିର୍ବାଚନରେ ଉଠିବ। ଏହି କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ରୀୟ କ୍ୟାବିନେଟର ରାଜନୈତିକ ମାମଲା କମିଟି ଆଗାମୀ ଦିନରେ ହେବାକୁ ଥିବା ଜନଗଣନା ସହ ଜାତି ଗଣନା କରାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଜନଗଣନା କେନ୍ଦ୍ର ସରକାରଙ୍କ ଅଧିକାର କ୍ଷତ୍ରରେ ରହିଛି କିନ୍ତୁ କେତେକ ରାଜ୍ୟ ସରକାର ସର୍ବେକ୍ଷଣ ନାମରେ ଅଣପାରଦର୍ଶୀ ପ୍ରକ୍ରିୟାରେ ଜନଗଣନା କରାଇଛନ୍ତି। ଏହା ସମାଜରେ ସନ୍ଦେହ ସୃଷ୍ଟି କରିଛି। କିନ୍ତୁ କଂଗ୍ରେସ ପକ୍ଷରୁ ଭିନ୍ନ କଥା କୁହାଯାଇଛି, କଂଗ୍ରେସ ମହାଶଚୀବ ଜୟରାମ ରମେଶ କହିଛନ୍ତି ଯେ ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଜାତିଗତ ଜନଗଣନା କରିବା ପାଇଁ ରାଜି ହୋଇଛନ୍ତି।

ବିହାର ବିଧାନସଭାକୁ ଦୃଷ୍ଟିରେ ରଖି ସରକାର ଏପରି କରିବା ପାଇଁ ନିଷ୍ପତ୍ତି ନେଇଥିବା କଥା ଯାହା ବିରୋଧି କହୁଛନ୍ତି ତାହା ସଂପୁର୍ଣ୍ଣ ଠିକ୍ ନୁହେଁ। କାରଣ ଜାତିଗତ ଜନଗଣନ ବିହାର ପାଇଁ କିଛି ନୂଆ କଥା ନୁହେଁ। ବିହାର ସରକାର ଜାତିଗତ ସର୍ବେକ୍ଷଣ କରାଇ ସାରିଛନ୍ତି। ବିହାରରେ ୬୫ ପ୍ରତିଶତ ସଂରକ୍ଷଣ ଦିଆଯାଇଛି। ତେଲେଙ୍ଗାନାରେ ମଧ ଏପରି ହୋଇଛି। ସଂରକ୍ଷଣ ପ୍ରସଙ୍ଗରେ ମାନ୍ୟବର ସୁପ୍ରିମ୍ କୋର୍ଟର ୧୯୬୨ ମସିହା ସେପ୍ଟେମ୍ବର ୨୮ ତାରିଖର ମାମଲା ପ୍ରଣିଧାନ ଯୋଗ୍ୟ। ଏମ୍ ଆଇ ବାଲାଜି ବନାମ ଷ୍ଟେଟ ଅଫ ମହୀଶୁର ମାମଲାରେ ମାନ୍ୟବର ସୁପ୍ରିମ୍‌କୋର୍ଟ କହିଥିଲେ ଯେ ସଂରକ୍ଷଣ ୫୦ ପ୍ରତିଶତ ସୀମା ମଧ୍ୟରେ ରହିବା ଉଚିତ୍। ସୁପ୍ରିମ୍ କୋର୍ଟ ଯାହା ରାୟ ଦେଇଥିଲେ ସେ କଥା ସମ୍ବିଧାନରେ ନାହିଁ ଅର୍ଥାତ୍ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକ ହେବନାହିଁ ବୋଲି ସମ୍ବିଧାନରେ ଉଲ୍ଲେଖ ନାହିଁ କିମ୍ବା ସମ୍ବିଧାନ ନିର୍ମାତା ବାବା ସାହେବ ଆମ୍ବେଦକର ମଧ ଏକଥା କହି ନାହାଁନ୍ତି। ୧୯୯୨ ମସିହା ନଭେମ୍ବର ୧୬ ତାରିଖରେ ଇନ୍ଦିରା ସାହାଣୀ ବନାମ ୟୁନିୟନ ଅଫ ଇଣ୍ଡିଆ ମାମଲାର ଏକ ଗୁରୁତବପୂର୍ଣ୍ଣ ରାୟ ଶୁଣାଇଥିଲେ ମାନ୍ୟବର କୋର୍ଟ ଓ କୋର୍ଟଙ୍କ ଏହି ରାୟ ପରେ ମଣ୍ଡଳ କମିଶନଙ୍କ ଶୁପାରିଶ ଲାଗୁ କରାଯାଇଥିଲା। ଏହା ସଂବିଧାନର ବୁନିଆଦି ସଂରଚନାର ବିରୋଧି ନୁହେଁ କିନ୍ତୁ ଗୋଟିଏ ସର୍ତ୍ତ ରଖାଯାଇଥିଲା ଯେ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଏବଂ ପଛୁଆ ବର୍ଗଙ୍କ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହେବ ନାହିଁ।

୧୯୯୨ ପରେ କେତେକ ରାଜ୍ୟ ସଂରକ୍ଷଣ ସୀମା ବୃଦ୍ଧି କରିଥିଲେ। ଏକମାତ୍ର ରାଜ୍ୟ ତାମିଲନାଡୁର ସଂରକ୍ଷଣ ଆଇନକୁ ୯ମ ସୂଚୀରେ ସାମିଲ କରାଯାଇଥିଲା। ୯ମ ସୂଚୀର ଅର୍ଥ ହେଉଛି ଯେ ଏହା ନ୍ୟାୟାଳୟ ଦ୍ୱାରା ସଂରକ୍ଷିତ ଅଟେ, ନ୍ୟାୟାଳୟ ଏଥିରେ ପରିବର୍ତ୍ତନ କରିପାରିବେ ନାହିଁ। ତାମିଲନାଡୁରେ ସଂରକ୍ଷଣ ୬୯ ପ୍ରତିଶତ ରହିଛି କିନ୍ତୁ ଏହା ମଧ ଅଣ



ସାମ୍ବିଧାନିକ ନୁହେଁ। ସଂରକ୍ଷଣ ସୀମା ୫୦ ପ୍ରତିଶତକୁ ହଟାଇବା ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡ୍‌ଗେ ଏଇଥିପାଇଁ କହୁଛନ୍ତି କାରଣ ସୁପ୍ରିମ୍ କୋର୍ଟ ଏହାକୁ ଅଣ ସାମ୍ବିଧାନିକ କହିବ। ବିହାରରେ ଜନତାଦଳ (ୟୁ)- ଆରଜେଡିର ମିଳିତ ସରକାର ଥିବା ବେଳେ ଜାତିଗତ ସର୍ବେକ୍ଷଣ କରାଯାଇଥିଲା ଏବଂ ୬୫ ପ୍ରତିଶତ ସଂରକ୍ଷଣ ଲାଗୁ କରାଯାଇଥିଲା ଯାହାକୁ ପାଟନା ହାଇକୋର୍ଟ ଖାରଜ କରିଦେଇଥିଲେ। ସେ ବାବଦରେ ଏକ ମାମଲା ଏବେ ବି ସୁପ୍ରିମ୍ କୋର୍ଟରେ ବିଚାରାଧିନ ରହିଛି। ଏବେ ସରକାର ଯେତେ ଯାହା କହିଲେ ବି ଯେ ପର୍ଯ୍ୟନ୍ତ ସଂରକ୍ଷଣ ସୀମା ୫୦ ପ୍ରତିଶତକୁ ହଟାଇ ନ ଦିଆଯାଇଛି ସେ ପର୍ଯ୍ୟନ୍ତ ବିହାରରେ ୬୫ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ ହୋଇ ପାରିବ ନାହିଁ। ଅନେକ ସାମାଜିକ ରାଜନୈତିକ ବିଶ୍ଲେଷକଙ୍କ ମତରେ ଜାତି ଜନଗଣନା ସାଧ ନୁହେଁ ଏକ ସାଧନ ଅଟେ। ଏହାକୁ ଦଳିତ, ଅନ୍ୟ ପଛୁଆ ବର୍ଗ ଏବଂ ଆଦିବାସୀଙ୍କ ବିରୁଦ୍ଧରେ ମଧ ପ୍ରୟୋଗ କରାଯାଇପାରେ — ଏହା ଦୁଇପଟ ଧାରଥିବା ଏକ ଖଣ୍ଡାଭଳି।

ଦୀର୍ଘ ସମୟଧରି ଜାତି ଜନଗଣନା ପାଇଁ କରାଯାଉଥିବା ଦାବି ରାଜନୈତିକ ଦୃଷ୍ଟିରୁ ପୁରଣ ହୋଇଛି। ବିଜେପି ବ୍ୟତୀତ ଅନ୍ୟ ସବୁ ରାଜନୈତିକ ଦଳ ଏଥିପାଇଁ ଦାବି କରୁଥିଲେ। ଏବେ ବିଜେପି ମଧ ରାଜି ହୋଇଯାଇଛି। ଏହାକୁ ବହୁଜନ ଆନ୍ଦୋଳନର ଏକ ବିଜୟ ବୋଲି କୁହାଯାଇପାରେ। କିନ୍ତୁ ଏକଥା ମଧ ସତ୍ୟ ଯେ ଜାତି ଜନଗଣନା ହେଲେ ଭାରତର ବହୁ ସଂଖ୍ୟକ ବଞ୍ଚିତ ସମୁଦାୟକୁ ଯେ ଅନେକ କିଛି ମିଳିଯିବ ସେ କଥା ଭାବିବା ଭୁଲ ଅଟେ। କିନ୍ତୁ କେଉଁମାନେ ପ୍ରବଞ୍ଚନାର ଶୀକାର ହୋଇଛନ୍ତି ଓ କେଉଁମାନେ ଦେଶର ସଂଶୋଧନର ଅଧିକ ଉପଯୋଗ କରୁଛନ୍ତି ସେକଥା ଜଣାପଡିଯିବ ଯଦି ଠିକ୍ ଭାବରେ ଜାତି ଗଣନା ହେବ। ଜାତି ଜନଗଣନାରୁ ଯେଉଁ ତଥ୍ୟ ମିଳିବ ତାର ଦୁରୁପଯୋଗ ମଧ ହୋଇପାରେ। ପ୍ରଥମତଃ ଭାରତୀୟ ସମ୍ବିଧାନ କଥାକୁ ବିଚାରକୁ ନିଆଯାଇପାରେ। ଭାରତର ସମ୍ବିଧାନ ନ୍ୟାୟପୁର୍ଣ୍ଣ, ସମତାମୂଳକ, ବନ୍ଧୁତା ଆଧାରିତ, ସମସ୍ତଙ୍କ ସ୍ୱତନ୍ତ୍ରତା ଏବଂ ମର୍ଯ୍ୟଦାର ସମ୍ମାନ କରୁଥିବା ଗଣତାନ୍ତ୍ରିକ ଭାରତ କଥା କହୁଛି। କିନ୍ତୁ ଭାରତର ସମ୍ବିଧାନ ଯାହା କହୁଛି ତାହା ହୋଇପାରୁଛି କି? ଉତ୍ତର ହେଉଛି ନୁହାଁ ଏଭଳି ନହୋଇ ପାରିବାର କାରଣ କ'ଣ? ସମ୍ବିଧାନରେ କିଛି ତ୍ରୁଟି ବା ଦୁର୍ବଳତା ଅଛି କି? ଉତ୍ତର ହେଉଛି ନା। ତେବେ କାରଣ କ'ଣ? ଏହାର ଉତ୍ତର ଡଃ ଆମ୍ବେଦକରଙ୍କର ସମ୍ବିଧାନ ସମ୍ପର୍କୀତ ବୟାନ "ସମ୍ବିଧାନ ଯେତେ ଭଲ ହେଉ କିନ୍ତୁ କିଛି କରି ପାରିବ ନାହିଁ, ସବୁ କିଛି ନିର୍ଭର କରେ ସମ୍ବିଧାନ ଦ୍ୱାରା ସୃଜିତ ସାମ୍ବିଧାନିକ ସଂସ୍ଥା ସଂସଦ, କାର୍ଯ୍ୟକାଳିକା, ନ୍ୟାୟପାଳିକା, ନିର୍ବାଚନ କମିଶନ ଙ୍କ କାର୍ଯ୍ୟଶୈଳୀ ଉପରେ ନିର୍ଭର କରେ।" ଆମ୍ବେଦକର ଏକଥା ମଧ କହିଥିଲେ ଯେ ସମ୍ବିଧାନ ଖରାପ ହେଲେ ମଧ ଉତ୍ତମ ଲୋକ ଏହାର ସଠିକ୍ ବ୍ୟବହାର କରିପାରିବେ। ଏଣୁ ଜାତି ଜନଗଣନା ହେଲେ କ'ଣ ଫଳାଫଳ ମିଳିବ ସେକଥା। ଜାତି ଜନଗଣନା ପରେ ହିଁ ଜଣାପଡିବ।


**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ଅପରେସନ ସିନ୍ଦୂର ୨.୦





# ପାକିସ୍ତାନ ଛାନିଆ...
## ମ୍ୟାଚ୍ ପୂର୍ବରୁ ଭାରତର ଡ୍ରୋନ୍ ଆଟାକ୍



ଇସଲାମାବାଦ,୮।୫(ସଂଚାର ବ୍ୟୁରୋ): ପାକିସ୍ତାନକୁ ଏତେ ବଡ଼ ଧକ୍କା ଲାଗିଛି ଯେ, ଏବେ ଖାଲି ବାଉଳିଚାଉଳି ହେଉଛି ପାକିସ୍ତାନ ସେନା। ରାୱଲପିଣ୍ଡି ଷ୍ଟାଡିୟମ ଉପରେ ଡ୍ରୋନ୍ ଆକ୍ରମଣ । ରାୱଲପିଣ୍ଡି କ୍ରିକେଟ ଷ୍ଟାଡିୟମ ଉପରେ ଭୟଙ୍କର ଡ୍ରୋନ୍ ଆକ୍ରମଣ କରାଯାଇଛି। ପିଏସ୍ଏଲ୍ ମ୍ୟାଚ୍ ପୂର୍ବରୁ ଭାରତର ଡ୍ରୋନ୍ ଆଟାକ୍ ଖାଇଲା ପାକିସ୍ତାନ। ଏଥିରେ ରାୱଲପିଣ୍ଡି କ୍ରିକେଟ ଷ୍ଟାଡିୟମ ପୂରା ନଷ୍ଟଭ୍ରଷ୍ଟ ହୋଇଯାଇଛି। ଏପଟେ ରାୱଲପିଣ୍ଡି ଛାଡ଼ିବାକୁ ଖେଳାଳିଙ୍କୁ ନିର୍ଦ୍ଦେଶ। ସବୁ କ୍ରିକେଟରଙ୍କୁ ରାୱଲପିଣ୍ଡି ଛାଡ଼ିବାକୁ ପିସିବି (ପାକିସ୍ତାନ କ୍ରିକେଟ୍ ବୋର୍ଡ଼) ନିର୍ଦ୍ଦେଶ ଦେଇଛି । ପିଏସ୍ଏଲ୍‌ରେ ଭାଗ ନେଇଥିବା ଖେଳାଳିଙ୍କୁ ମଧ୍ୟ ଏହି ନିର୍ଦ୍ଦେଶ ଦିଆଯାଇଛି ।

ଏପଟେ ପାକିସ୍ତାନ ମିସାଇଲକୁ ଖସାଇଲା ଭାରତ। ଆକାଶରେ ପାଣି ଫାଟିଗଲା ପାକିସ୍ତାନ ମିସାଇଲ। ଖାଲି ନିୟନ୍ତ୍ରଣ ରେଖାରେ ନୁହେଁ, ଅନ୍ତର୍ଜାତୀୟ ସୀମାର ବେଶ୍ ନିକଟରେ ପାକିସ୍ତାନ ଆଡୁ ଭାରତକୁ ହେଉଛି ଗୁଳି ଓ ମିସାଇଲ୍ ମାଡ଼। ହେଲେ ଯେତେ ଚକ୍ରାନ୍ତ କଲେ ବି ପାକିସ୍ତାନର କୌଣସି ଷଡ଼ଯନ୍ତ୍ର ସଫଳ ହେଉନି। ଭାରତ-ପାକିସ୍ତାନ ସୀମା ଅମୃତସର ନିକଟର ମାଟିରେ ଲୋଟିଲା ପାକିସ୍ତାନ ମିସାଇଲ୍। ଭାରତର ଏୟାର ଡିଫେନ୍ସ ସିଷ୍ଟମ୍ ବାହାଦୁରୀ ସହ ପାକିସ୍ତାନ ମିସାଇଲକୁ ଆକାଶରେ ହିଁ ଧ୍ୱଂସ କରିଛି। ଆଉ ଏବେ ମାଟିରେ ବଳକା ଅଂଶ ଲୋଟୁଛି। ଅନ୍ୟପଟେ ପୁଞ୍ଚରୁ ମିଳିଲା ଅଫୁଟା ଆର୍ଟିଲେରୀ ସେଲ୍।ଏ ହି ଆର୍ଟିଲେରୀ ସେଲ୍‌ଟି ପାକିସ୍ତାନର ହୋଇଥିବା ଅନୁମାନ କରାଯାଉଛି। ତେବେ ଏହାକୁ ତୁରନ୍ତ ଯାଞ୍ଚ କରିବାକୁ ଅନୁରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା। ତେବେ ପାକିସ୍ତାନର ମିସାଇଲ ମାଡରେ ପୁଞ୍ଚର ବହୁ କ୍ଷତି ହୋଇଥିବା ସେମାନେ କହିଛନ୍ତି।

## ପାକିସ୍ତାନର ଚକ୍ରାନ୍ତ ବିଫଳ; ମିସାଇଲ୍‌କୁ କାଟିଲା 'ସୁଦର୍ଶନ ଚକ୍ର'



ଇସଲାମାବାଦ: ବଡ଼ ଖବର । ପାକିସ୍ତାନର ସବୁ ଚକ୍ରାନ୍ତ ବିଫଳ । ଫେଲ୍ ମାରିଲା ସବୁ ପ୍ଲାନ୍ । ପାକିସ୍ତାନର ସବୁ ମିସାଇଲ୍ କାଟିଲା ସୁଦର୍ଶନ ଚକ୍ର। ଭାରତର ୧୫ଟି ସହରକୁ ପାକିସ୍ତାନର ଟାର୍ଗେଟ୍ । ଏନେଇ ସ୍ପଷ୍ଟ କଲା ପ୍ରତିରକ୍ଷା ମନ୍ତ୍ରାଳୟ । ଉତ୍ତର ଓ ପଶ୍ଚିମ ପ୍ରାନ୍ତରରେ ଥିବା ସହରକୁ ଟାର୍ଗେଟ୍ କରିଛି ପାକିସ୍ତାନ। ଉତ୍ତର ଓ ପଶ୍ଚିମ ପ୍ରାନ୍ତରର ଅବନ୍ତିପୁରା, ଶ୍ରୀନଗର, ଜମ୍ମୁ, ପଠାନକୋଟ, ଅମୃତସର , କପୁରତାଲା, ଜଳନ୍ଧର, ଲୁଧିଆନା, ଅଦମପୁର, ଭଟିଣ୍ଡା, ଚଣ୍ଡିଗଡ, ନଲ୍, ଫଲୋଦି, ଉତ୍ତରଲାଇ ଓ ଭୁଜ ଆଦିକୁ ଟାର୍ଗେଟ୍ କରିଛି ପାକିସ୍ତାନ। ଡ୍ରୋନ ଓ ମିସାଇଲ୍ ଜରିଆରେ ଟାର୍ଗେଟ୍ କରିଛି ପାକିସ୍ତାନ। ପାକିସ୍ତାନକୁ ଭାରତୀୟ ସେନା କଡ଼ା ଜବାବ ଦେଇଛି। ବାୟୁସେନା ପକ୍ଷରୁ ଏସ୍-୪୦୦ ସୁଦର୍ଶନଚକ୍ର ଏହାର ଜବାବ ମିସାଇଲ୍ ମାଧ୍ୟମରେ ଦେଇଛି। ପାକିସ୍ତାନର ସବୁ ଡ୍ରୋନ୍ ଓ ମିସାଇଲ୍‌କୁ ଧ୍ୱଂସ କରିଛି ସୁଦର୍ଶନ ଚକ୍ର। ଏ ନେଇ ପ୍ରତିରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏପଟେ ପାକିସ୍ତାନ ସେନାବାହିନୀକୁ ଶକ୍ତ ଝଟ୍କା ଲାଗିଛି। ଲାହୋରରେ ଏୟାର ଡିଫେନ୍ସ ମିସାଇଲ ଲଞ୍ଚର ଧ୍ୱଂସ ହୋଇଯାଇଛି। ଏଚ୍‌କ୍ୟୁ-୯ ଏୟାର ଡିଫେନ୍ସ ମିସାଇଲ ଲଞ୍ଚର୍ ଜଳିଯାଇଛି।

## ଭୟଭୀତ ହୋଇ ସଂସଦରେ କାନ୍ଦିଲେ ପାକିସ୍ତାନୀ ସାଂସଦ



ଇସଲାମବାଦ: ଭାରତ ପକ୍ଷରୁ ଆତଙ୍କବାଦୀ ଆଡ୍ଡା ଉପରେ କରାଯାଇଥିବା ବିମାନ ଆକ୍ରମଣ ପରେ ପାକିସ୍ତାନରେ ଭୟର ବାତାବରଣ ଖେଳିଯାଇଛି। ପାକିସ୍ତାନ ଭୟ କରୁଛି ଯେ, ଭାରତ ପୁଣି ଥରେ ଆକ୍ରମଣ କରିପାରେ। ଏହି ସମୟରେ ପାକିସ୍ତାନର ନ୍ୟାସନାଲ ଆସେମ୍ବେଲିରେ ପିଏମଏଲଏନ (ପାକିସ୍ତାନ ମୁସଲିମ ଲିଗ୍-ଏନ) ସାଂସଦ ତାହିର ଇକବାଲ ଭୋ ଭୋ ହୋଇ କାନ୍ଦିଛନ୍ତି। ପିଏମଏଲଏନ ହେଉଛି ପାକ୍ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ଦଳ। ତାହିର ଇକବାଲ ପାକିସ୍ତାନୀ ସଂସଦରେ କହିଛନ୍ତି ଯେ, 'ହେ ଆଲ୍ଲା ଆମକୁ ରକ୍ଷା କରନ୍ତୁ'... ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫଙ୍କ ସମେତ ଅନେକ ନେତା ଭାରତର କାର୍ଯ୍ୟାନୁଷ୍ଠାନକୁ ନେଇ ଭୟଭୀତ। ବୁଧବାର ଦିନ ଭାରତୀୟ ସେନା ପିଓକେ ଏବଂ ପାକିସ୍ତାନର ଅନେକ ଅଞ୍ଚଳରେ ବିମାନ ଆକ୍ରମଣ କରି ଆତଙ୍କବାଦୀ ଆଡ୍ଡା ଗୁଡ଼ିକୁ ଧ୍ୱଂସ କରିଦେଇଛି । ଏହା ପରେ, ଆତଙ୍କିତ ପାକିସ୍ତାନ ଭାରତୀୟ ସେନାର ଅନେକ ସାମରିକ ଘାଟିକୁ ଟାର୍ଗେଟ କରି ବିଫଳ ହୋଇଛି । ପାକିସ୍ତାନ ଭାରତର ୧୫ ଟି ସହରକୁ ଟାର୍ଗେଟ କରିବାକୁ ଏକ ବିଫଳ ପ୍ରୟାସ କରିଥିଲା, ଯେଉଁଥିରୁ ୭ ଟି ସହର ପଞ୍ଜାବର ଥିଲା। ଭାରତର S-400 ଆକାଶରେ ହିଁ ପାକିସ୍ତାନର କ୍ଷେପଣାସ୍ତ୍ରକୁ ଧ୍ୱଂସ କରିଦେଇଥିଲା। ଆଜି (ଗୁରୁବାର) ଏକ ସର୍ବଦଳୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ, ପାକିସ୍ତାନ ଏବଂ ପାକ ଅଧିକୃତ କାଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଶିବିର ଉପରେ ଅପରେସନ ସିନ୍ଦୂର ଅଧୀନରେ କରାଯାଇଥିବା କ୍ଷେପଣାସ୍ତ୍ର ଆକ୍ରମଣରେ ଅତି କମରେ ୧୦୦ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ବୈଠକରେ ଉପସ୍ଥିତ ନେତାମାନଙ୍କୁ ଏହା ମଧ୍ୟ କହିଥିଲେ ଯେ ଏହା ଏକ ଚାଲୁଥିବା ଅଭିଯାନ ଏବଂ ଯଦି ଭାରତର ଲକ୍ଷ୍ୟଭେଦୀ ଆକ୍ରମଣ ପରେ ପାକିସ୍ତାନ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ଭାରତ ଏହାର ଉଚିତ ଜବାବ ଦେବ।

## ଇସ୍ତଫା ଦେବେନି ଜଷ୍ଟିସ ଯଶବନ୍ତ ବର୍ମା

- ଖୁବ୍ ଶୀଘ୍ର ଆରମ୍ଭ ହେବ ମହାଭିଯୋଗ ପ୍ରକ୍ରିୟା



ନୂଆଦିଲ୍ଲୀ,୮।୫: ଜଷ୍ଟିସ୍ ଯଶବନ୍ତ ବର୍ମା, ଯାହାଙ୍କ ବାସଭବନରୁ ବିପୁଳ ପରିମାଣର ନଗଦ ଟଙ୍କା ଜବତ ହୋଇଥିଲା, ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆଭ୍ୟନ୍ତରୀଣ ତଦନ୍ତ କମିଟି ଏହି ଟଙ୍କା ଜବତକୁ ନିଶ୍ଚିତ କରିବା ସତ୍ତ୍ୱେ ସେ ହାଇକୋର୍ଟ ବିଚାରପତି ପଦରୁ ଇସ୍ତଫା ଦେବାକୁ ମନା କରିଦେଇଛନ୍ତି। ଏହାପରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ତଦନ୍ତ କମିଟିର ରିପୋର୍ଟ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ, କାରଣ ବିଚାରପତିଙ୍କ ମହାଭିଯୋଗ ପ୍ରକ୍ରିୟା ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି। ମାର୍ଚ୍ଚ ୧୪ ରେ ଅଗ୍ନିକାଣ୍ଡ ଘଟଣା ପରେ ଦିଲ୍ଲୀ ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରତ ଜଷ୍ଟିସ ଯଶବନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ନଗଦ ଟଙ୍କା ଜବତ ହୋଇଥିବା ତଦନ୍ତ କମିଟି ନିଶ୍ଚିତ କରିଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କୁ ପ୍ରଦାନ କରାଯାଇଥିବା ରିପୋର୍ଟ ଆଧାରରେ ଜଷ୍ଟିସ୍ ବର୍ମାଙ୍କୁ ଇସ୍ତଫା ଦେବା କିମ୍ବା ମହାଭିଯୋଗ ପ୍ରକ୍ରିୟାର ସମ୍ମୁଖୀନ ହେବାର ବିକଳ୍ପ ଦିଆଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ପ୍ରଧାନ ବିଚାରପତିଙ୍କୁ ପଠାଯାଇଥିବା ଜବାବରେ ଜଷ୍ଟିସ୍ ବର୍ମା ନିଜ ନ୍ୟାୟିକ ଦାୟିତ୍ୱରୁ ଇସ୍ତଫା ଦେବାକୁ ମନା କରିଦେଇଥିଲେ। ଏହାପରେ ପ୍ରଧାନ ବିଚାରପତି ଖାନ୍ନା ତଦନ୍ତ ରିପୋର୍ଟ ଏବଂ ଜଷ୍ଟିସ ବର୍ମାଙ୍କ ଉତ୍ତରର ଏକ ନକଲ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପଠାଇଥିଲେ। ହାଇକୋର୍ଟ ବିଚାରପତିଙ୍କ ପାଇଁ ଗୃହ ତଦନ୍ତ ପ୍ରକ୍ରିୟା ଅନୁଯାୟୀ, ଇସ୍ତଫା ଦେବାକୁ ମନା କରିବା ହେଉଛି ଏକମାତ୍ର ଉଦାହରଣ ଯେଉଁଥିରେ ପ୍ରଧାନ ବିଚାରପତିଙ୍କୁ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିବାକୁ ପଡିଥାଏ । ହାଇକୋର୍ଟ ବିଚାରପତିଙ୍କ ପାଇଁ ମହାଭିଯୋଗ ପ୍ରକ୍ରିୟା ହେଉଛି ଏକ ସଂସଦୀୟ ପ୍ରକ୍ରିୟା, ଯେଉଁଥିରେ 'ପ୍ରମାଣିତ ଦୁର୍ବ୍ୟବହାର' କିମ୍ବା 'ଅକ୍ଷମତା' ଅଭିଯୋଗର ତଦନ୍ତ ପାଇଁ ଏକ ତଦନ୍ତ କମିଟିର ଆଉ ଏକ ପର୍ଯ୍ୟାୟ ଅନ୍ତର୍ଭୁକ୍ତ । ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଡିକେ ଉପାଧ୍ୟାୟଙ୍କ ଦ୍ୱାରା ପ୍ରାଥମିକ ତଦନ୍ତ, ଜଷ୍ଟିସ ବର୍ମାଙ୍କ ଠାରୁ ତୁରନ୍ତ ବିଚାର ବିଭାଗୀୟ କାର୍ଯ୍ୟ ପ୍ରତ୍ୟାହାର ଏବଂ ପରେ କୌଣସି ନ୍ୟାୟିକ ଦାୟିତ୍ୱ ବିନା ଆହ୍ଲାବାଦ ହାଇକୋର୍ଟକୁ ତାଙ୍କୁ ବଦଳି କରିବା ସମେତ ଅନେକ ପଦକ୍ଷେପ ପରେ ବିଚାରପତିଙ୍କ ସରକାରୀ ବାସଭବନରୁ ନଗଦ ଟଙ୍କା ଆଦାୟ କରାଯାଇଥିଲା।

## ଭାରତକୁ ପ୍ରବେଶ ଉଦ୍ୟମ ବେଳେ ୪ ଚୀନ୍ ନାଗରିକ ଗିରଫ

ପାଟନା, ୮।୫: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ୁଥିବା ବେଳେ ବିହାରର ପୂର୍ବ ଚମ୍ପାରଣ ଜିଲ୍ଲାର ଭାରତ-ନେପାଳ ସୀମାରେ ୪ ଜଣ ଚୀନ୍ ନାଗରିକଙ୍କୁ ଗିରଫ କରାଯାଇଛି। ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଭାରତୀୟ ସେନା 'ଅପରେସନ୍ ସିନ୍ଦୂର' ଆରମ୍ଭ କରିବାର କିଛି ଘଣ୍ଟା ପରେ ଗୁରୁବାର ପୂର୍ବ ଚମ୍ପାରଣ ଜିଲ୍ଲାର ରକସୌଲ ସୀମା ନିକଟରେ ନେପାଳରୁ ଭାରତୀୟ ଅଞ୍ଚଳରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ଏହି ଚୀନ୍ ନାଗରିକଙ୍କୁ ଗିରଫ କରାଯାଇଛି। ରକସୌଲ ସୀମାରେ ମୁତୟନ ହୋଇଥିବା ସଶସ୍ତ୍ର ସୀମା ବଳ (ଏସଏସବି)ର ଅଧିକାରୀମାନେ ଗୁରୁବାର କହିଛନ୍ତି ଯେ ଚୀନ୍ ନାଗରିକଙ୍କ ମାର୍ଗଦର୍ଶକ କୁହାଯାଉଥିବା ଦୁଇ ଜଣ ନେପାଳୀ ମହିଳାଙ୍କୁ ମଧ୍ୟ ପଚରାଉଚରା ପାଇଁ ଅଟକ ରଖାଯାଇଛି। ବିନା ଭିସାରେ ଏହି ୪ ଜଣ ଚୀନ୍ ନାଗରିକ ନେପାଳରୁ ଭାରତୀୟ ଅଞ୍ଚଳରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ। ସେମାନଙ୍କ ଗତିବିଧି ସନ୍ଦେହଜନକ ହେବାରୁ ୪ ଜଣ ଚୀନ୍ ନାଗରିକଙ୍କୁ ଅଟକ ପରେ ରାକସୌଲ ଥାନାରେ ଅଟକ ରଖାଯାଇଛି ବୋଲି କହିଛନ୍ତି ଏସଏସବିର ରକସୌଲ ବର୍ଡର ଆଉଟପୋଷ୍ଟ (ବିଓପି)ର ଇନ୍ସପେକ୍ଟର-କମ-ଇନଚାର୍ଜ ବିକାଶ କୁମାର।

## ଲାହୋର ଓ କରାଚୀରେ ଆତଙ୍କ

କରାଚୀ,୮।୫: ପାକିସ୍ତାନର ଲାହୋର ପରେ ଏବେ ଦେଶର ଆର୍ଥିକ ରାଜଧାନୀ କରାଚୀରେ ଡ୍ରୋନ ବିସ୍ଫୋରଣର ଖବର ପୂରା ଦେଶରେ ଆତଙ୍କ ସୃଷ୍ଟି କରିଛି। ପାକିସ୍ତାନୀ ଗଣମାଧ୍ୟମ ଅନୁଯାୟୀ, କରାଚୀର ଶରାଫୀ ଗୋଥ ମାଲିର ଅଞ୍ଚଳରେ ଡ୍ରୋନ ମାଧ୍ୟମରେ ବିସ୍ଫୋରଣ ଘଟିଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳକୁ ସିଲ୍ କରାଯାଇଛି ଏବଂ ପାକିସ୍ତାନୀ ସେନା ଏହାକୁ ନିୟନ୍ତ୍ରଣକୁ ନେଇଛି। ବିସ୍ଫୋରଣ ପରେ ଅଞ୍ଚଳରେ ଆତଙ୍କ ଓ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। କରାଚୀ ହେଉଛି ପାକିସ୍ତାନର ଏକ ଗୁରୁତ୍ୱପୂର୍ଣ୍ଣ ସହର, ଯେଉଁଠାରେ ଦେଶର ସମସ୍ତ ପରମାଣୁ ଅସ୍ତ୍ର ଭଣ୍ଡାର ରହିଛି। ଏଭଳି ପରିସ୍ଥିତିରେ କରାଚୀରେ ଡ୍ରୋନ ବିସ୍ଫୋରଣ ପାକିସ୍ତାନର ସୁରକ୍ଷା ବ୍ୟବସ୍ଥାରେ ବଡ଼ ତ୍ରୁଟି ଦେଖିବାକୁ ମିଳିଛି। ପାକିସ୍ତାନର କରାଚୀ, ଗୁଜରାନୱାଲା, ଲାହୋର, ଚକୱାଲ, ଘୋଟକୀ ଏବଂ ଉମରକୋଟରେ ଡ୍ରୋନ ଆକ୍ରମଣର ଖବର ମିଳିଛି। ଏହି ଆକ୍ରମଣ ଯୋଗୁଁ ଏହି ଅଞ୍ଚଳଗୁଡ଼ିକରେ ଜରୁରୀ ପରିସ୍ଥିତି ଘୋଷଣା କରାଯାଇଛି। ଏହି ଡ୍ରୋନଗୁଡ଼ିକ କେଉଁଠୁ ଆସିଛି ତାହା ସମ୍ପର୍କରେ ପାକିସ୍ତାନ ସରକାର କିମ୍ବା ସେନା ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ବୟାନ ଦେଇନାହାନ୍ତି। ଏହାଛଡ଼ା ଏହି ଆକ୍ରମଣରେ ନିଜକୁ ଏପର୍ଯ୍ୟନ୍ତ କେହି ଦାୟୀ କରିନାହାନ୍ତି। ପାକିସ୍ତାନୀ ଗଣମାଧ୍ୟମ ଅନୁଯାୟୀ, ଏପର୍ଯ୍ୟନ୍ତ ଦେଶରେ ମୋଟ ୧୨ଟି ଡ୍ରୋନ ବିସ୍ଫୋରଣ ଘଟିଛି, ଯେଉଁଥିରୁ ସର୍ବାଧିକ ୩ଟି ବିସ୍ଫୋରଣ ଲାହୋରରେ ହୋଇଛି। ଲାହୋରରେ ସୈନ୍ୟ ଅଡ଼ା ନିକଟରେ ଡ୍ରୋନ ବିସ୍ଫୋରଣର ଖବର ମିଳିଛି। ଏହି ଡ୍ରୋନ ଆକ୍ରମଣଗୁଡ଼ିକୁ ରୋକିବାରେ ପାକିସ୍ତାନର ଏୟାର ଡିଫେନ୍ସ ସିଷ୍ଟମ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବିଶେଷ କଥା ହେଲା ବୁଧବାର ପାକିସ୍ତାନ ସଂସଦରେ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ନିଜ ଦେଶର ବାୟୁସେନାର ଖୁବ୍ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ପାକିସ୍ତାନୀ ବାୟୁସେନା ଦୃଢ଼ତାର ସହ ମୈଦାନରେ ଅଟଳ ରହିଛି। ଶେହବାଜଙ୍କ ଏହି ପ୍ରଶଂସା ପରେ ସେ ପାକିସ୍ତାନୀ ବାୟୁସେନା ମୁଖ୍ୟ ଅସିମ ମୁନିରଙ୍କ ସହ ମଧ୍ୟ ବୈଠକ କରିଥିଲେ। କିନ୍ତୁ ଏହାର କିଛି ସମୟ ପରେ ହିଁ କରାଚୀ ସମେତ ଅନ୍ୟ ସହରଗୁଡ଼ିକରେ ଡ୍ରୋନ ବିସ୍ଫୋରଣ ଘଟିଛି, ଯାହା ପାକିସ୍ତାନର ସୁରକ୍ଷା ବ୍ୟବସ୍ଥାର ଦୁର୍ବଳତାକୁ ସାମ୍ନାକୁ ଆଣିଛି। ଏହି ଡ୍ରୋନ ଆକ୍ରମଣର କାରଣ କ'ଣ ଏବଂ ଏହା ପଛରେ କାହାର ହାତ ଅଛି, ଏସମ୍ପର୍କରେ ପାକିସ୍ତାନ ସରକାର କିମ୍ବା ସେନା କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ପାକିସ୍ତାନୀ ସେନା ଦାବି କରିଛି ଯେ, ସେମାନେ କିଛି ଡ୍ରୋନକୁ ମାରି ପକାଇଛନ୍ତି, କିନ୍ତୁ ଏହା ସତ୍ତ୍ୱେ ବିସ୍ଫୋରଣଗୁଡ଼ିକ ଅବ୍ୟାହତ ରହିଛି। ଲାହୋରରେ ସୈନ୍ୟ ଅଡ଼ା ନିକଟରେ ହୋଇଥିବା ବିସ୍ଫୋରଣ ଏବଂ କରାଚୀରେ ପରମାଣୁ ଅସ୍ତ୍ର ଭଣ୍ଡାର ଥିବା ଅଞ୍ଚଳରେ ଘଟିଥିବା ଘଟଣା ପାକିସ୍ତାନର ସୁରକ୍ଷା ବ୍ୟବସ୍ଥାରେ ଗୁରୁତର ତ୍ରୁଟି ଥିବା ସୂଚାଇ ଦେଉଛି।

## କଚ୍ଛ ସୀମାରେ ଅଜଣା ଡ୍ରୋନ୍ ବିସ୍ଫୋରଣ



ସେନାର ତଦନ୍ତ ଆରମ୍ଭ

ଅହମ୍ମଦାବାଦ, ୮।୫: ଅପରେସନ ସିନ୍ଦୂର ପରେ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ଗୁରୁବାର ସକାଳେ ଗୁଜରାଟର କଚ୍ଛ ସୀମାରେ ଡ୍ରୋନ୍ ବିସ୍ଫୋରଣ ଘଟି ସୁରକ୍ଷା ବାହିନୀକୁ ହାଇ ଆଲର୍ଟରେ ରହିବାକୁ ପଡ଼ିଛି। ଭୁଜ ତାଲୁକାର ଖୱାଡାରେ ଏକ ହାଇଟେନସନ ବିଦ୍ୟୁତ ଲାଇନ୍ ନିକଟରେ ସକାଳ ୬ଟା ପୂର୍ବରୁ ହୋଇଥିବା ଏହି ବିସ୍ଫୋରଣ ସୀମାପାର ବିପଦକୁ ଆହୁରି ଘନୀଭୂତ କରିଛି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସକାଳୁ ଏକ ବଡ଼ ଡ୍ରୋନ୍ ସୀମା ନିକଟବର୍ତ୍ତୀ ଗାଁ ଗୁଡ଼ିକ ଉପରେ ଘୂରି ବୁଲୁଥିଲା ଏବଂ ପରେ ଖୱାଡା ଆଡ଼କୁ ଗତି କରିବା ପରେ ନିକଟସ୍ଥ ଏକ ପାର୍କରେ ଦୁର୍ଘଟଣାଗ୍ରସ୍ତ ହୋଇ ବିସ୍ଫୋରଣ କରିଥିଲା। ଭାରତୀୟ ବାୟୁସେନା ତୁରନ୍ତ ଭଗ୍ନାବଶେଷକୁ ଜବତ କରିଥିବା ବେଳେ ପଶ୍ଚିମ କଚ୍ଛ ଏସପି ବିକାଶ ସୁନ୍ଦା ଡ୍ରୋନ ଭଳି ଜିନିଷକୁ ବିସ୍ତୃତ ଅଧ୍ୟୟନ ପାଇଁ ହସ୍ତାନ୍ତର କରିଛନ୍ତି।

ପଶ୍ଚିମ କଚ୍ଛ ଭୁଜ ଏସପି ବିକାଶ ସୁନ୍ଦା ସ୍ଥାନୀୟ ଗଣମାଧ୍ୟମକୁ କହିଛନ୍ତି, ଡ୍ରୋନ୍ ଭଳି ଜିନିଷକୁ ଅଧ୍ୟୟନ ପାଇଁ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରାଯାଇଛି। ଡ୍ରୋନ୍ ବିସ୍ଫୋରଣ ଘଟିଥିବା ଗାଁର ବାସିନ୍ଦା ସୋଧା ଜୟେନ୍ଦ୍ର ସିଂହ ଗଣମାଧ୍ୟମକୁ କହିଛନ୍ତି, ଭୋର ପ୍ରାୟ ସାଢ଼େ ୪ଟା ବେଳେ ଗାଁ ଉପରେ ଏକ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଥିଲା। ଏହା ପାଖାପାଖି ଦୁଇ ଘଣ୍ଟା ଧରି ଘୂରିବୁଲୁଥିଲା ଏବଂ ପରେ ବିସ୍ଫୋରଣ ହୋଇଥିଲା। ମୁଁ ସଙ୍ଗେ ସଙ୍ଗେ ଗାଁ ସରପଞ୍ଚଙ୍କୁ ଜଣାଇଥିଲି। ଅନ୍ୟ ଜଣେ ଗ୍ରାମବାସୀ ଜଲୁଭା ସୋଧା କହିଛନ୍ତି, ସକାଳୁ ଆମେ ଏକ ଅଜଣା ଶବ୍ଦ ଶୁଣିଥିଲୁ ଏବଂ ଭୋର ପ୍ରାୟ ୫ଟା ୪୫ ରେ ହଠାତ୍ ବିସ୍ଫୋରଣ ହୋଇଥିଲା। ମୁଁ ଏ ନେଇ ନିକଟସ୍ଥ ସୁରକ୍ଷା ଏଜେନ୍ସିକୁ ଜଣାଇଥିଲି। ଡ୍ରୋନର ଉତ୍ପତ୍ତିର ପର୍ଦ୍ଦାଫାସ କରିବା ଏବଂ ଏହି ଘଟଣା ଆକସ୍ମିକ ବିଫଳତା କିମ୍ବା ଜାଣିଶୁଣି ଅନୁପ୍ରବେଶର ସଙ୍କେତ ଦେଉଛି କି ନାହିଁ ତାହା ଜାଣିବା ପାଇଁ ସୀମା ସୁରକ୍ଷା ବଳ (ବିଏସଏଫ), ସ୍ଥାନୀୟ ପୁଲିସ, ବାୟୁସେନା ଏବଂ କେନ୍ଦ୍ରୀୟ ଗୁଇନ୍ଦା ଏଜେନ୍ସିର ମିଳିତ ତଦନ୍ତ ଚାଲିଛି। ଫୋରେନସିକ୍ ଟିମ୍ ସାମଗ୍ରୀଗୁଡ଼ିକୁ ଯାଞ୍ଚ କରୁଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ସୁରାକ ପାଇଁ ଆକାଶମାର୍ଗ ନିରୀକ୍ଷଣ ରେକର୍ଡ ଯାଞ୍ଚ କରାଯାଉଛି।

## କଡ଼ା ସୁରକ୍ଷାବଳୟରେ ତାଜମହଲ



ନୂଆଦିଲ୍ଲୀ, ୮।୫: ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ୁଥିବାରୁ ଆଗ୍ରା ପୁଲିସର ତାଜ୍ ସିକ୍ୟୁରିଟି ୟୁନିଟ୍ ତାଜମହଲ ଓ ଏହାର ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି। ଅପରେସନ ସିନ୍ଦୂର, ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀ ଶିବିର ଉପରେ ସରକାରଙ୍କ ନିର୍ଦ୍ଦିଷ୍ଟ ଆକ୍ରମଣକୁ ଦୃଷ୍ଟିରେ ରଖି ତାଜମହଲର ୟେଲୋ ଜୋନରେ ହାଇ ଆଲର୍ଟ ଜାରି କରାଯାଇଛି। ଉତ୍ତରପ୍ରଦେଶର ଆଗ୍ରାରେ ଅବସ୍ଥିତ ୟୁନେସ୍କୋ ଐତିହ୍ୟ ସ୍ମାରକୀ ତାଜମହଲ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ତେଣୁ କୌଣସି ଅଘଟଣକୁ ଏଡ଼ାଇବା ପାଇଁ କର୍ତ୍ତୃପକ୍ଷ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ହାଇ ଆଲର୍ଟରେ ଅଛନ୍ତି। ଏହି ଅଞ୍ଚଳରେ ଲଗାତର ସିସିଟିଭି ନଜର ରଖାଯାଇଥିବା ବେଳେ ସମସ୍ତ ସୁରକ୍ଷା କେନ୍ଦ୍ରରେ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଛି। କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଉପରେ ତୁରନ୍ତ ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ପର୍ଯ୍ୟଟକମାନେ ଗସ୍ତ ସମୟରେ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଉତ୍ତରାଖଣ୍ଡରେ ହେଲିକପ୍ଟର ଦୁର୍ଘଟଣା, ୬ ମୃତ

### ମୁଖ୍ୟମନ୍ତ୍ରୀ ଧାମିଙ୍କ ଦୁଃଖ ପ୍ରକାଶ



ଡେରାଡୁନ,୮।୫: ଗଙ୍ଗୋତ୍ରୀ ପୀଠକୁ ଯାଉଥିବା ଏକ ଘରୋଇ ହେଲିକପ୍ଟର ଉତ୍ତରକାଶୀ ଜିଲ୍ଲାର ଗଙ୍ଗନାନି ନିକଟରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଏସଡିଆରଏଫ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏରୋଟ୍ରାନ୍ସ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ (ଭିଟି-ଓକ୍ସଏଫ୍) ଦ୍ୱାରା ପରିଚାଳିତ ଏବଂ କ୍ୟାପଟେନ୍ ରବୀନ୍ ସିଂହଙ୍କ ଦ୍ୱାରା ପରିଚାଳିତ ହେଲିକପ୍ଟରଟି ଗୁରୁବାର ସକାଳ ୮ଟା ୫୦ରେ ଡେରାଡୁନର ସହସ୍ରଧାରା ହେଲିପ୍ୟାଡରୁ ୬ ଜଣ ଯାତ୍ରୀଙ୍କୁ ନେଇ ଉଡ଼ାଣ ଭରିଥିଲା। ହେଲିକପ୍ଟର ଦୁର୍ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗଙ୍ଗୋତ୍ରୀ ଧାମଠାରୁ ପ୍ରାୟ ୬ କିଲୋମିଟର ଦୂର ଖାରସାଲି ହେଲିପ୍ୟାଡରେ ହେଲିକପ୍ଟର ଅବତରଣ କରିବାର ଥିଲା ବେଳେ ଋଷିକେଶ-ଗଙ୍ଗୋତ୍ରୀ ଜାତୀୟ ରାଜପଥ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ମୃତକମାନେ ହେଲେ ମୁମ୍ବାଇର କଳା ସୋନି (୬୧), ବିଜୟା ରେଡ୍ଡୀ (୫୭) ଓ ରୁଚି ଅଗ୍ରୱାଲ (୫୬), ଉତ୍ତରପ୍ରଦେଶର ୭୯ ବର୍ଷୀୟ ରାଧା ଅଗ୍ରୱାଲ, ଆନ୍ଧ୍ରପ୍ରଦେଶର ୪୮ ବର୍ଷୀୟ ବେଦବତୀ କୁମାରୀ ଏବଂ ଗୁଜରାଟର ପାଇଲଟ୍ ରବୀନ୍ ସିଂହ। ଆହତ ବ୍ୟକ୍ତି ଜଣକ ହେଉଛନ୍ତି ଆନ୍ଧ୍ରପ୍ରଦେଶର ଭାସ୍କର। ଏସଡିଆରଏଫ କମାଣ୍ଡାଣ୍ଟ ଅର୍ପଣ ଯଦୁବଂଶୀ କହିଛନ୍ତି, ଉତ୍ତରକାଶୀ ପୁଲିସ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସଡିଆରଏଫ) ଟିମ୍ ଘଟଣାସ୍ଥଳରେ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ହେଲିକପ୍ଟରଟି ପ୍ରାୟ ୨୦୦ରୁ ୨୫୦ ମିଟର ଗଭୀର ଗଭୀର ଖାଲକୁ ଖସି ପଡ଼ିଛି। ଟିମ୍ ଘଟଣାସ୍ଥଳରେ ଏକ ବେସ୍ ସ୍ଥାପନ କରି ଘାଟିକୁ ଓହ୍ଲାଇବା ପାଇଁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ଘଟଣାସ୍ଥଳରେ ପ୍ରଶାସନ ଓ ରିଲିଫ ଟିମ୍ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ଗଡ଼ୱାଲ ଡିଭିଜନାଲ କମିଶନର ବିନୟ ଶଙ୍କର ପାଣ୍ଡେ ସୂଚନା ଦେଇଛନ୍ତି।

# ଟେଷ୍ଟ୍‌ରୁ ରୋହିତଙ୍କ ଅବସର



**ମୁମ୍ବାଇ, ୮।୫:** ହିଟ୍ ମ୍ୟାନ୍ ତଥା ଭାରତୀୟ ଅଧିନାୟକ ରୋହିତ ଶର୍ମା ବୁଧବାର ଟେଷ୍ଟ୍ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଛନ୍ତି। ଇଂଲଣ୍ଡ ଗସ୍ତରେ ତାଙ୍କୁ ଅଧିନାୟକ ପଦରୁ ହଟାଇବାକୁ ଚୟନକର୍ତ୍ତା ନୀତିଗତ ନିଷ୍ପତ୍ତି ନେଇ ସାରିଥିବାର ଖବର ପଦାକୁ ଆସିବାର କିଛି ସମୟ ଭିତରେ ହିଁ ରୋହିତ ନିଜ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଲେଖି ଟେଷ୍ଟ୍‌ରୁ ଅବସର ଘୋଷଣା କରିଛନ୍ତି। ତେବେ ପୂର୍ବଭଳି ସେ ଦିନିକିଆ କ୍ରିକେଟ୍ ଖେଳିବା ଜାରି ରଖିବେ।

୩୭ ବର୍ଷୀୟ ରୋହିତ ଲେଖିଛନ୍ତି, ସମସ୍ତଙ୍କୁ ପ୍ରଣାମ, ମୁଁ ଆପଣମାନଙ୍କୁ କହିବାକୁ ଚାହେ ଯେ ମୁଁ ଟେଷ୍ଟ୍ କ୍ରିକେଟ୍‌ରୁ ଅବସର ନେଉଛି। ଧଳା ପୋଷାକରେ ଦେଶର ପ୍ରତିନିଧିତ୍ୱ କରିବା ମୋ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ଯାତ୍ରାରେ ମୋତେ ଭଲପାଇବା ଓ ସମର୍ଥନ ଦେଇଥିବା ସମସ୍ତ ମହାନୁଭବଙ୍କୁ ହୃଦୟର ଗଭୀରତମ କୋଣରୁ କୃତଜ୍ଞତା ଜଣାଉଛି। ଦିନିକିଆ କ୍ରିକେଟ୍‌ରେ ମୁଁ ଭାରତର ପ୍ରତିନିଧିତ୍ୱ କରିବା ଜାରି ରଖିବି। ରୋହିତ ପୂର୍ବରୁ ଟ୍ୱେଣ୍ଟି-୨୦ରୁ ଅବସର ନେଇ ସାରିଛନ୍ତି। ଏବେ ଟେଷ୍ଟ୍ ଛାଡ଼ିବା ପରେ ଏକ ଯୁଗର ଅବସାନ ଘଟିଛି। ଏଥିପାଇଁ ମଧ ଆଗାମୀ ସମୟରେ ପ୍ରଶଂସକମାନେ ତାଙ୍କୁ କେବଳ ଏକଦିବସୀୟ କ୍ରିକେଟ୍ ଖେଳୁଥିବାର ଦେଖିବାକୁ ପାଇବେ। ରୋହିତ ତାଙ୍କ ଶେଷ ଟେଷ୍ଟ୍ ବର୍ଡର-ଗାଭାସ୍କର୍ ଟ୍ରଫିର ଚତୁର୍ଥ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଯାହାକୁ ଭାରତ ହାରି ଯାଇଥିଲା। ତାଙ୍କ ପ୍ରଦର୍ଶନ ମଧ ଆଦୌ ଭଲ ନଥିଲା। ଫଳରେ ସିଡ୍‌ନିରେ ଖେଳାଯାଇଥିବା ପଞ୍ଚମ ତଥା ଶେଷ ଟେଷ୍ଟ୍‌ରୁ ସେ ନିଜ ତରଫରୁ ଓହରି ଯାଇଥିଲେ। ସେବେଠାରୁ ରୋହିତଙ୍କ ଟେଷ୍ଟ୍ କ୍ୟାରିୟର୍‌କୁ ନେଇ ଅନିଶ୍ଚିତତା ଲାଗି ରହିଥିଲା।

ଗତବର୍ଷ ସେ ୮ ଟେଷ୍ଟ୍‌ର ୧୫ ପାଳିରୁ ମାତ୍ର ୧୦.୯୩ ହାରରେ ରନ୍ ସଂଗ୍ରହ କରିଥିଲେ। ସେଥିମଧରେ ୧୦ ଥର ଏକଅଙ୍କ ଆଗକୁ ବଢ଼ି ପାରି ନଥିଲେ। ଏଣୁ ଆସନ୍ତା ଜୁନ୍ ମାସରେ ଇଂଲଣ୍ଡ ବିପକ୍ଷରେ ଭାରତ ଖେଳିବାକୁ ଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ଚୟନକର୍ତ୍ତା ତାଙ୍କୁ ଅଧିନାୟକ ପଦରୁ ହଟାଇବାର ସଙ୍କେତ ଦେଇ ସାରିଥିଲେ। ରୋହିତ ଦଳରେ ସ୍ଥାନ ପାଇବା ନେଇ ମଧ ଆଶଙ୍କା ରହିଥିଲା। ସୂଚନାଯୋଗ୍ୟ ଯେ ରୋହିତ ୬୭ ଟେଷ୍ଟ୍ ଖେଳି ୪୦.୫୭ ହାରରେ ୪୩୦୧ ରନ୍ କରିଛନ୍ତି। ସେଥିମଧରେ ରହିଛି ୧୮ ଅର୍ଦ୍ଧଶତକ, ୧୨ ଶତକ। ସେ ମଧ ୨୪ ଟେଷ୍ଟ୍‌ରେ ଭାରତର ନେତୃତ୍ୱ ନେଇ ୧୨ଟିରେ ବିଜୟୀ ହୋଇଥିଲା ବେଳେ ୯ଟିରେ ପରାଜିତ ହୋଇଛନ୍ତି। ରୋହିତ ଅବସର ନେବା ପରେ ତାଙ୍କୁ ପରବର୍ତ୍ତୀ ଜୀବନ ଲାଗି ଚାରିଆଡ଼ୁ ଶୁଭକାମନାର ସୁଅ ଛୁଟିଛି। ଭାରତୀୟ କ୍ରିକେଟ୍ ପାଇଁ ତାଙ୍କ ଅବଦାନକୁ ପ୍ରଶଂସକ ସଲାମ କରିଛନ୍ତି।

# ଭାରତୀୟ ଟେଷ୍ଟ ଅଧିନାୟକ ଦୌଡ଼ ଶୁଭମନ ଗିଲ ଆଗରେ




**ମୁମ୍ବାଇ, ୮।୫:** ରୋହିତ ଶର୍ମାଙ୍କ ଟେଷ୍ଟ ଅଧିନାୟକତ୍ୱରୁ ଇସ୍ତଫା ଘୋଷଣା ପରେ ଭାରତୀୟ କ୍ରିକେଟରେ ନୂଆ ନେତୃତ୍ୱ ଚୟନ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ଦୌଡ଼ରେ ଯୁବ ବ୍ୟାଟସମ୍ୟାନ ଶୁଭମନ ଗିଲ ଅନ୍ୟତମ ପ୍ରମୁଖ ଦାବିଦାର ଭାବେ ଆଗରେ ରହିଛନ୍ତି। ୨୫ ବର୍ଷୀୟ ଗିଲଙ୍କ ସ୍ଥିର ପ୍ରଦର୍ଶନ, ନେତୃତ୍ୱ ଦକ୍ଷତା ଏବଂ ଦୀର୍ଘକାଳୀନ ସମ୍ଭାବନା ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ଏକ ଆକର୍ଷଣୀୟ ପ୍ରାର୍ଥୀ କରିଛି।

ପଞ୍ଜାବରୁ ଆସିଥିବା ଶୁଭମନ ଗିଲ ୨୦୧୮ରେ ୧୯ ବର୍ଷରୁ କମ୍ ବିଶ୍ୱକପରେ ଭାରତୀୟ ବିଜୟୀ ଦଳର ସଦସ୍ୟ ଥିଲେ। ତାଙ୍କର ଶାନ୍ତ ମନୋଭାବ ଏବଂ ମଇଦାନରେ ରଣନୀତିଗତ ଚିନ୍ତାଧାରା ତାଙ୍କୁ ଅଲଗା କରିଛି। ଟେଷ୍ଟ କ୍ରିକେଟରେ ଗିଲ ୨୫ ମ୍ୟାଚରେ ୧୪୯୨ ରନ ସଂଗ୍ରହ କରିଛନ୍ତି, ଯେଉଁଥିରେ ୪ଟି ଶତକ ଏବଂ ୬ଟି ଅର୍ଦ୍ଧଶତକ ରହିଛି। ୨୦୨୦-୨୧ ଅଷ୍ଟ୍ରେଲିଆ ଗସ୍ତରେ ଗାବାରେ ତାଙ୍କର ୯୧ ରନର ଇନିଂସ ଭାରତର ଐତିହାସିକ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଘରୋଇ କ୍ରିକେଟରେ ଗୁଜରାଟ ଟାଇଟନ୍ସକୁ ଆଇପିଏଲ ୨୦୨୨ରେ ଚାମ୍ପିୟନ କରାଇବା ଏବଂ ୨୦୨୩ରେ ରଣଜୀ ଟ୍ରଫିରେ ପଞ୍ଜାବ ପାଇଁ ନେତୃତ୍ୱ ଦେବା ଗିଲଙ୍କ ନେତୃତ୍ୱ କ୍ଷମତାକୁ ଆହୁରି ଉଜାଗର କରିଛି। ତାଙ୍କର ଖେଳାଳିମାନଙ୍କ ସହ ସମ୍ପର୍କ ଏବଂ କଠିନ ପରିସ୍ଥିତିରେ ଧୈର୍ଯ୍ୟ ରଖିବାର ଗୁଣ ତାଙ୍କୁ ଟିମ୍ ଇଣ୍ଡିଆର ନେତା ଭାବେ ପ୍ରସ୍ତୁତ କରୁଛି।

ଗିଲଙ୍କ ସହ ଜସପ୍ରୀତ ବୁମରା, ଯିଏ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଅସ୍ଥାୟୀ ଅଧିନାୟକ ଭାବେ ଦଳକୁ ନେତୃତ୍ୱ ଦେଇଛନ୍ତି, ଏବଂ ଋଷଭ ପନ୍ତ ମଧ ଏହି ଦୌଡ଼ରେ ଅଛନ୍ତି। ବୁମରାଙ୍କର ଅଭିଜ୍ଞତା ଏବଂ ପନ୍ତଙ୍କର ଆକ୍ରମଣାତ୍ମକ ଶୈଳୀ ସେମାନଙ୍କୁ ଶକ୍ତ ପ୍ରତିଦ୍ୱନ୍ଦୀ କରୁଛି। ତେବେ, ଗିଲଙ୍କ ଯୁବ ଉତ୍ସାହ, ଟେଷ୍ଟ ଫର୍ମାଟରେ ସ୍ଥିରତା ଏବଂ ଦୀର୍ଘମିଆଦୀ ନେତୃତ୍ୱ ପାଇଁ ସମ୍ଭାବନା ତାଙ୍କୁ ଅନ୍ୟମାନଙ୍କଠାରୁ ଆଗରେ ରଖୁଛି।

## ସେନା ପରେ ଆକ୍ସନ୍‌ରେ ସଚିନ୍ ତେନ୍ଦୁଲକର
### ପୋଷ୍ଟ ସେୟାର କରି ପାକିସ୍ତାନକୁ ଦେଲେ ବଡ ବାର୍ତ୍ତା



**ମୁମ୍ବାଇ, ୮।୫:** ଏପ୍ରିଲ ୨୨ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବ ଦିଆଯାଇଛି। 'ଅପରେସନ୍ ସିନ୍ଦୂର' ପାକିସ୍ତାନ ଥରହର ହୋଇଯାଇଛି। ଏହା ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦୀର୍ଘକାଳୀନ ସାମରିକ ଉତ୍ତେଜନାର ଆଉ ଏକ ଅଧ୍ୟାୟ। ବର୍ତ୍ତମାନ 'ଅପରେସନ୍ ସିନ୍ଦୂର' ନାମରେ କରାଯାଇଥିବା ଏହି ଅପରେସନ୍ ଉପରେ ପ୍ରତିକ୍ରିୟା ଦେଇଛନ୍ତି ଭାରତର ମହାନ କ୍ରିକେଟର ସଚିନ୍ ତେନ୍ଦୁଲକର। ପୋଷ୍ଟଟି ସେୟାର କରି ସଚିନ ଭାରତୀୟ ସେନା ପ୍ରତି ଗର୍ବ ପ୍ରକାଶ କରିଛନ୍ତି।

ସଚିନ ତେନ୍ଦୁଲକର ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି, "ଏକତାରେ ନିର୍ଭୟତା ଶକ୍ତି ଅସୀମ। ଭାରତର ଢାଲ ହେଉଛି ଏହାର ଲୋକମାନେ। ଆମେ ସଭିଏଁ ଏକାଠି ଅଛୁ ... ଏହି ବିଶ୍ୱରେ ଆତଙ୍କବାଦର କୌଣସି ସ୍ଥାନ ନାହିଁ।।" ଗୌତମ ଗମ୍ଭୀର ମଧ୍ୟ କହିଛନ୍ତି ଯେ "ଏବେ ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ମ୍ୟାଚ୍ ହୋଇପାରିବ ନାହିଁ। ମଙ୍ଗଳବାର ବିଳମ୍ବିତ ରାତିରେ ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ନଅଟି ଆତଙ୍କବାଦୀ ସ୍ଥାନକୁ ଟାର୍ଗେଟ୍ କରିଥିଲେ। ଯେଉଁଥିରେ ଜୈଶ-ଏ-ମହମ୍ମଦ ଆତଙ୍କବାଦୀ ଗୋଷ୍ଠୀର ପ୍ରମୁଖ ଗଡ଼ ବାହାବଲପୁର ମଧ୍ୟ ସାମିଲ।

## ବିସିସିଆଇ ବଏକଟ୍ କଲେ ବରବାଦ୍ ହୋଇଯିବ ପାକିସ୍ତାନ ଏବଂ ବାଂଲାଦେଶ କ୍ରିକେଟ ବୋର୍ଡ

**ନୂଆଦିଲ୍ଲୀ, ୮।୫:** ଭାରତ ଏବଂ ପାକିସ୍ତାନ ମଧରେ ଚାଲିଥିବା ତିକ୍ତତାର ପ୍ରଭାବ କ୍ରିକେଟ ଉପରେ ଦେଖିବାକୁ ମିଳିଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ବିସିସିଆଇ ଆଇସିସିକୁ ଦାବି କରିଛି କି, ଆଇସିସି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସହିତ ଭାରତକୁ ଗୋଟିଏ ଗ୍ରୁପରେ ନ ରଖାଯାଉଛି। ଏହାଦ୍ୱାରା ଦୁଇଟି ଯାକ ଟିମ ମଧରେ କମ୍ ମ୍ୟାଚର ସମ୍ଭାବନା ରହିବ। ଯଦି ଭାରତ ସଂପୂର୍ଣ୍ଣ ଭାବେ ପାକିସ୍ତାନ ଏବଂ ବାଂଲାଦେଶକୁ ବହିଷ୍କାର କରେ, ତେବେ ଦୁଇଟି ଯାକ କ୍ରିକେଟ ବୋର୍ଡ ସଂପୂର୍ଣ୍ଣ ଭାବେ ବରବାଦ୍ ହୋଇଯିବ। ଯଦି ଟିମ୍ ଇଣ୍ଡିଆ କ୍ରିକେଟରେ ପାକିସ୍ତାନକୁ ବହିଷ୍କାର କରେ, ତେବେ ପାକିସ୍ତାନ କ୍ରିକେଟ ଟିମ୍ ୨୨୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତି ସହିପାରେ। ଭାରତୀୟ ଟିମ୍ ପ୍ରଥମରୁ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ସିରିଜ ଖେଳୁନାହିଁ। ଏହାଛଡା ଆଇସିସି ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନ ମଧ ଯାଉନି ଟିମ୍ ଇଣ୍ଡିଆ। ଚଳିତବର୍ଷ ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଆୟୋଜନ କରିଥିଲା ପାକିସ୍ତାନ। କିନ୍ତୁ ଭାରତ ସବୁ ମ୍ୟାଚ୍ ଦୁବାଇରେ ଖେଳିଥିଲା।




ଚାମ୍ପିଅନ୍ସ ଟ୍ରଫି ଆୟୋଜନ ପାକିସ୍ତାନ କରିଥିବା ସତ୍ତ୍ୱେ ଭାରତ ଯୋଗୁଁ ଫାଇନାଲ ମ୍ୟାଚ ଦୁବାଇରେ ଖେଳାଯାଇଥିଲା। ଆଇସିସି ଇଭେଣ୍ଟରେ ଟିମ୍ ଇଣ୍ଡିଆ ସହିତ ସହିତ ନ ଖେଳିବା ଯୋଗୁଁ ପାକିସ୍ତାନ ପ୍ରତି ଟୁର୍ଣ୍ଣାମେଣ୍ଟରେ ୧୨୮ କୋଟି ଟଙ୍କା କ୍ଷତି ସହେ। ଯାହା ପାକିସ୍ତାନ କ୍ରିକେଟ ବୋର୍ଡ ପାଇଁ ବହୁତ ବଡ଼ କ୍ଷତି।

କେବଳ ପାକିସ୍ତାନକୁ ନୁହେଁ, ଯଦି ଟିମ୍ ଇଣ୍ଡିଆ ବାଂଲାଦେଶକୁ ବହିଷ୍କାର କରେ, ତେବେ ବାଂଲାଦେଶ ମଧ ବଡ଼ କ୍ଷତି ସହିବ। ଗତଥର ଟିମ୍ ଇଣ୍ଡିଆ ବାଂଲାଦେଶ ଗସ୍ତ କରିଥିବା ବେଳେ ବାଂଲାଦେଶ ୮୦ କୋଟି ଟଙ୍କା ଆୟ କରିଥିଲା। ଯଦି ଟିମ୍ ଇଣ୍ଡିଆ ବାଂଲାଦେଶ ସହିତ ଦ୍ୱିପାକ୍ଷିକ ସିରିଜ ନ ଖେଳେ, ତେବେ ପ୍ରତି ସିରିଜରେ ୧୦୦ କୋଟି କ୍ଷତି ସହିବ ବାଂଲାଦେଶ। ଟିମ୍ ଇଣ୍ଡିଆ ବାଂଲାଦେଶ ସହିତ କୌଣସି ଆଇସିସି ଇଭେଣ୍ଟ ନ ଖେଳେ, ତେବେ ବାଂଲାଦେଶକୁ ୧୩୦ କୋଟି ଟଙ୍କା କ୍ଷତି ହେବ।



## ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାର ଭାରୋତ୍ତୋଳନ ପାଇଁ ଓଡ଼ିଶାରୁ ୭ ଜଣିଆ ଟିମ୍

**ଭୁବନେଶ୍ୱର, ୮।୫:** ଆସନ୍ତା ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ବିହାରର ରାଜଗିରି ଠାରେ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାର ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ଓଡ଼ିଶାରୁ ୭ ଜଣ ବାଳକ ବାଳିକା ଭାଗ ନେଉଛନ୍ତି । ବାଳିକା ଦଳରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଜ୍ୟୋସ୍ନା ଶବର, ମିନା ସାନ୍ତ-ଏ ଓ ମିନା ସାନ୍ତା-ବି, ଟିକି ମୋହିନୀ ମଲ୍ଲିକ ସ୍ଥାନ ପାଇଛନ୍ତି। ବାଳକ ବିଭାଗରେ ହର୍ଷ ବର୍ଦ୍ଧନ ସାହୁ, ମୁକେଶ ଗମାଙ୍ଗ, ସ୍ୱୟଂଜିତ ପ୍ରସାଦ ସାହୁ ଅଛନ୍ତି । କୋଚ୍ ଭାବେ ଫରକାଶ ଜୋଲଟନ୍ ଏବଂ ବୈଷୟିକ ଅଧିକାରୀ ଭାବେ କେ. ଭେଙ୍କଟଲକ୍ଷ୍ମୀ ଓ ଇଂ ଚିତ୍ତରଞ୍ଜନ ସ୍ୱାଇଁ ଦଳ ସହ ଗସ୍ତ କରୁଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁଦ୍ଧ...

ଅଞ୍ଚଳକୁ ଟାର୍ଗେଟ୍ କରାଯାଇଥିବା ସୂଚନା ମିଳିଛି। ଏଥିସହ ଭାରତ ପାକିସ୍ତାନର ମୋଟ ୫୬ଟି ଡ୍ରୋନ୍‌କୁ ମଧ୍ୟ ଉଡ଼ାଇ ଦେଇଛି। ଆହୁରି ଭାରତୀୟ ଯୁଦ୍ଧ ବିମାନ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ମଧ୍ୟ ପ୍ରବେଶ କରିଛି।

ପୂର୍ବରୁ ଭାରତର ଚେତାବନୀ ସତ୍ତ୍ୱେ ପାକିସ୍ତାନ ଭାରତର ପ୍ରତିରକ୍ଷା ଓ ବେସାମରିକ ପ୍ରତିଷ୍ଠାନକୁ ଗୁରୁବାର ରାତିରେ ଟାର୍ଗେଟ୍ କରିଥିଲା। କିନ୍ତୁ ଭାରତ ଏହାର ଦୃଢ଼ ଜବାବ ଦେଇଛି। ଭାରତର ସୁଦୃଢ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏସ-୪୦୦ ପାକିସ୍ତାନର ସବୁ ପ୍ରକାର ଆକ୍ରମଣକୁ ପ୍ରତିରୋଧ କରିଛି। ଏସ-୪୦୦ ସହ ଏଲ-୭୦, ଜେଡଏସୟୁ-୨୩ ଓ ସିଲକା ସିଷ୍ଟମ ମଧ୍ୟ ପାକିସ୍ତାନର ଡ୍ରୋନ, ରକେଟ, ମିସାଇଲ ଆକ୍ରମଣକୁ ପଣ୍ଡ କରିଛି। ଏହାସହ ପାକିସ୍ତାନର ୪ଟି ଯୁଦ୍ଧ ବିମାନକୁ ମଧ୍ୟ ଭାରତ ଖସାଇ ଦେଇଛି। ସେଥିମଧ୍ୟରେ ରହିଛି ଆମେରିକାର ଶକ୍ତିଶାଳୀ ଏଫ-୧୬ ବିମାନ ଓ ଚୀନ ନିର୍ମିତ ଦୁଇଟି ଜେଏଫ-୧୭ ରହିଛି। ଏହା ପୂର୍ବରୁ ୨୦୧୯ରେ ବି ଭାରତ ପାକିସ୍ତାନର ଏକ ଏଫ-୧୬କୁ ଖସାଇ ଦେଇଥିଲା। ଏଥିସହ ବିଳମ୍ବିତ ରାତିରେ ଉକ୍ତ ବିମାନର ପାଇଲଟ୍‌ଙ୍କୁ ଜୀବନ୍ତ ଧରିବାରେ ସୁରକ୍ଷାକର୍ମୀମାନେ ସକ୍ଷମ ହୋଇଥିବା ଜଣାପଡ଼ିଛି।

ସେପଟେ ଡ୍ରୋନ ମାଧ୍ୟମରେ ବି ପାକିସ୍ତାନ ଆକ୍ରମଣ କରିବାକୁ ଉଦ୍ୟମ କରୁଛି। ଜମ୍ମୁ-କାଶ୍ମୀର, ରାଜସ୍ଥାନ ଏବଂ ପଞ୍ଜାବର ଅନେକ ଅଞ୍ଚଳରେ ପାକିସ୍ତାନ ପୁଣିଥରେ ଡ୍ରୋନ୍ ଆକ୍ରମଣ କରିବାକୁ ବିଫଳ ପ୍ରୟାସ କରିଛି। ଜମ୍ମୁ ବିଶ୍ୱବିଦ୍ୟାଳୟ ନିକଟରେ ଭାରତୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦୁଇଟି ପାକିସ୍ତାନୀ ଡ୍ରୋନକୁ ଖସାଇ ଦେଇଛି। ପାକିସ୍ତାନ ଡ୍ରୋନ୍ ସାହାଯ୍ୟରେ ଜମ୍ମୁ ବିମାନବନ୍ଦର, ଜମ୍ମୁ ରେଳ ଷ୍ଟେସନ, ଚନ୍ନି ହିମ୍ମତ (ଜମ୍ମୁ), ଆରଏସ ପୁରା (ଜମ୍ମୁ ସଂଲଗ୍ନ ସୀମାନ୍ତ ଅଞ୍ଚଳ) ଉପରେ ଆକ୍ରମଣ କରିବାକୁ ବିଫଳ ପ୍ରୟାସ କରିଥିଲା। ଜମ୍ମୁର ବିମାନବନ୍ଦର ସମେତ ରାଜସ୍ଥାନ ଓ ପଞ୍ଜାବର କେତେକ ସ୍ଥାନକୁ ଗୁରୁବାର ରାତିରେ ଅନ୍ତର୍ଜାତୀୟ ସୀମା ପାର ହୋଇ ରକେଟ୍ ମାଡ଼ କରାଯାଇଛି। ଜମ୍ମୁ ବିମାନବନ୍ଦରରେ ଗୋଟିଏ ଡ୍ରୋନ୍ ଧକ୍କା ଦେବାରୁ ଏହାର ଜବାବରେ ଲଢୁଆ ବିମାନ ଗୁଡ଼ିକ ଆକାଶରେ ପଇଁତରା ମାରିଥିଲେ। ଭାରତ ନିଜର ଏୟାର ଡିଫେନ୍ସ ସିଷ୍ଟମକୁ ସକ୍ରିୟ କରିଛି, ଯାହା ଆସୁଥିବା ରକେଟକୁ ସଫଳତାର ସହ ଅଟକାଇଛି । ଜମ୍ମୁ ବେସାମରିକ ବିମାନବନ୍ଦର, ସାମ୍ବା, ଆରଏସ ପୁରା, ଅର୍ନିଆ ଏବଂ ଆଖପାଖ ଅଞ୍ଚଳକୁ ଟାର୍ଗେଟ କରି ପାକିସ୍ତାନରୁ ୮ଟି କ୍ଷେପଣାସ୍ତ୍ର ପ୍ରକ୍ଷେପଣ କରାଯାଇଥିବା ସୁରକ୍ଷା ଏଜେନ୍ସିମାନେ ନିଶ୍ଚିତ କରିଛନ୍ତି। ସମସ୍ତ କ୍ଷେପଣାସ୍ତ୍ରକୁ ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ ଦ୍ୱାରା ଧ୍ୱଂସ କରାଯାଇଥିଲା। ଜମ୍ମୁ ବିଶ୍ୱବିଦ୍ୟାଳୟ ନିକଟରେ ୨ଟି ପାକିସ୍ତାନୀ ଡ୍ରୋନ୍ ଖସାଇ ଦିଆଯାଇଛି। ଜମ୍ମୁ ବ୍ୟତୀତ ଏୟାର ଡିଫେନ୍ସ ୟୁନିଟ୍ ଉଧମପୁର, ଅଖନୁର ଏବଂ ପଠାନକୋଟରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନକୁ ମୁକାବିଲା କରିଛି। ଜମ୍ମୁ ବିମାନବନ୍ଦର ଓ ପଠାନକୋଟ ଏୟାରବେସ୍ ଚାରିପଟେ ଏୟାର ଡିଫେନ୍ସ ସାଇରନ୍ ବାଜିବା ସହ ସମ୍ପୂର୍ଣ୍ଣ ବ୍ଲକ୍ ଆଉଟ୍ ଲାଗୁ କରାଯାଇଛି। ସମଗ୍ର ଜମ୍ମୁ ସହରରେ ମୋବାଇଲ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ସହରରେ ଅନେକ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି।

ଏଥିସହ ପଞ୍ଜାବର ଅମୃତସର, ଜଳନ୍ଧର, ଚଣ୍ଡିଗଡକୁ ସଂପୂର୍ଣ୍ଣ ବ୍ଲାକଆଉଟ କରାଯାଇଛି। ସେହିପରି ଜମ୍ମୁ, କାଶ୍ମୀର, ଶ୍ରୀନଗର ଆଦି ଅଞ୍ଚଳକୁ ବ୍ଲାକଆଉଟ କରାଯାଇଚି। ସେହିପରି ରାଜସ୍ଥାନର ପଠାନକୋଟ, ଜୈସଲମେର, ବିକାନେର ଆଦି ଅଞ୍ଚଳକୁ ମଧ୍ୟ ବ୍ଲାକଆଉଟ କରାଯାଇଛି। ସେଠାରେ ସାଇରନ ବାଜିବା ସହ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାକିସ୍ତାନ କ୍ଷେପଣାସ୍ତ୍ର, ଡ୍ରୋନ, ରକେଟ ଓ ଆର୍ଟିଲେରୀ ଜରିଆରେ ଆକ୍ରମଣ ଜାରି ରଖିଥିବା ବେଳେ ଜମ୍ମୁ, ଶ୍ରୀନଗର ଏୟାରପୋର୍ଟରେ ହାଇ ଆଲର୍ଟ ଜାରି କରାଯାଇଛି।

### ଆମେ...

ପଢ଼ିବା ପରେ ନିଜ ଜ୍ଞାନ ଗାରିମାକୁ ଆତଙ୍କବାଦୀ କାର୍ଯ୍ୟକଳାପରେ ଲଗେଇ ନିଜ ଭବିଷ୍ୟତକୁ ଧ୍ୱଂସ କରୁଛନ୍ତି। ହେଲେ ଆମେ ଯୁଦ୍ଧ ନୁହେଁ, ବୁଦ୍ଧ ଚାହୁଁ। ଆମେ ଜିହାଦ ନୁହେଁ, ଜଗନ୍ନାଥ ଚାହୁଁ।

ସେ ପୁଣି କହିଥିଲେ ଯେ ଦୀର୍ଘ ୧୦୦ ବର୍ଷ ଧରି ଏହି ବିଦ୍ୟାଳୟ ଖଲ୍ଲିକୋଟ ଅଞ୍ଚଳରେ ଜ୍ଞାନର ଆଲୋକ ବିକିରଣ କରିଆସୁଛି ଓ ଏହି ଶତାୟୁ ବିଦ୍ୟାଳୟରେ ପାଠ ପଢ଼ିବା, ଛାତ୍ରଛାତ୍ରୀଙ୍କ ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଗାଙ୍ଗଦହଣୀ ଉଚ୍ଚ ବିଦ୍ୟାଳୟର ଐତିହ୍ୟ, ଜୟଯାତ୍ରା ଓ ସଫଳତାକୁ ମନେ ପକେଇ ଯଥୋଚିତ ସମ୍ମାନ କରିବା ପାଇଁ ଏହା ହେଉଛି ପ୍ରକୃତ ଅବସର। ଜୀବନରେ ସଂଘର୍ଷକୁ କେବେ ହେଲେ ଡରିବନି। ସଂଘର୍ଷର ରାସ୍ତାରେ ହିଁ ସଫଳତା ମିଳେ। ସଫଳତାର କୌଣସି ଶର୍ଟକଟ ନାହିଁ, ଯଦି ଅଛି ତ କେବଳ ସଂଘର୍ଷ ଆଉ କଠିନ ପରିଶ୍ରମ। ତେଣୁ ପିଲାମାନେ କଠିନ ପରିଶ୍ରମ କଲେ ନିଶ୍ଚିତ ମଧୁର ଫଳ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମା' ତାରାତାରିଣୀ ପୀଠର ଭିତ୍ତିଭୂମି ବିକାଶ ସମ୍ପର୍କରେ କହିଛନ୍ତି ଯେ ଏ ବାବଦରେ ୮ କୋଟି ଟଙ୍କା ଦିଆଯାଇସାରିଛି। ଏଥିରେ ସୁରକ୍ଷା ଓ ପରିମଳ ବ୍ୟବସ୍ଥା, ଗୋଟିଏ ସ୍ୱୟଂଚାଳିତ ରନ୍ଧାଯନ୍ତ୍ର ପ୍ରତିଷ୍ଠା (ପାହାଡ଼ ଉପରେ), ୯୯୯ ପଥର ପାହାଚର ମରାମତି ଓ ପୁନଃନିର୍ମାଣ, ଯାନବାହାନ ରହଣୀସ୍ଥଳ ଓ ହେଲିପ୍ୟାଡ୍ ପାଇଁ ଜମି ଅଧିଗ୍ରହଣ ଦିଗରେ ପଦକ୍ଷେପ ପ୍ରମୁଖ।

ଏଥିସହ ଭକ୍ତ ଓ ଯାତ୍ରୀମାନଙ୍କୁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇଦେବା ସକାଶେ ରାଜ୍ୟ ସରକାର ପୁଣି ୩୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ ସିଂହଦ୍ୱାର ସମ୍ମୁଖରେ ବହୁତଳବିଶିଷ୍ଟ ଧର୍ମଶାଳା, ବଣଭୋଜି ସ୍ଥଳ, ରାସ୍ତାଘାଟ ଉନ୍ନତିକରଣ ଯଥା ନବନିର୍ମିତ ପୋଲଠାରୁ ମୁଖ୍ୟରାସ୍ତା ଓ ଘାଟ ରୋଡ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର, ଆଲୋକୀକରଣ, ସାଇନ୍ ବୋର୍ଡ, ମନ୍ଦିର ଚତୁର୍ଦ୍ଦିଗରେ ୫ଟି ଗୁମୁଟ, ମନ୍ଦିର ଉତ୍ତରପାର୍ଶ୍ୱ ଉନ୍ନତିକରଣ, ଋଷିକୂଲ୍ୟା ନଦୀପଠାରେ ହେବାକୁ ଥିବା ଅନ୍ୟାନ୍ୟ ଉନ୍ନତିକରଣ ପାଇଁ ୨୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ମନ୍ଦିର ସମେତ ଅନ୍ୟାନ୍ୟ କୋଠାବାଡ଼ି ରକ୍ଷଣାବେକ୍ଷଣ ନିମନ୍ତେ ୫ କୋଟି ଟଙ୍କା ସ୍ଥାୟୀଜମା ଆକାରରେ ରଖାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ସର୍ବଦଳୀୟ...

କରିଛନ୍ତି, ବିଶେଷକରି ସୀମାନ୍ତ ଅଞ୍ଚଳରେ, କିନ୍ତୁ ସମସ୍ତ ସମର୍ଥନ ଦେଇଛନ୍ତି ଏବଂ ଆତଙ୍କବାଦ ବିରୋଧରେ ଏହି ଲଢ଼େଇରେ ଦେଶ ଏକଜୁଟ ହୋଇଛି। ଆମେ ସମସ୍ତେ ଏକାଠି କାମ କରୁଥିବା ବେଳେ ସମସ୍ତ ନେତା ପରିପକ୍ୱତା ଦେଖାଇଛନ୍ତି। ଅପରେସନ ସିନ୍ଦୂର ପାଇଁ ସମସ୍ତେ ସଶସ୍ତ୍ର ବାହିନୀକୁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି ଏବଂ କହିଛନ୍ତି ଯେ ଆମେ ସରକାର ଏବଂ ସଶସ୍ତ୍ର ବାହିନୀକୁ ସମର୍ଥନ କରିବୁ । ଆମକୁ କିଛି ପରାମର୍ଶ ମଧ୍ୟ ମିଳିଛି ବୋଲି ରିଜିଜୁ କହିଛନ୍ତି।

ଏହି ବୈଠକ ପରେ ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧି ଏବଂ ରାଜ୍ୟସଭା ବିରୋଧୀ ନେତା ମଲ୍ଲିକାର୍ଜୁନ ଖଡଗେ ସାମ୍ବାଦିକମାନଙ୍କ ସହ କଥା ବାର୍ତ୍ତା କରି ସଶସ୍ତ୍ର ବାହିନୀକୁ ସମର୍ଥନ କରିବା ସହ ସରକାରଙ୍କ ଆତଙ୍କବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରିଛନ୍ତି। ଗୁରୁବାର ସର୍ବଦଳୀୟ ବୈଠକରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହ, ଏସ୍ ଜୟଶଙ୍କର, ଜେପି ନଡ୍ଡା ଓ ନିର୍ମଳା ସୀତାରମଣ ସରକାରଙ୍କ ପ୍ରତିନିଧିତ୍ୱ କରିଥିବା ବେଳେ କଂଗ୍ରେସର ରାହୁଲ ଓ ଖଡଗେ, ତୃଣମୂଳ କଂଗ୍ରେସର ସନ୍ଦୀପ ବନ୍ଦୋପାଧ୍ୟାୟ ଏବଂ ଡିଏମକେର ଟିଆର ବାଲୁ ପ୍ରମୁଖ ସାମିଲେ ଥିଲେ। ଅନ୍ୟ ବିରୋଧୀ ଦଳ ନେତାମାନଙ୍କ ମଧ୍ୟରେ ସମାଜବାଦୀ ପାର୍ଟିର ରାମଗୋପାଳ ଯାଦବ, ଆପର ସଞ୍ଜୟ ସିଂହ, ଶିବସେନାର ସଞ୍ଜୟ ରାଉତ, ଏନସିପି (ଏସପି)ର ସୁପ୍ରିୟା ସୁଲେ, ବିଜେଡିର ସସ୍ମିତ ପାତ୍ର ଏବଂ ସିପିଆଇ(ଏମ)ର ଜନ୍ ବ୍ରିଟାସ, ଜେଡିୟୁ ନେତା ସଞ୍ଜୟ ଝା, କେନ୍ଦ୍ରମନ୍ତ୍ରୀ ତଥା ଏଲଜେପି ନେତା ଚିରାଗ ପାସୱାନ ଏବଂ ଏଆଇଏମଆଇଏମ୍ ସାଂସଦ ଅସଦୁଦ୍ଦିନ ଓୱେସି ମଧ୍ୟ ଉପସ୍ଥିତ ଥିଲେ।

### ଇରାନ୍...

ଭିତ୍ତିଭୂମି ଉପରେ ଆକ୍ରମଣ କରି ଜବାବ ଦେବାକୁ ବାଧ୍ୟ କରିଥିଲା। ଆମର ପ୍ରତିକ୍ରିୟାକୁ ଟାର୍ଗେଟ କରି ମାପ କରାଯାଇଥିଲା ବୋଲି ସେ କହିଛନ୍ତି। ପରିସ୍ଥିତିକୁ ଆହୁରି ଗମ୍ଭୀର କରିବା ଆମର ଉଦ୍ଦେଶ୍ୟ ନୁହେଁ। ତେବେ ଯଦି ଆମ ଉପରେ ସାମରିକ ଆକ୍ରମଣ ହୁଏ, ତେବେ ଏହାର ଦୃଢ଼ ଜବାବ ଦିଆଯିବ ଏଥିରେ କୌଣସି ସନ୍ଦେହ ନାହିଁ। ଜୟଶଙ୍କର କହିଛନ୍ତି ଯେ ପଡ଼ୋଶୀ ଏବଂ ଘନିଷ୍ଠ ସହଯୋଗୀ ହିସାବରେ ଇରାନ ପରିସ୍ଥିତି ବିଷୟରେ ଭଲ ଭାବରେ ବୁଝିବା ଜରୁରୀ। ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢୁଥିବା ବେଳେ ଇରାନର ବୈଦେଶିକ ମନ୍ତ୍ରୀ ଗତକାଲି ବିଳମ୍ବିତ ରାତିରେ ନିର୍ଦ୍ଧାରିତ ଗସ୍ତରେ ନୂଆଦିଲ୍ଲୀରେ ପହଞ୍ଚିଥିଲେ।

### ସଚିବଙ୍କ...

ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷା ସୁନିଶ୍ଚିତ କରିବା ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏକ ସରକାରୀ ବିବୃତିରେ ଆହୁରି ମଧ୍ୟ କୁହାଯାଇଛି ଯେ ସଚିବମାନଙ୍କୁ ନିଜ ନିଜ ମନ୍ତ୍ରଣାଳୟର କାର୍ଯ୍ୟର ବ୍ୟାପକ ସମୀକ୍ଷା କରିବାକୁ ଏବଂ ପ୍ରସ୍ତୁତି-ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ଆଭ୍ୟନ୍ତରୀଣ ଯୋଗାଯୋଗ ପ୍ରୋଟୋକଲ୍ ଉପରେ ବିଶେଷ ଧ୍ୟାନ ଦେଇ ଅତ୍ୟାବଶ୍ୟକ ବ୍ୟବସ୍ଥାର ବ୍ୟାପକ କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଧାନମନ୍ତ୍ରୀଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ସଚିବମାନେ ସାମ୍ପ୍ରତିକ ପରିସ୍ଥିତିରେ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ସହିତ ସେମାନଙ୍କ ଯୋଜନାର ବିସ୍ତୃତ ବିବରଣୀ ଦେଇଛନ୍ତି। ରାଜ୍ୟ କର୍ତ୍ତୃପକ୍ଷ ଓ ତୃଣମୂଳ ସ୍ତରୀୟ ଅନୁଷ୍ଠାନଗୁଡ଼ିକ ସହ ଘନିଷ୍ଠ ସମନ୍ୱୟ ରଖିବାକୁ ମନ୍ତ୍ରଣାଳୟଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଦେଶ ଏକ ସମ୍ବେଦନଶୀଳ ସମୟ ଦେଇ ଗତି କରୁଥିବାରୁ ନିରନ୍ତର ସତର୍କତା, ଅନୁଷ୍ଠାନିକ ସମନ୍ୱୟ ଏବଂ ସ୍ପଷ୍ଟ ଯୋଗାଯୋଗ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଜାତୀୟ ନିରାପତ୍ତା, ପରିଚାଳନାଗତ ପ୍ରସ୍ତୁତି ଏବଂ ନାଗରିକ ଙ୍କ ସୁରକ୍ଷା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ସେ ଦୋହରାଇଛନ୍ତି। ଏହି ବୈଠକରେ କ୍ୟାବିନେଟ୍ ସଚିବ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ପ୍ରତିରକ୍ଷା, ଗୃହ ବ୍ୟାପାର, ବୈଦେଶିକ ବ୍ୟାପାର, ସୂଚନା ଓ ପ୍ରସାରଣ, ଶକ୍ତି, ସ୍ୱାସ୍ଥ୍ୟ ଏବଂ ଦୂରସଂଚାର ସମେତ ପ୍ରମୁଖ ମନ୍ତ୍ରଣାଳୟର ସଚିବମାନେ ଉପସ୍ଥିତ ଥିଲେ।

### 'ସିନ୍ଦୂର'ରେ...

ଆକ୍ରମଣରେ ଆବଦୁଲ ରଉଫ ଅଜହର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅଜହର ହେଉଛନ୍ତି ମାସୁଦ ଅଜହରର ସାନ ଭାଇ ଏବଂ ଜୈଶ-ଏ-ମହମ୍ମଦର ଦ୍ୱିତୀୟ ନେତା।

୧୯୯୯ରେ ଆଇସି-୮୧୪ ବିମାନ ହାଇଜାକ ଘଟଣାରେ ସେ ମୁଖ୍ୟ ଯୋଜନାକାରୀ ଥିଲେ, ଯେଉଁଥିରେ ମାସୁଦ ଅଜହରଙ୍କ ସମେତ ତିନି ଆତଙ୍କବାଦୀଙ୍କୁ ମୁକ୍ତ କରିବା ପାଇଁ ଭାରତ ସରକାରଙ୍କୁ ବାଧ୍ୟ କରାଯାଇଥିଲା। ରଉଫ ମଧ୍ୟ ୨୦୦୧ ସଂସଦ ଆକ୍ରମଣ, ୨୦୧୬ ପାଠାଙ୍କୋଟ ଆକ୍ରମଣ ଏବଂ ୨୦୧୯ ପୁଲୱାମା ଆକ୍ରମଣ ଭଳି ଅନେକ ଆତଙ୍କବାଦୀ ଘଟଣାରେ ଜଡ଼ିତ ଥିଲେ। ସେ ଜାତିସଂଘ ଦ୍ୱାରା ଘୋଷିତ ଆନ୍ତର୍ଜାତୀୟ ଆତଙ୍କବାଦୀ ଥିଲେ।

### ପାକ୍...

ଆକ୍ରମଣ ଆଶା କରିନଥିଲା। ଏପରିକି ଭାରତୀୟ ସେନାର ଅନ୍ୟତମ ପ୍ରମୁଖ ସାମରିକ ଯୁଦ୍ଧାସ୍ତ୍ର ଜାଗୁଆର ମଧ୍ୟ ତା'ର ଆକ୍ରମଣ ଆରମ୍ଭ କରିଦେଇଛି। ଏଥିସହ କରାଚୀ ବନ୍ଦରରେ ଭାରତୀୟ ନୌସେନା ପକ୍ଷରୁ ୧୨ଟି ବୋମା ବିସ୍ଫୋରଣ କରାଯାଇଛି। ଏହାଛଡ଼ା ଇସ୍‌ଲାମାବାଦର ୨୦ଟି ସ୍ଥାନରେ ବିସ୍ଫୋରଣ ଘଟିଥିବା ସୂଚନା ମିଳିଛି।



● ଯୁଦ୍ଧ ଘନଘଟା: ଆଇପିଏଲ୍ ମ୍ୟାଚ୍ ବାତିଲ୍

## ଖେଳାଳି ଓ ଅଧିକାରୀଙ୍କୁ ସୁରକ୍ଷିତ ସ୍ଥାନାନ୍ତର ପାଇଁ ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା

ଧର୍ମଶାଳା,୮।୫: ଆଜି ରାତିରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଥିବା ବେଳେ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାବ କିଙ୍ଗସର ସମସ୍ତ ଖେଳାଳି, ମ୍ୟାଚ ଅଧିକାରୀ, ସହାୟକ କର୍ମଚାରୀ ଏବଂ ପ୍ରସାରଣ ଦଳକୁ ସୁରକ୍ଷିତ ଭାବେ ଘରକୁ ଫେରାଇବା ପାଇଁ ଏକ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନେଇଥିବା ବୋଲି ଉପାଧ୍ୟକ୍ଷ ରାଜୀବ ଶୁକ୍ଲା କହିଛନ୍ତି।
ପିବିକେଏସ ବନାମ ଡିସି ମ୍ୟାଚ ବର୍ଷା ଯୋଗୁଁ ବିଳମ୍ବରେ ଆରମ୍ଭ ହୋଇଥିବା ବେଳେ, ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ୧୦.୧ ଓଭର ସମୟରେ ଫ୍ଲଡ଼ଲାଇଟ ବନ୍ଦ ହୋଇଯାଇ ମ୍ୟାଚ ହଠାତ୍ ବନ୍ଦ ହୋଇଯାଇଥିଲା। ଏହା ମଧ୍ୟରେ, ବିସିସିଆଇ ଏବଂ ଆଇପିଏଲ ପରିଚାଳନା ପରିଷଦ ମଧ୍ୟରେ ଏକ ବୈଠକ ବର୍ତ୍ତମାନ ଚାଲୁ ରହିଛି। ପ୍ରାରମ୍ଭରେ ଏହା ଫ୍ଲଡ଼ଲାଇଟ ତ୍ରୁଟି ବୋଲି ଭାବାଯାଇଥିଲା, କିନ୍ତୁ ପରେ ନିଶ୍ଚିତ ହୋଇଛି ଯେ ନିକଟବର୍ତ୍ତୀ ଅଞ୍ଚଳରେ ବାୟୁ ଆକ୍ରମଣ ଚେତାବନୀ ଯୋଗୁଁ ସୁରକ୍ଷା କାରଣରୁ ଏହା ଏକ ବ୍ଲାକଆଉଟ ଥିଲା, ଯାହା ପାହାଡ଼ିଆ ସହରରେ ବ୍ଲାକଆଉଟ ଲାଗୁ କରିବାକୁ ବାଧ୍ୟ କରିଥିଲା। "ଆମେ ଧର୍ମଶାଳାରୁ ବେଶୀ ଦୂରରେ ନଥିବା ଉନାରୁ ଏକ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରୁଛୁ ଯାହା ସମସ୍ତଙ୍କୁ ସୁରକ୍ଷିତ ଭାବେ ଘରକୁ ଫେରାଇବ। ବର୍ତ୍ତମାନ ମ୍ୟାଚ ବାତିଲ କରାଯାଇଛି ଏବଂ ଷ୍ଟାଡିୟମକୁ ଖାଲି କରାଯାଇଛି। ଆସନ୍ତାକାଲି ପରିସ୍ଥିତି ଅନୁସାରେ ଆମେ ଟୁର୍ଣ୍ଣାମେଣ୍ଟର ଭବିଷ୍ୟତ ବିଷୟରେ ନିଷ୍ପତ୍ତି ନେବୁ। ବର୍ତ୍ତମାନ ଖେଳାଳିମାନଙ୍କ ସୁରକ୍ଷା ହେଉଛି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ," ଟାଇମ୍ସ ଅଫ ଇଣ୍ଡିଆ ଶୁକ୍ଲାଙ୍କୁ ଉଦ୍ଧୃତ କରି କହିଛି। ଫ୍ଲଡ଼ଲାଇଟ ବନ୍ଦ ହେବା ପରେ, ଖେଳାଳି ଏବଂ ଅଧିକାରୀମାନଙ୍କୁ ତୁରନ୍ତ ଭିତରକୁ ନିଆଯାଇଥିଲା, ଯେତେବେଳେ ଆଇପିଏଲ ଅଧ୍ୟକ୍ଷ ଅରୁଣ ସିଂ ଧୁମାଲ ସମସ୍ତ ଦର୍ଶକଙ୍କୁ ତୁରନ୍ତ ଷ୍ଟାଡିୟମ ଖାଲି କରିବାକୁ ନିର୍ଦ୍ଦେଶ ଦେଉଥିବା ଦେଖାଯାଇଥିଲା।

# ଅନ୍ଧାରୀ ମୂଳକ 'ନଗଡା'ର ବିକାଶ ହେବ

**ଯାଜପୁର, ୮।୫ (ସଂଚାର ବ୍ୟୁରୋ) :** ଭୋକ, ଅଖାଦ୍ୟ, ରୋଗ, ନୀରକ୍ଷରତା ସହ ରାସ୍ତା, ସ୍କୁଲ, ବିଦ୍ୟୁତ ନଥିବା ଅନ୍ଧାରୀ ମୁଲକର ଗାଁ 'ନଗଡା'ର ସମସ୍ୟା ଦିନେ ଜାତୀୟ ସ୍ତରର ପ୍ରସଙ୍ଗ ହୋଇଥିଲା। ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଏହି ଅବହେଳିତ ଗାଁ ନଗଡାର ସମସ୍ୟା ସମାଧାନ ପାଇଁ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ନଗଡାର ସମସ୍ୟାର ସମାଧାନ ସହ ବିକାଶ ପାଇଁ ପୂର୍ଣ୍ଣ ପ୍ରତିଶ୍ରୁତି ମିଳିଛି ।



## ଜିଲ୍ଲାପାଳଙ୍କ ସହ ସମାଜସେବୀଙ୍କ ବୈଠକ

ନଗଡାର ବିକାଶ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ମାନଙ୍କ ସହ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାହାଡ ପର୍ବତ ସୁରକ୍ଷା ମଂଚର ସଭାପତି ସତୀଶ ବିଶ୍ୱାଳ ଆଲୋଚନା ଆରମ୍ଭ କରି କହିଥିଲେ ଯେ, ନଗଡର ବିଭିନ୍ନ ପଡାଗ୍ରାମ ତୁମୁଣୀ, ତଳଡିହ, ଗୁହିଆଶାଳର ବନବାସୀ ଲୋକମାନଙ୍କୁ ତୁରନ୍ତ ପାହାଡ ତଳକୁ ଅଣାଯାଇ ସ୍ୱାଭାବିକ ଜୀବନ ଯାପନ ପାଇଁ ଆବଶ୍ୟକ ବାସଗୃହ, ପାନୀୟ ଜଳ, ଆତ୍ମ ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉ । ଏହି ତିନୋଟି ପଡାଗ୍ରାମରେ ପାନୀୟ ଜଳ, ଖାଦ୍ୟ, ବିଦ୍ୟୁତ ସେବା, ସ୍କୁଲ ଏବଂ ରାସ୍ତା ନଥିବାର ସମସ୍ୟା ଅତ୍ୟନ୍ତ ଉଦବେଗ ଜନକ ।

ମୁଶାନ ଜ୍ୟୋତି ଟ୍ରଷ୍ଟର ମୁଖ୍ୟ ରଶ୍ମିଲତା ବଳ କହିଥିଲେ ଯେ, ସେଠାରେ ଲୋକେ ଭୋକ ଦାଉରୁ ରକ୍ଷା ପାଇବା ପାଇଁ ଅଖାଦ୍ୟ ଖାଉଛନ୍ତି । ସେମାନଙ୍କୁ ରାଶନ ସାମଗ୍ରୀ ସହ ସ୍ୱତନ୍ତ୍ର ଯୋଜନା କରାଯାଇ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉ । ଅଙ୍ଗନବାଡି କେନ୍ଦ୍ର ଗୃହଟି ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ହେଲେ ପାଠ ପଢାଇବାକୁ ଶିକ୍ଷୟତ୍ରୀ ଆସୁ ନାହାନ୍ତି। ସୋଲାର ଲାଇଟ ବ୍ୟବସ୍ଥା ଥିଲେ ମଧ ଏଥିରୁ ଆଲୁଅ ଜଳୁନାହିଁ । ଏଥିରେ ରାଜ୍ୟର ବିଭିନ୍ନ ସଂଗଠନର ବରିଷ୍ଠ ସମାଜସେବୀ ଗଗନ ବିହାରୀ ପାଇକାଳ, ସାଗର ଦାସ, ନାରାୟଣ ସାହୁ, ସନ୍ଦିପ ବିଶ୍ୱାଳ ମେଘନାଦ ଜେନା, ସୁବ୍ରତ ବାରିକ, ସବ୍ୟସାଚୀ ସାହୁ ସାମ୍ବାଦିକ କାର୍ତ୍ତିକ ସ୍ୱାଇଁ, ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗଦେଇ କହିଥିଲେ ଯେ, ଏଠାରେ ପ୍ରଦୂଷିତ ପାଣିରେ ଶୌଚ ହେବା ସହ ପାନୀୟ ଜଳ ଭାବେ ବ୍ୟବହାର କରୁଥିବାରୁ ସେମାନଙ୍କ ଦେହରେ ବିଭିନ୍ନ ପ୍ରକାର ଉତ୍କଟ ଚର୍ମ ରୋଗ ହେଉଛି । ଶିଶୁମାନେ ଏଥିପାଇଁ ଅକଥନୀୟ ଯନ୍ତ୍ରଣା ପାଉଛନ୍ତି। ତଳଡିହରେ ଜରିପାଲ ତଳେ ୧୨ଟି ପରିବାର ଦୟନୀୟ ଜୀବନ ବିତାଉଛନ୍ତି । ସେମାନଙ୍କୁ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ମିଳିନାହିଁ। ଯାଜପୁର ଜିଲ୍ଲାପାଳ ସଙ୍ଗେ ସଙ୍ଗେ ଏଥିନେଇ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ବୈଠକକୁ ଡକାଇ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ ।

ଜିଲ୍ଲାପାଳ କହିଥିଲେ ଯେ, ନଗଡାର ସମସ୍ୟା ସମାଧାନ ପାଇଁ ନିଜେ ମୁଖ୍ୟ ଶାସନ ସଚିବ ଆଲୋଚନା କରିଛନ୍ତି । ଏଠାରେ ଅନେକ ସମସ୍ୟାର ସମାଧାନ ହୋଇଛି । ସେମାନେ ପାହାଡ ତଳକୁ ଆସି ଜୀବନ ଯାପନ କରିବାକୁ ରାଜି ହେଲେ ସରକାର ସେମାନଙ୍କୁ ପାହାଡ ତଳକୁ ଆଣି ସ୍ୱାଭାବିକ ଜୀବନ ଧାରଣ ପାଇଁ ଆବଶ୍ୟକ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବେ। ନଗଡାର ପ୍ରତ୍ୟେକ ପଡାଗ୍ରାମର ସମସ୍ୟାକୁ ଜିଲ୍ଲାପାଳ ନିଜ ଆଡୁ ବର୍ଣ୍ଣନା କରିବା ସହ ଏହାର ସମାଧାନ ପାଇଁ ସରକାରଙ୍କ ତରଫରୁ ନିଆଯାଇ ଥିବା ପଦକ୍ଷେପ ନେଇ ମଧ ତଥ୍ୟ ଉପସ୍ଥାପନ କରିଥିଲେ । ଏହାପରେ ଏହି ପ୍ରତିନିଧି ଦଳ ତରଫରୁ ଦିଆଯାଇ ଥିବା ପ୍ରସ୍ତାବକୁ ଅତି ଗୁରୁତ୍ୱର ସହ ନିଆଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

ଜିଲ୍ଲାପାଳଙ୍କ ନଗଡା ଉପରେ ଅଭିଜ୍ଞତା ଏବଂ ସମସ୍ୟାର ସମାଧାନ ପାଇଁ ଥିବା ଆନ୍ତରିକତା ଓ ନିଷ୍ଠା ନେଇ ପ୍ରତିନିଧି ଦଳ ତରଫରୁ ଜିଲ୍ଲାପାଳ ଏବଂ ସରକାରଙ୍କୁ କୃତଜ୍ଞତା ଜଣାଯାଇଛି । ପ୍ରତିନିଧ ଦଳ ତରଫରୁ ଯାଜପୁର ଜିଲ୍ଲାପାଳଙ୍କୁ ବୃକ୍ଷ ଏବଂ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## କାଳ ସାଜୁଛି କାଳବୈଶାଖୀ

# ଡିବି ପାଇଁ ମିଳୁନି କିରୋସିନି



### ବିଦ୍ୟୁତ କଟିଲେ ଗାଁ ଅନ୍ଧାର

### ବର୍ଷେରୁ ଉର୍ଦ୍ଧ୍ୱ ହେବ ହେଉନି ଯୋଗାଣ

**କାକଟପୁର/ଅସ୍ତରଙ୍ଗ, ୮।୫ (ସଂଚାର ବ୍ୟୁରୋ) :** ଆକାଶରେ ମେଘ ଢାଙ୍କିବା ହେଉ କି କାଳବୈଶାଖୀ ଆସିଲେ ହେଉଛି ବିଦ୍ୟୁତ କାଟ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ କିଛି ଘଣ୍ଟା ବିଦ୍ୟୁତ କାଟ ହେଉଥିବା ବେଳେ ବ୍ଲକର ଅନେକ ଗ୍ରାମରେ ସ୍ଥିତି ସଙ୍ଗିନ। ବିଦ୍ୟୁତ ଯାଉଛି ଯେ ଯାଉଛି। କେତେବେଳେ ବିଦ୍ୟୁତ ଆସିବ ସେ ନେଇ କାହାରି ନିକଟରେ ଉତ୍ତର ରହୁନି। ଏପରିକି ୪ରୁ ୫ଘଣ୍ଟା ଧରି ବିଦ୍ୟୁତ ସେବା ବିଚ୍ଛିନ୍ନ ହୋଇ ରହୁଛି। ଫଳରେ ଅସ୍ତରଙ୍ଗ ବ୍ଲକର କିଛି ଗାଁରେ ଲୋକେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି।

ବଡ଼ କଥା ହେଲା କାଳବୈଶାଖୀ ସମୟରେ କିରୋସିନ ଟିକିଏ ସାତ ସପନ ପାଲଟିଛି। ଫଳରେ ବେଳ ବୁଡିଗଲେ ଜଙ୍ଗଲୀ ହିଂସ୍ର ଜନ୍ତୁଙ୍କ ଭୟ ରହୁଥିବା ବେଳେ ଅସ୍ତରଙ୍ଗ ବ୍ଲକର ଅନେକ ଗ୍ରାମ କାଳବୈଶାଖୀ ସମୟରେ ଅନ୍ଧକାର ହୋଇ ରହୁଛି। ଅନ୍ୟ ପାର୍ଶ୍ୱରେ, ସରକାର ଲୋକଙ୍କ ମୌଳିକ ସୁବିଧା ସୁଯୋଗକୁ ଦୃଷ୍ଟିରେ ରଖି ସୁଲଭ ମୂଲ୍ୟରେ କିରୋସିନି ଯୋଗାଣ କରୁଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ପ୍ରାୟ ୧ବର୍ଷରୁ ଉର୍ଦ୍ଧ ସମୟ ଧରି କିରୋସିନି ଯୋଗାଣ ବନ୍ଦ ହୋଇ ପଡିଛି। ଫଳରେ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ସମସ୍ୟା ବଢୁଛି। ଏଭଳି ସ୍ଥିତିରେ କାଳ ବୈଶାଖୀ ପାଇଁ ଅଧିକାଂଶ ସମୟ ବିଦ୍ୟୁତ ସଂଯୋଗ ରହୁନାହିଁ। ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ବିଦ୍ୟୁତ ଖୁଣ୍ଟ ଓ ତାର ନଷ୍ଟ ହେଉଥିବା କହି ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ କରାଯାଉଛି। ଫଳରେ ଅସ୍ତରଙ୍ଗ ଅଞ୍ଚଳର ଗ୍ରାମାଞ୍ଚଳ ଲୋକେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି।

ସ୍ଥାନୀୟ ଅଧିବାସୀ କହିବା ଅନୁଯାୟୀ, ପୂର୍ବରୁ କିରୋସିନି ମିଳୁଥିଲା। ଦର ଅଧିକ ହେଲେ ମଧ ରାତି ଅନ୍ଧାରେ ଚଳିବା ପାଇଁ କିରୋସିନି ଆଣିବାକୁ ପଡୁଥିଲା। ମାତ୍ର କିରୋସିନି ଯୋଗାଣ ବନ୍ଦ ହେବା ପରେ ଏବେ ଆଉ କୌଣସି ଉପାୟ ନାହିଁ। ବିଦ୍ୟୁତ କଟିଗଲେ ଅନ୍ଧାରରେ ରହିବାକୁ ପଡୁଛି। କାଳବୈଶାଖୀ ସମୟରେ ସଞ୍ଜ ନଇଁଲେ ଗାଁ ଗୁଡିକରେ ତାଟି କବାଟ ପଡିବା ସହ କୋକୁଆ ଭୟ ସୃଷ୍ଟି ହେଉଛି। ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ସମ୍ପୂର୍ଣ୍ଣ ବାଧା ପ୍ରାପ୍ତ ହେଉଛି। ବିଦ୍ୟୁତ ସଂଯୋଗ ସମ୍ପର୍କରେ ଜାଣିବାକୁ ହେଲେ ସାଧାରଣ ଲୋକେ ଜାଣି ପାରୁନାହାନ୍ତି। କୌଣସି ଜରୁରୀ ସମୟରେ ଯୋଗାଯୋଗ କରିବା ହେଉକି ରାତି ଅନ୍ଧାରରେ ଘରୁ ବାହାରିବା ସମ୍ଭବ ହେଉନାହିଁ। କିରୋସିନି ଯୋଗାଣ ପ୍ରତି ସରକାର ବିଶେଷ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଅଞ୍ଚଳ ବାସୀ ଦାବୀ କରିଛନ୍ତି।

# ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ମେଗା ରକ୍ତଦାନ ଶିବିର, ୫୧ ୟୁନିଟ ରକ୍ତ ସଂଗୃହୀତ



**ଖୋର୍ଦ୍ଧା, ୮।୫ (ସଂଚାର ବ୍ୟୁରୋ) :** ଜିଲ୍ଲା ପ୍ରେସକ୍ଲବ ପକ୍ଷରୁ ବିଶ୍ୱ ଥାଲେସେମିୟା ଦିବସ ଉପଲକ୍ଷେ ଏକ ମେଗା ରକ୍ତଦାନ ଶିବିର ସାମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା । ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର, ଡି.ଏମ.ଓ (ଏମ. ଏସ) ଡାକ୍ତର ମନୋରଞ୍ଜନ ରାଉତ ଆନୁଷ୍ଠାନିକ ଭାବେ ଏହି ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ଉପଦେଷ୍ଟା ତପନ କୁମାର ନାୟକ, ଆଇନ ପରାମର୍ଶଦାତା ଅବ୍ୟକ୍ତ ହରି ହର ଖାଡ଼ଙ୍ଗା, ପ୍ରେସକ୍ଲବ ଉପସଭାପତି ପ୍ରସନ୍ନ କୁମାର ପାଇକରାୟ, ଲଳିତ ମୋହନ ମହାପାତ୍ର, ସଂଯୋଜକ ପ୍ରକାଶ ହାତୀ, ଯୁବ ସମାଜସେବୀ ପ୍ରଭାତ କୁମାର ପାଣିଗ୍ରାହୀ,ଶୁଭାକାନ୍ତ ମହାପାତ୍ର, ରଞ୍ଜିତ ପାଟଶାଣୀ,ଗୋପାଳ ପ୍ରଧାନ, ରଞ୍ଜିତ ସାମନ୍ତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଚର୍ମ ରୋଗ ବିଶେଷଜ୍ଞ ଡାକ୍ତର ହର ପ୍ରସନ୍ନ ତ୍ରିପାଠୀ, ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ,ବିଶିଷ୍ଟ ସମାଜସେବୀ, ସଞ୍ଜୟ ପଟ୍ଟନାୟକ, ପ୍ଲାବନ ପଟ୍ଟନାୟକ, ଖୋର୍ଦ୍ଧା ଗୋଶାଳାର ପ୍ରତିଷ୍ଠାତା ରାଧା ମୋହନ ପ୍ରଧାନ,ରାମ ନାରାୟଣ ଦାଶ, କଂଗ୍ରେସ ନେତ୍ରୀ ସୋନାଲି ସାହୁ, ବିଜେପି ନେତ୍ରୀ ଶୁଚିସ୍ମିତା ମିଶ୍ର(ବଡ଼ଜେନା), ଶୋଭନ ଘୋଷ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।

ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ରକ୍ତର ଅଭାବ ଏବଂ ସାମ୍ପ୍ରତ୍ୟ ଯୁଦ୍ଧ ପରିସ୍ଥିତିକୁ ଆଖି ଆଗରେ ରଖି ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଥିବା ବେଳେ ବହୁ ସଂଖ୍ୟାରେ ଉତ୍ସାହୀ ଯୁବକ, ଯୁବତୀ ଏହି ଶିବିରକୁ ଆସି ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ୫୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଖୋର୍ଦ୍ଧା ବ୍ଲଡ଼ବ୍ୟାଙ୍କ ଡାକ୍ତର ସୌରଭ ସୁନ୍ଦରାୟ, ଝାନସୀ ରାଣୀ ପାତ୍ର, ଅରୁଣ ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ ଏବଂ ଶ୍ରୀକାନ୍ତ ସାମନ୍ତସିଂହାର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଖୋର୍ଦ୍ଧା ଜିଲ୍ଲାର ଏକ ଅଗ୍ରଣୀ ସଂଗଠନ ଭାବେ ଜିଲ୍ଲା ପ୍ରେସକ୍ଲବର ଏପରି ସମାଜ କଲ୍ୟାଣ ମୂଳକ କାର୍ଯ୍ୟକ୍ରମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ପଟ୍ଟାମୁଣ୍ଡାଇ ବ୍ଲକର ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ



**ପଟ୍ଟାମୁଣ୍ଡାଇ, ୮।୫ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ଓ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଜି ବ୍ଲକ ପରିସରରେ ଏକ ଉଚ୍ଚ ସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି ରାଜନଗର ବିଧାୟକ ଧ୍ରୁବ ସାହୁ। ବହୁ ସରକାରୀ ଯୋଜନା ମନ୍ଥର ଗତିରେ ଚାଲୁଥିବା ଓ ଅନେକ ପ୍ରକଳ୍ପରେ ସରକାରୀ ଅନୁଦାନ ବିନିଯୋଗ ନହୋଇ ପଡି ରହିଥିବା ସମ୍ପର୍କରେ ଅଭିଯୋଗ ପାଇ ପଟ୍ଟାମୁଣ୍ଡାଇ ବ୍ଲକର ବିକାଶକୁ ଅଧିକ କ୍ଷୀପ୍ର ଗତିରେ ତ୍ୱରାନ୍ୱିତ କରିବା ପାଇଁ ବିଧାୟକ ପଟ୍ଟାମୁଣ୍ଡାଇ ବ୍ଲକରେ ଏକ ଉଚ୍ଚସ୍ତରୀୟ ବୈଠକ କରି ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ୧୯ଟି ପଂଚାୟତରେ କାର୍ଯକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା, ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଏଇ ଅବସରରେ ସରକାରୀ ଅନୁଦାନ ବିନିଯୋଗ ନହୋଇ ପଡି ରହିଥିବା ପ୍ରକଳ୍ପ ଗୁଡିକୁ ତୁରନ୍ତ ସାରିବାକୁ ବିଧାୟକ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ପଟ୍ଟାମୁଣ୍ଡାଇ ବ୍ଲକର ଉନ୍ନୟନ କାର୍ଯ୍ୟ ପାଇଁ ଆସିଥିବା ବିଭିନ୍ନ ସରକାରୀ ଅନୁଦାନ ରାଶିକୁ ଠିକଣା ଢଙ୍ଗରେ ବର୍ଷାଦିନ ପୂର୍ବରୁ ଜନପ୍ରତିନିଧିମାନଙ୍କ ସହଯୋଗରେ ବିନିଯୋଗ କରି ବିକାଶ ପ୍ରକ୍ରିୟାକୁ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡ଼ିଓ ଅଶୋକ ମହାନ୍ତି, ସହକାରୀ ଯନ୍ତ୍ରୀ ବିନୟ ମିଶ୍ର, ପ୍ରସନ୍ନ ରାଉତ ଜ୍ୟୋତିମୟୀ ସାହୁ, ପ୍ରତାପ ସାହୁ, ସ୍ନିଗ୍ଧା ସାହୁ, ବନ୍ଦିତା ବେହେରା, ମୋନାଲିସା ପ୍ରଧାନ, ରତ୍ନେଶ ପାଣ୍ଡେ, ବିଶ୍ୱଜିତ ମିଶ୍ର, ନିର୍ମଳ ଜେନା ଓ ବ୍ଲକ ଉନ୍ନୟନ ବିଭାଗ ଅଧିକାରୀ ପ୍ରଭାତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ବହୁ ସରପଞ୍ଚ ଓ ସମିତି ସଭ୍ୟଙ୍କ ସହିତ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ ।

# ନୂତନ ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**କାକଟପୁର/ଅସ୍ତରଙ୍ଗ, ୮।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ମଣ୍ଡଳ ଶିକ୍ଷାଅଧିକାରୀ ଭାବେ ରବୀନ୍ଦ୍ର ନାଥ ନନ୍ଦ ମଙ୍ଗଳବାର ଯୋଗଦେଇଛନ୍ତି। ନୂତନ ଶିକ୍ଷାଅଧିକାରୀ ଯୋଗ ଦାନ ପରେ ଶିକ୍ଷାବିତି ତଥା କବି ହୃଦାନନ୍ଦ ଶାସମଲ ଓ ସୁନନ୍ଦା ରାଉତ ନେତୃତ୍ୱ ରେ ନୂତନ ଶିକ୍ଷାଅଧିକାରୀ ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଛନ୍ତି କର୍ମକର୍ତ୍ତା। ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ବିଷ୍ଣୁଚରଣ ମହାନ୍ତି ଙ୍କ ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ, ଏହା ସହ କାକଟପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।କାକଟପୁର ମଣ୍ଡଳ ନୂତନ ଶିକ୍ଷାଅଧିକାରୀ ରବୀନ୍ଦ୍ର ନାଥ ନନ୍ଦ ଜଣେ ସରଳ, ଅମାୟିକ ବ୍ୟକ୍ତିତ୍ୱ ଭାବେ ଜଣାଶୁଣା। କାକଟପୁର ବ୍ଲକରେ ଗୁଣାତ୍ମକ ଶିକ୍ଷାର ବିକାଶ କରିବା ଦିଗରେ କାର୍ଯ୍ୟଧାରା ଜାରି ରଖିବେ ବୋଲି ନୂତନ ଶିକ୍ଷାଅଧିକାରୀ ପ୍ରକାଶ କରିଛନ୍ତି।



### ଜିଲ୍ଲାପାଳଙ୍କୁ ଭେଟିଲେ ସାମ୍ବାଦିକ ଭବନ ସଦସ୍ୟ

# ପ୍ରକାଶିତ ଚିଠି ପ୍ରସଙ୍ଗରେ ଆଲୋଚନା

**ନୟାଗଡ଼, ୮।୫ (ସଂଚାର ବ୍ୟୁରୋ) :** ନୟାଗଡ଼ ସାମ୍ବାଦିକ ଭବନକୁ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସମ୍ପର୍କିତ ପ୍ରକାଶିତ ଚିଠିକୁ କିଛି ବ୍ୟକ୍ତି ଭ୍ରମ ସୃଷ୍ଟି କରାଇବା ସହ ସାମ୍ବାଦିକ ଭବନ ବିରୁଦ୍ଧରେ ଚକ୍ରାନ୍ତ କରୁଛନ୍ତି । ଯାହାକୁ ନେଇ ଆଜି ସାମ୍ବାଦିକ ଭବନ ପରିସରରେ ସଂଖ୍ୟାଧିକ ସଦସ୍ୟଙ୍କ ଉପସ୍ଥିତିରେ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକ ଭବନ ସଭାପତି ବୈଦ୍ୟ ଭୂଷଣ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଉପଦେଷ୍ଟା ଶ୍ରୀକାନ୍ତ ଖଟେଇ, ଚନ୍ଦ୍ର ବିଜୟୀ ମିଶ୍ର, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ହୁସେନ ଖାଁ ପ୍ରମୂଖ ମତ ବ୍ୟକ୍ତ କରିବା ସହ ଆଲୋଚନା କରିଥିଲେ । ଜିଲ୍ଲାପାଳଙ୍କ ପକ୍ଷରୁ ଚିଠି ପ୍ରକାଶ ପାଇବା ପୂର୍ବରୁ ଭବନ କାର୍ଯ୍ୟକାରିଣୀ ସଦସ୍ୟଙ୍କ ସହ କୌଣସି ଆଲୋଚନା କରାଯାଇନଥିଲା । ଏଣୁ ଉକ୍ତ ଚିଠିରେ କିଛି ସଂଶୋଧନ ଆବଶ୍ୟକତା ଦୃଷ୍ଟିରେ ରଖି ସଦସ୍ୟମାନେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ସାକ୍ଷାତ କରିଥିଲେ । ଦୀର୍ଘ ସମୟ ଧରି ଭବନ ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରକାଶିତ ଚିଠିକୁ ସଂଶୋଧନ କରି ସମସ୍ତ ସାମ୍ବାଦିକଙ୍କ ହିତରେ କାର୍ଯ୍ୟ କରିବା ପାଇଁ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ସାମ୍ବାଦିକଙ୍କ ଦାବିକୁ ଗ୍ରହଣ କରିବା ସହ ଏ ସମ୍ପର୍କରେ ନିଶ୍ଚିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସାମ୍ବାଦିକ କ୍ଷୀରୋଦ ପଟ୍ଟନାୟକ, ରଜତ ପଟ୍ଟନାୟକ, ସଞ୍ଜୟ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ଜେନା, ଅନୱାର ଅଲ୍ଲୀ, ବିଶ୍ୱଜିତ ନାୟକ, ରବୀନ୍ଦ୍ର କୁମାର ଦାଶ, ଦେବବ୍ରତ ନାୟକ, ନିହାର ପଟ୍ଟନାୟକ, ଯଜାତୀ କେଶରୀ ମହାପାତ୍ର, ବିଭୂତି ଭୂଷଣ ସ୍ୱାଇଁ, ବିଭୂତି ମହାପାତ୍ର, ପ୍ରଭାତ ମହାପାତ୍ର, ସ୍ୱରୁପ ପଟ୍ଟନାୟକ, ଭବାନୀ ଶଙ୍କର ଦାସ, ରସାନନ୍ଦ ସ୍ୱାଇଁ, ଜନ୍ମେଜୟ ମହାନ୍ତି, ଭାସ୍କର ସ୍ୱାଇଁ, ମହେଶ ମିଶ୍ର, ଜୟନ୍ତ ମିଶ୍ର, ସୁମନ୍ ସାହୁ, ଦିନମଣି ମହାନ୍ତି, ପ୍ରଦୀପ୍ତ କୁମାର ପାତ୍ର, ବିଶ୍ୱନାଥ ବେହେରା, ଶୁଭାଶିଷ ପଟ୍ଟନାୟକ, ଗଗନ ମହାପାତ୍ର, ରାଜ କୁମାର୍ ସାହୁ, ଲୁଲୁ ମହାପାତ୍ର, କୈଳାସ ଚନ୍ଦ୍ର ସିଅଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଭବନ ପରିସରରେ ଆଲୋଚନାରେ ଅଂଶ ଗ୍ରହଣ କରିବା ସହ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ ।

### କୋଟାକ୍ ମହିନ୍ଦ୍ରା ବ୍ୟାଙ୍କକୁ ଖାଉଟି ଅଦାଲତ ଛାଟ

# ୭ଦିନ ଭିତରେ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

**ନୟାଗଡ଼, ୮।୫ (ସଂଚାର ବ୍ୟୁରୋ) :** ବ୍ୟାଙ୍କ ଉପରେ ଖାଉଟି ଅଦାଲତ ଛାଟ। ଲକ୍ଷେ କି ଦୁଇ ଲକ୍ଷେ ନୁହେଁ, ୭ଦିନ ଭିତରେ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ଓ ତାଙ୍କୁ ମାନସିକ ଅଶାନ୍ତି ପ୍ରଦାନ କରିଥିବାରୁ ଆଉ ୨୫ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଖାଉଟି ଅଦାଲତ । ଏଭଳି ଛାଟ ବାଜିଛି ଭୁବନେଶ୍ୱରରେ ଥିବା କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଉପରେ।

ସୂଚନାନୁସାରେ, ନୟାଗଡ ଜିଲ୍ଲା ଚାନ୍ଦପୁର ଥାନା ଅଞ୍ଚଳର ଅଶୋକ କୁମାର ସେନାପତି ଏକ ୧୦ ଚକିଆ ହାଇୱା କିଣିବା ପାଇଁ ଭୁବେଶ୍ୱରସ୍ଥିତ ଜନପଥରେ ଥିବା କୋଟାକ୍ ମହିନ୍ଦ୍ରା ବ୍ୟାଙ୍କରୁ ଋଣ ନେଇଥିଲେ। ମୂଳ ଓ ସୁଧକୁ ମିଶାଇ ଅଶୋକଙ୍କୁ ୩୧ ଲକ୍ଷ ଟଙ୍କା ଦେବାକୁ ଥିଲା । ଏହି ଋଣ ଟଙ୍କାକୁ ୪୭ଟି କିସ୍ତିରେ ତାଙ୍କୁ ଶୁଝିବାକୁ ଥିବା ବେଳେ ସେ ୪୪ଟି ଦେଇଥିଲେ ଓ ବିଭିନ୍ନ କାରଣରୁ ବାକି ୩ଟା କିସ୍ତି ଦେଇପାରିନଥିଲେ ଅଶୋକ। ଏହାର କିଛି ଦିନ ପରେ ବ୍ୟାଙ୍କ୍ ସହ ସେ ଯୋଗାଯୋଗ କରିବାରୁ ତାଙ୍କୁ ୨ ଲକ୍ଷ ୫୯ ହଜାର ଟଙ୍କା ଜମା କରିବା ପାଇଁ କୁହାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ୟାଙ୍କର ନିର୍ଦ୍ଦେଶ ଅନୁଯାୟୀ ଅଶୋକ ମଧ ଏହି ଟଙ୍କା ପଇଠ କରିଥିଲେ। ଟଙ୍କା ଜମା କରିବା ପରେ ମଧ ବ୍ୟାଙ୍କ୍ ତାଙ୍କୁ ନୋ-ଅବ୍‌ଜେକ୍ସନ୍ ସାର୍ଟିଫିକେଟ୍ (ଏନ୍‌ଓସି) ପ୍ରଦାନ କରିନଥିଲା। ବାରମ୍ବାର ଅଶୋକଙ୍କୁ ଦୌଡ଼ାଇଥିଲା ବ୍ୟାଙ୍କ୍। ସେ ଦେଇଥିବା ଟଙ୍କା ଜମା ହୋଇନାହିଁ ଓ ସେତେବେଳେ ଥିବା କର୍ମଚାରୀ ଆଉ ନାହାନ୍ତି, ଏମିତି ବିଭିନ୍ନ କାରଣ ଦେଖାଇ ବ୍ୟାଙ୍କ ତରଫରୁ ତାଙ୍କୁ ଆଉ ୨ ଲକ୍ଷ ୫୯ ହଜାର ଟଙ୍କା ଜମା କରିବା ପାଇଁ କୁହାଗଲା ପୁଣି ଏତେ ଟଙ୍କା ଜମା କରିବାକୁ ସେ ସକ୍ଷମ ନୁହନ୍ତି ବୋଲି ବ୍ୟାଙ୍କକୁ ନିବେଦନ କରିଥିଲେ ମଧ ବ୍ୟାଙ୍କ ମ୍ୟାନେଜର ଓ କର୍ମଚାରି କର୍ଣ୍ଣପାତ କରିନଥିଲେ।

ଏ ନେଇ ଅଶୋକ ବ୍ୟାଙ୍କକୁ ମାସ ମାସ ଧରି ଦୌଡ଼ୁଥିଲେ ମଧ କିଛି ସୁଫଳ ମିଳିନଥିଲା। ଫଳରେ ବାଧ ହୋଇ ଅଶୋକ କୁମାର ସେନାପତି ନୟାଗଡ ଖାଉଟି ଅଦାଲତଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହି ମାମଲାର ଶୁଣାଣି କରି ମାନ୍ୟବର ଖାଉଟି ଅଦାଲତ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଉପରେ କ୍ଷତିପୂରଣର ଭରଣ କରିବା ପାଇଁ ରାୟ ପ୍ରଦାନ କରିଛନ୍ତି ।

# ବ୍ୟାସନଗର ନହକା ଗୋଲେଇ ଛକରେ ଖୋଲିଲା ଓବେଡ କାଫେ

**ଯାଜପୁର ରୋଡ଼, ୮।୫ (ସଂଚାର ବ୍ୟୁରୋ) :** ବ୍ୟାସନଗର ସହରର ନହକା ବାଇପାସ ଗୋଲେଇ ଛକ ଠାରେ ଓବେଡ଼ କାଫେ ନାମରେ ଏକ ନୂତନ ଅତ୍ୟାଧୁନିକ ଷ୍ଟଲ ଉଦଘାଟିତ ହୋଇଯାଇଅଛି। କଳିଙ୍ଗନଗର ଶିଳ୍ପାଂଚଳର ମୁଖଶାଳା ବ୍ୟାସନଗର ସହର ହୋଇଥିବାରୁ ଏଠାରେ ଲୋକସଂଖ୍ୟା ଦିନକୁ ଦିନ ବଢ଼ିବା ସହିତ ଲୋକଙ୍କ ଷ୍ଟାଇଲ ଏବଂ ଚାଲିଚଳନ ମଧ ବଦଳିବାରେ ଲାଗିଛି।



ସନ୍ଧ୍ୟା ହେଲେ ଏହି ସହରର ପ୍ରତେକ ଫାଷ୍ଟ ଫୁଡ଼ ଦୋକାନରେ ଲୋକଙ୍କ ଭିଡ଼ ଜମିବା ଦେଖିବାକୁ ମିଳିଥାଏ। ଏହାକୁ ଆଖି ଆଗରେ ରଖି ଲୋକମାନଙ୍କ ମନପସନ୍ଦର ସୁସ୍ୱାଦୁ ଖାଦ୍ୟ ବ୍ୟଞ୍ଜନର ସେବା ପ୍ରଦାନ କରି ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଏହି କାଫେଟି ଖୋଲିଯାଇ ଥିବା ଅନୁଷ୍ଠାନର ସ୍ୱତାଧିକାରୀ କହିଛନ୍ତି। ଏହାକୁ ବ୍ୟାସନଗର ପୌରପରିଷଦ ସହରର ଅଧକ୍ଷ ସୁବାସ ଚନ୍ଦ୍ର ବଳ, ଯାଜପୁର ରୋଡ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ଓ ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ସବିତା ରାଉତ ଯୋଗଦେଇ ଅନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ।

# ଲବଣ ସତ୍ୟାଗ୍ରହୀଙ୍କ ବଳିଦାନ ଅବିସ୍ମରଣୀୟ

### ୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ପାଇଁ ପ୍ରସ୍ତୁତି ବୈଠକ

**କାକଟପୁର/ଅସ୍ତରଙ୍ଗ, ୮।୫ (ସଂଚାର ବ୍ୟୁରୋ):** ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଡାକରାରେ ଅନୁପ୍ରାଣିତ ହୋଇ ଗାନ୍ଧିଜୀଙ୍କ ଦାଣ୍ଡି ଯାତ୍ରାର ପ୍ରତିଧ୍ୱନି ଦେଶର ବିଭିନ୍ନ ରାଜ୍ୟରେ ଶୁଣାଯାଇଥିଲା। ଓଡିଶା ଏକ ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଲବଣ ସତ୍ୟାଗ୍ରହ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲା। ପୁରୀ ଜିଲ୍ଲାରେ ପଣ୍ଡିତ ନୀଳକଣ୍ଠ ଦାସ ଓ ଜଗନ୍ନାଥ ରଥଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା। ୧୯୩୦ମେ ୨୧ତାରିଖର ସ୍ଥାନୀୟ ସଂଗ୍ରାମୀ ଓ ସତ୍ୟାଗ୍ରହୀଙ୍କ ଗାଥାକୁ ଉଜ୍ଜୀବିତ କରିବା ପାଇଁ ୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ସମାରୋହ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।





ଖବର ମୁତାବକ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ଓ ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗୁରୁବାର ଦିନ ମଧାହ୍ନ ସମୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକ ଅଧକ୍ଷା ଆରତୀ ନାଏକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ସମ୍ମାନିତ ଅତିଥି ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ଶସ୍ମିତା ବେହେରା, ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମୀୟ କୁମାର ପଟ୍ଟନାୟକ, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର ପ୍ରମୁଖ ଉପସ୍ଥିତରେ ଆସନ୍ତା ମେ ୨୧ତାରିଖ ତଥା ୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ଦିନ ପ୍ରତ୍ୟୁଷରୁ ରାମଧୂନ, ସକାଳ ୭ଘଟିକାରେ ମାଲ୍ୟାର୍ପଣ, ଲବଣ ସତ୍ୟାଗ୍ରହ ସମ୍ପର୍କରେ ଲୋକଙ୍କୁ ସଚେତନ ପାଇଁ ଅସ୍ତରଙ୍ଗ ବ୍ଲକ ଠାରୁ ଲବଣ ସତ୍ୟାଗ୍ରହ ପୀଠ କୁହୁଡି ପର୍ଯ୍ୟନ୍ତ ଏକ ଗଣ ଦୌଡ଼, ସଂଗ୍ରାମୀ ସ୍ମୃତି ପୀଠରେ ଶ୍ରଦ୍ଧା ସୁମନ ପ୍ରଦାନ, ଜାତୀୟ ପତାକା ଉତ୍ତୋଳନ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ପହଲଗାମରେ ନିରୀହ ପର୍ଯ୍ୟଟକଙ୍କ ଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା, ସ୍ମରଣିକା ଉନ୍ମୋଚନ ସହ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଓ ବିଶିଷ୍ଟ ବ୍ୟକ୍ତି ମାନଙ୍କ ବାର୍ତ୍ତା ପଠନ ହେବ ବୋଲି ପ୍ରସ୍ତୁତି ବୈଠକ ଆଲୋଚନା ହୋଇଥିଲା।

ଏହା ସହ ୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ସମାରୋହରେ ଅତିଥି ଭାବେ ଓଡିଶାର ରାଜ୍ୟପାଳ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସ୍ମୃତି ସମିତି ତରଫରୁ ନିବେଦନ କରାଯାଇଛି। ଆସିବାର ଅନୁମୋଦିତ ହେଲେ ସ୍ୱତନ୍ତ୍ର ଆୟୋଜନ ହେବ ବୋଲି ସ୍ଥିର ମଧ କରାଯାଇଛି।



# ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ

**କେନ୍ଦ୍ରାପଡ଼ା, ୮।୫ (ସଂଚାର ବ୍ୟୁରୋ):** ନିଆଳି ମେରିବଟ ମହାପୁରୁଷଙ୍କ ପରିସରରେ ଥିବା ଶିବାନନ୍ଦ ଆଶ୍ରମରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ରୀଗୁରୁଦେବଙ୍କ ପାଦୁକା ପୂଜା, ନଗର ପରିକ୍ରମା, ରୁଦ୍ରାଭିଷେକ, ଶ୍ରୀସୁକ୍ତମ ମନ୍ତ୍ର ଜପ କରାଯାଇଥିଲା । ଏଥିସହିତ ଶ୍ରୀ'ମାଙ୍କୁ ନୂତନ ବସ୍ତ୍ର ଓ ଫଳପୁଷ୍ପ ପ୍ରଦାନ ସହ ଅଭିଷେକ କରାଯାଇଥିଲା। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଗ୍ୟଧର ସାହୁ, ରାମଚନ୍ଦ୍ର ସାମଲ, ଭୋବନୀ ଦାସ, ସଚ୍ଚିଦାନନ୍ଦ ଜେନା, କୃଷ୍ଣଚନ୍ଦ୍ର ସାମଲ, ଗଗନ ଜେନା, ଶରତ ଚନ୍ଦ୍ର ପାତ୍ର, ଡ. କାଳିପ୍ରସନ୍ନ ଶତପଥୀ, ଅର୍ଚ୍ଚନା ଗୋଏଙ୍କା, ଅଜୟ କୁମାର ଗୋଏଙ୍କା, ଉମାକାନ୍ତ ବଳ, ହେଲିନା ଜେନାସମେତ ଗ୍ରାମର ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ ।

# ଓଡ଼ିଶା ୱେବ୍‌ସାଇଟ୍‌କୁ ହ୍ୟାକ୍ କଲା ପାକିସ୍ତାନ



**ଭୁବନେଶ୍ୱର, ୮।୫ (ସଂଚାର ବ୍ୟୁରୋ)**: ବଡ଼ ଖବର। ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ପାକିସ୍ତାନୀ ସାଇବର ଅପରାଧୀଙ୍କ ଦ୍ୱାରା ଓଡ଼ିଶାର କେତେକ ଗୁରୁତ୍ୱପୂର୍ଣ୍ଣ ୱେବ୍‌ସାଇଟ୍ ହ୍ୟାକ ହୋଇଥିବା ଖବର ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ଏହି ସାଇବର ଆକ୍ରମଣରେ ରାଜ୍ୟ ସରକାରୀ ବିଭାଗ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକର ଓ୍ୱେବସାଇଟଗୁଡ଼ିକୁ ଟାର୍ଗେଟ କରାଯାଇଛି। ଏହି ଘଟଣା ପରେ ରାଜ୍ୟ ସାଇବର ସୁରକ୍ଷା ବିଭାଗ ଏବଂ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂତ୍ରରୁ ଜଣାପଡ଼ିଛି ଯେ, ହ୍ୟାକରମାନେ ୱେବସାଇଟର ଡାଟାବେସରେ ଅନଧିକୃତ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ ଏବଂ କିଛି କ୍ଷେତ୍ରରେ ସେମାନେ ସଫଳ ହୋଇଛନ୍ତି। ତେବେ, ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି ହୋଇଛି କି ନାହିଁ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। ଓଡିଶା ଆଦର୍ଶ ବିଦ୍ୟାଳୟର ଅଫିସିଆଲ ୱେବସାଇଟ ହ୍ୟାକ ହୋଇଛି। ପାକିସ୍ତାନ ସାଇବର ଫୋର୍ସଙ୍କ ଦାରା ହାକ ହୋଇଥିବା କୁହାଯାଇଛି। କାଲି ଠାରୁ ହାକ ହୋଇଯାଇଛି ସାଇଟ। ଆଜି ସାଇଟଟି ସମ୍ପୂର୍ଣ୍ଣ ବ୍ଲାକ ହୋଇଯାଇଥିବା ସୂଚନା ମିଳିଛି। ଏ ନେଇ ଗଣ ଶିକ୍ଷା ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ।

ସାଇବର ସୁରକ୍ଷା ବିଶେଷଜ୍ଞମାନେ କହିଛନ୍ତି ଯେ, ଏହା ଏକ ସଙ୍ଗଠିତ ସାଇବର ଆକ୍ରମଣ ହୋଇପାରେ, ଯାହା ପଛରେ ପାକିସ୍ତାନୀ ହ୍ୟାକର ଗ୍ରୁପର ହାତ ରହିଥାଇପାରେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ସରକାରୀ ୱେବସାଇଟର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଶାହାଙ୍କ ଓଡ଼ିଶାଗସ୍ତ ବନ୍ଦ, ସ୍ଥଗିତ ରହିଲା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୮।୫ (ସଂଚାର ବ୍ୟୁରୋ)**: କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରହିଛି। ଏନେଇ ଗୁରୁବାର ସୂଚନା ଦେଇଛନ୍ତି ସମ୍ବଲପୁର ଜିଲାପାଳ। ଚଳିତମାସ ୧୦ ଓ ୧୧ ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥାନ୍ତେ ଶାହା। ତେବେ ଏହି କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଓଡିଶା ଗସ୍ତରେ ଆସି ଜଟଣୀ ଫରେନସିକ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ଥିଲା। ଏହାପରେ ସନ୍ଧ୍ୟାରେ ପିରୀ ଯାଇ ଶ୍ରୀଜିଉଙ୍କ ଦର୍ଶନ କରିବାର ଥିଲା। ମହାପ୍ରଭୁଙ୍କ ଦର୍ଶନ କରିବା ପରେ ପୁରୀରେ ହିଁ ରାତ୍ରୀଯାପନ କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଥିଲା। ୧୧ରେ ପୁରୀରୁ ବାହାରି ସମ୍ବଲପୁର ଯିବାର କାର୍ଯ୍ୟକ୍ରମ ରହିଥିଲା। ସେଠାରେ ମା' ସମ୍ଲେଶ୍ୱରୀଙ୍କ ଦର୍ଶନ କରିବା ସହ କିଛି ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ଥିଲା। ପରେ ଭୁବନେଶ୍ୱର ଆସି ଜନତା ମୈଦାନରେ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇ ଅଭିଭାଷଣ ଦେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଏ ସମସ୍ତ କାର୍ଯ୍ୟକ୍ରମ ବାତିଲ କରାଯାଇଛି। କାରଣ ଭାରତ-ପାକିସ୍ତାନ ମଧ୍ୟରେ ସ୍ଥିତି ଖରାପ ଥିବାରୁ ଶାହାଙ୍କ ଗସ୍ତ ବାତିଲ ହୋଇଛି।

# ଫେରିଲା ତାତି: ୧୪ ପର୍ଯ୍ୟନ୍ତ ନିସ୍ତାର ନାହିଁ



**ଭୁବନେଶ୍ୱର, ୮।୫ (ସଂଚାର ବ୍ୟୁରୋ)**: କାଳବୈଶାଖୀଜନିତ ବର୍ଷା ଓ ପବନ ଯୋଗୁଁ ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ରାଜ୍ୟରେ ଅନୁକୂଳ ପାଗ ରହିଆସିଥିଲା। କିନ୍ତୁ ଆଜିଠାରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ସହ ଭୀଷଣ ଗରମ ଓ ଗୁଳୁଗୁଳି ପ୍ରତ୍ୟାବର୍ତ୍ତନ କରିଛି, ଯାହା ସାଧାରଣ ଜୀବନଯାତ୍ରାକୁ ଗମ୍ଭୀର ଭାବେ ପ୍ରଭାବିତ କରିଛି। ସେହିପରି ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବାସୀଙ୍କୁ ଏହି ଗ୍ରୀଷ୍ମପ୍ରବାହରୁ ମୁକ୍ତି ମିଳିବ ନାହିଁ ବୋଲି ମଧ୍ୟ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଏଥିସହ ଆସନ୍ତା ୧୦ ତାରିଖଠାରୁ ରାଜ୍ୟରେ ତାତି ଲହରୀ ଅନୁଭୂତ ହେବାର ଆଶଙ୍କା ମଧ୍ୟ ପ୍ରକଟ କରାଯାଇଛି। ଆଜି ଆଞ୍ଚଳିକ ପାଣିପାଗ କେନ୍ଦ୍ର ସପ୍ତାହକ ପାଇଁ ବିଭିନ୍ନ ଜିଲ୍ଲା ସକାଶେ ଆଲର୍ଟ ଜାରି କରିଛି।

ଏହି କ୍ରମରେ ଆସନ୍ତାକାଲି ପାଇଁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କଟକ ଏବଂ ଯାଜପୁର ଜିଲ୍ଲାର ଗୋଟିଏ କି ଦୁଇଟି ସ୍ଥାନରେ ଗରମ ଏବଂ ଗୁଳୁଗୁଳି ଅନୁଭବ ହେବା ନେଇ ସତର୍କ କରାଇ ଦିଆଯାଇଛି। ଏହାଛଡ଼ା ଆସନ୍ତା ୧୦ରେ ଝାରସୁଗୁଡ଼ା, ବୌଦ୍ଧ, ବଲାଙ୍ଗୀର ଏବଂ ସମ୍ବଲପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ତାତି ଲହରୀ ରହିବା ଉକ୍ତ ଦିନ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କଟକ ଓ ଯାଜପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗରମ ସହ ଆର୍ଦ୍ର ପାଗ ରହିବାର ସମ୍ଭାବନା ବ୍ୟକ୍ତ କରାଯାଇଛି। ଆସନ୍ତା ୧୧ ତାରିଖରେ ଝାରସୁଗୁଡ଼ା, ବୌଦ୍ଧ, ବଲାଙ୍ଗୀର, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାର ଗୋଟିଏ କିମ୍ବା ୨ଟି ସ୍ଥାନରେ ତାତି ଲହରୀ ରହିବାର ସମ୍ଭାବନା ପ୍ରକାଶ ପାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କଟକ ଓ ଯାଜପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗରମ ସହ ଗୁଳୁଗୁଳି ଅନୁଭୂତ ହେବ।

ଏହାପରେ ଆସନ୍ତା ୧୨ରେ ଝାରସୁଗୁଡ଼ା, ବୌଦ୍ଧ, ବଲାଙ୍ଗୀର, ସୁନ୍ଦରଗଡ଼, ନୟାଗଡ଼ ଏବଂ ସମ୍ବଲପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ତାତି ଲହରୀ ରହିବାକୁ ଥିବା ବେଳେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମ, ଖୋର୍ଦ୍ଧା, କଟକ ଓ ଯାଜପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗରମ ଏବଂ ଆର୍ଦ୍ର ପାଗ ରହିପାରେ।

ସେହିପରି ୧୩ରେ ଝାରସୁଗୁଡ଼ା, ବୌଦ୍ଧ, ବଲାଙ୍ଗୀର, ସୁନ୍ଦରଗଡ଼, ନୟାଗଡ଼ ଓ ସମ୍ବଲପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ତାତି ଲହରୀ ରହିବାର ସମ୍ଭାବନା ଅଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, କଟକ, ଏବଂ ଯାଜପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗରମ ଏବଂ ଗୁଳୁଗୁଳି ହେବାର ସମ୍ଭାବନା ଅଛି। ତା'ଛଡ଼ା ୧୪ରେ ଝାରସୁଗୁଡ଼ା, ବୌଦ୍ଧ, ବଲାଙ୍ଗୀର, ସୁନ୍ଦରଗଡ଼, ନୟାଗଡ଼, ଅନୁଗୁଳ, କେନ୍ଦୁଝର, ଦେଓଗଡ଼, ଏବଂ ସମ୍ବଲପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ତାତି ଲହରୀ ରହିବାର ସମ୍ଭାବନା ଅଛି।

# ପୁଲିସ ମାଓବାଦୀ ଗୁଳିବିନିମୟ, ୩ ଯବାନ ସହିଦ



**ମାଲକାନଗିରି, ୮।୫ (ସଂଚାର ବ୍ୟୁରୋ)**: ଛତିଶଗଡ ସୁକୁମାରେ ଆଇଇଡି ବିସ୍ଫୋରଣରେ ୩ ଜଣ ଯବାନ ସହିଦ ହୋଇଥିବା ଖବର ଗୁରୁବାର ସାମ୍ନାକୁ ଆସିଛି। ତଲାସି ଅଭିଯାନ ସମୟରେ ଆଇଇଡି ବିସ୍ଫୋରଣରେ ଯବାନ ସହିଦ ହୋଇଛନ୍ତି। ଛତିଶଗଡ-ତେଲେଙ୍ଗାନା ମୁଲୁଗୁ ଜିଲାରେ ମାଓବାଦୀ-ଯବାନ ମୁହାଁମୁହିଁ ହୋଇଛନ୍ତି। ପେରୁରୁ ଏବଂ ୱାଜେଡୁ ଥାନା ଅଞ୍ଚଳରେ ଗୁଳି ବିନିମୟ ଚାଲୁ ରହିଛି।

● ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସୂଚନା

# ଖୁବଶୀଘ୍ର କୁଳପତି ଓ ପ୍ରଫେସର ନିଯୁକ୍ତି



**ଭୁବନେଶ୍ୱର,୮।୫(ସଂଚାର ବ୍ୟୁରୋ)**: ସୁପ୍ରିମକୋର୍ଟଙ୍କ ରାୟ ପରେ ବିଶ୍ୱବିଦ୍ୟାଳୟ ପାଇଁ ବିଭିନ୍ନ ପଦବୀରେ ନିଯୁକ୍ତି ନେଇ ବାଟ ଫିଟିଛି। ଆଇନଗତ ପ୍ରତିବନ୍ଧକ ହଟିବା ପରେ ନିଯୁକ୍ତି ନେଇ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଅଧ୍ୟାପକ ଓ ପ୍ରଫେସର ନିଯୁକ୍ତି ନେଇ ଯେଉଁ ଅସଙ୍ଗତି ରହିଥିଲା, ତାହାକୁ ସୁପ୍ରିମକୋର୍ଟ ଦୂର କରିଛନ୍ତି। ତେଣୁ ଖୁବଶୀଘ୍ର ରାଜ୍ୟରେ କୁଳପତି ଓ ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ନିଯୁକ୍ତିକୁ ନେଇ ଯେଉଁ ନ୍ୟାୟିକ ଅସଙ୍ଗତି ଥିଲା, ତାହା ଉଠିସାରିଛି। ଖୁବଶୀଘ୍ର କୁଳପତି ଓ ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ସେଥିପାଇଁ ବିଭାଗ ପ୍ରସ୍ତୁତ ରହିଛି। ଏକକାଳୀନ ଏହି ଦୁଇଟି ପ୍ରକ୍ରିୟା ଆଗକୁ ବଢ଼ିବ। ଗତ ମାସରେ ରାଜ୍ୟ ସରକାର ଯେଉଁ ଅଧ୍ୟାଦେଶ ଆଣିଥିଲେ, ତାହା ୟୁଜିସି ସହ ସମନ୍ୱୟ ରକ୍ଷା କରି ଅଣାଯାଇଛି। ଗତ ୨୦୨୦ରେ ଯେଉଁ ନୀତି ଅଣାଯାଇଥିଲା, ତାହା ୟୁଜିସି ନିୟମକୁ ଉଲ୍ଲଂଘନ କରୁଥିଲା ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

# ସପ୍ତାହେ ଭିତରେ ଆରମ୍ଭ ହେବ ଧାନକିଣା: ମନ୍ତ୍ରୀ




**ଭୁବନେଶ୍ୱର,୮।୫(ସଂଚାର ବ୍ୟୁରୋ)**: ଗୋଟିଏ ସପ୍ତାହ ମଧ୍ୟରେ ଓଡ଼ିଶାରେ ଧାନ ସଂଗ୍ରହ ଆରମ୍ଭ ହେବ ବୋଲି ଆଜି ଖାଦ୍ୟ ଯୋଗାଣକାରୀ, ଗ୍ରାହକ କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ରବି ଫସଲ କ୍ରୟ ପାଇଁ ପଞ୍ଜୀକରଣ ସମାପ୍ତ ହୋଇଛି। ଏଥର ଆମେ ୨୦ ଟି ଜିଲ୍ଲା ନେଇଛୁ। ପୂର୍ବରୁ ୧୭ ଟି ଜିଲ୍ଲାରେ ପଞ୍ଜୀକରଣ କରାଯାଉଥିଲା। ପଞ୍ଜୀକରଣ ପରେ ଏକ ସାଟେଲାଇଟ୍ ସର୍ଭେ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ଧାନ ସଂଗ୍ରହ ପରେ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ଜମା କରାଯିବ। ସେ ଏହା ମଧ୍ୟ କହିଛନ୍ତି ଯେ ମଣ୍ଡିରେ ଜଣେ ନୋଡାଲ ଅଧିକାରୀ ରହିବେ। ଆମର ଲକ୍ଷ୍ୟ ୧୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ। ପ୍ରଥମ ପର୍ଯ୍ୟାୟରେ ଆମେ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ଶ୍ରୀ ପାତ୍ର କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଧାନକିଣା ସମୟରେ କୌଣସି 'କଟନି ଛଟନି' ହେବ ନାହିଁ। ଏଥିସହ ଏହା କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଧାନ ସଂଗ୍ରହ ବିଷୟରେ ଆଲୋଚନା କରିବା ସମୟରେ ଖାଦ୍ୟ ଯୋଗାଣକାରୀ, ଗ୍ରାହକ କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମଧ୍ୟ ସୂଚନା ଦେଇଥିଲେ ଯେ ଭୁବନେଶ୍ୱରରେ ଏକ ବିଜ୍ଞାନ ସହର ହେବ। ମୁଖ୍ୟମନ୍ତ୍ରୀ ଏଥିପାଇଁ କାମ ଆରମ୍ଭ କରିସାରିଛନ୍ତି। ସେଥିପାଇଁ ମୁଁ ସମ୍ପ୍ରତି ଅହମ୍ମଦାବାଦର ବିଜ୍ଞାନ ସହର ଦେଖିବାକୁ ଯାଇଥିଲି। ଓଡ଼ିଶାରେ ଏପରି ଏକ ବିଜ୍ଞାନ ସହର ପ୍ରତିଷ୍ଠା ହେବ। ଏହାଛଡ଼ା ସମସ୍ତ ଜିଲ୍ଲାରେ ବିଜ୍ଞାନ ପାର୍କ ରହିବ ବୋଲି ମଧ୍ୟ ମନ୍ତ୍ରୀ କହିଛନ୍ତି।

# ଟ୍ରାକ୍ଟର ଧକ୍କାରେ ବୃଦ୍ଧ ମୃତ

**ଉଦଳା,୮।୫(ସଂଚାର ବ୍ୟୁରୋ)**: ମୟୂରଭଞ୍ଜ ଜିଲ୍ଲାରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। କେନାଲ କାମ କରୁଥିବା ସମୟରେ ଜଣୈକ ବୃଦ୍ଧଙ୍କୁ ଟ୍ରାକ୍ଟର ଧକ୍କା ଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାଟି ଉଦଳା ଥାନା ସୀମା ଅନ୍ତର୍ଗତ ଘାଗରାଗଡ଼ି ଗାଁରେ ଘଟିଥିବା ବେଳେ ମୃତକଙ୍କ ନାମ ଲାଦ୍ରା ସିଂହ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଆଜି ଘାଗରାଗଡ଼ି ଗାଁରେ ଜଳସେଚନ ବିଭାଗ ପକ୍ଷରୁ କେନାଲ କାମ କରାଯାଉଥିଲା। ଏହି କାମରେ ଲାଦ୍ରା ସିଂହ କିଛି ମାପ କରୁଥିଲେ। ଏହି ସମୟରେ ଏକ ପଥର ବୋଝେଇ ଟ୍ରାକ୍ଟର ପଥର ଅନଲୋଡ୍ କରିବା ପାଇଁ ସେଠାକୁ ଆସିଥିଲା। ତେବେ ଟ୍ରାକ୍ଟରଟି ପଛକୁ ଯାଉଥିବା ସମୟରେ ଲାଦ୍ରାଙ୍କୁ ଧକ୍କା ଦେଇଥିଲା। ଏଥିରେ ଲାଦ୍ରା ତଳେ ପଡ଼ିଯାଇଥିଲେ ଓ ତାଙ୍କ ଉପରେ ଟ୍ରାକ୍ଟରଟି ଚଢ଼ିଯାଇଥିଲା। ଫଳରେ ଲାଦ୍ରାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଏନେଇ ସୂଚନା ପାଇ ଉଦଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଦୁର୍ଘଟଣା ଘଟାଇବା ପରେ ଟ୍ରାକ୍ଟର ଡ୍ରାଇଭର ଫେରାର୍ ହୋଇଯାଇଥିବା ବେଳେ ଟ୍ରାକ୍ଟର ଜବତ କରି ପୁଲିସ୍ ତଦନ୍ତ ଜାରି ରଖିଛି।

# ଘୁମୁସର ବନଖଣ୍ଡରେ ୯୭ ହାତୀ

● ଗାଁରେ ପଶିଲେ ୨ ଦନ୍ତା, ଲୋକେ ଭୟଭୀତ

**ଭଞ୍ଜନଗର,୮।୫(ସଂଚାର ବ୍ୟୁରୋ)**: ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଓ ଦକ୍ଷିଣ ଘୁମୁସର ବନଖଣ୍ଡ ବିଗତ କିଛିବର୍ଷ ହେବ ହାତୀମାନଙ୍କ ସୁରକ୍ଷିତ ବାସସ୍ଥଳୀ ପାଲଟିଯାଇଛି। ପଡ଼ୋଶୀ ବନଖଣ୍ଡ ଅପେକ୍ଷା ଏହି ଦୁଇ ବନଖଣ୍ଡରେ ହାତୀମାନଙ୍କ ରହଣି ପାଇଁ ଉପଯୁକ୍ତ ବାସସ୍ଥଳୀ ଏବଂ ଖାଦ୍ୟ ମିଳୁଥିବା ଯୋଗୁ ହାତୀପଲ ଅନ୍ୟ ବନଖଣ୍ଡକୁ ପ୍ରାୟ ଯାଉନାହାନ୍ତି। ଯଦି କେତେବେଳେ ଯାଆନ୍ତି ତେବେ ଦିନେ ଦୁଇଦିନ ଭିତରେ ଫେରି ଆସୁଥିବା ଜଣାପଡ଼ିଛି। କିନ୍ତୁ ହାତୀପଲ ଏହି ଦୁଇ ବନଖଣ୍ଡରେ ରହିବା ସମୟରେ ଲୋକଙ୍କ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। କେଉଁଠି ଘର ଭାଙ୍ଗୁଛନ୍ତି ତ ଆଉ କେଉଁଠି ଫସଲ କ୍ଷତି କରୁଛନ୍ତି। ଏହିଭଳି ପରିସ୍ଥିତିରେ ମଙ୍ଗଳବାର ରାତିରେ ଦୁଇଟି ଦନ୍ତାହାତୀ କୁଲାଡ଼ ଗାଁ ଭିତରେ ପଶିଯାଇଥିଲେ। ଯାହାକୁ ନେଇ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ଏହାପରେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଦ୍ୱୟଙ୍କୁ ଘଉଡ଼ାଇଥିଲେ। ଆଜି ସୁଦ୍ଧା ଉତ୍ତର ଘୁମୁସର ବନଖଣ୍ଡରେ ୯୧ଟି ହାତୀ ଥିବା ବେଳେ ଦକ୍ଷିଣ ଘୁମୁସର ବନଖଣ୍ଡରେ ୬ଟି ହାତୀ ଥିବା ସୂଚନା ମିଳିଛି। ହାତୀ ଓ ମଣିଷ ଉଭୟେ କିଭଳି ସୁରକ୍ଷିତ ରହିପାରିବ ସେଥିପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି।

# ପୁଣି ସାଇବର କ୍ରାଇମ୍: ଲୁଟିନେଲେ ୬.୫ ଲକ୍ଷ




**ମାଲକାନଗିରି, ୮।୫ (ସଂଚାର ବ୍ୟୁରୋ)**: ଅତି ସରଳ ଓ ନିରୀହ ବୋଲି ମାଲକାନଗିରି ଜିଲ୍ଲାର ଲୋକେ ଠକେଇର ଶିକାର ହୋଇଥାନ୍ତି। ଜିଲ୍ଲାରେ ଅନେକ ସାଇବର କ୍ରାଇମ୍ ଘଟୁଥିଲେ ମଧ୍ୟ ଏହା ଲୋକଲୋଚନକୁ ଆସିପାରୁ ନାହିଁ। କିନ୍ତୁ ବହୁ ଲୋକ ଯେତେବେଳେ ଲକ୍ଷାଧିକ ଟଂକା ହରାଇ ସର୍ବସ୍ୱାନ୍ତ ହେଉଛନ୍ତି ସେତେବେଳେ ପୁଲିସ ନିକଟରେ ଆସି ଗୁହାରି କରୁଛନ୍ତି। କିଛି ଦିନ ପୂର୍ବରୁ ସ୍ଥାନୀୟ ଜଣେ ଶିକ୍ଷକଙ୍କ ୮୭.୬୩ ଲକ୍ଷ ଟଂକା ଠକାମୀର ଶିକାର ହୋଇଥିବା ବେଳେ ପୁଣି ମାଲକାନଗିରି ପୁଲିସ ସାଇବର କ୍ରାଇମରେ ସାଢେ ୬ ଲକ୍ଷ ଟଂକା ଠକି ନେଇଥିବା ୩ ଜଣ ଆସାମୀଙ୍କୁ ଗିରଫ କରିବାରେ ସଫଳତା ହାସଲ କରିପାରିଛି। ଏତଲାକୁ ଭିତ୍ତି କରି ଆଇଆଇସି ରିଗାନ କିଣ୍ଡୋ ଏକ ଟିମ ଗଠନ କରି ରାଜସ୍ଥାନରୁ ଏହି ଘଟଣାରେ ସଂପୃକ୍ତ ଥିବା ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଏମାନେ ହେଲେ ରାଜସ୍ଥାନର ଜୈସଲମେର ଜିଲ୍ଲାର ବହୁକିରାନୀ ଗ୍ରାମର ମୁକେଶ କୁମାର(୨୨), ମନକୀର ସୁରେନ୍ଦ୍ର କୁମାର(୨୦) ଏବଂ ଗୌଡାର ନରେଶ କୁମାର (୨୧)। ଏମାନଙ୍କ ଠାରୁ ପୁଲିସ ଫେକ୍ ପୁଲିସ ପରିଚୟ ପତ୍ର, ଫେକ୍ ଏଫଆଇଆର, ଫେକ୍ ଆକାଉଣ୍ଟ ଷ୍ଟେଟମେଣ୍ଟ, ଫେକ୍ ସୁପ୍ରିମକୋର୍ଟ ନୋଟିସ୍, ଫେକ୍ ଇଡି ନୋଟିସ ଇତ୍ୟାଦି ଜବତ କରିଛି। ପୁଲିସ ଆଜି ଏହି ୩ ଜଣ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ଘଟଣା ଅନୁଯାୟୀ ସ୍ଥାନୀୟ ଦୁର୍ଗାଗୁଡ଼ିସାହିର ଶିକ୍ଷକ ଅଶୋକ କୁମାର ତ୍ରିପାଠୀଙ୍କୁ ୨୦୨୪ ମସିହା ଅକ୍ଟୋବର ୨୪ ତାରିଖ ଦିନ ତିନି ଜଣ ଅପରିଚିତ ବ୍ୟକ୍ତି ନିଜକୁ ମୁମ୍ବାଇ ପୁଲିସ ବୋଲି ପରିଚୟ ଦେଇ ଫୋନ କରିଥିଲେ। ତାଂକୁ କହିଥିଲେ ଯେ ତୁମର ଫୋନ ନମ୍ବର ୮୯୪୫୬୨୪୮୦୦ ନମ୍ବର ୧୭ଟି କେଶରେ ଅନ୍ତର୍ଭୁକ୍ତ। ଏଥିସହ ତୁମର ଆଧାରକାର୍ଡ ଠକେଇ ମାମଲା ସହିତ ଜଡିତ ରହିଛି। ତୁମକୁ ତୁରନ୍ତ ଗିରଫ କରାଯିବ। ଏଥିରୁ ବର୍ତ୍ତିବାକୁ ହେଲେ ତୁମେ ତୁରନ୍ତ କିଛି ଟଂକା ଦେବାକୁ ପଡ଼ିବ।

୨୦୨୪ ଅକ୍ଟୋବର ୨୮ ତାରିଖ ଦିନ ଶ୍ରୀ ତ୍ରିପାଠୀ ଆସିଆଇସିଆଇ ବ୍ୟାଙ୍କର ଆକାଉଣ୍ଟ ନମ୍ବର ୪୫୫୯୦୫୦୦୦୧୨୬ରେ ୨ ଲକ୍ଷ ଟଂକା ଜମା କରିଥିଲେ, ଯାହାକି ଅରବିଟ ଏକ୍ସପୋର୍ଟ ଓ ଇମପୋର୍ଟ ନାମରେ ଉଲ୍ଲେଖ ରହିଥିଲା। ବନ୍ଧନ ବ୍ୟାଙ୍କ ଆକାଉଣ୍ଟ ନମ୍ବର ୨୦୨୦୦୦୬୪୬୩୨୫୪୨ରେ ୪ ଲକ୍ଷ ୫୦ ହଜାର ଟଂକା ଜମା କରିଥିଲେ। ଏହି ଆକାଉଣ୍ଟ ନମ୍ବର ମୁକେଶ କୁମାର ନାମରେ ରହିଥିଲା। ଏହା ପରେ ଏହି ବ୍ୟକ୍ତିମାନେ ତାଂକୁ ଛାଡିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଠକାମୀରେ ପଡିଥିବା ଜାଣିବା ପରେ ଗତ ମାର୍ଚ୍ଚ ୮ ତାରିଖ ଦିନ ମାଲାକନଗିରି ଥାନାରେ ଏନେଇ ଏତଲା ଦାୟର କରିଥିଲେ।

# ସେୟାର ମାର୍କେଟରେ ନିବେଶ ଆଳରେ ଠକେଇ, ୨ ଗିରଫ



**ଭୁବନେଶ୍ୱର,୮।୫(ସଂଚାର ବ୍ୟୁରୋ)**: ସେୟାର ମାର୍କେଟରେ ପୁଞ୍ଜିନିବେଶ ଆଳରେ କୋଟି କୋଟି ଟଙ୍କା ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଭିନ୍ନ ଭିନ୍ନ ୨ ଟି ମାମଲାରେ କ୍ରାଇମବ୍ରାଞ୍ଚ ଏହି ୨ ଜଣଙ୍କୁ ଗିରଫ କରିଛି।

କଟକ ଜିଲ୍ଲା ପୁରୀଘାଟ ଥାନା ଅଞ୍ଚଳରେ ରହୁଥିବା ଜଣୈକ ୫୦ ବର୍ଷୀୟ ବ୍ୟକ୍ତି ସେୟାର ବଜାରରେ ଟଙ୍କା ନିବେଶ କରି ଠକାମିର ଶିକାର ହୋଇଥିଲେ। ଏ ନେଇ ସେ ୨୦୨୩ ମସିହା ଅକ୍ଟୋବର ୦୪ ତାରିଖରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ପ୍ରଥମେ ତାଙ୍କୁ ଏକ ହ୍ୱାଟ୍ସଆପ୍ ଗ୍ରୁପରେ ଯୋଡିଥିଲେ। ଏଥିସହ ନକଲି ଆପ୍ ମାଧ୍ୟମରେ ସେୟାର ବଜାରରେ ଟଙ୍କା ନିବେଶ କରିବାକୁ ପ୍ରୋତ୍ସାହିତ କରିଥିଲେ। ପ୍ରାରମ୍ଭରେ ସାଇବର ଅପରାଧୀମାନେ ତାଙ୍କୁ କିଛିକିଛି ଲାଭ ଟଙ୍କା ଫେରସ୍ତ କରୁଥିଲେ। ଫଳରେ ସେ ବିଶ୍ୱାସ କରି ଅନେକ ଟଙ୍କା ନିବେଶ କରିଥିଲେ। ପରବର୍ତ୍ତୀ ସମୟରେ ଆଇପିଓ ମାଧ୍ୟମରେ ତାଙ୍କୁ ନକଲି ଋଣ ଅଫର ଦେଇ ଦେଢ଼ କୋଟି ଟଙ୍କା ଫେରସ୍ତ କରିବାକୁ ଅପରାଧୀ ମାନେ ଚାପ ପକାଇଥିଲେ। ପରବର୍ତ୍ତୀ ସମୟରେ ସାଇବର ଅପରାଧୀ ମାନେ ତାଙ୍କଠାରୁ ୨.୩୬ କୋଟି ଟଙ୍କା ଠକି ନେଇଥିଲେ। ଏ ସଂକ୍ରାନ୍ତରେ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି କୋଲକାତାର ନିଖିଲ ଜୟସ୍ୱାଲଙ୍କୁ ଗିରଫ କରିଛି। ପୂର୍ବରୁ ଏହି ଘଟଣାରେ ହାଇଦ୍ରାବାଦରୁ ମହମ୍ମଦ ଜାକିଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ନିଖିଲ ଅଭିଯୋଗକାରୀଙ୍କଠାରୁ ୧.୪୧ କୋଟି ଟଙ୍କା ଠକି ନେଇଥିଲା। ତଦନ୍ତ ଟିମ୍ ତାଙ୍କଠାରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଚାଟ୍ ର ସ୍କ୍ରିନ ସଟ, ଆଧାର ଏବଂ ପାନ୍ କାର୍ଡ, ବ୍ୟାଙ୍କ ଡକ୍ୟୁମେଣ୍ଟ ଜବତ କରିଛନ୍ତି। ଅନେକ ବ୍ୟାଙ୍କ ଖାତାକୁ ଫ୍ରିଜ୍ କରାଯାଇଛି। ଅନ୍ୟ ସହଯୋଗୀ ଓ ଟଙ୍କାର କାରବାର ଉପରେ ପୋଲିସ ତଦନ୍ତ କରୁଛି। ସେହିପରି ଅନ୍ୟ ଏକ ମାମଲାରେ କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ ୟୁନିଟ ତାପସ ହଲଦାର (୨୮)ଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି। ଏହି ମାମଲାରେ ଅଭିଯୁକ୍ତ ଜଣକ ମୋଟ ୬.୦୪ କୋଟି ଟଙ୍କା ଠକି ନେଇଥିବା ଜଣାପଡିଛି।

# ଅଠାରେ ପଡ଼ିଲା ସାପ, ଜଙ୍ଗଲରେ ଛଡ଼ାଗଲା



**ବ୍ରହ୍ମପୁର,୮।୫(ସଂଚାର ବ୍ୟୁରୋ)**: ମୂଷା ପାଇଁ ଲଗାଯାଇଥିବା ଅଠାରେ ଫସି ରହିଛି ଏକ ନାଗ ସାପ। ହଁ ଆଜ୍ଞା ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଅନ୍ତର୍ଗତ ପିତାତଳି ସୁବର୍ଣ୍ଣପୁର ଗ୍ରାମରେ। ସୂଚନାନୁସାରେ, ଆଲୋକ ରଞ୍ଜନ ପାତ୍ରଙ୍କ ଘରେ ମୂଷା ମାନେ ବହୁତ ଉପଦ୍ରବ କରୁଥିଲେ। ତେବେ ମୂଷାକୁ ଦମନ କରିବା ପାଇଁ ଆଲୋକ ନିଜ ଘରେ ଅଠା ଯନ୍ତା ବସେଇ ଥିଲେ। ମୂଷାଙ୍କୁ ଖାଇବା ପାଇଁ ଘରେ ପଶୁଥିବା ଏକ ବଡ଼ ନାଗ ସାପ ଲାଖିଯାଇଥିଲା। ଅଠାରେ ଲାଗିବା ପରେ ସାପଟି ନିସ୍ତେଜ ହୋଇ ପଡ଼ିରହିଥିଲା। ଏତେ ବଡ଼ ନାଗ ସାପକୁ ଦେଖି ଭୟଭୀତ ହୋଇପଡ଼ିଥିଲେ ଆଲୋକ। ସେ ତୁରନ୍ତ ସ୍ନେକ୍ ହେଲ୍ପ ଲାଇନ କୁ ଉଦ୍ଧାର ପାଇଁ ଫୋନ୍ କରିଥିଲେ। ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ ରାମଚନ୍ଦ୍ର ସାହୁ ଘଟଣା ସ୍ଥଳରେ ପହଞ୍ଚି ପ୍ରଥମେ ସାପକୁ ଅଠା ଯନ୍ତାରୁ ଭିଡ଼ି ବାହାର କରିଥଲେ। କିନ୍ତୁ ସାପ ମୁହଁଠାରୁ ନେଇ ଦେହଯାକ ଯେଉଁ ଅଠା ଲାଗିଯାଇଥିଲା, ତାକୁ ଛଡ଼େଇବା ଏକୁଟିଆ ସମ୍ଭବ ନଥିଲା। ଅଠା ଲାଗିଥିବା ଅବସ୍ଥାରେ ସାପଟିକୁ ଏକ କାଗଜ ପେଟିରେ ଭର୍ତ୍ତି କରି ଘଟଣାସ୍ଥଳରୁ ନେଇଆସିଥିଲେ। ରାମଚନ୍ଦ୍ର ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକଙ୍କୁ ଫଟୋ ଓ ଭିଡିଓ ପଠେଇ ପରାମର୍ଶ ଲୋଡ଼ିଥିଲେ। ଶୁଭେନ୍ଦୁଙ୍କ ପରାମର୍ଶ କ୍ରମେ ନଡ଼ିଆ ତେଲ ଲଗାଇ ୪ ଫୁଟ ଲମ୍ବର ବିଷଧର ନାଗ ସାପ ଦେହରେ ଲାଗିଥିବା ଅଠା ଛଡ଼େଇଥିଲେ। ଏହାପରେ ସାପକୁ ସୁରକ୍ଷିତ ଅବସ୍ଥାରେ ଏକ ଜଙ୍ଗଲରେ ଛଡ଼ାଯାଇଥିଲା।

# ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

● ରାସ୍ତା ଅବରୋଧ କଲେ ଉତ୍ତ୍ୟକ୍ତ ଲୋକେ

**ପାରାଦୀପ,୮।୫(ସଂଚାର ବ୍ୟୁରୋ)**: ପାରାଦୀପ ନିକଟସ୍ଥ ତାରେଣୀଗଡା ନିକଟରେ ଘଟିଛି ମର୍ମନ୍ତୁଦ ସଡକ ଦୁର୍ଘଟଣା। ବାଇକ ଆରୋହୀଙ୍କ ଉପରେ ଚଢିଗଲା ବସ। ଦୁର୍ଘଟଣାରେ ବାଇକ ଆରୋହୀ ମୃତ। ମୃତକ ଜଣଙ୍କ ହେଲେ ପାରାଦୀପ ଇଲେକ୍ଟ୍ରିକାଲ ଡିଭିଜନରେ ଶ୍ରମିକ ଭାବରେ କାମ କରୁଥିଲେ। ତେବେ ମୃତକ ଜଣଙ୍କ ମୟୂରଭଞ୍ଜ ଜିଲ୍ଲାର ଅଜିତ ହେମ୍ବ୍ରମ ବୋଲି ଜଣାପଡିଛି। ଏନେଇ ଘଟଣାସ୍ଥଳରେ କଟକ-ପାରାଦୀପ ରାସ୍ତାକୁ ଅବରୋଧ କରିଛନ୍ତି ଉତ୍ତ୍ୟକ୍ତ ଲୋକେ। ସୂଚନା ମୁତାବକ, ଆଜି ଦିନ ୧ଟା ସମୟରେ ଅଜିତ ହେମ୍ବ୍ରମ କାମ ସାରି ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ କମ୍ପାନୀର ଏକ ଘରୋଇ ବସ ତାଙ୍କ ଉପରେ ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଅଜିତଙ୍କର ଜୀବନ ଚାଲିଯାଇଥିଲା। ତେବେ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ କଟକ-ପାରାଦୀପ ରାସ୍ତା ଅବରୋଧ କରିବା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି। ଖବର ପାଇ ଘଟଣାସ୍ଥଳରେ ପାରାଦୀପ ଆଦର୍ଶ ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# କଟକ ମଦମୃତ୍ୟୁ ଘଟଣାରେ ନ୍ୟାୟ ପାଇନାହାନ୍ତି କ୍ଷତିଗ୍ରସ୍ତ



**ଭୁବନେଶ୍ୱର,୮।୫**: ବହୁଚର୍ଚ୍ଚିତ କଟକ ମଦମୃତ୍ୟୁ ଦୁର୍ଘଟଣାର ଇତିମଧ୍ୟରେ ୩୩ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏଥିରେ କ୍ଷତିଗ୍ରସ୍ତ ଶହସ୍ରାଧିକ ପରିବାର ଏଯାବତ୍ ନ୍ୟାୟ ପାଇପାରିନାହାନ୍ତି। ୧୯୯୨ ମସିହା ମଇ ୭ ତାରିଖରେ ଘଟିଥିବା ଏହି ମଦମୃତ୍ୟୁ ଦୁର୍ଘଟଣାରେ ସହସ୍ରାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଢେର ଅଧିକ ସଂଖ୍ୟକ ଲୋକ ଅକର୍ମଣ୍ୟ ହୋଇପଡିଥିଲେ। ତେବେ ସରକାରୀ ଭାବେ ମୃତାହତଙ୍କ ସଂଖ୍ୟା ଢେର କମ୍ ଦର୍ଶାଯାଇଥିବା ସେବେଠାରୁ କୁହାଯାଉଛି।

କଟକ ମଦମୃତ୍ୟୁ ଦୁର୍ଘଟଣାର ଦୀର୍ଘଦିନ ପରେ ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ର ନାଥ ଦାସ ଓରଫ ବେଲୁକୁ କଲିକତାରୁ ଓଡ଼ିଶା ପୋଲିସ ନାଟକୀୟ ଭାବେ ଉଠାଇ ଆଣିଥିଲା। ଏହି ମଦମୃତ୍ୟୁ ଦୁର୍ଘଟଣା ସେ ସମୟରେ କେବଳ ଓଡ଼ିଶା କାହିଁକି ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିଲା ଏବଂ ୧୯୯୫ରେ ବିଜୁ ପଟ୍ଟନାୟକଙ୍କ ସରକାରର ପତନର ଏହା ଅନ୍ୟତମ କାରଣ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଥାନ୍ତି।

କଟକ ମଦମୃତ୍ୟୁ ଦୁର୍ଘଟଣାର ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚକୁ ସେତେବେଳେ ରାଜ୍ୟ ସରକାର ଦେଇଥିଲେ। କ୍ରାଇମ୍‌ବ୍ରାଞ୍ଚର ଜଣେ ବରିଷ୍ଠ ତଦନ୍ତକାରୀ ଅଧିକାରୀ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ ଯେ ଖାକି ପୋଷାକ ପରିହିତ ଅବକାରୀ ଓ ପୋଲିସ ବିଭାଗର କେତେକ କର୍ମଚାରୀ ଚୋରା ମଦ ବେପାରୀର ପୋଷା କୁକୁର ଭଳି କାମ କରୁଥିବାରୁ ସେ ତାହାର ଚୋରା ନିଶା ସାମ୍ରାଜ୍ୟ ବଢ଼ାଇବା ବେଳେ ଏମାନଙ୍କ ଉପସ୍ଥିତି ବି ଅନୁଭବ କରିପାରୁ ନଥିଲା।

ଏହି ଘଟଣାର ପ୍ରଶାସନିକ ତଦନ୍ତ ଭାର ଦିଆଯାଇଥିଲା ତତ୍କାଳୀନ କେନ୍ଦ୍ରୀୟ ରାଜସ୍ୱ ଡିଭିଜନ୍ କମିଶନର ସୁଧାଂଶୁ ମୋହନ ପଟ୍ଟନାୟକଙ୍କୁ। ଶ୍ରୀ ପଟ୍ଟନାୟକ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ ଯେ ଥାନା, ଫାଣ୍ଡିଠାରୁ ଅରାରମ୍ଭ କରି ସରକାର ଚଳାଉଥିବା ବହୁ ବ୍ୟକ୍ତି ବିଶେଷ ଚୋରା ମଦ ବେପାରୀ ଠାରୁ ନିୟମିତ ବଟି ନେଉଥିଲେ ବୋଲି।

ଏହି ପ୍ରସଙ୍ଗରେ କଟକରେ ଜନଆନ୍ଦୋଳନ ଚାଲୁଥିବା ବେଳେ ସେତେବେଳର ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଂପାଦକ ପ୍ରହଲ୍ଲାଦ କୁମାର ସିଂହ ଏ ପ୍ରସଂଗରେ ଓଡ଼ିଶା ହାଇକୋର୍ଟର ତତ୍କାଳୀନ ମୁଖ୍ୟ ବିଚାରପତି ବନୱାରୀ ଲାଲ ହଂସାରିଆଙ୍କୁ ଏକ ଆବେଗଭରା ପତ୍ର ଲେଖିଥିଲେ। ଏହି ପତ୍ରକୁ ଓଡ଼ିଶା ହାଇକୋର୍ଟ ଜନସ୍ୱାର୍ଥ ସମ୍ବଳିତ ମାମଲା ଭାବେ ଗ୍ରହଣ କରିଥିଲେ। ଏହାଛଡ଼ା ଆଉ ଦୁଇଜଣ ଯୁବ ଓକିଲ ଜଗମୋହନ ଦାସ ଓ ଅନୁକୂଳଚନ୍ଦ୍ର ପ୍ରଧାନ ମଧ୍ୟ ବିଧିବଦ୍ଧ ଭାବେ ଅଦାଲତରେ ମାମଲା ରୁଜୁ କରିଥିଲେ। ଏହି ମାମଲାର ବିଚାର କରି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହିତ ପୀଡ଼ିତ ପରିବାରଙ୍କୁ କ୍ଷତିପୂରଣ ଲାଗି କହିଥିଲେ। ଏହି ରାୟକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ରାଜ୍ୟ ସରକାର ରୁଜୁ କରିଥିବା ରିଭ୍ୟୁ ପିଟିସନ୍ ଖାରଜ ହେବା ପରେ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା ଦାଏର ହୋଇଥିଲା। ରାମ ଜେଠାମାଲାନୀ, ଜଷ୍ଟିସ୍ ଭି.ଏମ୍. ତାରକୁଣ୍ଡେଙ୍କ ଭଳି ବରିଷ୍ଠ ଆଇନ୍‌ଜୀବୀମାନେ ମାଗଣାରେ ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ମାମଲା ପରିଚାଳନାରେ ସହଯୋଗ କରିଥିଲେ। ଏହି ମାମଲା ବିଚାରାଧୀନ ଥିବାବେଳେ ବିଧାନସଭାରେ ବିଧିବଦ୍ଧ ପ୍ରସ୍ତାବ ଆଣି ଓଡ଼ିଶା ସରକାର ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ବାଳକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିଶନ ବସାଇଥିଲେ।

ଜଷ୍ଟିସ ବେହେରା କମିଶନ ପ୍ରାୟ ଦୁଇବର୍ଷ ଧରି ତଥ୍ୟ ପ୍ରମାଣ ଯୋଗାଡ଼ କରିବା ସହ ବ୍ୟକ୍ତି ବିଶେଷ ଓ ଅଧିକାରୀମାନଙ୍କ ବୟାନ ରେକର୍ଡ କରି ଶେଷରେ ରାଜ୍ୟ ସରକାରଙ୍କୁ ଦେଇଥିବା ତାଙ୍କ ଦୀର୍ଘ ରିପୋର୍ଟରେ ଚୋରା ମଦ ବେପାରୀକୁ ସେତେବେଳର ଦୁ ଇଜଣ ମନ୍ତ୍ରୀଙ୍କ ସମେତ ୪ ଜଣ ରାଜନେତା ପୃଷ୍ଠପୋଷକତା ଓ ସହାୟତା ଯୋଗାଉଥିବା ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ଏହା ରାଜନୀତିର ଅପରାଧିକରଣ ଓ ଅପରାଧର ରାଜନୀତିକରଣ ବୋଲି ସ୍ପଷ୍ଟ ମତ ରଖିଥିଲେ। କମିଶନ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ସୁପାରିସ କରିଥିଲେ। ଏସବୁ ସତ୍ତ୍ୱେ କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ଏଯାବତ୍ ନ୍ୟାୟ ଓ ପର୍ଯ୍ୟାପ୍ତ କ୍ଷତିପୂରଣ ପାଇନଥିଲେ ମଧ୍ୟ ରାଜ୍ୟରେ ନିଶା ନିବାରଣ ଆନ୍ଦୋଳନର ଏହା ଥିଲା ଅନ୍ୟତମ ପୃଷ୍ଠଭୂମି। (ତଥ୍ୟ)

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଲଞ୍ଚ ହେଲା ୨ ଆଡଭେଞ୍ଚର ବାଇକ୍ ଟିଆରକେ ୫୦୨ ଓ ଟିଆରକେ ୫୦୨ଏକ୍ସ




**ନୂଆଦିଲ୍ଲୀ, ୮।୫:** ବାଇକ୍ ଲର୍ଭସଙ୍କ ପାଇଁ ଆସିଲା ଗୁଡ୍ ନ୍ୟୁଜ୍। ଆପଣମାନେ ନିଶ୍ଚିତ ଭାବରେ ଜାଣିଥିବେ ଯେ ଭାରତୀୟ ବଜାରରେ ବହୁତ ସମୟରେ ଅନେକ ବାଇକ୍ ଲଞ୍ଚ ହୁଏ। ଏହି ଲଞ୍ଚ ଖବର ଶୁଣି ବାଇକ୍ ଲଭର୍ସଙ୍କ ଖୁସି କହିଲେ ନସରେ। ଏଥି ସହ ଏହି ଲର୍ଭସମାନେ ଗାଡ଼ିକୁ କିଣିବା ପାଇଁ ପ୍ଲାନ୍ କରିଥାନ୍ତି ତ ଆଉ କେହି କିଣିବି ଦେଇଥାନ୍ତି। କାରଣ ବାଇକ୍ ଚଲାଇବାର ମଜା କିଛି ଅଲଗା। ଏହି ବାଇକ୍ ଲଭର୍ସଙ୍କ ଖୁସିକୁ ଆହୁରି ଦୁଇଗୁଣିତ କରିବା ପାଇଁ ଭାରତୀୟ ବଜାରରେ ଦୁଇଟି ଜବରସ୍ତ ବାଇକ୍ ଲଞ୍ଚ ହୋଇଛି। ତେବେ ଆସନ୍ତୁ ଜାଣିବା ଏହି ଜବରଦସ୍ତ ବାଇକର ସମ୍ପୂର୍ଣ୍ଣ ଡିଟେଲ୍ସ।

ଭାରତୀୟ ଟୁ-ହୁଇଲର ମାର୍କେଟରେ ନୂଆ ଧମାକା କ୍ରିଏଟ୍ ହେବାକୁ ଯାଉଛି। ବେନେଲି ନିଜର ଦୁଇଟି ପପୁଲାର ଆଡଭେଞ୍ଚର୍ ବାଇକ୍, ଟିଆରକେ ୫୦୨ ଏବଂ ଟିଆରକେ ୫୦୨ଏକ୍ସ ନୂଆ ଫିଚର୍ସ ଏବଂ ଡିଜାଇନ୍ ସହିତ ଉପସ୍ଥାପନ କରିଛି। ଯଦି ଆପଣ ଲଙ୍ଗ ଡ୍ରାଇଭ୍ କିମ୍ବା ଅଫ୍-ରୋଡିଂର ଲଭର୍ସ, ତେବେ ଏହି ବାଇକ୍ ଆପଣଙ୍କ ପାଇଁ ଏକ ବେଷ୍ଟ ହୋଇପାରେ। ଏଥି ସହ ଜାଣିରଖନ୍ତୁ ଯେ, ପୂର୍ବ ତୁଳନାରେ ବାଇକ୍ରେ ବହୁତ ଟେକ୍ନୋଲୋଜି ପରିବର୍ତ୍ତନ କରାଯାଇଛି, ଯାହା ଯୋଗୁଁ ଏହି ବାଇକ୍ ଏବେ ଅଧିକ ସ୍ମାର୍ଟ ଏବଂ ରାଇଡର-ଫ୍ରେଣ୍ଡଲି ହୋଇଯାଇଛି। ନୂତନ ମୂଲ୍ୟ ବିଷୟରେ କହିବାକୁ ଗଲେ, ବେନେଲ୍ଲି ଟିଆରକେ ୫୦୨ ର ଏକ୍ସ-ଶୋରୁମ୍ ପ୍ରାଇସ୍ ଏବେ ୬.୨୦ ଲକ୍ଷ ଟଙ୍କା ହୋଇଛି, ଯେତେବେଳେ ଟିଆରକେ ୫୦୨ଏକ୍ସ ୬.୭୦ ଲକ୍ଷ ଟଙ୍କାରେ ଉପଲବ୍ଧ। ବିଶେଷ କଥା ହେଉଛି ଯେ ଟିଆରକେ ୫୦୨ଏକ୍ସ ଏବେ ଏକ ନୂତନ ହଳଦିଆ ରଙ୍ଗ ଅପ୍ସନରେ ମଧ୍ୟ ଉପଲବ୍ଧ, ଯାହାର ମୂଲ୍ୟ ୬.୮୫ ଲକ୍ଷ ଟଙ୍କା। ଏହି ନୂଆ ମୂଲ୍ୟ ପୁରୁଣା ମଡେଲଗୁଡ଼ିକ ତୁଳନାରେ ପ୍ରାୟ ୩୫,୦୦୦ ଟଙ୍କା ଅଧିକ। କିନ୍ତୁ ଯେଉଁ ଅପଡେଟ୍ସ ମିଳୁଛି, ସେହି ପ୍ରାଇସକୁ ସମ୍ପୂର୍ଣ୍ଣ ଭାବରେ ଜଷ୍ଟିଭାଏ କରିଥାଏ।

୨୦୨୫ ଭର୍ସନରେ ଲଞ୍ଚ ହୋଇଥିବା Benelli ଟିଆରକେ ୫୦୨ ଏବଂ ଟିଆରକେ ୫୦୨ଏକ୍ସ ବାଇକ୍ଗୁଡ଼ିକୁ କମ୍ପାନୀ ଅନେକ ନୂଆ ଏବଂ ପ୍ରିମିୟମ୍ ଫିଚର୍ସ ସହିତ ଲେସ୍ କରିଛି, ଯାହା ସାଧାରଣତଃ ଏହି ମୂଲ୍ୟ କାଟାଗୋରୀ ବାଇକ୍ଗୁଡ଼ିକରେ ଦେଖାଯାଏ ନାହିଁ। ଶୀତଦିନେ ରାଇଡକୁ ଆରାମଦାୟକ କରିବା ପାଇଁ ଏଥିରେ ଗରମ ସିଟ୍ ଏବଂ ହ୍ୟାଣ୍ଡେଲ୍ ଗ୍ରୀପ୍ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ରାଇଡିଂ ଏକ୍ସପେରିୟନ୍ସକୁ ଉନ୍ନତ କରିଥାଏ। ଏହା ବ୍ୟତୀତ, ଏହି ବାଇକ୍ଗୁଡ଼ିକରେ ଏବେ ୫-ଇଞ୍ଚର ଫୁଲ-କଲରର ଟିଏଫଟି ସ୍କ୍ରିନ୍ ଅଛି, ଯାହା ବ୍ଲୁଟୁଥ୍ କନେକ୍ଟିଭିଟି ଏବଂ ଟର୍ନ-ବାଇ-ଟର୍ନ ନାଭିଗେସନ୍ ଭଳି ଫିଚର୍ସ ସହିତ ଆସିଥାଏ। ଟିପିଏମଏସ ଅର୍ଥାତ୍ ଟାୟାର ପ୍ରେସର ମନିଟରିଂ ସିଷ୍ଟମ ରାଇଡରଙ୍କୁ ଟାୟାରର ଅବସ୍ଥା ବିଷୟରେ ରିଅଲ ଟାଇମରେ ଇନଫରମେସନ୍ ଦେଇଥାଏ, ଯାହା ଯାତ୍ରାକୁ ଆହୁରି ସେଫ୍ଟି କରିଥାଏ। ନୂତନ ସ୍ୱିଙ୍ଗଆର୍ମ ଡିଜାଇନ୍ ବାଇକ୍କୁ ପୂର୍ବ ଅପେକ୍ଷା ହାଲୁକା ଏବଂ ଅଧିକ କଣ୍ଟ୍ରୋଲ କରିଥାଏ, ଯାହା ଫଳରେ ରାଇଡିଂ ଅଧିକ ସ୍ମୁଥ୍ ହୋଇଥାଏ।

ବେନେଲି ଟିଆରକେ ୫୦୨ ଏବଂ ଟିଆରକେ ୫୦୨ଏକ୍ସ ଉଭୟରେ ୫୦୦CC ପାରାଲାଲ-ଟ୍ୱିନ୍ ଲିକ୍ୱିଡ୍-କୁଲ୍ଡ ଇଞ୍ଜିନ୍ ଅଛି ଯାହା ୪୬.୯ବିଏଚପି ଏବଂ ୪୬ଏନଏମ ଟର୍କ ଜେନେରେଟ୍ କରେ। ଏହି ଇଞ୍ଜିନ୍ଟି ୬-ସ୍ପିଡ୍ ମାନୁଆଲ୍ ଗିଅରବକ୍ସ ସହିତ ଆସିଥାଏ ଏବଂ ବାଇକ୍ଗୁଡ଼ିକରେ ୨୦ ଲିଟରର ଏକ ବଡ଼ ଫ୍ୟୁଏଲ ଟ୍ୟାଙ୍କ୍ ଅଛି। ଏହି ବାଇକ୍ଗୁଡ଼ିକ ସେହି ରାଇର୍ଡସଙ୍କୁ ଆଖି ଆଗରେ ରଖି ଖାସ୍ ଭାବରେ ଡିଜାଇନ୍ କରାଯାଇଛି।

ସସପେନସନ୍ ଏବଂ ବ୍ରେକିଂ ସିଷ୍ଟମ୍ ବିଷୟରେ କହିବାକୁ ଗଲେ, ଟିଆରକେ ୫୦୨ ରେ ୧୭-୧୭ ଇଞ୍ଚ ଆଲୟ ହୁଇଲ୍ ମିଳିଥାଏ, ଯେତେବେଳେ ଟିଆରକେ ୫୦୨ଏକ୍ସ ରେ ୧୯-୧୭ ଇଞ୍ଚ ଟ୍ୟୁବଲେସ୍ ସ୍ପୋକ୍ ହୁଇଲ୍ ମିଳିଥାଏ। ଉଭୟ ବାଇକ୍ର ଫ୍ରଣ୍ଟରେ ଡୁଆଲ୍ ଡିସ୍କ ବ୍ରେକ୍ ଏବଂ ରିୟରରେ ସିଙ୍ଗଲ୍ ଡିସ୍କ ବ୍ରେକ୍ ଅଛି, ଯେଉଁଥିରେ ଡୁଆଲ୍ ଚ୍ୟାନେଲ୍ ଏବିଏସ ସୁବିଧା ମଧ୍ୟ ଅନ୍ତର୍ଭୁକ୍ତ। ଏହା ସହିତ, ଫ୍ରଣ୍ଟରେ ଅପସାଇଡ୍ ଫୋର୍କ ଏବଂ ରିୟରରେ ମନୋଶକ୍ ସସପେନସନ୍ ଉପଲବ୍ଧ। ଷ୍ଟାଇଲିଂ ବିଷୟରେ କହିବାକୁ ଗଲେ, ଟିଆରକେ ୫୦୨ଏକ୍ସ ଏବେ ଏକ ନୂଆ ହଳଦିଆ ରଙ୍ଗ ଅପ୍ସନରେ ମଧ୍ୟ ଉପଲବ୍ଧ।

## ମାର୍କ ଜୁକରବର୍ଗଙ୍କ ବଡ଼ ଆକ୍ସନ

# ୨୩ ହଜାର ଫେସବୁକ ଆକାଉଣ୍ଟ ହଟାଇଲା 'ମେଟା'



**ନୂଆଦିଲ୍ଲୀ, ୮।୫:** ସୋସିଆଲ ମିଡିଆ ପ୍ଲାଟଫର୍ମ ଫେସବୁକରେ ଲୋକଙ୍କୁ ଠକୁଥିବା ଠକଙ୍କ ବିରୁଦ୍ଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ମେଟା। ମେଟା କହିଛି ଯେ, ଏହା ଭାରତ ଏବଂ ବ୍ରାଜିଲର ବ୍ୟବହାରକାରୀଙ୍କୁ ଟାର୍ଗେଟ କରୁଥିବା ୨୩ ହଜାରରୁ ଅଧିକ ନକଲି ଆକାଉଣ୍ଟ ଏବଂ ଫେସବୁକ ପେଜକୁ ହଟାଇଛି। ଠକମାନେ ଲୋକଙ୍କୁ ଠକିବା ପାଇଁ ପ୍ରସିଦ୍ଧ ୟୁଟ୍ୟୁବରର୍ସ, କ୍ରିକେଟର ଏବଂ ବ୍ୟବସାୟିକ ବ୍ୟକ୍ତିତ୍ୱଙ୍କ ନକଲି ଭିଡିଓ ତିଆରି କରିଥିଲେ। ଯେଉଁଥିରେ ଠକମାନେ ଏହି ଲୋକମାନେ କିଛି ନିବେଶ ଆପ୍ ଏବଂ ଜୁଆ ୱେବସାଇଟ ପ୍ରଚାର କରୁଥିଲେ। ପୂର୍ବରୁ, ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଲୋକମାନଙ୍କୁ 'ଶୀଘ୍ର ଟଙ୍କା ରୋଜଗାର କରନ୍ତୁ' ଭଳି ଅଫର ଦିଆଯାଇ ଲୋକମାନଙ୍କୁ ପ୍ରଲୋଭଲ ଦେଖାଉଥିଲେ। ପରେ ସେମାନଙ୍କୁ ଚାଟିଂ ଆପ୍ସ, ଯେପରିକି ହ୍ୱାଟ୍ସଆପ କିମ୍ବା ଟେଲିଗ୍ରାମକୁ ନିଆଯାଇ ନିବେଶ କରିବାକୁ ପରାମର୍ଶ ଦିଆଗଲା। ପରେ, ସେମାନଙ୍କୁ ଗୁଗୁଲ ପ୍ଲେ ଷ୍ଟୋର ପରି ଦେଖାଯାଉଥିବା ଏକ ନକଲି ଓ୍ବେବସାଇଟକୁ ପୁନଃନିର୍ଦ୍ଦେଶିତ କରାଯାଇଥିଲା, ସେଠାରୁ ସେମାନଙ୍କୁ ଜୁଆ କିମ୍ବା ନକଲି ନିବେଶ ଆପ ଡାଉନଲୋଡ କରିବାକୁ କୁହାଯାଉଥିଲା।

ମେଟା କହିଛି ଯେ, ଏହି ଠକମାନେ ଲୋକମାନଙ୍କୁ ପ୍ରଚୁର ରିଟର୍ଣ୍ଣ ପ୍ରତିଶ୍ରୁତି ଦେଇ କ୍ରିପ୍ଟୋକରେନ୍ସି, ଷ୍ଟକ୍ ମାର୍କେଟ କିମ୍ବା ରିଅଲ ଇଷ୍ଟେଟ ଭଳି ନକଲି ଯୋଜନାରେ ଟଙ୍କା ନିବେଶ କରିବାକୁ ପ୍ରଲୋଭିତ କରନ୍ତି। କମ୍ପାନୀ ଏହା ମଧ କହିଛି ଯେ, ଫେସବୁକ ମାର୍କେଟପ୍ଲେସରେ ଅନେକ ଠକ ସକ୍ରିୟ ଥିଲେ, ଯେଉଁମାନେ ନିଜକୁ ପ୍ରକୃତ ବିକ୍ରେତା ଦର୍ଶାଇ ଲୋକଙ୍କଠାରୁ ଆଗୁଆ ଦେୟ ମାଗୁଥିଲେ। ଗୋଟିଏ କୌଶଳରେ, ଠକମାନେ ଜାଣିଶୁଣି କୌଣସି ଜିନିଷ ପାଇଁ ଅଧିକ ଟଙ୍କା ପଠାନ୍ତି ଏବଂ ପରେ ଟଙ୍କା ଫେରସ୍ତ ପାଇଁ ମାଗନ୍ତି। ପରେ ସେମାନେ ପ୍ରକୃତ ଦେୟ ବାତିଲ କରି ଉଭୟ ଟଙ୍କା ନେଇ ଚମ୍ପଟ ମାରନ୍ତି। ମେଟା କହିଛି ଯେ, ଏହା ଏବେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ସତର୍କତା ବୃଦ୍ଧି କରୁଛି। ଯଦି କୌଣସି ଆକାଉଣ୍ଟ ସନ୍ଦେହଜନକ ମନେହୁଏ ତେବେ ଉପଭୋକ୍ତାଙ୍କୁ ଏକ ଚେତାବନୀ ଦିଆଯିବ।

# ଓଡ଼ିଶାରେ ହୋମ ବ୍ରଡବ୍ୟାଣ୍ଡ୍ କ୍ଷେତ୍ରରେ ଜିଓର ପ୍ରାଧାନ୍ୟ

**ଭୁବନେଶ୍ୱର, ୮।୫:** ଓଡ଼ିଶାର ଏକ ନମ୍ବର ହୋମ୍ ବ୍ରଡବ୍ୟାଣ୍ଡ ସେବା ପ୍ରଦାନକାରୀ ଭାବରେ ଏହାର ଉତ୍କୃଷ୍ଟ ପ୍ରଦର୍ଶନ ଜାରି ରଖି, ରିଲାଏନ୍ସ ଜିଓ ଓଡ଼ିଶାରେ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୧.୫ ଲକ୍ଷ ଜିଓଏୟାରଫାଇବର ଗ୍ରାହକ ହାସଲ କରିଛି। ଭାରତୀୟ ଦୂରସଂଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ବୁଧବାର ପ୍ରକାଶିତ ହୋଇଥିବା ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଏହା ଜଣାପଡିଛି। ପ୍ରକାଶିତ ତଥ୍ୟ ଅନୁଯାୟୀ, ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରେ ଜିଓ ଏୟାରଫାଇବର ଗ୍ରାହକଙ୍କ ମୋଟ ସଂଖ୍ୟା ୧.୫ ଲକ୍ଷ ଅତିକ୍ରମ କରିଛି। ଓଡ଼ିଶାରେ ୫ଜି ଏୟାରଫାଇବର କ୍ଷେତ୍ରରେ ଜିଓ ଏୟାରଫାଇବର ଗ୍ରାହକ ସଂଖ୍ୟା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅପେକ୍ଷା ୫ ଗୁଣ ଅଧିକ ରହିଛି। ତଥ୍ୟ ଅନୁଯାୟୀ, ଓଡ଼ିଶାରେ ୫ଜି ଏଫଡବ୍ଲୁଏ (ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍) ବା ଏୟାରଫାଇବର ଗ୍ରହକଙ୍କ ମୋଟ ସଂଖ୍ୟା ମାର୍ଚ୍ଚ ଶେଷ ସୁଦ୍ଧା ୧.୭୭ ଲକ୍ଷରୁ ଅଧିକ ହୋଇଛି।

## ରାଜ୍ୟରେ ୪.୪୨ ଲକ୍ଷରୁ ଅଧିକ ଜିଓ ଏୟାରଫାଇବର ଓ ଜିଓଫାଇବର ଗ୍ରାହକ: ଟ୍ରାଇ ତଥ୍ୟ




ୱାୟାରଲାଇନ୍ କ୍ଷେତ୍ରରେ ମଧ୍ୟ ସର୍ବାଗ୍ରେ ରହିଥିବା ଜିଓ ଓଡ଼ିଶାରେ ୨.୯୨ ଲକ୍ଷରୁ ଅଧିକ ଘର ଏବଂ ପରିସରକୁ ଏହାର ତାରଯୁକ୍ତ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା ଜିଓଫାଇବର ଦ୍ୱାରା ସଂଯୁକ୍ତ କରିଛି। ସେହିଭଳି ମୋବାଇଲ ସେବା କ୍ଷେତ୍ରରେ ଜିଓ ମାର୍ଚ୍ଚ ମାସରେ ଓଡ଼ିଶାରେ ୧.୩୫ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଉପଭୋକ୍ତା ଯୋଡ଼ିବା ସହିତ ରାଜ୍ୟରେ ଜିଓ ୪ଜି/୫ଜି ନେଟୱାର୍କରେ ମୋଟ ମୋବାଇଲ୍ ଉପଭୋକ୍ତାଙ୍କ ସଂଖ୍ୟା ପ୍ରାୟ ୧.୬ କୋଟିକୁ ବୃଦ୍ଧି ହୋଇଛି।

ବିଶ୍ୱବ୍ୟାପୀ ଯୋଗାଯୋଗ ଶିଳ୍ପରେ ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ୫ଜି ଏଫଡ଼ବ୍ଲୁଏ କ୍ଷେତ୍ରରେ, ଜାତୀୟ ସ୍ତରରେ ଜିଓ ମାର୍ଚ୍ଚ ୨୦୨୫ ସୁଦ୍ଧା ୫୫.୭ ଲକ୍ଷରୁ ଅଧିକ ଗ୍ରାହକଙ୍କ ସହିତ ୮୨ ପ୍ରତିଶତରୁ ଅଧିକ ବଜାର ଅଂଶ ହାସଲ କରିଛି। ଜିଓ ମାର୍ଚ୍ଚ ମାସରେ ଦେଶରେ ସର୍ବାଧିକ ୩.୩୪ ଲକ୍ଷରୁ ଅଧିକ ନୂତନ ଜିଓଏୟାରଫାଇବର ଗ୍ରାହକ ଯୋଡ଼ିବା ସହିତ ଏହି କ୍ଷେତ୍ରରେ ନିଜର ପ୍ରାଧାନ୍ୟ ବଜାୟ ରଖିଛି। ଜିଓ ଦେଶରେ ନୂତନ ଉପଭୋକ୍ତା ଯୋଡିବାରେ ୭୪ ପ୍ରତିଶତରୁ ଅଧିକ ବଜାର ଅଂଶ ସହିତ ସର୍ବାଗ୍ରେ ରହିଛି ଏବଂ ୨୦୨୫ ମାର୍ଚ୍ଚ ମାସରେ ସମଗ୍ର ଟେଲିକମ ଶିଳ୍ପରେ ଯୋଡି ହୋଇଥିବା ୨.୯୩ ନିୟୁତ ନୂତନ ଗ୍ରାହକ ମଧ୍ୟରୁ ଜିଓ ୨.୧୭ ନିୟୁତ ନୂତନ ଗ୍ରାହକ ଯୋଡ଼ିଛି।

ସର୍ବାଧିକ ଲୋକପ୍ରିୟ ରହିଥିବା ଜିଓ ଏୟାରଫାଇବର ସେବା ବାସ୍ତବରେ ଡିଜିଟାଲ ଅନ୍ତର୍ଭୁକ୍ତିକରଣକୁ ସମ୍ପ୍ରସାରିତ କରିଛି। କାରଣ ଏହା ବିଶେଷକରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠ ଅଂଚଳରେ ତଥା ଭୌଗଳିକ ଦୃଷ୍ଟିରୁ ଆହ୍ୱାନପୂର୍ଣ୍ଣ ସ୍ଥାନଗୁଡିକରେ ଶେଷ ମାଇଲ୍ ଅପ୍ଟିକାଲ୍-ଫାଇବର ବିସ୍ତାରରେ ରହିଥିବା କଠିନତାକୁ ଦୂର କରିଛି। ଯେଉଁଠାରେ ପୂର୍ବରୁ ଏହା ଏକରକମ ଅସମ୍ଭବ ସ୍ୱପ୍ନ ଭଳି ରହିଥିଲା। କ୍ରିକେଟ୍ ସିଜନ୍ ପାଇଁ ଜିଓ ଆରମ୍ଭ କରିଥିବା ଅସୀମିତ ଅଫର ସହିତ ୫୦ ଦିନର ମାଗଣା ଜିଓଫାଇବର / ଜିଓଏୟାରଫାଇବର ଟ୍ରାଏଲ୍ ସଂଯୋଗ ପ୍ରଦାନ କରୁଛି। ଯାହା ସାରା ଓଡ଼ିଶାରେ ବିଶେଷ ଲୋକପ୍ରିୟତା ହାସଲ କରିଛି। ଏହି ଅଫର ସହିତ ଗ୍ରାହକମାନେ ୮୦୦ରୁ ଅଧିକ ଟିଭି ଚ୍ୟାନେଲ୍, ୧୧ ରୁ ଅଧିକ ଓଟିଟି ଆପ୍, ଅସୀମିତ ୱାଇଫାଇ, ନିରବଛିନ୍ନ ହାଇସ୍ପିଡ଼ ବ୍ରଡ଼ବ୍ୟାଣ୍ଡ ଏବଂ ଆହୁରି ଅନେକ ସୁବିଧା ଉପଭୋଗ କରୁଛନ୍ତି। କେବଳ ଏକ ଜିଓ ସିମ୍ ଏବଂ ୧୫ ମଇ ୨୦୨୫ ପୂର୍ବରୁ ୨୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ରିଚାର୍ଜ ସହିତ, ଗ୍ରାହକମାନେ ଉଚ୍ଚ ମାନର ମନୋରଞ୍ଜନ କଣ୍ଟେଣ୍ଟ ସାଙ୍ଗକୁ ପ୍ରତ୍ୟେକ ମ୍ୟାଚର ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ନିର୍ବିଘ୍ନ, ଉଚ୍ଚ-ଗୁଣବତ୍ତା ଷ୍ଟ୍ରିମିଂର ମଜା ନେଇପାରିବେ।



# ଭାରତ-ପାକ୍ ଯୁଦ୍ଧ ଉତ୍ତେଜନା ପ୍ରଭାବିତ ହେବନି ଦୀର୍ଘ ମିଆଦୀ ନିବେଶ

**ନୂଆଦିଲ୍ଲୀ, ୮।୫:** ଭାରତ ଏବେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ବଜାୟ ରଖିଛି। ଦେଶକୁ ନିବେଶର ଏକ ଗନ୍ତବ୍ୟ ସ୍ଥଳ କରିବାକୁ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ପହଲଗାମ୍ ଆତଙ୍କି ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧରେ ଉତ୍ତେଜନା ନୂଆଦିଲ୍ଲୀ ପାଇଁ ସ୍ୱଳ୍ପମିଆଦୀ ଭିତ୍ତିରେ ପ୍ରଭାବ ପକାଇପାରେ। ମାତ୍ର ଦୀର୍ଘମିଆଦୀ ଭିତ୍ତିରେ ଏହାର ପ୍ରଭାବ ଘରୋଇ ବଜାର ଉପରେ ରହିବନି ବୋଲି ବିଶେଷଜ୍ଞ କହିଛନ୍ତି। ୪ ଟ୍ରିଲିୟନ ଡଲାରର ଭାରତୀୟ ଅର୍ଥନୀତି ପାକିସ୍ତାନ ସହ ସେଭଳି କୌଣସି ଦ୍ୱିପାକ୍ଷିକ କାରବାର କରୁନାହିଁ। ଭାରତ ପାକିସ୍ତାନ ଉପରେ କରିଥିବା ମିଶାଇଲ ଆକ୍ରମଣ ଘରୋଇ ପୁଞ୍ଜି ବଜାର, ମୁଦ୍ରା ଏବଂ ବଣ୍ଡ୍ ବଜାର ଉପରେ ସେତେଟା ପ୍ରଭାବ ପକାଇନି। ନିବେଶ ଫାର୍ମ ନୁଭାମା ଗ୍ରୁପର ଫିକ୍ସଡ ଇନକମ ବିଭାଗ ମୁଖ୍ୟ ଅଜୟ ମାରୱା କହିଛନ୍ତି, ଭାରତ-ପାକିସ୍ତାନ ମଧରେ ଯୁଦ୍ଧ ହୁଏ ତେବେ ଏହା ନିବେଶ ପ୍ରଭାବିତ ହେବନି। ପୂର୍ବରୁ ମଧ ଉଭୟ ଦେଶ ମଧରେ ସମ୍ପର୍କ ବିଗିଡିଛି। ଏଭଳି ସ୍ଥିତି ଭାରତକୁ ସମ୍ପୂର୍ଣ୍ଣ ଭାବେ ଦୋହଲାଇ ଦେଇନି ବୋଲି ସିଟି ବ୍ୟାଙ୍କ ବିଶେଷଜ୍ଞ କହିଛନ୍ତି। ୨୦୧୯ ଫେବ୍ରୁଆରିରେ ପୁଲୱାମା ଆତଙ୍କି ଆକ୍ରମଣ ବେଳେ ଉଭୟ ଟଙ୍କା ଏବଂ ବଣ୍ଡ୍ ବଜାର ଦୃଢ଼ତା ଦେଖାଇଥିଲା। ସେହିମାସରେ ଏହା ୧୫ ବେସିସ ପଏଣ୍ଟ ବଢ଼ିଥିଲା। ୨୦୨୦ରେ ଗଲୱାନ ଉପତ୍ୟକାରେ ଭାରତ ଏବଂ ଚୀନ ସେନା ମୁହାଁମୁହିଁ ହେବା ପରେ ମଧ ଟଙ୍କା ୧% ଦୁର୍ବଳ ହୋଇଥିଲେ ବି ପରେ ଏହା ଦୃଢ଼ ହୋଇଥିଲା ବୋଲି ସିଟି ବ୍ୟାଙ୍କ ବିଶେଷଜ୍ଞ କହିଛନ୍ତି। ଭାରତର ପ୍ରମୁଖ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ଆମେରିକା ଟାରିଫ ଲଦିବା ପରେ ମଧ ଭାରତୀୟ ବଜାର କିଛି ସମୟ ପ୍ରଭାବିତ ରହିବା ପରେ ଦୃଢ଼ ଭାବେ ପୂର୍ବ ସ୍ଥିତିକୁ ଫେରିଛି। ଘରୋଇ ବଜାରର ସ୍ଥିତି ଦୃଢ଼ ଥିବାରୁ ଟ୍ରମ୍ପଙ୍କ ଟାରିଫ ୱାର ସତ୍ତ୍ୱେ ବଜାର ଉପରେ ନିବେଶକଙ୍କ ଭରଷା ରହିଛି ବୋଲି ହଣ୍ଡରସନ ଇନଭେଷ୍ଟମେଣ୍ଟର ପୋର୍ଟଫୋଲିଓ ମ୍ୟାନେଜର ସତ୍ ଧୁରା କହିଛନ୍ତି।

ବର୍ତ୍ତମାନ ସ୍ଥିତି ଯୋଗୁ ବିଦେଶୀ ନିବେଶକ ମାନେ ହୁଏତ ବଜାରରୁ ଦୂରେଇ ରହି ପାରନ୍ତି ମାତ୍ର ଘରୋଇ ନିବେଶ ମାନେ ବଜାରରେ ନିଜର କାରବାର ଜାରି ରଖିବେ। ୬.୫% ଅଭିବୃଦ୍ଧି ସହ ଦେଶ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ବଜାର ରଖିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଛି। ଏପ୍ରିଲ ପରଠୁ ଭାରତୀୟ ଷ୍ଟକ ବଜାର ବିଶ୍ୱର ସବୁଠାରୁ ଉନ୍ନତ ପ୍ରଦର୍ଶନ କରୁଥିବା ବଜାର ଭାବେ ଉଭା ହୋଇଛି। ଆମେରିକା ଟାରିଫ ଘୋଷଣା କରିବା ପରେ ନିଫ୍ଟି ୫୦ରେ ୪.୬% ବଢ଼ିଛି। ବିଦେଶୀ ନିବେଶକ ମାନେ ଏପ୍ରିଲ ପରଠୁ ନିବେଶ ବଢ଼ାଇଛନ୍ତି। ବିଦେଶୀ ନିବେଶକ ମାନେ ଭାରତରେ ନିବେଶ ଜାରି ରଖିବେ ବୋଲି ୟୁଏଇ ଭିତ୍ତିକ ଆସେଟ ମ୍ୟାନେଜର ନ୍ୟାଭ୍ କ୍ୟାପିଟାଲ କହିଛି। ବର୍ତ୍ତମାନ ସ୍ଥିତି ବଜାରକୁ ଦୀର୍ଘମିଆଦି ଭିତ୍ତିରେ ପ୍ରଭାବିତ କରିବନି। ଦେଶ ବ୍ରିଟେନ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ କରିଛି। ଆର୍‌ବିଆଇ ପଦକ୍ଷେପ ଦେଶର ଅଭିବୃଦ୍ଧିକୁ ଅତୁଟ ରଖିବ ବୋଲି ବୋଲି ଡିବିଏସ୍ ବ୍ୟାଙ୍କର ବରିଷ୍ଠ ଅର୍ଥନୀତିଜ୍ଞ ରାଧିକା ରାଓ କହିଛନ୍ତି। ଭାରତ ପାକିସ୍ତାନ ମଧରେ ଉତ୍ତେଜନାର ପ୍ରଭାବ ଦେଶ ଉପରେ ରହିବନି। ଦେଶର ଉତ୍ତର ଏବଂ ପଶ୍ଚିମ ଭାଗ ପାକିସ୍ତାନ ସହ ସୀମା ରହିଛି। ମାତ୍ର ନିବେଶ କରୁଥିବା କମ୍ପାନି ଦକ୍ଷିଣ ଏବଂ ମଧ ଭାରତ ଉପରେ ଧାନ କେନ୍ଦ୍ରିତ କରୁଛନ୍ତି ବୋଲି ପୂର୍ବତନ ପ୍ରଶାସକ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି।

# ମାର୍ଚ୍ଚରେ ବଢ଼ିଲେ ୩.୨୪ ଲକ୍ଷ ଗ୍ରାହକ

## ୧୦୦ରୁ ୮୦ ଜଣଙ୍କ ପାଖରେ ମୋବାଇଲ୍

**ଭୁବନେଶ୍ୱର, ୮।୫:** ଚଳିତ ବର୍ଷ ମାର୍ଚ୍ଚରେ ରାଜ୍ୟରେ ରେକର୍ଡ ୩,୨୪,୨୨୪ ନୂଆ ମୋବାଇଲ୍ ଗ୍ରାହକ ସୃଷ୍ଟି ହୋଇଛନ୍ତି। ଫଳରେ ମୋଟ୍ ମୋବାଇଲ୍ ଗ୍ରାହକ ସଂଖ୍ୟା ୩ କୋଟି ୪୯ ଲକ୍ଷ ୨୪ ହଜାର ୧୦୮ରେ ପହଞ୍ଚିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ରାଜ୍ୟରେ ଟେଲି ସାନ୍ଦ୍ରତା ୮୦କୁ ବୃଦ୍ଧି ପାଇଛି। ଅର୍ଥାତ ହାରାହାରି ଭାବେ ପ୍ରତି ୧୦୦ ଜଣଙ୍କ ମଧ୍ୟରୁ ୮୦ ଜଣଙ୍କ ପାଖରେ ମୋବାଇଲ୍ ସେବା ପହଞ୍ଚିପାରିଛି। ଏହା ସତ୍ତ୍ୱେ ଜାତୀୟ ହାର ୮୫.୦୪ ପ୍ରତିଶତଠାରୁ ଓଡ଼ିଶା ପଛରେ ରହିଛି।

ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ତଥ୍ୟ ଅନୁଯାୟୀ ଗତ ମାର୍ଚ୍ଚରେ ରିଲାଏନ୍ସ ଜିଓ ଓ ଏୟାରଟେଲ୍ ବିପୁଳ ସଂଖ୍ୟାରେ ନୂଆ ଗ୍ରାହକ ହାସଲ କରିଛନ୍ତି। ଏୟାରଟେଲ୍ ୧,୮୫,୮୫,୫୧୭ ନୂଆ ଗ୍ରାହକ ଯୋଡ଼ିବାରୁ ରାଜ୍ୟରେ ଏହାର ଗ୍ରାହକ ସଂଖ୍ୟା ୧ କୋଟି ୧୯ ଲକ୍ଷ ୯୬ ହଜାର ୨୧୨କୁ ବୃଦ୍ଧି ପାଇଛି। ଜିଓର ଗ୍ରାହକ ୧,୩୫,୬୦୧ ବୃଦ୍ଧି ପାଇ ୧ କୋଟି ୫୯ ଲକ୍ଷ ୫୬ ହଜାର ୬୪୫ରେ ପହଞ୍ଚିଛି। ଭୋଡାଫୋନ୍ ଆଇଡିଆର ଗ୍ରାହକ ୩୨୪୭ ବଢ଼ିଛନ୍ତି। ଫଳରେ କମ୍ପାନିର ମୋଟ ଗ୍ରାହକ ସଂଖ୍ୟା ୧୩ ଲକ୍ଷ ୯୭ ହଜାର ୯୭୨ରେ ପହଞ୍ଚିଛି। ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍) ମାତ୍ର ୧୪୧ ଗ୍ରାହକଙ୍କୁ ହରାଇବାରୁ ଏହାର ଗ୍ରାହକ ସଂଖ୍ୟା ୫୫ ଲକ୍ଷ ୭୩ ହଜାର ୪୨୦ ରହିଛି। ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସର୍ବାଧିକ ଗ୍ରାହକ ଓଡ଼ିଶା ସର୍କଲ୍‌ରେ ବଢ଼ିଛନ୍ତି। ରାଜ୍ୟର ଗ୍ରାହକ ସଂଖ୍ୟାରେ ୦.୯୪ ପ୍ରତିଶତ ବୃଦ୍ଧି ଘଟିଛି। ଉତ୍ତର ପୂର୍ବ ଭାରତରେ ଗ୍ରାହକ ପରିମାଣ ସର୍ବାଧିକ ୧.୦୪ ପ୍ରତିଶତ ବୃଦ୍ଧି ପାଇଛି। ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ ଓ କୋଲକାତା ସର୍କଲ୍‌କୁ ବାଦ ଦେଲେ ଅନ୍ୟ ସବୁ ଟେଲିକମ୍ ସର୍କଲ୍‌ରେ ଗ୍ରାହକ ସଂଖ୍ୟା ବୃଦ୍ଧି ପାଇଛି। ଟେଲିକମ୍ ଗ୍ରାହକ ସଂଖ୍ୟାରେ ହୋଇଥିବା ବୃଦ୍ଧି ସମ୍ପର୍କରେ ଏକ ଟେଲିକମ୍ କମ୍ପାନିର ଜଣେ ଅଧିକାରୀ କହିଛନ୍ତି ଯେ ରାଜ୍ୟର ଦୁର୍ଗମ, ଅପହଞ୍ଚ ଇଲାକାରେ ମୋବାଇଲ୍ ସେବା ପହଞ୍ଚାଇବା ଲାଗି ସରକାର କରୁଥିବା ଉଦ୍ୟମ ପ୍ରଭାବରେ ବହୁ ନୂଆ ଜାଗାରେ ସେବା ପହଞ୍ଚିପାରିଛି। ନୂଆ ନୂଆ ଟାୱାର ସ୍ଥାପନ ମଧ କରାଯାଉଛି। ସେଥିପାଇଁ ମୋବାଇଲ୍ ଗ୍ରାହକ ସଂଖ୍ୟାରେ ଏଭଳି ବୃଦ୍ଧି ଘଟିଛି। ଅନ୍ୟ ପକ୍ଷରେ ଆଜିର ଡିଜିଟାଲ୍ ଦୁନିଆରେ ମୋବାଇଲ୍ ଏକ ଆବଶ୍ୟକତାରେ ପରିଣତ ହୋଇଥିବାରୁ, ଅଧିକରୁ ଅଧିକ ଲୋକ ସେହି ସଂଯୋଗ ହାସଲ କରୁଛନ୍ତି।



## ଜାଣନ୍ତୁ ସୁନା ରୂପା ଦର



ସୁନା କିଣିବାକୁ ଚାହୁଁଛନ୍ତି କି ? ସପ୍ତାହ ଆରମ୍ଭରୁ ସୁନା ଦରରେ ହେଲା ପରିବର୍ତ୍ତନ। ଆକାଶ ଛୁଆଁ ସୁନା ଦର। ତେବେ ଆସନ୍ତୁ ଜାଣିବା, ସୁନା ଦର କେଉଁଠି କେତେ ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୯, ୬୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ହଜାର ୩୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯, ୬୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର ୩୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯,୬୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ,୩୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯, ୭୫୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧, ୪୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯, ୬୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧,୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୯, ୬୦୦ ଓ ୯୧,୩୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯,୦୦୦ ଟଙ୍କା ହୋଇଛି।

## ଜାଣନ୍ତୁ ପେଟ୍ରୋଲ, ଡିଜେଲ ଦର



ପେଟ୍ରୋଲ ଦରରେ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୫ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

## କୋକସରା ନୂତନ ବସଷ୍ଟାଣ୍ଡ ନିର୍ମାଣ ପ୍ରସଙ୍ଗ

# ତହସିଲଦାରଙ୍କ ଆକ୍ସନ, ଚାଲିଲା ବୁଲଡୋଜର



ଭବାନୀପାଟଣା,୮।୫(ସଂଚାର ବ୍ୟୁରୋ): ସମ୍ପ୍ରତି କୋକସରା ବିକାଶ କହିଲେ କେବଳ ଗାଁ ରାସ୍ତାକଡ଼। ଯେ କୌଣସି ବିକାଶୋନ୍ମୁଖୀ ପ୍ରକଳ୍ପ ନିର୍ମାଣ କଥା ପଡ଼େ ଆଉ ବିବାଦରେ ରହିଯାଏ। ସେହିଭଳି ବସଷ୍ଟାଣ୍ଡ ନିର୍ମାଣ ପ୍ରସଙ୍ଗ ମଧ୍ୟ ପୂର୍ବ ସରକାର ଅମଳରୁ ବିବାଦୀୟ ହୋଇ ପଡ଼ି ରହିଥିଲା। ଗୁରୁବାର ଏହାର ଅନ୍ତ ଘଟିଛି। ଏବେ ଆକ୍ସନ ମୋଡ଼ରେ କୋକସରା ତହସିଲଦାର କେ.ବି. ଭାରତ ନାଗ। ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଲ୍ଡୋଜର ଚାଲିଲା ଜବର ଦଖଲ ଉଚ୍ଛେଦ ହେଲା। ସୂଚନା ମୁତାବକ ବିଜେଡି ସରକାର ସମୟରେ ପ୍ରତି ବ୍ଲକ ସଦରରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର କରିଥିଲେ। ସେହି ଅନୁସାରେ କୋକସରା ବ୍ଲକ ସଦର ମହକୁମାଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ମଧ୍ୟ ୬ କୋଟି ୬୯ ଲକ୍ଷ ଅନୁଦାନ ଆସିଛି। ତେବେ କୋକସରାରେ ହେବାକୁ ଥିବା ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ପୁରୁଣା ବଜାର ପଡ଼ିଆକୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ପୋଲିସ ହାଉସିଂ ବୋର୍ଡ଼ କଳାହାଣ୍ଡିକୁ ହସ୍ତାନ୍ତର କରାଯାଇଛି। ଏହି ବସ୍ ଷ୍ଟାଣ୍ଡ ଦୀର୍ଘ ଦୁଇ ବର୍ଷ କାଳ ବିବାଦରେ ରହିଥିଲା। ନୂତନ ତହସିଲଦାର କୋକସରା ବିକାଶକୁ ଦୃଷ୍ଟିରେ ରଖି ଜବର ଦଖଲ ଉଚ୍ଛେଦ କରିଛନ୍ତି। ୨ ମାର୍କେଟ କମ୍ପଲେକ୍ସ ବିଲ୍ଡିଂ, ପୁରୁଣା ଗୁଡ଼ହାଣ୍ଡି ମଞ୍ଚ, ପୁରୁଣା ଦୁର୍ଗା ମଣ୍ଡପ, ୩ କଚ୍ଚା ଘର ଓ ୧ ଟା ଦୋକାନ ଉଚ୍ଛେଦ ପ୍ରକ୍ରିୟା ମଧ୍ୟରେ ଜବର ଦଖଲରେ ରହିଥିଲା। ୮୪ ଡିସିମିଲ ସରକାରୀ ଜମିରେ ନିର୍ମାଣ ହେବ ନୂତନ ବସଷ୍ଟାଣ୍ଡ। ଏହି ଉଚ୍ଛେଦ ପ୍ରକ୍ରିୟାରେ ତହସିଲଦାରଙ୍କ ସମେତ ରାଜ୍ୟ ସଡ଼କ ପରିବହନ ନିଗମ କଳାହାଣ୍ଡି ଡି ଏମ୍ ସ୍ୱଦେଶ କୁମାର ପାତ୍ର, ପୋଲିସ ହାଉସିଂ ବୋର୍ଡ଼ ଡି ଏମ୍ ମିତାଲି ରାଉତରାଏ, କୋକସରା ସରପଞ୍ଚ କିଶୋର ପ୍ରଧାନୀ, କନିଷ୍ଠ ଯନ୍ତ୍ରୀ, ପ୍ରମୁଖ ଉପସ୍ଥିତ ଥିଲେ।

● ମୃତ ବ୍ୟକ୍ତିଙ୍କ ସୂଚନା ବିଭାଗକୁ ଦେଉନାହାଁନ୍ତି ପିଇଓ

## ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି




ବିଞ୍ଝାରପୁର,୮।୫(ସଂଚାର ବ୍ୟୁରୋ): ବିଞ୍ଝାରପୁରରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଅବହେଳା ଯୋଗୁଁ ମୃତ ବ୍ୟକ୍ତିଙ୍କ ଆକାଉଣ୍ଟ କୁ ଯାଉଛି ଭତ୍ତା ଟଙ୍କା।ଯାହା ଦ୍ୱାରା ଟାର୍ଗେଟ ଆସୁନି ଆଉ ଭତ୍ତା ପାଇବାରୁ ହିତାଧିକାରୀ ହେଉଛନ୍ତି ବଞ୍ଚିତ। ସାମାଜିକ ସୁରକ୍ଷା ସମୀକ୍ଷା ବେଳେ ମୃତ ବ୍ୟକ୍ତି ଭତ୍ତା ପାଉଥିବା ଅଭିଯୋଗ ଆସିଥିଲା। ତେବେ ଏ ନେଇ ବ୍ଲକ ପ୍ରଶାସନ ତଥା ବ୍ଲକ ସାମାଜିକ ସୁରକ୍ଷା ମଙ୍ଗଳ ଅଧିକାରୀଙ୍କ ନିକଟରେ ତଥ୍ୟ ନଥିବା ଅଭିଯୋଗ କରିଛନ୍ତି ବିଞ୍ଝାରପୁର ବାସିନ୍ଦା।ତେବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନେ ମୃତ ବ୍ୟକ୍ତିଙ୍କ ସମ୍ପର୍କରେ ବ୍ଲକକୁ ତଥ୍ୟ ଦେଉନଥିବାରୁ ଏଭଳି ହେଉଥିବା ସୂଚନା ଦେଇଛନ୍ତି ବିଞ୍ଝାରପୁର ବ୍ଲକର ସାମାଜିକ ସୁରକ୍ଷା ଏବଂ ମଙ୍ଗଳ ଅଧିକାରୀ। ତେବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନେ ମୃତ ବ୍ୟକ୍ତିଙ୍କ ତଥ୍ୟ କାହିଁକି ବ୍ଲକ ପ୍ରଶାସନ ଙ୍କୁ ଦେଉନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଥାଉକି ଏବେବି ବିଞ୍ଝାରପୁର ବ୍ଲକରେ ପାଖାପାଖି ୧୦୬୨ ଜଣ ୮୦ ବର୍ଷରୁ ଅଧିକ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଙ୍କ ଭତ୍ତା ବ୍ଲକ୍ ପ୍ରଶାସନ ତରଫରୁ ଭତ୍ତା ମଞ୍ଜୁରୀ ନିମନ୍ତେ ବିଭାଗ କୁ ପଠା ଯାଇଥିଲେ ମଧ୍ୟ ଟାର୍ଗେଟ ନଥିବାରୁ ସେମାନେ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସୋହେଲା,୮।୫(ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସୋହେଲାରେ ଆଜି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦିନ ଏଗାର ଟାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ସୋହେଲା ଆସିବା କ୍ଷଣି ମୁଖ୍ୟ ଛକରେ ତାଙ୍କୁ ସ୍ୱାଗତ କରି ଦୁର୍ଗା ମନ୍ଦିରକୁ ପାଛୋଟି ନିଆଯାଇଥିଲା। ବିଜେପି ଜିଲ୍ଲା ସଭାପତି ଡାକ୍ତର ଅରୁପାନନ୍ଦ ସାହୁ, ସୋହେଲା ମଣ୍ଡଳ ସଭାପତି ଅଶ୍ୱିନୀ କୁମାର ପାତ୍ର, ମଣ୍ଡଳ ପ୍ରତିନିଧି ରଘୁବୀର ସିଂ ଭୋଇ, ଦୁର୍ଗାପୂଜା କମିଟି ସମ୍ପାଦକ ପ୍ରମୋଦ ଦେବତା, ବରିଷ୍ଠ ନେତା ବଲବୀର ସିଂ ଠାକୁର, ଗିରଜେଶ ଖାଡେଙ୍ଗା, ଲଳିତ କୁମାର ଅଗ୍ରୱାଲ, ଦିବ୍ୟକିଶୋର ଭୋଇ, ବାସୁଦେବ ନାୟକ, ପ୍ରମୋଦ ପୋଡ଼, ଇମ୍ରାନ ଭୋପାଲା ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ମା ଦୁର୍ଗାଙ୍କ ଦର୍ଶନ



ପରେ ଗୌରିଦେବୀ କାର୍ଯ୍ୟଳୟରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସୋହେଲା ବରିଷ୍ଠ ନାଗରିକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।ଏହାପରେ ମନ୍ତ୍ରୀ ଏକ ସାମାଜିକ କାର୍ଯ୍ୟକ୍ରମ ରେ ଯୋଗ ଦେବାକୁ ରେଙ୍ଗାଲି ଯାଇ ପଦ୍ମପୁର ଫେରି ଯାଇଥିଲେ।

● ହରିଶଙ୍କର ବୈଶାଖୀ ମେଳା ପାଇଁ ଜୋରଦାର ପ୍ରସ୍ତୁତି

## ପ୍ରଶାସନର ହରିଶଙ୍କର ଯାତ୍ରା ପ୍ରତି ଆଗ୍ରହ ନା ରାଜ୍ୟପାଳଙ୍କ ଗସ୍ତକଲେ ତେୟାରୀ



ଖପ୍ରାଖୋଲ,୮।୫(ସଂଚାର ବ୍ୟୁରୋ): ହରିଶଙ୍କର ମେଳା ଆସନ୍ତା ୮ ତାରିଖ ରୁ ଆରମ୍ଭ ହୋଇ ୫ ଦିନ ଚଳିବ। ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଥିବା ବେଳେ ଅନେକ ରାଜ୍ୟ ସ୍ତରୀୟ ଅତିଥି ଆସିବା ର କାର୍ଯ୍ୟକ୍ରମ ଅଛି ଏବଂ ରାଜ୍ୟପାଳ ଙ୍କ ପ୍ରୋଗାମ ଥିବା ରୁ ବିଶେଷ ଭାବରେ ସରକାରୀ କାର୍ଯ୍ୟକ୍ରମ ଅଛି ଏହା ଖାଲି ଯାତ୍ରା ପାଇଁ ନାଁ ରାଜ୍ୟପାଳ ଆସୁଥିବା ରୁ ବୋଲି ଚର୍ଚ୍ଚା ହେଉଛି। ଏହା ପରେ ଯାତ୍ରା ଭିତରେ କାଳ ବୈଶାଖୀ ହେଉଥିବା ରୁ ପ୍ରଶାସନ କେମିତି ତେୟାରୀ କରିଛି ବୋଲି ସାଧାରଣ ଲୋକେ ଜାଣିବାକୁ ଚାହୁଁଛନ୍ତି। ଯାତ୍ରା ଖର୍ଚ୍ଚ ୧୨ ଲକ୍ଷ ଥିବା ବେଳ କୁ କେତେ ଖର୍ଚ୍ଚ ହୋଇ କାର୍ଯ୍ୟକ୍ରମ ହେବା ତାହା ସମସ୍ତେ ଜାଣିବା କଥା ପୂର୍ବରୁ ମଧ୍ୟ ଆର ଟି ଆଇ ମଗା ହେଇଥିଲା କିନ୍ତୁ କୌଣସି ଉତ୍ତର ମିଳିନି ସେଥିପାଇଁ ପ୍ରଶାସନ ଅନେକ କିଛି ଲୁଚାଇ ଥିବା ଅଭିଯୋଗ ହେଉଛି। ସେଥିପାଇଁ ଚଳିତ ବର୍ଷ ଯାତ୍ରା ସମୟରେ ଲୋକେ ହଇରାଣ କେମିତି ନ ହେବେ ଅଦିନିଆ ବର୍ଷା ଯୋଗୁଁ ପ୍ରଶାସନ ବିଶେଷ ଦୃଷ୍ଟି ଦେବାକୁ ସାଧାରଣ ରେ ଚର୍ଚ୍ଚା ହେଉଛି।

## ମା' ତାରିଣୀଙ୍କ ଯଜ୍ଞଉତ୍ସବ ଅନୁଷ୍ଠିତ



କଳିଙ୍ଗନଗର,୮।୫(ସଂଚାର ବ୍ୟୁରୋ): ଦାନଗଦୀ ବ୍ଲକ ଧୂଳିଗଡ଼ ପଞ୍ଚାୟତର ମାନଗୋବିନ୍ଦପୁର ଛକଠାରେ ପବିତ୍ର ବୈଶାଖ ମାସରେ ଚାରିଦିନ ବ୍ୟାପୀ ମା ତାରିଣୀଦେବୀ ଙ୍କର ଯଜ୍ଞଉତ୍ସବ ଅନୁଷ୍ଠିତ ହୋଇଯାଇଛି, ଏହି ଯଜ୍ଞ ଉତ୍ସବର ପ୍ରଥମ ଦିବସରେ ଅଙ୍କୁରାରୋପଣ, ଅଧିବାସ, ଦେବୀଙ୍କ ଧ୍ୟାନ୍ୟାଦିବାସ, ମଣ୍ଡଳାଦୀକରଣ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋ ପୂଜା, ଯଜ୍ଞ ମଣ୍ଡପ ପୂଜା, ଅଗ୍ନି ସ୍ଥାପନା, ଦେବୀଙ୍କର ନଗର ଭ୍ରମଣ, ମହା ସ୍ନାନ, ଠାକୁରାଣୀଙ୍କ ଶୟନ ଓ ସନ୍ଧ୍ୟା ଆଳତୀ ହୋଇଥିଲା, ତୃତୀୟ ଦିବସରେ ବେଦ ପାଠ, ସୂର୍ଯ୍ୟପୂଜା, ଗୋ ପୂଜା, ମଣ୍ଡପପୂଜା, ଦେବୀଙ୍କର ଜୀବନ୍ୟାସ, ଦେବୀଙ୍କର ମନ୍ଦିର ପ୍ରବେଶ ଓ ସନ୍ଧ୍ୟା ଆଳତୀ ହୋଇଥିଲା, ସେହିପରି ଶେଷ ଦିବସରେ ବେଦ ପାଠ, ସୂର୍ଯ୍ୟପୂଜା, ଗୋ ପୂଜା, ଦେବୀଙ୍କର ନବ ଯୌବନ ଦର୍ଶନ, ଦେବୀଙ୍କର ରାଜ ଉପଚାର, ଚଣ୍ଡୀଯଜ୍ଞ, ଶେଷରେ ପୂର୍ଣ୍ଣାହୁତି ସହ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା, ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା, ମାନଗୋବିନ୍ଦପୁର ଛକ ଠାରେ ଥିବା ମା ତାରିଣୀଙ୍କ ପୀଠର ନବ ନିର୍ମାଣ, ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞଉତ୍ସବକୁ ବଣିକସଙ୍ଘର ସମସ୍ତ ସଭ୍ୟ, ବ୍ରାହ୍ମଣସାହି ଓ ମାନଗୋବିନ୍ଦପୁରର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହ ଏକ ଭକ୍ତିମୟ ପରିବେଶରେ ମହାସମାରୋହରେ ସମାପନ ହୋଇଥିଲା

## ଜମିପଟ୍ଟା ସଂଶୋଧନ ପାଇଁ ଆଲୋଚନା ଚକ୍ର



ଫୁଲବାଣୀ,୮।୫(ସଂଚାର ବ୍ୟୁରୋ): ଆଦିବାସୀ ହରିଜନ ଉନ୍ନୟନ ବିଭାଗ ଓଡ଼ିଶା ସରକାର ଙ୍କ ଚିଠି ନମ୍ବର ୨୫୦୭ପ୍ରକାରେ ଜମି ପଟ୍ଟା ସଂଶୋଧନ ପାଇଁ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି।ପ୍ରକୃତରେ ଅସଲି ଆଦିବାସୀ କନ୍ଧ ଗଉଡ ସଂପ୍ରଦାୟର ଆଦିବାସୀ ମାନଙ୍କର କନ୍ଧମାଳ ଜିଲ୍ଲାରେ ଅନେକ ଲୋକ ଙ୍କର ଜମିପଟ୍ଟାରେ ଜାତି, କନ୍ଧ ଗଉଡ ପରିବର୍ତ୍ତେ ଜାତି ଗଉଡ଼ ଲେଖା ଯାଇଛି।ଯାହା ଫଳରେ ପାଠପଢ଼ା ଶିକ୍ଷାନୁଷ୍ଠାନରେ ସରକାରଙ୍କ ଆଦିବାସୀ ହରିଜନ ଉନ୍ନୟନ ବିଭାଗରେ ସ୍ଥାନ ମିଳୁନାହିଁ। ଆଦିବାସୀ କନ୍ଧ ଗଉଡ ଜାତି ପ୍ରମାଣପତ୍ର ପାଇଁ ସରକାରଙ୍କ ନିକଟରେ ଦାବୀ ଏବଂ ଲଢେଇ ଜୋରଦାର ପାଇଁ ପ୍ରସ୍ତାବ ବୈଠକ ଅନୁଷ୍ଠିତ ହୋଇଯାଇଛି।କନ୍ଧ ଗଉଡ ଆଦିବାସୀ ସଂପ୍ରଦାୟର(ଜାତି ସମାଜ) କନ୍ଧ ଗଉଡ ସମାଜସେବା ସମିତି କନ୍ଧମାଳ ଜିଲ୍ଲା ଅନୁଷ୍ଠାନ ତରଫରୁ ଜିଲ୍ଲା ଉପଦେଷ୍ଟା ଶ୍ରୀ କରୁଣାକର ଭୋଇଙ୍କ ଅଧ୍ୟକ୍ଷତାରେ ଫୁଲବାଣୀ ବ୍ଲକ ସ୍ଥାନ କାଳାମ୍ବୁରୁ ଗ୍ରାମ ଠାରେ ବୈଠକ ହୋଇଯାଇଛି। ଉକ୍ତ ସଭାରେ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।ଅସ୍ଥାୟୀ ସଭାପତି ସଂପାଦକ ଭାବରେ ପଙ୍କଜ ଭୋଇ, ମିଶ୍ର ପ୍ରଧାନ, ନରେନ୍ଦ୍ର ପ୍ରଧାନ, ମୋହନ ପ୍ରଧାନ, ଶୁକ୍ରୁ ପ୍ରଧାନ, ସୁବାଷ ପ୍ରଧାନ ଯୋଗ ଦେଇ କାର୍ଯ୍ୟ ସଫଳ କରି ସଭାସାଙ୍ଗ୍ କରିଥିଲେ।ଉକ୍ତ ବୈଠକର ମୂଖ୍ୟ ଆଲୋଚନା ଉପରେ ଦର୍ଶାଇ ଦିଆଯାଇଛି।

## ପଞ୍ଚାୟତ କାର୍ଯ୍ୟାଳୟ ବାଉଣ୍ଡ୍ରି ନିର୍ମାଣ ନିମ୍ନମାନର, ସାଧାରଣରେ ତଦନ୍ତଦାବୀ

ନୀଳଗିରି,୮।୫(ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ୍ ନରଣପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏକାଧିକ ପ୍ରୋଜେକ୍ଟର କାର୍ଯ୍ୟଚାଲିଥିବା ବେଳେ କାର୍ଯ୍ୟାଳୟର ବାଉଣ୍ଡରି କାର୍ଯ୍ୟ ଜାରିରହିଛି। ୪ଲକ୍ଷ ବ୍ୟୟବରାଦରେ ନିର୍ମିତ ଏହି ବାଉଣ୍ଡରୀ ନିର୍ମାଣକାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହୋଇଛି। ବାଉଣ୍ଡରି ୱାଲ ନିର୍ମାଣରେ ଠିକାଦାର ଜଣକ ମନମୁଖୀ କାର୍ଯ୍ୟ କରୁଥିବା ବେଳେ ଯନ୍ତ୍ରୀଙ୍କ ଉପସ୍ଥିତି ନଥିବା ମଧ୍ୟ ଅଭିଯୋଗ ହୋଇଛି।ୱାଲ୍ ନିର୍ମାଣରେ ବ୍ୟବହୃତ ହୋଇଥିବା କଲମର ରଡ ଏଷ୍ଟିମେଟ ଅନୁଯାୟୀ ଲଗାଯାଇନଥିବା ବେଳେ ୬ଏମଏମ ରଡ଼ରେ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଛି। ଏହାବ୍ୟତୀତ କଲମର ବ୍ୟବଧାନ ମଧ୍ୟ ଅଧିକ ରହିଥିବା ଅଭିଯୋଗ ଉଠିଛି। ସର୍ବୋପରି ଏହି ନିର୍ମାଣରେ ବ୍ୟବହୃତ ରଡ଼, ସିମେଣ୍ଟ, ବାଲି, ଚିପ୍ସ ଆଦି ନିମ୍ନମାନର ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଅନୁସାରେ ନିର୍ମାଣ ସମୟରେ କେବେ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କ ଉପସ୍ଥିତି ଦେଖା ଯାଇନଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଥିବା ବେଳେ ଏଭଳି ଘୋଟାଲାରେ ଯନ୍ତ୍ରୀଙ୍କ ସଂପୃକ୍ତି ଥିବା ଅଭିଯୋଗ ଉଠିଛି।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ

ଫୁଲବାଣୀ,୮।୫(ସଂଚାର ବ୍ୟୁରୋ): ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ଶୁଣାଣୀ କରି ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରାଜଜ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଦୋଷୀକୁ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ତୁମୁଡିବନ୍ଧ ଥାନା ଅଞ୍ଚଳର ହରିଶଙ୍କର ବେହେରା ଦଳାଇ। ସୂଚନା ଅନୁସାରେ, ହରିଶଙ୍କର ଗତ ୨୦୨୧ ମସିହାରେ ପୀଡ଼ିତାଙ୍କୁ ଅପହରଣ କରି ନେଇଯିବା ପରେ ୨୦୨୩ ମସିହା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରଖି ଦୁଷ୍କର୍ମ କରିଥିଲେ। ଇତି ମଧ୍ୟରେ ପୀଡ଼ିତା ଗର୍ଭବତୀ ହେବାରୁ ତାଙ୍କର ଗର୍ଭପାତ କରାଇଥିଲେ। ତେବେ ଦ୍ୱିତୀୟ ଥର ଗର୍ଭପାତ କରିବାରେ ଅସଫଳ ହେବାରୁ ନାବାଳିକା ଜଣକ ନିଜ ଘର ଲୋକଙ୍କୁ ସବୁ ବିଷୟ ଜଣାଇଥିଲେ। ପରିବାର ଲୋକେ ପୁଅ ଘରେ ଏନେଇ କହିବାରୁ ସେମାନେ ବିବାହ ପାଇଁ ରାଜି ହେବା ସହ ଏକବର୍ଷ ପରେ ବିବାହ କରାଇବେ ବୋଲି କହିଥିଲେ। ହେଲେ ପରେ ସେମାନେ ଆଉ ଧରାଛୁଆଁ ଦେଇ ନଥିଲେ। ଫଳରେ ୨୦୨୩ ନଭେମ୍ବର ୧୪ ତାରିଖରେ ପୀଡିତାଙ୍କ ପରିବାର ପକ୍ଷରୁ ତୁମୁଡିବନ୍ଧ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୋଗ ଆଧାରରେ ୧୩୭/୨୦୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ଏହି ମାମଲାର ବିଚାର କରି ପୋକସୋ କୋର୍ଟ ବିଚାରପତି ରାଜେଶ ଦାଶ ୧୨ଜଣ ସାକ୍ଷୀ ଓ ପୀଡ଼ିତାଙ୍କ ବୟାନ ଏବଂ ଡାକ୍ତରୀ ରିପୋର୍ଟ ଆଧାରରେ ଉପରୋକ୍ତ ରାୟ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ମାମଲାଟିକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ପରିଚାଳନା କରୁଥିଲେ।

## ବ୍ଲକରେ ନୂତନ ସ୍ଥାୟୀ ଶିକ୍ଷା ଅଧିକାରୀଙ୍କ ଯୋଗଦାନ



କଣାସ,୮।୫(ସଂଚାର ବ୍ୟୁରୋ): କଣାସ ବ୍ଲକରେ ନୂତନ ବ୍ଲକ ଶିକ୍ଷା ଅଧିକାରୀ ରୂପେ ଆଜି ରାମ ଚନ୍ଦ୍ର ବେହେରା ଯୋଗଦାନ କରିଛନ୍ତି। ଦୀର୍ଘ ଦୁଇ ବର୍ଷ ଧରି ସତ୍ୟବାଦୀ ଓ ଡେଲାଙ୍ଗ ବ୍ଲକର ଶିକ୍ଷା ଅଧିକାରୀ କଣାସ ବ୍ଲକ ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ଆଜି ସକାଳେ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରା କାର୍ଯ୍ୟାଳୟରେ ଯୋଗଦାନ କରିଥିଲେ। ତାଙ୍କୁ କାର୍ଯ୍ୟାଳୟ ତଥା କଣାସ ବ୍ଲକର ବିଭିନ୍ନ ଶିକ୍ଷକ ସଂଗଠନ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ସହ ସ୍ୱାଗତ କରାଯାଇଥିଲା। ଶ୍ରୀ ବେହେରା ତାଙ୍କର ଶିକ୍ଷକତା ଜୀବନ ଏହି ବ୍ଲକରେ ଶିକ୍ଷା ସହାୟକ ରୂପେ ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ସମୟରେ ସିଆରସିସି ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଓ ଓଇଏସରେ କୃତ କାର୍ଯ୍ୟ ହୋଇ ଗୋଦାବରୀଶ ବିଦ୍ୟାପୀଠ ବାଣପୁରର ପ୍ରଧାନ ଶିକ୍ଷକ ରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ। ଶ୍ରୀ ବେହେରା ଙ୍କ ଭଳି ଜଣେ ଅଭିଜ୍ଞ ଶିକ୍ଷାବିତ କଣାସ ବ୍ଲକର ଶିକ୍ଷା ଅଧିକାରୀ ରୂପେ ଦାୟିତ୍ୱ ଗ୍ରହଣ କରିଥିବାରୁ

## ଅସହ୍ୟ ରୌଦ୍ରତାପ ଜଳଛତ୍ର ଖୋଲିଲାନି

କଣାସ,୮।୫(ସଂଚାର ବ୍ୟୁରୋ): ସାରା ରାଜ୍ୟରେ ଦିନକୁ ଦିନ ରୌଦ୍ରତାପ ବୃଦ୍ଧି ପାଉଥିବାରୁ ଜନ ସାଧାରଣ ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ଏଠାରେ ପାନୀୟ ଜଳ ସମସ୍ୟା ଲାଗିରହୁଥିବାବେଳେ ରୌଦ୍ରତାପ ସମୟରେ ଏହା ଏପରି ଉଗ୍ରରୂପ ଧାରଣ କରେ ଯେ ଜିଲ୍ଲା ଓ ବ୍ଲକ ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ହୋଇପଡେ। ପ୍ରତି ବର୍ଷ ଗ୍ରାମପଞ୍ଚାୟତ ପକ୍ଷରୁ ଛକ ସ୍ଥାନରେ ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲାଯାଏ ଏବଂ ଗାଁ କଲ୍ୟାଣ ସମିତି ପକ୍ଷରୁ ମଧ୍ୟ ଜଳଛତ୍ର ଖୋଲାଯାଇଥାଏ ବର୍ତ୍ତମାନ ଅସହ୍ୟ ରୌଦ୍ରତାପ ହେଉଥିବାବେଳେ କୌଣସି ପଞ୍ଚାୟତରେ ଜଳଛତ୍ର ଏପର୍ଯ୍ୟନ୍ତ ଖୋଲିନାହିଁ। ଚାରିଦିନ ହେଲା ଅସହ୍ୟ ରୌଦ୍ରତାପ ଯୋଗୁଁ ସକାଳ ୮ ଘଟିକା ସମୟରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଲୋକମାନେ ଘରୁ ବହାରୁ ନାହାଁନ୍ତି। ବଜାର ଘାଟ ଓ ରାସ୍ତା ଜନଶୂନ୍ୟ ହୋଇପଡ଼ିଛି। ଏ ସମ୍ପର୍କରେ କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ସ୍ୱାଇଁ ଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ବାରମ୍ବାର ସରପଞ୍ଚମାନଙ୍କୁ ଜଳଛତ୍ର ଖୋଲିବା ପାଇଁ ଚିଠି ଦେଲାଣି ସେମାନେ ଖୋଲୁ ନାହାଁନ୍ତି।

## ଚାଷୀଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ନବ ନିର୍ମାଣ ସଂଗଠନ




ସୁବର୍ଣ୍ଣପୁର,୮।୫(ସଂଚାର ବ୍ୟୁରୋ): ନବନିର୍ମାଣ କୃଷକ ସଂଗଠନ ସୁବର୍ଣ୍ଣପୁର ଜରିଆରେ ଡୁଙ୍ଗୁରିପାଲି ବ୍ଲକ୍ ଚାଷୀ ମାନଙ୍କର ଏକ ପ୍ରତନିଧି ଦଳ ସୁବର୍ଣ୍ଣପୁର ଜିଲ୍ଲାପାଳ ଙ୍କୁ ଭେଟିଛନ୍ତି। ସେମାନେ ଜଣାଇଛନ୍ତି ଯେ ୧୦ ମଇ ରେ ହୀରାକୁଦ କେନାଲ ପାଣି ବନ୍ଦ ହେଇ ଗଲେ ଅନେକ ଅଞ୍ଚଳ, ଯେଉଁଠାରେ ଧାନ ଚାଷ ଆରମ୍ଭ ବିଳମ୍ବ ହେଇଥିଲା ଯଥା ଭିମଟିକିରା, ଅନ୍ଧାରିବାଞ୍ଜି, ବଡକର୍ଲେ, ପଣ୍ଡକିଟାଲ, ବେହେରାମାଲ୍, ରାମପୁର, ସମେଲେଇଚୁଁଆ ଆଦି ରେ ଧାନ ଅପରିପକ୍ୱ ହେବ ଓ ତତ୍ ଦ୍ୱାରା କଟନି ଛଟିନି ସମସ୍ୟା ବଢ଼ିବ ତଥା ଉତ୍ପାଦନ କମିବା ଦ୍ୱାରା ଚାଷୀ କ୍ଷତି ସହିବାର ସମ୍ଭାବନା ବଢ଼ିଯିବ। ଏଣୁ ଆସିଥିବା ଚାଷୀ ପ୍ରତିନିଧି ମାନେ କହିଛନ୍ତି ଜଳ ସେଚନ ର ଅବଧି କୁ ଅନ୍ୟୁନ ୨୦ ମଇ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ ଯଦ୍ୱାରା ତଳିମୁଣ୍ଡ ର ଡୁଙ୍ଗୁରିପାଲି ଓ ବିନିକା ବ୍ଲକ୍ ର ଚାଷୀ ମାନେ ଉପକୃତ ହେବେ। ଆହୁରି ମଧ୍ୟ ନବନିର୍ମାଣ କୃଷକ ସଂଗଠନ ଜିଲ୍ଲା ସଭପତି ପ୍ରଦ୍ୟୁମ୍ନ ପାଢ଼ୀ କ୍ଷୋଭ ପ୍ରକାଶ କରି ଜିଲ୍ଲାପାଳ ଙ୍କୁ ଜଣାଇଛନ୍ତି ବିଗତ ଅଦିନିଆ ବର୍ଷା ରେ ଏହି ସବୁ ଅଞ୍ଚଳରେ ହୋଇଥିବା ବ୍ୟାପକ କ୍ଷୟ କ୍ଷତି ଆକଳନ କରିବା ପାଇଁ ଏଯାଏଁ କୌଣସି ଅଧିକାରୀ ଯାଇନାହାନ୍ତି ଭି ଏ ଡବ୍ଲୁ, ଆର୍ ଆଇ ଠୁ ଆରମ୍ଭ କରିକୀ ସବୁ ଅଧିକାରୀ ଏସି ରୁମ୍ ଭିତରୁ ଚାଷୀ ର ଭାଗ୍ୟ ସହ ଖେଳୁଛନ୍ତି। ସେମିତି ରେ ବି କ୍ଷୟ କ୍ଷତି ଆକଳନ, କ୍ଷତିପୂରଣ ପ୍ରଦାନ, ଚାଷୀ କୁ ଇନ୍ସୁରାଂସ ଦେବା ଆଦିରେ ସୋନପୁର ଜିଲ୍ଲା ତଳ ପଟୁ ପ୍ରଥମ। ଏଣୁ ଶୀଘ୍ର ଆକଳନ ସହ ୨୦ ତାରିଖ ପର୍ଯ୍ୟନ୍ତ ଜଳସେଚନ ଅବଧି ବୃଦ୍ଧି ନକଲେ ସଂଗଠନ ତରଫ ରୁ ଆନ୍ଦୋଳନ କରିବାରକୁ ସୂଚନା ଦେଇଛନ୍ତି।

## ଗାନ୍ଧିପଡ଼ିଆ ଡାହିବାଡି ହାଟ ରାସ୍ତା ଶୋଚନୀୟ

ବୈଶିଙ୍ଗା,୮।୫(ସଂଚାର ବ୍ୟୁରୋ): ବୈଶିଙ୍ଗା ପଞ୍ଚାୟତ ଉପକଣ୍ଠ ୧୮ନଂ ଜାତୀୟ ରାଜପଥର ଗାନ୍ଧୀପଡ଼ିଆ ଛକଠାରୁ ଡାହିବାଡି ହାଟ ପର୍ଯ୍ୟନ୍ତ ପ୍ରାୟ ୬୦୦ ମିଟର ଲମ୍ବର ରାସ୍ତା ଅତି ଜରୁରୀ ଭାବେ ପରିଗଣିତ ହୋଇଥାଏ। ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ସହ ବାଇକ୍ ଆରୋହୀ ମଧ୍ୟ ଏହି ରାସ୍ତା ରେ ଯିବା କଷ୍ଟକର ହୋଇପଡ଼ିଛି। ଏହି ରାସ୍ତା ପାର୍ଶ୍ୱରେ ଜିଲ୍ଲାର ଅନ୍ୟତମ ବ୍ୟସ୍ତବହୁଳ ଡାହିବାଡି ସାପ୍ତାହିକ ହାଟ ସପ୍ତାହର ବୁଧବାର ଓ ଶନିବାର ଅନୁଷ୍ଠିତ ହେଉଥିବାରୁ ପ୍ରାୟ କୋଡିଏ ହଜାର ରୁ ଅଧିକ ଜନ ସମାଗମ ହୋଇଥାଏ। ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ମଧ୍ୟ ରାସ୍ତା ର ଅନତି ଦୂରରେ। ରାସ୍ତାର ଦୁରାବସ୍ଥା ପାଇଁ ଅଧିକାଂଶ ସମୟରେ ଛୋଟ ବଡ ଦୁର୍ଘଟଣା ଘଟି ଚାଲିଛି। ପ୍ରାୟ ୧୫ ବର୍ଷ ତଳେ ତତ୍କାଳୀନ ବୈଶିଙ୍ଗା ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରମିଳା ଗିରି ଙ୍କ ହାତ ପାଣ୍ଠି ଅର୍ଥରୁ ପାଞ୍ଚ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରେ ଏହି ରାସ୍ତାର ଅଧା ରାସ୍ତା କଂକ୍ରୀଟ୍ ହୋଇଥିଲା ବେଳେ ଆଉ ଅର୍ଦ୍ଧେକ କେବଳ ମେଟାଲିଂ ହୋଇଥିଲା। ଏବେ କଂକ୍ରୀଟ ନଷ୍ଟ ହୋଇ ବାକି ରାସ୍ତାଟି ରେ ମେଟାଲ୍ ଉଠିଯାଇ କେବଳ କାଦୁଅ ପାଲଟି ଯାଇଛି। ତେଣୁ ଏହି ରାସ୍ତା ଟିର ପୁନଃ ନିର୍ମାଣ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ପଚାରିବାରୁ ସେ ଖୁବ ଶୀଘ୍ର ବିଭାଗୀୟ ଇଞ୍ଜିନିୟର ଙ୍କୁ ପଠାଇ ରାସ୍ତା ର ସର୍ଭେ କରାଇ ସର୍ଭେ ରିପୋର୍ଟ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅଭିଯୋଗ ପରେ ଦୁଇ ଶହ ମିଟର ରାସ୍ତା କଙ୍କ୍ରିଟ ହୋଇ ପାରିଛି।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ବାଲିପାଟଣା,୮।୫(ସଂଚାର ବ୍ୟୁରୋ): ଶ୍ରୀ ବୁଦ୍ଧାନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ପୂର୍ବାହ୍ନରେ ବାଲିପାଟଣା ବ୍ଲକ ର ସମସ୍ତ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ଏକ ବ୍ଲକ ସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ଏହି ସମାବେଶ ରେ ନୂତନ ଭାବେ ଯୋଗ ଦେଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ଼ ପ୍ରଭାତ କୁମାର ରଥ ଙ୍କୁ ଉତ୍ସ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ଗତ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ୧୧ ଜଣ ଛାତ୍ର ଛାତ୍ରୀ ଙ୍କୁ ଉପସ୍ଥିତ ଅତିଥି ମାନେ ପ୍ରମାଣ ପତ୍ର ଓ ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ।ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମକୁ ସମ୍ବୋଧନ କରି ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା, ବନମାଳୀପୁର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅର୍ଣ୍ଣବ୍ କୁମାର ବେହୁରା, ବ୍ଲକ ଓଷ୍ଟା ସଭାପତି ବିଜୟ କୁମାର ବେହେରା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଭାକର ମଲ୍ଲିକ, ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସୁଷମା ରାଣୀ ମହାପାତ୍ର ପ୍ରମୁଖ, ଶିକ୍ଷା ବ୍ୟବସ୍ଥାରେ ଅଧିକ ନିଷ୍ଠାପର ଭାବରେ କର୍ମ କରି କୋମଳମତି ଶିଶୁ କିଶୋର ମାନଙ୍କୁ ଅଧିକ ପ୍ରତିଭାବନ୍ତ କରାଯିବାକୁ ପ୍ରୟାସ କରାଯାଉ ବୋଲି ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଅଧିକ ମେଧାବୀ ଛାତ୍ରଛାତ୍ରୀ ମାଟ୍ରିକ ରେ ସଫଳତା ପାଇବା ଆବଶ୍ୟକତା ରହିଛି। ଏଥିପାଇଁ ଉପସ୍ଥିତ ୨୫ ଗୋଟି ଉଚ୍ଚବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମାନେ, ପ୍ରୟାସ କରନ୍ତୁ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ରଥ ସେମାନଙ୍କୁ ଦାୟିତ୍ୱ ଦେଇଥିଲେ।

## ବଜ୍ରପାତରେ ଗଲା ଯୁବକଙ୍କ ଜୀବନ

ପାଟଣା,୮।୫(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ପଞ୍ଚାୟତ ନୂଆଖମଣ ଗ୍ରାମରେ ଜଣେ ୩୫ବର୍ଷୀୟ ଯୁବକଙ୍କ ବୁଧବାର ରାତିରେ ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ପଣ୍ଡା ପଡ଼ା ଥାନା ଅଞ୍ଚଳର ଲକ୍ଷ୍ମଣ ମୁଣ୍ଡାଙ୍କ ପୁଅ ଈଶ୍ୱର। ସେ ନୂଆଖମଣ ଗ୍ରାମର ପାତ୍ର ମୁଣ୍ଡା (ଶ୍ୱଶୁର ଘର) କୁ ଆସିଥିବାବେଳେ ବୁଧବାର ଅପରାହ୍ନରେ ଗଛମୂଳରେ ଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ହେଁ ବୁଧବାର ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




## ଡିଜେଆଇର ସବୁଠୁ ହାଲୁକା ଡ୍ରୋନ୍ କ୍ୟାମେରା

ଚୀନ୍‌ର ଡ୍ରୋନ୍ ନିର୍ମାତା 'ଡିଜେଆଇ' ପକ୍ଷରୁ 'ଡିଜେଆଇ ନିଓ'ର ବଜାର ପ୍ରବେଶ କରାଯାଇଛି। ଏହା କମ୍ପାନିର ସବୁଠୁ ହାଲୁକା ଡ୍ରୋନ୍। ମାତ୍ର ୧୩୮ ଗ୍ରାମ ଓଜନ ବିଶିଷ୍ଟ ଏହି ଡ୍ରୋନ୍ କ୍ୟାମେରାର ପ୍ରାରମ୍ଭିକ ମୂଲ୍ୟ ୧୯୯ ୟୁରୋ ବା ପାଖାପାଖି ୧୯,୦୦୦ ଟଙ୍କା। ଅତିରିକ୍ତ ସରଞ୍ଜାମ ସହ ଏହି ଡ୍ରୋନ୍‌ର ମୂଲ୍ୟ ହେଉଛି ୩୪୯ ୟୁରୋ ବା ପ୍ରାୟ ୩୩,୦୦୦ ଟଙ୍କା। ଏହି ଡ୍ରୋନ୍ କ୍ୟାମେରାରେ ଏକ ୧/୨ ଇଞ୍ଚର ଇମେଜ୍ ସେନ୍‌ସର୍ ଖଞ୍ଜାଯାଇଛି ଯାହା ୧୨ ମେଗାପିକ୍ସେଲ୍ ଫଟୋ ଉଠାଇପାରିବ। ଏହା ୩୦ ଏଫ୍‌ପିଏସ୍ (ଫ୍ରେମ୍ ପର୍ ସେକେଣ୍ଡ) ୪କେ ଭିଡିଓ ଉତ୍ତୋଳନ କରିବାକୁ ସକ୍ଷମ। ଏହି ଡ୍ରୋନ୍ କ୍ୟାମେରାର ଆଉ ଏକ ବିଶେଷତ୍ୱ ହେଲା, ରେକର୍ଡିଂ ସରିଲା ମାତ୍ରକେ ଏହା ଆପେ ଆପେ ବ୍ୟବହାରକାରୀର ପାପୁଲି ପାଖରେ ପହଞ୍ଚିଯାଇଥାଏ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପଯୋଗ କରି ଏହା କୌଣସି ବସ୍ତୁକୁ ନିରୀକ୍ଷଣ କରିପାରିବା ସହ ଲୋକଙ୍କ ପିଛା କରିବାର କ୍ଷମତା ମଧ ରଖିଛି। ସାଇକ୍ଲିଂ, ସ୍କେଟ୍‌ବୋର୍ଡିଂ ବା ହାଇକିଂ ଭଳି କାର୍ଯ୍ୟକଳାପର ଭିଡିଓ ପ୍ରସ୍ତୁତିରେ ଏହା ବିଶେଷ ଉପଯୋଗୀ। ଏଥିରେ ବୁମେରାଂ, ସର୍କଲ, ଡ୍ରୋନି, ହେଲିକ୍ସ, ରକେଟ୍ ଓ ସ୍ପଟ୍‌ଲାଇଟ୍ ପରି ଛଅ ପ୍ରକାରର ଭିଡିଓ ଉତ୍ତୋଳନ ଦକ୍ଷତା ରହିଛି। ଏହି ଡ୍ରୋନ୍ କ୍ୟାମେରାକୁ ସ୍ମାର୍ଟଫୋନ୍ ସହ ସଂଯୁକ୍ତ କରି କୌଣସି ରିମୋଟ୍ କଣ୍ଟ୍ରୋଲ୍ ବିନା ପରିଚାଳନା କରାଯାଇପାରିବ। 'ଡିଜେଆଇ ଫ୍ଲାଇ' ନାମକ ସ୍ମାର୍ଟଫୋନ୍ ଆପ୍‌ରେ ଆଭାସୀ ଜଏଷ୍ଟିକ୍ ବ୍ୟବହାର କରି ଏହାକୁ ୫୦ ମିଟର ଦୂରତା ମଧ୍ୟରେ ଉଡ଼ାଇବା ସମ୍ଭବ। ତେବେ ଉନ୍ନତ ଉଡ଼ାଣ ଓ କ୍ୟାମେରା ନିୟନ୍ତ୍ରଣ ପାଇଁ ରିମୋଟ୍ କଣ୍ଟ୍ରୋଲର୍ ଆବଶ୍ୟକ। ଡିଜେଆଇ ଆର୍‌ସି-ଏନ୍‌ସି ରିମୋଟ୍ କଣ୍ଟ୍ରୋଲର୍ ଦ୍ୱାରା ଏହାର ରେକର୍ଡିଂ ଦୂରତାକୁ ୧୦ କି.ମି. ଯାଏ ବୃଦ୍ଧି କରିହେବ। ଏହାର ଏକକାଳୀନ ଉଡ଼ାଣ ସମୟ ୧୮ ମିନିଟ୍ ବୋଲି କମ୍ପାନି ଦାବି କରିଛି।



## ଟାଇପିଂରେ ଦୁର୍ବଳ 'ଜେନ୍ ଜି'!



ଛୋଟ ବେଳୁ ଡିଜିଟାଲ୍ ପରଦା ଓ ଅତ୍ୟାଧୁନିକ ଜ୍ଞାନକୌଶଳର ପରିବେଶରେ ଜୀବନ ବିତାଉଥିବା ପିଢ଼ି ହେଉଛି 'ଜେନେରେସନ୍ ଜେଡ୍' ବା 'ଜେନ୍ ଜି'। ଏହି ପିଢ଼ି ସାଧାରଣତଃ ଡିଜିଟାଲ୍ ଦୁନିଆର ନିବାସୀ ଭାବେ ପରିଚିତ। ଅତ୍ୟାଧୁନିକ ଜ୍ଞାନକୌଶଳରେ ପାରଙ୍ଗମ ଏହି ପିଢ଼ି ସ୍ୱାଭାବିକ ଭାବେ ଯେପରି ବିଭିନ୍ନ ଗ୍ୟାଜେଟ୍ ଚଳାଇପାରୁଛନ୍ତି, ଅନୁରୂପ ଭାବେ କମ୍ପ୍ୟୁଟର୍ କି'ବୋର୍ଡରେ ମଧ ଟାଇପ୍ କରିପାରୁଥିବେ ବୋଲି ଧାରଣା ରହିବା ସ୍ୱାଭାବିକ। ମାତ୍ର ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍‌ରେ ପ୍ରକାଶିତ ଏକ ରିପୋର୍ଟରେ ସେହି ଧାରଣା ଭୁଲ୍ ପ୍ରମାଣିତ ହୋଇଛି। ଆମେରିକାର ଶିକ୍ଷା ବିଭାଗର ଏକ ତଥ୍ୟ ମୁତାବକ, ୨୦୦୦ ମସିହାରେ ପାଖାପାଖି ୪୪ ପ୍ରତିଶତ ହାଇସ୍କୁଲ୍ ବିଦ୍ୟାର୍ଥୀ ଔପଚାରିକ ଭାବେ କି'ବୋର୍ଡ ଚାଳନାର ପ୍ରଶିକ୍ଷଣ ନେଇଥିଲେ। ତେବେ ୨୦୧୯ ମସିହା ବେଳକୁ ସେହି ସଂଖ୍ୟା ୨.୫ ପ୍ରତିଶତକୁ ଖସି ଆସିଛି। 'ଜେନ୍ ଜି' ପିଢ଼ିର ବୈଷୟିକ ନିପୁଣତା ଯୋଗୁଁ ତାହା ଆଉ ଆବଶ୍ୟକ ହେଉ ନ ଥିବ ବୋଲି ଅନୁମାନ କରାଯାଇଥାଏ। ମାତ୍ର ବାସ୍ତବତା ହେଉଛି, କି'ବୋର୍ଡର ମୌଳିକ କୌଶଳ ଜାଣିବା ଲାଗି ସେମାନଙ୍କ ଭିତରୁ ଅଧିକାଂଶ ଅନ୍ୟର ସାହାଯ୍ୟ ଲୋଡୁଛନ୍ତି। ପ୍ରକୃତରେ ସେମାନେ କମ୍ପ୍ୟୁଟର୍ ଟାଇପିଂରେ ଧୁରୀଣ ନୁହନ୍ତି, କାରଣ ମୋବାଇଲ୍ ଆଦିର ଟଚ୍‌ସ୍କ୍ରିନ୍ କି'ବୋର୍ଡ ବ୍ୟବହାର କରିବାରେ ସେମାନେ ଅଭ୍ୟସ୍ତ। ତେଣୁ ଅନେକ ଛାତ୍ର କି'ବୋର୍ଡରେ ଟାଇପ୍ କଲାବେଳେ ସଠିକ ଲେଖନ ପାଇଁ ପରଦା ବଦଳରେ ନିଜ ଆଙ୍ଗୁଳି ଚାଳନା ଉପରେ ଲକ୍ଷ୍ୟ ରଖୁଛନ୍ତି। ଏହା ସେମାନଙ୍କର କି'ବୋର୍ଡ ବ୍ୟବହାରରେ ଆତ୍ମବିଶ୍ୱାସର ଅଭାବକୁ ଦର୍ଶାଉଛି। କହିବା ବାହୁଲ୍ୟ, ଆଜିର ଶୈକ୍ଷିକ ଓ ବୃତ୍ତିଗତ ପରିବେଶରେ କମ୍ପ୍ୟୁଟର ଭିତ୍ତିକ କାର୍ଯ୍ୟକଳାପ ଅପରିହାର୍ଯ୍ୟ ହୋଇଥିବାରୁ ଛାତ୍ରଛାତ୍ରୀମାନେ ସଫଳ ହେବା ପାଇଁ କି'ବୋର୍ଡ ଦକ୍ଷତା ଗୁରୁତ୍ୱପୂର୍ଣ୍ଣ। ତେଣୁ ସମ୍ପ୍ରତି ଆମେରିକାର ବିଦ୍ୟାଳୟ ପାଠ୍ୟକ୍ରମରେ ଟାଇପିଂ ଶିକ୍ଷାକୁ ପୁନଃପ୍ରବେଶ କରାଯାଇଛି।

**'ଜେନ୍ ଜି' ପିଢ଼ିର ପିଲାମାନଙ୍କ ବୈଷୟିକ ନିପୁଣତା ସତ୍ତ୍ୱେ ସେମାନେ ମୋବାଇଲ୍ ଟଚ୍‌ସ୍କ୍ରିନ୍ କି'ବୋର୍ଡ ବ୍ୟବହାର କରିବାରେ ଏତେ ଅଭ୍ୟସ୍ତ ଯେ ସେମାନେ କମ୍ପ୍ୟୁଟର୍ କି'ବୋର୍ଡ ସାହାଯ୍ୟରେ ଟାଇପ୍ କରିବାରେ ଖୁବ୍ ଦୁର୍ବଳ। ଏହା ଶିକ୍ଷା ଓ ବୃତ୍ତି କ୍ଷେତ୍ରରେ ସେମାନଙ୍କୁ ପଛରେ ପକାଇପାରେ।**

ତେବେ କିବୋର୍ଡ ବ୍ୟବହାରରେ ପାରଙ୍ଗମ ହେବା ଲାଗି ସବୁବେଳେ ଔପଚାରିକ ଟାଇପିଂ ଶିକ୍ଷାର ଆବଶ୍ୟକତା ନାହିଁ। ଏକ ଗବେଷଣା ଅନୁଯାୟୀ, ସ୍ୱପ୍ରଶିକ୍ଷିତ ଟାଇପିଷ୍ଟମାନେ ଅପେକ୍ଷାକୃତ କମ୍ ଆଙ୍ଗୁଠି (ହାରାହାରି ଛଅ) ଚଳାଇ ମଧ ଦଶ ଆଙ୍ଗୁଳି ଚଳାଉଥିବା ପେସାଦାର ଟାଇପିଷ୍ଟ ଅପେକ୍ଷା ଦ୍ରୁତ ଟାଇପ୍ କରିପାରୁଛନ୍ତି। ସୁତରାଂ ନିରନ୍ତର ଅଭ୍ୟାସ ଦ୍ୱାରା ଟାଇପିଂ ଦକ୍ଷତା ହାସଲ କରିହେବ। ଏବେ ଅଧିକାଂଶ ପରୀକ୍ଷା କମ୍ପ୍ୟୁଟର୍ ମାଧମରେ ହେଉଥିବାରୁ କି'ବୋର୍ଡ ଟାଇପିଂ ବେଗ ଓ ନିର୍ଭୁଲତା ଅନେକ ଗୁରୁତ୍ୱ ବହନ କରେ।

## ଡେଟ୍/ଇକ୍ୱିଟି ସ୍ୱାପ୍ କ'ଣ?



ଡେଟ୍/ଇକ୍ୱିଟି (ଅଂଶଧନ ଅନୁପାତ) ସ୍ୱାପ୍ ହେଉଛି ଏକ ପ୍ରକାର ଆର୍ଥିକ ବନ୍ଦୋବସ୍ତ, ଯେଉଁଥିରେ କୌଣସି କମ୍ପାନି କିମ୍ବା ଜଣେ ବ୍ୟକ୍ତିଙ୍କର ଋଣକୁ ଇକ୍ୱିଟି (ଅଂଶଧନ ବା ସେୟାର)ରେ ପରିବର୍ତ୍ତନ କରିଦିଆଯାଇଥାଏ। ଅର୍ଥାତ୍ ଏହା ଏକ ବ୍ୟବସ୍ଥା ଯେଉଁଥିରେ ଋଣ ପ୍ରଦାନକାରୀ (ଯେପରିକି ବ୍ୟାଙ୍କ) ନିଜର ପ୍ରଦତ୍ତ ଋଣ ବଦଳରେ ସମାନ ମୂଲ୍ୟର ଇକ୍ୱିଟି ବା ଅଂଶଧନ ପାଇଥାନ୍ତି। ଏହି ଅଦଳବଦଳ ବା ସ୍ୱାପ୍ ସାଧାରଣତଃ ଏକ ଆର୍ଥିକ ସଂକଟରେ ପଡ଼ିଥିବା କିମ୍ବା ଦେବାଳିଆ ହୋଇଯାଇଥିବା କମ୍ପାନିର ଋଣ ବୋଝକୁ ଲାଘବ କରିବାରେ ସହାୟକ ହୋଇଥାଏ। ଉଦାହରଣ ସ୍ୱରୂପ ଏକ କମ୍ପାନି ଯଦି ନିଜର ବ୍ୟାଙ୍କ ଋଣ ଶୁଝିବାକୁ ସକ୍ଷମ ନହୁଏ, ବ୍ୟାଙ୍କ ବା ଆର୍ଥିକ ସଂସ୍ଥା ଉକ୍ତ ଋଣକୁ ଉକ୍ତ କମ୍ପାନିର ସେୟାର ବା ଅଂଶଧନରେ ପରିବର୍ତ୍ତନ କରିଦିଏ। ଦେବାଳିଆ ପରିସ୍ଥିତିରେ ଋଣ ପ୍ରଦାନକାରୀଙ୍କ ପାଇଁ ଋଣ/ଇକ୍ୱିଟି ଅଦଳବଦଳ କରିବା ଛଡ଼ା ଅନ୍ୟ କୌଣସି ଉପାୟ ନଥାଏ। କିନ୍ତୁ ଅନ୍ୟ ସମୟରେ ଏହା ତାଙ୍କପାଇଁ ଅନ୍ୟତମ ବିକଳ୍ପ ହୋଇ ରହିଥାଏ। ଲୋକଙ୍କୁ ଋଣ/ଇକ୍ୱିଟି ସ୍ୱାପ୍ ନିମନ୍ତେ ଆକୃଷ୍ଟ କରିବା ପାଇଁ, ବ୍ୟବସାୟଗୁଡ଼ିକ ପ୍ରାୟତଃ ଲାଭଦାୟକ ବାଣିଜ୍ୟ ଅନୁପାତ ପ୍ରଦାନ କରନ୍ତି। ଉଦାହରଣ ସ୍ୱରୂପ, ଯଦି ବ୍ୟବସାୟ ୧:୧ ସ୍ୱାପ୍ ଅନୁପାତ ପ୍ରଦାନ କରେ, ବଣ୍ଡଧାରକ ତାଙ୍କ ବଣ୍ଡ ସହିତ ସମାନ ପରିମାଣର ଷ୍ଟକ୍ ପାଇଥାନ୍ତି, କିନ୍ତୁ ଏହା ବିଶେଷ ଲାଭଦାୟକ ଅଫର୍ ନୁହେଁ। ଯଦି କଂପାନି ୧:୨ ଅନୁପାତ ପ୍ରଦାନ କରେ, ତେବେ ବଣ୍ଡଧାରକ ତାଙ୍କ ବଣ୍ଡ ତୁଳନାରେ ଦୁଇଗୁଣ ମୂଲ୍ୟର ଷ୍ଟକ୍ ପାଇଥାନ୍ତି, ଯାହାକି ବଣ୍ଡଧାରୀଙ୍କ ପାଇଁ ଏକ ଆକର୍ଷଣୀୟ ଅଫର୍ ଅଟେ।

- ଋଣ/ଇକ୍ୱିଟି ଅଦଳବଦଳ ମାଧମରେ ଋଣଦାତାଙ୍କ ବକେୟା ଟଙ୍କାକୁ ଛାଡ଼ କରିବା ପାଇଁ ତା' ବିନିମୟରେ ଅଂଶଧନ ପ୍ରଦାନ କରାଯାଇଥାଏ।
- ଏହା ସାଧାରଣତଃ ଦେବାଳିଆ ପରିସ୍ଥିତି ସମୟରେ କରାଯାଇଥାଏ, ଏବଂ ମାମଲା ଭିତ୍ତିରେ ଋଣ ଓ ଇକ୍ୱିଟି ମଧରେ ଅଦଳବଦଳ ଅନୁପାତ ଭିନ୍ନ ହୋଇପାରେ।
- ଦେବାଳିଆ ପରିସ୍ଥିତିରେ, ଋଣ ପ୍ରଦାନକାରୀଙ୍କୁ ଋଣ/ଇକ୍ୱିଟି ସ୍ୱାପ୍ କରିବାକୁ ପଡ଼ିଥାଏ, କିନ୍ତୁ ଅନ୍ୟ କ୍ଷେତ୍ରରେ, ଯଦି ଅଫର୍‌ଟି ଆର୍ଥିକ ଭାବେ ଲାଭକାରୀ ହୋଇଥାଏ ଋଣ ପ୍ରଦାନକାରୀ ଏଥିପାଇଁ ମନ ବଳାଇପାରନ୍ତି।

ଡେଟ୍/ଇକ୍ୱିଟି ସ୍ୱାପ୍ ଋଣଧାରକମାନଙ୍କୁ ଇକ୍ୱିଟି ପ୍ରଦାନ କରିପାରେ କାରଣ ବ୍ୟବସାୟଟି ଜାରି କରିଥିବା ବଣ୍ଡର ଫେସ୍ ଭାଲ୍ୟୁ ଦେବାକୁ ଚାହେଁ ନାହିଁ କିମ୍ବା ଦେଇପାରିବ ନାହିଁ। ଋଣ ପରିଶୋଧକୁ ବିଳମ୍ବ କରିବା ପାଇଁ ଏହା ବଦଳରେ ଷ୍ଟକ୍ ପ୍ରଦାନ କରିଥାଏ। ଅନ୍ୟ କ୍ଷେତ୍ରରେ, ବ୍ୟବସାୟୀମାନଙ୍କୁ ନିର୍ଦ୍ଦିଷ୍ଟ ଋଣ/ଇକ୍ୱିଟି ଅନୁପାତ ବଜାୟ ରଖିବାକୁ ପଡ଼ିବ ଏବଂ ଯଦି କମ୍ପାନୀ ସେହି ସନ୍ତୁଳନକୁ ଆଡ୍‌ଜଷ୍ଟ କରିବାକୁ ଚାହେଁ ତେବେ ଋଣ ପ୍ରଦାନକାରୀମାନଙ୍କୁ ସେମାନଙ୍କ ଋଣ ବଦଳରେ ଇକ୍ୱିଟି ପ୍ରଦାନ ପାଇଁ ଆମନ୍ତ୍ରଣ କରିଥାଏ। ଏହି ଋଣ/ଇକ୍ୱିଟି ଅନୁପାତ ପ୍ରାୟତଃ ଋଣଦାତାମାନଙ୍କ ଦ୍ୱାରା ଲାଗୁ କରାଯାଇଥିବା ଆର୍ଥିକ ସର୍ତ୍ତାବଳୀର ଏକ ଅଂଶ ହୋଇଥାଏ। ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟବସାୟୀମାନେ ସେମାନଙ୍କର ଦେବାଳିଆ ପୁନର୍ଗଠନର ଏକ ଅଂଶ ଭାବରେ ଋଣ/ଇକ୍ୱିଟି ସ୍ୱାପ୍ ବ୍ୟବହାର କରନ୍ତି।

## ବଜାରରେ ନୂଆ ଟାଟା କର୍ଭ

ଭାରତୀୟ ଅଟୋମୋବାଇଲ୍ ଶିଳ୍ପରେ ବଜାର ପ୍ରବେଶ କରିଛି ଟାଟା କମ୍ପାନିର ନୂଆ ଏସ୍‌ୟୁଭି ଟାଟା କର୍ଭ। ଟାଟା କର୍ଭ ଉଭୟ ପେଟ୍ରୋଲ୍ ଓ ଡିଜେଲ୍ ଇଞ୍ଜିନ୍ ସହ ଉପଲବ୍ଧ। ପେଟ୍ରୋଲ୍ ଭାରିଆଣ୍ଟର ମୂଲ୍ୟ ରହିଛି ୯.୯୯ଲକ୍ଷ ଟଙ୍କା (ଏକ୍ସ ସୋ'ରୁମ୍) ଏବଂ ଡିଜେଲ୍ ବେସ୍ ଭାରିଆଣ୍ଟର ମୂଲ୍ୟ ରହିଛି ୧୧.୪୯ ଲକ୍ଷ ଟଙ୍କା (ଏକ୍ସ ସୋ'ରୁମ୍)। ଏହା ପ୍ରାରମ୍ଭିକ ମୂଲ୍ୟ ଏବଂ ନଭେମ୍ବର ମାସରେ ଏହାର ମୂଲ୍ୟ ବୃଦ୍ଧି କରାଯିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ଏହି କାର୍ ୮ଟି ଭାରିଆଣ୍ଟ ଓ ୬ଟି ରଙ୍ଗରେ ଉପଲବ୍ଧ। ୧୧୯୯ ସିସିର ପେଟ୍ରୋଲ୍ ଚାଳିତ ଇଞ୍ଜିନ୍ ଏବଂ ୧୪୯୭ ସିସିର ଡିଜେଲ୍ ଚାଳିତ ଇଞ୍ଜିନ୍‌ର ତେଲ ଧାରଣ କ୍ଷମତା ହେଉଛି ୪୪ ଲିଟର୍। ଏଥିରେ ଇକୋ, ସିଟି ଓ ସ୍ପୋର୍ଟସ୍ ପରି ତିନି ପ୍ରକାରର ଡ୍ରାଇଭ୍ ମୋଡ୍ ରହିଛି। ଏହାସହିତ ୧୨.୩ ଇଞ୍ଚର୍ ଟଚ୍‌ସ୍କ୍ରିନ୍ ଇନ୍‌ଫୋଟେନ୍‌ମେଣ୍ଟ ସିଷ୍ଟମ୍, ଆପଲ୍ କାର୍‌ପ୍ଲେ, ଆଣ୍ଡ୍ରଏଡ୍ ଅଟୋ, ୯ଟି ସ୍ପିକର୍ ସହ ଜେବିଏଲ୍ ଅଡିଓ ସିଷ୍ଟମ୍, ପାନୋରାମିକ୍ ସନ୍‌ରୁଫ୍, ଅଟୋ କ୍ଲାଇମେଟ୍ କଣ୍ଟ୍ରୋଲ୍, ଆଡିଏସ୍ ଫିଚର୍, ଟାୟାର୍ ପ୍ରେସର୍ ମନିଟରିଂ ସିଷ୍ଟମ୍, ଅଟୋ ପାର୍କ ଲକ୍, ସେଲ୍‌ଫ୍-ହିଲିଂ ମେକାନିଜ୍‌ମ, ୬ଟି ଏୟାର୍ ବ୍ୟାଗ୍, ୩ ପଏଣ୍ଟ ସିଟ୍ ବେଲ୍‌ଟ ୱିଥ୍ ସିଟ୍‌ବେଲ୍‌ଟ ରିମାଇଣ୍ଡର୍, ଆଟ୍‌ଲାସ୍ ଆର୍କଟେକ୍‌ଚର୍, ରେନ୍ ସେନ୍‌ସିଂ ୱାଇପର୍, ଇଲେକ୍ଟ୍ରୋନିକ୍ ପାର୍କିଂ ବ୍ରେକ୍ ୱିଥ୍ ଅଟୋ ହୋଲ୍‌ଡ, ଟ୍ରାଫିକ୍ ସାଇନ୍ ରିକଗ୍‌ନିସନ୍ (ଟିଏସ୍‌ଆର୍), ରିଅର୍ କୋଲିଜନ୍ ୱାର୍ଣ୍ଣିଂ, ଅଟୋମେଟିକ୍ ଇମର୍ଜେନ୍‌ସି ବ୍ରେକିଂ, ରିଅର୍ କ୍ରସ୍ ଟ୍ରାଫିକ୍ ଆଲର୍ଟ, ଡୋର୍ ଓପନ୍ ଆଲର୍ଟ ଇତ୍ୟାଦି ଅତ୍ୟାଧୁନିକ ବୈଶିଷ୍ଟ୍ୟ ରହିଛି।

## ବାତ୍ୟାରୁ ବିଦ୍ୟୁତ୍ ସୃଷ୍ଟି କରୁଛି ପବନକଳ



ଚୀନ୍‌ର ପ୍ରଖ୍ୟାତ ପବନକଳ ନିର୍ମାତା କମ୍ପାନି ମିନ୍‌ୟାଂ ସ୍ମାର୍ଟ ଏନର୍ଜି ପକ୍ଷରୁ ଚୀନ୍‌ର ଦକ୍ଷିଣପୂର୍ବ ପ୍ରଦେଶ ଗୁଆଂଡଙ୍ଗ୍ ଅନ୍ତର୍ଗତ ୟାଂଜିଆଂ ଉପକୂଳରେ 'ଓସିନ୍ ଏକ୍ସ' ନାମରେ ତାହାର ସଦ୍ୟତମ ପବନକଳ ସ୍ଥାପନ କରିଛି। ଏହା ବିଶ୍ୱର ସବୁଠୁ ଶକ୍ତିଶାଳୀ ଦ୍ୱୈତ ପବନକଳ ବୋଲି ପ୍ରମାଣିତ ହୋଇଛି। ନିକଟରେ ଉକ୍ତ ଉପକୂଳ ଦେଇ ପ୍ରବାହିତ ମହାବାତ୍ୟା 'ୟାଗି' ବିଭୀଷିକା ରଚାଇଥିବା ବେଳେ ଉକ୍ତ ପବନକଳ ଘଣ୍ଟାପ୍ରତି ୧୩୯ ମାଇଲ୍ ବା ୨୨୪ କି.ମି. ବେଗ ପବନର ସମ୍ମୁଖୀନ ହୋଇ ବିଦ୍ୟୁତ୍ ଉତ୍ପାଦନ ଜାରି ରଖିଥିଲା। ୧୬.୬ ମେଗାୱାଟ୍ ଦକ୍ଷତା ବିଶିଷ୍ଟ ଏହି ଦ୍ୱୈତ-ଟର୍ବାଇନ୍ ଖଚିତ ପବନକଳ ବାର୍ଷିକ ୫୪,୦୦୦ ମେଗାୱାଟ୍‌ଆୱାର୍ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ କରିବାର ସାମର୍ଥ୍ୟ ରଖିଛି, ଯାହା ଚୀନ୍‌ର ୩୦ ହଜାର ପରିବାରକୁ ବିଜୁଳି ଯୋଗାଇବାକୁ ଯଥେଷ୍ଟ। ୨୦୨୦ରେ ଉକ୍ତ ପବନକଳର ଏକ କ୍ଷୁଦ୍ରକାୟ ମଡେଲର ପରୀକ୍ଷଣ ପରେ ଚଳିତବର୍ଷ ଏପ୍ରିଲ ମାସରେ ଏହାକୁ ସ୍ଥାୟୀ ଭାବେ ସ୍ଥାପନ କରାଯାଇଛି। ମାତ୍ରାଧିକ ପବନ ବେଗର ଲାଭ ଉଠାଇବା ପାଇଁ ଏହାକୁ ସମୁଦ୍ର ଉପକୂଳରୁ ୧୦୦ କି.ମି. ଭିତରେ ତଥା ୩୫ ମିଟର ଗଭୀର ଜଳ ଉପରେ ସ୍ଥାପନ କରାଯାଇଛି। ୧୫,୦୦୦ ଟନ୍ ଓଜନର ଏକ ଭାସମାନ ଚଟାଣ ଉପରେ ଏହି ଦ୍ୱିତଳ ବିଶିଷ୍ଟ ପବନକଳକୁ ଖଞ୍ଜାଯାଇଛି। ଟର୍ବାଇନ୍ ଦୁଇଟିର ପ୍ରତ୍ୟେକ ବ୍ଲେଡ୍‌ର ବ୍ୟାସ ହେଉଛି ୧୮୨ ମିଟର। ୩୦ ମିଟରର ଲହଡ଼ି ଭିତରେ ବିଦ୍ୟୁତ୍ ଉତ୍ପାଦନ କରିପାରୁଥିବା ଉକ୍ତ ପବନକଳ 'ଲେଭେଲ୍-୫' ସାମୁଦ୍ରିକ ଝଡ଼ ଅର୍ଥାତ୍ ଘଣ୍ଟା ପ୍ରତି ୧୬୧ ମାଇଲ (୨୬୦ କି.ମି.) ବେଗ ବିଶିଷ୍ଟ ପବନକୁ ସହିବାକୁ ସକ୍ଷମ ବୋଲି କମ୍ପାନି ପକ୍ଷରୁ ଦାବି କରାଯାଇଛି।




## ଓଦା ଫୋନ୍‌କୁ ଚାଉଳରେ ରଖନ୍ତୁ ନାହିଁ



ଦୁର୍ଘଟଣାବଶତଃ ମୋବାଇଲ ଫୋନ୍ ଓଦା ହୋଇଗଲେ ତାକୁ ଚାଉଳ ଅଖା ଭିତରେ କିଛି ଘଣ୍ଟା ପାଇଁ ଛାଡ଼ିଦେଲେ ସେଥିରୁ ପାଣି ସବୁ ଶୋଷି ହୋଇ ଫୋନ୍‌ଟି ଶୁଖିଯାଏ। ଆମ ଭିତରୁ ଅନେକ ଏପରି କରିଥାନ୍ତି। ମାତ୍ର ଆପଲ୍ କମ୍ପାନିର ଓଦା ହୋଇଥିବା ଆଇଫୋନ୍‌କୁ ଶୁଖାଇବା ପାଇଁ ଏଭଳି କୌଶଳ ଆପଣେଇବାକୁ ବାରଣ କରିଛି। ସେପରି କଲେ ଫୋନ୍‌ର କାର୍ଯ୍ୟକାରିତାରେ ଅନେକ ସମସ୍ୟା ସୃଷ୍ଟି ହୋଇପାରେ। ଚାଉଳ ଭିତରେ ରଖିଲେ ଓଦା ଫୋନ୍‌ଟି ଶୁଖିଯାଇପାରିବ, ମାତ୍ର ସେଥିରେ ରହିଥିବା କ୍ଷୁଦ୍ର କଣିକାଗୁଡ଼ିକ ଫୋନ୍‌ର ଯନ୍ତ୍ରାଂଶଗୁଡ଼ିକୁ ନଷ୍ଟ କରିଦେଇପାରେ ବୋଲି ଆପଲ୍ କମ୍ପାନି ସତର୍କ କରାଇଦେଇଛି। ସେହିପରି ଫୋନ୍‌କୁ ଶୁଖାଇବା ପାଇଁ ଅତ୍ୟଧିକ ଉତ୍ତାପ ପ୍ରୟୋଗ ମଧ ଫୋନ୍ ପାଇଁ କ୍ଷତିକାରକ ବୋଲି କମ୍ପାନି କହିଛି। ଏଥି ସହିତ ଓଦା ଫୋନ୍‌ର ଚାର୍ଜିଂ ପୋର୍ଟରୁ ଜଳକଣିକାଗୁଡ଼ିକୁ ବାହାର କରିବା ଲାଗି ଭିତରକୁ କୌଣସି କାଗଜ ଖଣ୍ଡ କି ତୁଳା ଭର୍ତ୍ତି କରିବା ମଧ ଅନୁଚିତ। କୌଣସି ପରିସ୍ଥିତିରେ ଫୋନ୍‌ଟି ଓଦା ହୋଇଗଲେ ତାହାକୁ ଏକ ଶୁଖିଲା ଜାଗାରେ ତଳମୁହାଁ କରି ରଖିବା ଉଚିତ ଯେଉଁଠି ବାୟୁ ଚଳାଚଳ କରୁଥିବ। ଫୋନ୍‌ଟିକୁ ଚାର୍ଜ କରିବା ପୂର୍ବରୁ ଅତି କମ୍‌ରେ ଏପରି ୩୦ ମିନିଟ୍ ରଖିବା ଦରକାର, ଅନ୍ୟଥା ୟୁଏସ୍‌ବି-ସି ପୋର୍ଟରେ ସ୍ପାର୍କିଂ ହୋଇ ଫୋନ୍‌କୁ ନଷ୍ଟ କରିଦେବାର ଆଶଙ୍କା ରହିଛି। ଗତ ତିନି ଚାରି ବର୍ଷ ଭିତରେ ଆସିଥିବା ଆଇଫୋନ୍‌ଗୁଡ଼ିକର 'ଆଇପି୬୮' ରେଟିଂ ରହିଛି ଯାହା ଧୂଳି ଓ ପାଣିରୁ ଫୋନ୍‌ର ଯନ୍ତ୍ରାଂଶଗୁଡ଼ିକୁ ସୁରକ୍ଷିତ ରଖିଥାଏ। ତେଣୁ ପାଣିରେ ଓଦା ହେଲେ ମଧ ଫୋନ୍ ଖରାପ ହେବାର ଭୟ ଆଉ ନାହିଁ।

## ଡିଜ୍‌ନି ତାରକାଙ୍କ ମହାକାଶ ପ୍ରଯୁକ୍ତି ଷ୍ଟାର୍ଟଅପ୍



ପୂର୍ବତନ ଡିଜ୍‌ନି ତାରକା ବ୍ରିଜିଟ୍ ମେଣ୍ଡଲର 'ରେଡି ଅର୍ ନଟ୍' ପରି ହିଟ୍ ଗୀତ ପାଇଁ ସଂଗୀତପ୍ରେମୀଙ୍କ ଗହଣରେ ଜଣାଶୁଣା। ତେବେ ସଂଗୀତଠାରୁ ଏକ ସଂପୂର୍ଣ୍ଣ ଭିନ୍ନ ପେସା ଆପଣେଇ ସେ ଚର୍ଚ୍ଚାର ବିଷୟ ହୋଇଛନ୍ତି। ଗତ କିଛି ବର୍ଷ ହେଲା ସେ ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି) ଓ ହାଭାର୍ଡ ଲ' ସ୍କୁଲ୍‌ରେ ଅନୁଭୂତି ହାସଲ କରି ଏବେ ନିଜର ଏକ ମହାକାଶ ପ୍ରଯୁକ୍ତି ଷ୍ଟାର୍ଟଅପ୍ ଆରମ୍ଭ କରିଛନ୍ତି। ମାସାଚ୍ୟୁସେଟ୍‌ସ ଠାରେ ସ୍ଥାପିତ 'ନର୍ଥଉଡ୍ ଏରୋସ୍ପେସ୍' ନାମକ ସଂସ୍ଥାର ସେ ହେଉଛନ୍ତି ପ୍ରତିଷ୍ଠାତା ସିଇଓ। ତାଙ୍କର ଏହି ସଂସ୍ଥା କୌଣସି ରକେଟ୍ କି କୃତ୍ରିମ ଉପଗ୍ରହ ନିର୍ମାଣ କରିବ ନାହିଁ, ବରଂ ରକେଟ୍ ଉତ୍‌କ୍ଷେପଣ ପାଇଁ ଭୂପୃଷ୍ଠସ୍ଥ ଭିତ୍ତିଭୂମି ଯୋଗାଇବ। ବିଶେଷ କରି ତାଙ୍କ ସଂସ୍ଥା ମହାକାଶକୁ ଛଡ଼ା ଯାଉଥିବା କୃତ୍ରିମ ଉପଗ୍ରହଗୁଡ଼ିକ ସହ ଯୋଗାଯୋଗ ରଖୁଥିବା ବିଶାଳକାୟ ବୃତ୍ତାକାର ଆଣ୍ଟେନା (ଗ୍ରାଉଣ୍ଡ୍ ଷ୍ଟେସନ) ନିର୍ମାଣ କରିବ। ନିଜ ସ୍ୱାମୀ ତଥା ସହଯୋଗୀ ଗ୍ରିଫିନ୍ କ୍ଲେଭର୍ଲିଙ୍କ ସହ ଏହି ଷ୍ଟାର୍ଟଅପ୍ ଆରମ୍ଭ କରିଥିବା ମେଣ୍ଡଲର ଏବେ ସୁଦ୍ଧା ବିଭିନ୍ନ ନିବେଶକଙ୍କ ଠାରୁ ୬ ନିୟୁତ ଡଲାର ପୁଞ୍ଜି ସଂଗ୍ରହ କରିସାରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କ ସଂସ୍ଥା ନିମ୍ନ ଭୂକକ୍ଷପଥରେ ଘୂରୁଥିବା ଉପଗ୍ରହଗୁଡ଼ିକ ପାଇଁ ଗ୍ରାଉଣ୍ଡ୍ ଷ୍ଟେସନ୍ ସୁବିଧା ଯୋଗାଇବ। କୌଣସି ଉପଗ୍ରହ ନିର୍ମାତା କମ୍ପାନି ଗ୍ରାଉଣ୍ଡ୍ ଷ୍ଟେସନ୍ ନିର୍ମାଣ ପାଇଁ ଆଉ ଅଧିକ ଖର୍ଚ୍ଚ ନ କରି 'ନର୍ଥଉଡ୍ ଏରୋସ୍ପେସ୍'ରୁ ସେହି ସେବା ପାଇପାରିବ ବୋଲି ମେଣ୍ଡଲର କହିଛନ୍ତି।



● ଯୋଗଦେଲେ ନୂଆ ଥାନାଧିକାରୀ

# ଚୋରା ମଦ ବେପାରୀ ଏବେ ଛାନିଆ

**କଣାସ,୮।୫(ସଂଚାର ବ୍ୟୁରୋ):** କଣାସ ବ୍ଲକ ଚିଲିକା ଉପଖଣ୍ଡରେ ହୋଇଥିବାବେଳେ ଏଠାରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଉଥିବାରୁ ସଂନ୍ଧ୍ୟା ହେବାତ ଦୂରକଥା ଦିନରେ ମଧ୍ୟ ଛାତ୍ରଛାତ୍ରୀ, ମହିଳା, ବୁଦ୍ଧିଜୀବ ଗାଁଗଣ୍ଡା ଓ ଛକ ମାନଙ୍କରେ ଯିବା ଆସିବା ପାଇଁ କରୁଛନ୍ତି। ରାଜ୍ୟ ସରକାର କଣାସଠାରେ ଗୋଟିଏ ସରକାରୀ ମଦ ଦୋକାନ ଓ ବେସରକାରୀ ମଦ ଦୋକାନ ଖୋଲିଥିବାବେଳେ ବିଜିପୁର ଠାରେ ଗୋଟିଏ ସରକାରୀ ମଦ ଦୋକାନ, ମନ୍ଦାରବସ୍ତଠାରେ ସରକାରୀ ମଦ ଦୋକାନ, ଜଙ୍କିଆଠାରେ ଗୋଟିଏ ସରକାରୀ ମଦ ଦୋକାନ, ଚୁପୁରିଙ୍ଗିଠାରେ ଗୋଟିଏ ଦେଶୀ ମଦ ଦୋକାନ ଖୋଲିଛନ୍ତି। କିଛି ଦିନ ହେଲା କଣାସ ବ୍ଲକର ବିଭିନ୍ନ ଗ୍ରାମ ଓ ଛକ ସ୍ଥାନମାନଙ୍କରେ ଥିବା ରାସନ ଦୋକାନ, ଚା ଦୋକାନ, ପାନ ଦୋକାନ ମାନଙ୍କରେ ଚୋରା ମଦ ବହୁଳ ପରିମାଣରେ ବିକ୍ରି ହେଉଛି। ଏଥିପ୍ରତି ଅବକାରୀ ବିଭାଗ ଦୃଷ୍ଟି ଦେଉନଥିବାରୁ କଣାସ ଅଞ୍ଚଳର ବୁଦ୍ଧିଜୀବ ମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖା ଦେଇଛି। ଗଡ଼ିଶାଗୋଡା ଥାନାରେ ଚାରି ଦିନ ତଳେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ଆଇଆଇସି ସୁଧୀର କୁମାର ଦାସ କାର୍ଯ୍ୟଭାର ଗ୍ରହଣ କରିବା ପରେ ବିଭିନ୍ନ ବଜାର ଓ ଗ୍ରାମ ମାନଙ୍କରେ ଚୋରା ମଦ ବିକ୍ରି କରାଯାଉଥିବା ଚୋରା ମଦ ଦୋକାନୀ ମାନଙ୍କୁ ତାଗିଦ କରିଛନ୍ତି ଚୋରାମଦ ବିକ୍ରିରୁ ନିବୃତ ରହିବା ପାଇଁ ଯଦି କୌଣସି ଦୋକାନୀ ମଦ ବିକ୍ରି କରୁଥିବା ଅବସ୍ଥାରେ ଧରାପଡେ ତା ପ୍ରତି କଠୋର କାର୍ଯ୍ୟଅନୁଷ୍ଠାନ ଗ୍ରହଣ କରାଯିବ। ଆଇଆଇସି ଶ୍ରୀ ଦାସ କୁହନ୍ତି କଣାସ ଅଞ୍ଚଳକୁ ମଦମୁକ୍ତ କରାଯିବ।

## ଆଗକୁ ରଥଯାତ୍ରା, ଅସରାଏ ବର୍ଷାରେ ବଡ଼ଦାଣ୍ଡ ବେହାଲ

# ମୌଳିକ ଅଧିକାରରୁ ବଞ୍ଚିତ ବଡ଼ ବଜାର ଅଞ୍ଚଳବାସୀ



**ସୁବର୍ଣ୍ଣପୁର,୮।୫(ସଂଚାର ବ୍ୟୁରୋ):** ଆସନ୍ତା ମାସରେ ଆସୁଛି ରଥଯାତ୍ରା ସେପଟେ ସହରର ବଡ଼ଦାଣ୍ଡ ତଥା ବିଜୁ ପଟ୍ଟନାୟକ ଛକ ଠାରୁ ବଡ଼ବଜାର ଏବଂ ସେଠାରୁ ବାଳିକା ହାଇସ୍କୁଲ ଛକ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ଖାଲଖମା ହେବାସହ ସେପଟେ ସାମାନ୍ୟ ବର୍ଷା ରେ ବେହାଲ ହୋଇ ଯାଉଛି ବଡ଼ଦାଣ୍ଡ ଅବସ୍ଥା। କଲଭର୍ଟ ମାନେ ମଧ୍ୟ ବିଭିନ୍ନ ସ୍ଥାନରେ ଦବି ଯାଇଛି। ଏ ନେଇ ଜନ ସାଧାରଣରେ ବ୍ୟାପକ ଜନ ଅସନ୍ତୋଷ ଦେଖା ଦେଇଛି। ପୌର ପରିଷଦ ପକ୍ଷରୁ ଦୀର୍ଘ ଦିନରୁ ଆରମ୍ଭ ହୋଇଥିବା ନୂତନ ଡ୍ରେନ କାମ ମଧ୍ୟ ଇତି ମଧ୍ୟରେ ବନ୍ଦ ହୋଇଯାଇଛି। ପୌର ପରିଷଦ ପକ୍ଷରୁ ଡ୍ରେନ କାମ ପାଇଁ ସ୍ଥାନୀୟ ପ୍ରାୟ ୯୦ ଭାଗ ଲୋକ ନିଜ ନିଜ ଘର ସାମନାରେ ଡ୍ରେନ ଉପରେ ମାଡି ବସିଥିବା ସ୍ଥାନ ମଧ୍ୟ ଖାଲି କରିଦେଇଛନ୍ତି ତଥାପି ଡ୍ରେନ କାମ ଆଗକୁ ବଢି ପାରୁନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ନର୍ଦ୍ଦମା ପାଣି ସୁଅ ଛୁଟୁଥିଲା ବେଳେ ଲୋକଙ୍କ ଘର ଭିତରକୁ ମଧ୍ୟ ପଶି ଯାଉଛି ପାଣି ଓ ଅଳିଆ ଆବର୍ଜନା। ଏ ନେଇ ଭିତରେ ଭିତରେ କୁହୁଳୁଛି ଅସନ୍ତୋଷ। ସବୁଠୁ ଆଶ୍ଚର୍ଯ୍ୟ ବିଷୟ ଯେ ଏ ଅଞ୍ଚଳ ରୁ ବିଭିନ୍ନ ଦଳରୁ ପୂର୍ବରୁ ଚାରି ପାଞ୍ଚ ଜଣ ପୌର ପରିଷଦ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇ କେବଳ ସାଧାରଣ ଲୋକ ଙ୍କୁ ଭୁଆଁ ଭୁଲାଇ ଛନ୍ତି ରୁଲାଇ ଛନ୍ତି। ପାଞ୍ଚ ଥର ର ବିଧାୟକ ମନ୍ତ୍ରୀ ବି କାମ କମ କଥା ବେଶି ସ୍କିମ୍ ରେ ଭୋଗ କରୁଛନ୍ତି ଏସି ରେ ବସି। ଲୋକ ସାମାନ୍ୟ ତମ ମୌଳିକ ଅଧିକାର ରୁ ବଞ୍ଚିତ ହେଉଛନ୍ତି। ଆଗକୁ ରଥଯାତ୍ରା ରାସ୍ତା ଓ ଡ୍ରେନ କାମ ଅତି ଶିଘ୍ର ନ ହେଲେ ଆଗକୁ ବଡ଼ ଆନ୍ଦୋଳନ ସାମନା କରିବ ପୌର ପରିଷଦ। ଏ ନେଇ ପୌର ପରିଷଦ ଅଧିକାରୀ ଋଷି ମାଝୀ ଙ୍କୁ ଯୋଗାଯୋଗ କରିବାରୁ ସେ ଦୁଃଖ ପ୍ରକାଶ କରିବା ସହ ରଥଯାତ୍ରା ଭିତରେ ସମସ୍ତ କାମ ଶେଷ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏବଂ ସୂଚନା ଦେଇଥିଲେ ଯେ ପିଚୁ ରାସ୍ତା ସହ ଡ୍ରେନ କାମ ପାଇଁ ପ୍ରାୟ ୧ କୋଟି ୨୦ ଲକ୍ଷ ଟଙ୍କାର ଟେଣ୍ଡର ସରିଯାଇଛି ଏବଂ ତୁରନ୍ତ କାମ ଆରମ୍ଭ କରିବା ପାଇଁ ଆଜି ହିଁ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରିବାକୁ ପ୍ରସ୍ତୁତି ହେଉଥିବା କହିଥିଲେ।

## ପାଣି ପାଇଁ ହାଣ୍ଡି, ମାଠିଆ ରଖି ରାସ୍ତା ରୋକ



**ବ୍ରହ୍ମପୁର,୮।୫(ସଂଚାର ବ୍ୟୁରୋ):** ପାନୀୟ ଜଳ ଯୋଗାଣ ବନ୍ଦକୁ ନେଇ ଲୋକେ ହାଣ୍ଡି, ମାଠିଆ ଧରି ରାସ୍ତା ଉପରକୁ ଆସିଛନ୍ତି। ସ୍ଥାନୀୟ ପୁରୁଣା ବ୍ରହ୍ମପୁର ସ୍ଥିତ ନିଳାଞ୍ଚଳ ସାହିର ୫୦ ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଦିର୍ଘ ୨ ରୁ ୩ ଘଣ୍ଟା ଧରି ଗୁରୁବାର ରାସ୍ତା ରୋକ୍ କରିଥିଲେ। ଲୋକଙ୍କ ଅଭିଯୋଗ ପ୍ରକାରେ ଦୀର୍ଘ ୫ ଦିନ ଧରି ଉକ୍ତ ଅଞ୍ଚଳରେ ପାଣି ଆସୁନାହିଁ। ଏନେଇ ସେମାନେ ସ୍ଥାନୀୟ କର୍ପୋରେଟରଙ୍କ ଠାରୁ ଆରମ୍ଭ କରି ବିଧାୟକଙ୍କୁ ଅବଗତ କରାଇବା ପରେ ବି ସମସ୍ୟାର ସମାଧାନ ହୋଇନାହିଁ। ଏପରିକି ଅଭିଯୋଗ ପରେ ପାଣି ଯୋଗାଇ ଦେବା ବଦଳରେ ରାତ୍ର ସମୟରେ ପାଇପ୍ ଲାଇନ୍ ଖୋଲି ଦିଆଯାଇଥିବା ଲୋକେ କହିଛନ୍ତି। ତେବେ ତୁରନ୍ତ ପାଣି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ପାଣି ପାଇଁ ରାଜରାସ୍ତାରେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ତେବେ ଟ୍ୟାଙ୍କ ଯୋଗେ ପାଣି ଯୋଗାଯିବା ପରେ ଲୋକେ ରାସ୍ତାରୁ ହଟିଥିବା ସୂଚନା ମିଳିଛି। ସେହିପରି ସନ୍ଧ୍ୟାରେ ୱାଟକୋ ପକ୍ଷରୁ ପାଇବ ଜରିଆରେ ପାନୀୟ ଜଳ ଯୋଗାଣ ଆରମ୍ଭ ହୋଇଥିବା ଜଣାପଡ଼ିଛି।

## ସମସ୍ୟା ବୁଝି, ଅଭିଯୋଗ ଶୁଣିଲେ ବିଧାୟକ

**ବ୍ରହ୍ମପୁର,୮।୫(ସଂଚାର ବ୍ୟୁରୋ):** ସହରର ବିଭିନ୍ନ ୱାର୍ଡ ବୁଲି ସମସ୍ୟା ଶୁଣିବା ସହ ଅଭିଯୋଗ ଆଧାରରେ ସେସବୁର ସମାଧାନ ପାଇଁ ଉଦ୍ୟମ ଚଳାଇଛନ୍ତି ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର। ଏହି କ୍ରମରେ ଗୁରୁବାର ବ୍ରହ୍ମପୁର ମହାନଗର ନିଗମ ଅଧିନସ୍ଥ ୨୮ ନମ୍ବର ୱାର୍ଡର ନେହେରୁ ନଗରର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ଦୁଃଖ ଶୁଣିଥିଲେ ବିଧାୟକ। ସ୍ଥାନୀୟ ଅଞ୍ଚଳରେ ରହିଥିବା ପାର୍କ, ନାଳରୁ ଜଳ ନିଷ୍କାସନ ଇତ୍ୟାଦି ସମ୍ପର୍କରେ ଲୋକଙ୍କ ଠାରୁ ଅବଗତ ହେବା ସହ ଅଭିଯୋଗ ଶୁଣି ଏହାର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଛି।

## ମା’ ରାମଚଣ୍ଡୀ ମନ୍ଦିରର ପ୍ରକଳ୍ପ ପାଇଁ ଜମି ଚିହ୍ନଟ



**ବ୍ରହ୍ମପୁର,୮।୫(ସଂଚାର ବ୍ୟୁରୋ):** ଗଞ୍ଜାମ ତହସିଲ ଅନ୍ତର୍ଗତ କରପଡା ପଞ୍ଚାୟତର ଆଲିଆବାଦ ମୌଜା ସ୍ଥିତ ନୀଳାଦ୍ରିପୁର ଗ୍ରାମର ମାଁ ରାମଚଣ୍ଡୀଙ୍କ ପାହାଡ ତଳେ ଥିବା ସରକାରୀ ଜମିକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ଏନେଇ ଆଜି ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ମନ୍ଦିର ପାଇଁ ଆସିଥିବା ବିଭିନ୍ନ ପ୍ରକଳ୍ପର ଜମି ଚିହ୍ନଟ କରିଛନ୍ତି ଗଞ୍ଜାମ ରାଜସ୍ୱ ନିରୀକ୍ଷକ ସୀତାରାମ ସାହୁ ଓ ଅମିନ ଲାଲକ୍ରିଷ୍ଣା ଦାସ। ଏହି ପରିପ୍ରେକ୍ଷୀରେ ମାଁ ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ, କମିଟି ଓ ଗ୍ରାମବାସୀଙ୍କ ତରଫରୁ ପରିଚାଳନା କମିଟି ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ପନ୍ଦର ଜଣିଆ କମିଟି ଉପସ୍ଥିତ ଥିଲେ। ସରକାରଙ୍କ ତରଫରୁ ଆସିଥିବା ଅନୁଦାନ ଓ ଟ୍ରଷ୍ଟ ସହଯୋଗରେ ମନ୍ଦିର ପାଇଁ ନାମମଣ୍ଡପ, ବୃଦ୍ଧାଶ୍ରମ, ପରିବା ହାଟ ଓ ଫୁଲ ବଗିଚା କରାଯିବା ପାଇଁ ଆବଶ୍ୟକ ଜମି ଚିହ୍ନଟ କରାଯାଇଥିଲା। ଏହି ଆଲୋଚନା ସମୟରେ ଅନ୍ୟ ମାନଙ୍କ ମଧ୍ୟରେ ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ପୂଜା କମିଟି କାର୍ଯ୍ୟକାରୀ ସଭାପତି ଦିବାକର ନାୟକ, ସମ୍ପାଦକ କୃଷ୍ଣ ଚନ୍ଦ୍ର ନାୟକ, କୁଞ୍ଜ ନାୟକ, ସୁଧୀର ମହାରଣା, ଶଙ୍କର ଚର୍ତ୍ତୀ, ଶଙ୍କର ନାୟକ, ରାମ ନାୟକ, ମକୁନ୍ଦ ନାୟକ, ନାରାୟଣ ଚର୍ତ୍ତୀ, କେଦାର ନାୟକ, ସନ୍ତୋଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହିସବୁ ଜମିରେ ରାଜ୍ୟ ସରକାରଙ୍କ ତରଫରୁ ବିଧାୟକ ଓ ସାଂସଦ ପାଣ୍ଠିରୁ ଆସିଥିବା ବିଭିନ୍ନ ପ୍ରକଳ୍ପ ପାଇଁ କାର୍ଯ୍ୟ କରାଯିବ।ଯାହାଫଳରେ ମନ୍ଦିରର ଉନ୍ନତିକରଣ ସହିତ ସ୍ଥାନୀୟ ଅଞ୍ଚଳର ଯୁବପିଢ଼ି ଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି କରିବାରେ ଏହା ସହାୟକ ହେବ। ଏହା ଶୁଣି ଗ୍ରାମବାସୀ ଗଞ୍ଜାମ ତହସିଲଦାରଙ୍କ ପଦକ୍ଷେପ କୁ ଭୁରି ଭୁରି ପ୍ରଶଂସା କରିଥିଲେ।

## ଅପରେସନ ସିନ୍ଦୂର ଯବାନଙ୍କ ମଙ୍ଗଳ କାମନା ଓ ବିଜୟ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ



**ନୀଳଗିରି,୮।୫(ସଂଚାର ବ୍ୟୁରୋ):** ଗୁରୁବାର ପୂର୍ବାହ୍ନରେ ନୀଳଗିରି ସ୍ଥିତ ଡିଭାଇନ ଏଜୁକେଶନାଲ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅପରେସନ ସିନ୍ଦୁର ଯବାନଙ୍କ ମଙ୍ଗଳ କାମନା ଓ ଦେଶର ବିଜୟ ଉଦ୍ଦେଶ୍ୟରେ ଭଗବାନଙ୍କ ଚରଣରେ ପ୍ରଦୀପ ପ୍ରଜ୍ୱଳନ ଡିଭାଇନ କ୍ୟାମ୍ପସ ରେ କରାଯାଇଅଛି। ଅପରେସନ ସିନ୍ଦୁର ଜରିଆରେ ଭାରତ ପାକିସ୍ତାନ ର ଆତଙ୍କବାଦ ମାନସିକତାକୁ ମୁହଁତୋଡ ଜବାବ ଦେଇଛି। ଏ ନେଇ ସାରା ଦେଶ ରେ ଖୁସିର ଲହର। ଧନ୍ୟବାଦ ଓ ଶୁଭେଚ୍ଛା ଆମ ବୀର ସେନା, ବୀର ପୁତ୍ରଙ୍କୁ ଓ ତାଙ୍କର ଦୁଃସାହସିକତାକୁ। ଉକ୍ତ କାର୍ଯ୍ୟକ୍ରମ ଡିଭାଇନ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ର ସମ୍ପାଦକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ମହାପାତ୍ରଙ୍କ ଉପସ୍ଥିତିରେ କରାଯାଇଥିଲା। ଯେଉଁ ଥିରେ ଟ୍ରଷ୍ଟ୍ ର ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ଥିଲେ। ଏଥିରେ ସମ୍ପାଦକ ନିଜର ବକ୍ତବ୍ୟରେ ଭାରତୀୟ ସୈନିକ ସଂଗ୍ରାମୀ ମାନଙ୍କର ମଙ୍ଗଳକାମନା ଓ ଭାରତର ବିଜୟ ଚିନ୍ତନ ସହିତ ପ୍ରେରଣା ଓ ପ୍ରେମ ସଦିଚ୍ଛା କାମନା କରିଥିଲେ। ଏଥି ନିମନ୍ତେ ସମସ୍ତେ ପ୍ରଦୀପ ପଜ୍ୱଳନ କରିବା ସହିତ ବେଦ ମନ୍ତ୍ର, ଶାନ୍ତିମନ୍ତ୍ର ପାଠ ଓ ପ୍ରାର୍ଥନା ରଖିଥିଲୁ।ଭାରତୀୟ ସଂସ୍କୃତି କୁହେ ଭଗବାନ ହିଁ ସର୍ବସ୍ୱ ତାଙ୍କ ନିକଟରେ ଦୀପ ଜାଳି ଦୁଃଖ ନିବେଦନ କରାଯାଏ ଓ ଏହି ଦିବ୍ୟ ଦୀପର ଆଲୋକ ଆମକୁ ଶକ୍ତି ଯୋଗାଏ।ତେଣୁ ଆମର ପ୍ରାର୍ଥନା ସବୁ କିଛି ମଙ୍ଗଳ ମୟ ହେଉ ଓ ବିଜୟ ମିଳୁ, ଦେଶର ସୁରକ୍ଷା ଓ ଆଖଣ୍ଡତା ରହୁ। ଏହି ସଭାରେ ଟ୍ରଷ୍ଟ ର ସଦସ୍ୟ କ୍ରିଷ୍ଣା ପଲେଇ, ପରେଶ୍ ପୁହାଣ, ଶୁଭମ୍ କୁମାର ରାଉଳ, ଅଜୟ କୁମାର ସିଂ, ସୁବ୍ରତ କୁମାର ଜେନା, ଜ୍ୟୋତିପ୍ରଭା ରଣା, ପୁଷ୍ପଲତା ବେହେରା, ଭାବନା ମହାପାତ୍ର, ବବିତା ବେହେରା, ସୋନାଲି ସେଠୀ, ଦିପ୍ତିସ୍ମିତା ପଣ୍ଡା, ତୁଳସୀ ଦାସ, ମିତାଞ୍ଜଳି ବେହେରା, ଜୟଶ୍ରୀ ଦାସ ଇତ୍ୟାଦି ସାମିଲ୍ ହୋଇଥିଲେ।

# ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଝୁଲୁଛି ତାଲା




**ତିର୍ତ୍ତୋଲ,୮।୫(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଯୋଗାଣ ବିଭାଗ ଅଧିକାରିଣୀ ଅନେକ ସମୟରେ ଅନୁପସ୍ଥିତ ରହୁଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମନରେ ଅସନ୍ତୋଷ ଦେଖିବାକୁ ମିଳୁଛି। ପୂର୍ବରୁ ଥିବା ଅଧିକାରୀ ବାବୁଲାଲ ବାରିକ ଦୁଇଟି ବ୍ଲକ ଦାୟିତ୍ୱରେ ଥିବା ସତ୍ତ୍ୱେ ମଧ୍ୟ ସବୁ ସମୟରେ କାର୍ଯ୍ୟାଳୟ ଖୋଲା ରହିବା ସହିତ ସାଧାରଣ ଲୋକଙ୍କ କାର୍ଯ୍ୟ ଠିକ ସମୟରେ ହୋଇପାରୁଥିଲା। କିନ୍ତୁ ବାରିକ ବାବୁଙ୍କର ବଦଳି ହେବା ପରେ ତାଙ୍କ ସ୍ଥାନରେ ଆସିଥିଲେ ଅଧିକାରିଣୀ ସ୍ୱୟଂପ୍ରଭା ସ୍ୱାଇଁ ଯିଏକି ୬ ମାସ ରୁ ଉର୍ଦ୍ଧ୍ୱ ହେବ କାର୍ଯ୍ୟଭାର ଗ୍ରହଣ କଲେଣି। କିନ୍ତୁ ଅଧିକାଂଶ ସମୟରେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଏ ନେଇ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ବିଡ଼ିଓ ଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି। ଏଥି ସହିତ ଡିଲର ମାନଙ୍କ ପାଖରୁ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଉଥିବା ନେଇ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି କିଛି ଡିଲର। ଅନ୍ୟ ପକ୍ଷରେ ଏମ୍.ଆଇ ମାଡାମ ବାରି ଦେଖି କାର୍ଯ୍ୟାଳୟ କୁ ଆସୁଛନ୍ତି, ପୁଣି ତାଙ୍କ ସୁବିଧା ଅନୁଯାଇ କାର୍ଯ୍ୟାଳୟରେ ରହୁଛନ୍ତି। ଯାହା ଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମ୍ୟାଡାମ ଙ୍କ ସ୍ୱାମୀ ଜିଲ୍ଲାର ଜଣେ ପୋଲିସ ଅଫିସର ହୋଇଥିବାରୁ ବିଡିଓ ତାଙ୍କୁ ସବୁଥିରେ ମାପ କରୁଥିବା ଦେଖିବାକୁ ମିଳୁଛି।

ଏମିତିକି ଗରିବ ବୃଦ୍ଧ ବୃଦ୍ଧା ମାନେ ପ୍ରଚଣ୍ଡ ଖରାରେ ବାରମ୍ବାର କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଉପରିସ୍ଥ ଅଧିକାରୀ ଏବିଷୟରେ ଦୃଷ୍ଟି ଦେବା ସହିତ ତୁରନ୍ତ ଏହାର ତଦନ୍ତ କରିବା ସହିତ ସ୍ଥାୟୀ ସମାଧାନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।

## ଭାରତୀୟ ନିର୍ବାଚନ କମିଶନଙ୍କ ରାଜନୈତିକ ଦଳ ମାନଙ୍କ ସହ ବୈଠକ




**ସୁନ୍ଦରଗଡ଼,୮।୫(ସଂଚାର ବ୍ୟୁରୋ):** ପୂର୍ବରୁ ଭାରତୀୟ ନିର୍ବାଚନ କମିଶନଙ୍କ ସହ ରାଜନୈତିକ ଦଳ ଗୁଡ଼ିକର ବୈଠକ ଅନୁଷ୍ଠିତ ହୋଇଥିଲା। ମୋଟ ୪୭୧୯ ସର୍ବ ଦଳୀୟ ପାର୍ଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ୪୦ ମୁଖ୍ୟ ନିର୍ବାଚନ ଅଧିକାରୀ, ୮୦୦ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ୩୮୭୯ ଇ ଆର୍ ଓ ଙ୍କୁ ନେଇ ପାଖାପାଖି ୨୮, ୦୦୦ ବିଭିନ୍ନ ରାଜନୈତିକ ଦଳ ର ପ୍ରତିନିଧି ମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ନୂଆଦିଲ୍ଲୀ ସ୍ଥିତ ନିର୍ବାଚନ ସଦନ ଠାରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ ନିର୍ବାଚନ ଆୟୁକ୍ତ ଡ଼ା ସୁଖବୀର ସିଂ ସାନ୍ଧୁ ଓ ଡ଼ା ବିବେକ ଯୋଶୀ ଏବଂ ଭାରତୀୟ ଜନତା ପାର୍ଟି ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏହି ରାଜନୈତିକ ଦଳ ସହିତ ଆଲୋଚନା ନିର୍ବାଚନ ପ୍ରକ୍ରିୟାକୁ ସମସ୍ତ ଅଂଶୀଦାରଙ୍କ ସହିତ ଏକ ବିଦ୍ୟମାନ ଆଇନଗତ ଢାଞ୍ଚା ମଧରେ ଆହୁରି ସଶକ୍ତ କରୁଅଛି ବୋଲି ଆଲୋଚନା କରା ଯାଇଥିଲା।

## ଭାରତୀୟ ଯବାନଙ୍କ ପାଇଁ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ



**ବେତନଟୀ,୮।୫(ସଂଚାର ବ୍ୟୁରୋ):** ପହେଲଗାମ ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତ। ଆତଙ୍କବାଦୀଙ୍କ ବିରୁଦ୍ଧରେ ସଫଳ ଏୟାରଷ୍ଟ୍ରାଇକ କରିଛି ଭାରତ। ଯାହାର ନାମ ଦିଆଯାଇଛି ଅପରେସନ ସିନ୍ଦୂର। ଭାରତୀୟ ବୀର ଯବାନ ମାନଙ୍କର ଏଭଳି ସାହସିକ କାର୍ଯ୍ୟକୁ ଉତ୍ସାହିତ କରିବା ଓ ଯବାନ ମାନଙ୍କର ଶକ୍ତି ଏବଂ ଆୟୁ ବୃଦ୍ଧି କରିବା ପାଇଁ ବେତନଟୀର ଚଣ୍ଡିମନ୍ଦିର ସମ୍ମୁଖରେ ଭାରତୀୟ ଜନତାପାର୍ଟିର ବେତନଟୀ ମଣ୍ଡଳ ୩୫ ନମ୍ବର ଜୋନ ତରଫରୁ ପ୍ରଦୀପ ପ୍ରଜ୍ୱଳନ କରି ଭଗବାନଙ୍କୁ ପ୍ରାର୍ଥନା କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡା, ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ମହାନ୍ତ, ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା, ହିମାଂଶୁ କବାଟ, ଅଜିତ କୁମାର ବେହେରା, ଅରୁପ ରଞ୍ଜନ ଲେଙ୍କା, ସଞ୍ଜୀବ ଜେନା, କେଶବ ନାଥ, ମନୋଜ ପଣ୍ଡା, ରବିନ ନାୟକ, ସୌମ୍ୟ ମହାପାତ୍ର, ଭୈରବ ନାଥ, ରାଜୁ ମହାନ୍ତ, କିଶମତ ପରିଡା, ଜୀବନ ମହାନ୍ତି, ଇନ୍ଦ୍ରଜିତ ମହାନ୍ତ, ଗୌରବ ନାଥ, ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଏସିରୁ ଦୂର ହେବ ପାନୀୟ ଜଳ ସମସ୍ୟା



**କେସିଙ୍ଗା,୮।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିରେ ଆଉ ପାନୀୟ ଜଳ ସମସ୍ୟା ରହିବ ନାହିଁ। ସେଥିପାଇଁ ପିଏଚ୍‌ଡି ବିଭାଗ ପକ୍ଷରୁ ୨ କୋଟିରୁ ଉଦ୍ଧର୍ବ ବ୍ୟୟ ଅଟକଳରେ ପିଏଚ୍‌ଡିର କାର୍ଯ୍ୟାଳୟ ପରିସରରେ ଥିବା ୧୦ ନମ୍ବର ଓ୍ୱାର୍ଡ ଜାଗାରେ ଯୁଦ୍ଧକାଳୀନ ଭିତ୍ତିରେ ଗତ ସେପ୍ଟେମ୍ବର ୨୦୨୪ରୁ ନିର୍ମାଣ କାମ ଆରମ୍ଭ କରିଛି। ବିଭାଗୀୟ ଜେଇଙ୍କ ଉପସ୍ଥିତିରେ କାମ ଚାଲିଛି। କେସିଙ୍ଗା ସହରରେ ଥିବା ୧୨ଟି ୱାର୍ଡରେ ପ୍ରାୟ ୨୫ ହଜାରରୁ ଉଦ୍ଧର୍ବ ଲୋକ ବସବାସ କରୁଛନ୍ତି। ସେମାନଙ୍କୁ ବର୍ତ୍ତମାନ ସକାଳ ୬ଠାରୁ ୧୦ଟା ଯାଏ ପାନୀୟ ଜଳ ଗୋଟିଏ ଟାଇମ୍ ପାନୀୟଜଳ ଯୋଗାଇ ଦିଆଯାଉଛି। କିନ୍ତୁ ଲୋକ ସଂଖ୍ୟା ଦୃଷ୍ଟିରୁ ପାନୀୟଜଳ ଦୈନିକ ଦୁଇଥର ଦେବା କଥା। ବର୍ତ୍ତମାନ ନୂତନ ପ୍ରଣାଳୀରେ ୪୫ ଫୁଟର ଓଭରହେଡ୍ ପାଣି ଟାଙ୍କି ସହ ୩ଟି ଫିଲଟର ଟାଙ୍କି, ପମ୍ପ ହାଉସ ଦ୍ୱାରା ନିର୍ମାଣ କରାଯାଉଛି।

## ପିଇଓରୁ ଜିପିଓ କେମିତି ହେଲେ ବାପି ?

● ତିର୍ତ୍ତୋଲ ବ୍ଲକ୍‌ରେ କରୁଛନ୍ତି ଦବଙ୍ଗଗିରି! ବଢ଼ୁଛି ଅସନ୍ତୋଷ

**ଜଗତସିଂହପୁର,୮।୫(ସଂଚାର ବ୍ୟୁରୋ):** ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ରେ ଦୀର୍ଘ ଏକବର୍ଷରୁ ଉର୍ଦ୍ଧ୍ୱ ହେବ ଜିପିଓ ଭାବେ କାର୍ଯ୍ୟ କରୁଥିବା ବିଶ୍ୱଜିତ୍ ମହାପାତ୍ର ଙ୍କ ନାମରେ ଆସିଛି ସଙ୍ଗିନୀ ଅଭିଯୋଗ। ଅଭିଯୋଗ ଅନୁଯାୟୀ ୮ ବର୍ଷ ପିଇଓ ଭାବେ ତିର୍ତ୍ତୋଲ ବ୍ଲକ ରେ ରହି ନାମକୁ ମାତ୍ର ୬ ମାସ ପାଇଁ ରଘୁନାଥପୁର ବ୍ଲକ କୁ ବଦଳି ହୋଇଥିଲେ ମଧ୍ୟ କିପରି ୬ ମାସ ପରେ ପୁର୍ବ ସ୍ଥାନ ତିର୍ତ୍ତୋଲ ବ୍ଲକ କୁ ଫେରିଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଉପସ୍ଥିତ ଅଧିକାରୀ ଙ୍କୁ ହାତବାରିସ କରି ପୁନଶ୍ଚ ତିର୍ତ୍ତୋଲ ବ୍ଲକ କୁ ଆସିଥିବା ଜଣାପଡ଼ିଛି।ହେଲେ ପ୍ରାୟ ଏକ ବର୍ଷ ତଳେ ତିର୍ତ୍ତୋଲ ବ୍ଲକ୍ ର ଅନ୍ୟ ପିଇଓ ଙ୍କ ସମେତ ତାଙ୍କର ରଘୁନାଥପୁର ବ୍ଲକ କୁ ବଦଳି କରାଯାଇଥିବା ବେଳେ ଅନ୍ୟ ମାନଙ୍କର ମଧ୍ୟ କୁଜଙ୍ଗ, ରଘୁନାଥପୁର ଓ ଏରସମା ବ୍ଲକ କୁ ବଦଳି ହୋଇଥିଲା। ଆସୁ ଆସୁ ସିଧା ସଳଖ ଭାବେ କେମିତି ତୁଲାଇଲେ ଜିପିଓ ଦାୟିତ୍ୱ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖାଲି ସେତିକି ନୁହେଁ ଜିପିଓ ହେଲାପରେ ତିର୍ତ୍ତୋଲ ବ୍ଲକ ରେ ଦବଂଗିରି କିରିବା ସହିତ କର୍ମଚାରୀ ମାନଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ତେବେ ଜିପିଓ ବାପି କାହା ବଳରେ ଏତେ ବଳିଆନ ହୋଇ ବଳୀୟାନ ହୋଇ ସିଧା ସଳଖ ପିଓ ରୁ ଜିପିଓ ଭାବରେ କାର୍ଯ୍ୟ କରୁଛନ୍ତି ବିଶ୍ୱଜିତ୍ ମହାପାତ୍ର ଓରଫ (ବାପି)। ଏଥିରେ କୌଣସି ପୂର୍ବ ରାଜନେତାଙ୍କ ହାତ ରହିଛି ନାଁ ଟଙ୍କା ଦେଇ ତିର୍ତ୍ତୋଲ ବ୍ଲକ ରେ ଗାଦିମାଡି ବସିଛନ୍ତି ବିଶ୍ୱଜିତ ମହାପାତ୍ର। ଏହାର ଉଚ୍ଚ ସ୍ଥରୀୟ ତଦନ୍ତ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣ ରେ ଦାବି ହୋଇଛି।

## ରେଡ୍‌କ୍ରସ୍ ଦିବସ ପାଳନ ବେଳେ ପଶିଗଲା ନାଗ

**ଭଞ୍ଜନଗର।୮।୫(ସଂଚାର ବ୍ୟୁରୋ):** ଗ୍ରୀଷ୍ମ ଛୁଟି ଯୋଗୁ କଲେଜ ଏବଂ ସ୍କୁଲଗୁଡ଼ିକ ବର୍ତ୍ତମାନ ବନ୍ଦ ଅଛି। ଅଧ୍ୟାପକ ଏବଂ ଶିକ୍ଷକମାନେ ରୋଷ୍ଟର ଡ୍ୟୁଟିରେ ଯାଇ ଅଫିସ କିମ୍ବା କମନ ରୁମ୍‌ରେ ବସୁଛନ୍ତି। ଶ୍ରେଣୀଗୁଡ଼ିକ ବନ୍ଦ ଯୋଗୁ କେଉଁଠି କ୍ଲାସ ରୁମ୍ ଉଇ ଧରିଲାଣି ତ ଆଉ କେଉଁଠି ସାପ ସମେତ ଅନ୍ୟାନ୍ୟ ସରୀସୃପ ରୁମ୍ ଭିତରେ ପଶୁଛନ୍ତି। ଏହିଭଳି ପରିସ୍ଥିତିରେ ଗୁରୁବାର ବିଶ୍ୱ ରେଡକ୍ରସ୍ ଦିବସ ଥିବାରୁ ଭଞ୍ଜନଗର ଅଞ୍ଚଳର ଅନେକ କଲେଜର କେତେକ କ୍ଲାସ ରୁମ୍ ଆଜି ଖୋଲିଥିଲା। ଏହିଭଳି ବୁଗୁଡ଼ା ପିପୁଲ୍ସ କଲେଜ ମଧ୍ୟ ରେଡକ୍ରସ୍ ଦିବସ ପାଳନ ପାଇଁ ଖୋଲିଥିଲା। ଏହି ସମୟରେ ଏକ ବିଷଧର ନାଗ ସାପ ରାଜନୀତି ବିଜ୍ଞାନ ବିଭାଗ କ୍ଲାସ ରୁମ୍ ଭିତରେ ପଶିଯାଇଥିଲା।

## ବିଶ୍ୱ ରେଡ କ୍ରସ ଦିବସ ଅବସରରେ ରକ୍ତ ଦାନ ଶିବିର ଅନୁଷ୍ଠିତ, ୪୧ ୟୁନିଟ୍ ରକ୍ତ ସଂଗ୍ରହ




**ସୁବର୍ଣ୍ଣପୁର,୮।୫(ସଂଚାର ବ୍ୟୁରୋ):** ବିଶ୍ୱ ରେଡକ୍ରସ୍ ଦିବସ ତଥା ରେଡକ୍ରସ ପ୍ରତିଷ୍ଠାତା ଜିନ୍ ହନରି ଦୁନାନ୍ତ ଙ୍କ ଜନ୍ମ ବାର୍ଷିକୀ ଅବସରରେ ଆଜି ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଜେନ୍ଦ୍ର ରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହାକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାଶ ଶୁଭ ଉଦ୍ଘାଟନ କରି ରକ୍ତ ଦାତା, ରେଡକ୍ରସ ସଦସ୍ୟା, କର୍ମଚାରୀ ଓ ସ୍ୱେଚ୍ଛାସେବୀ ଙ୍କୁ ଉତ୍ସାହିତ କରିଥିଲେ। ସି ଡ଼ି ଏମ ପି ଏଚ ଓ ଡ଼ା ପ୍ରଦୀପ କୁମାର ଗୁରୁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱକ୍ଷ ବଧାନ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଏ ଡି ଏମ୍ ଓ ଡ଼ା ଦୁର୍ଗା ଦତ୍ତ ଦାଶ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ରେଡ୍ କ୍ରସ୍ ସଂପାଦକ ସଂଗ୍ରାମ କିଶୋରୀ ଜେନା, ବ୍ଲଡ ବ୍ୟାଙ୍କ ଅଫିସର ମାନସ ରଞ୍ଜନ ଦାଶ ଯୋଗ ଦେଇ ରକ୍ତ ଦାତା ଙ୍କୁ ଉତ୍ସାହିତ କରିଥିଲେ। ଡି ପି ଓ ବିଶ୍ୱନାଥ ନାୟକ, ବିଭିନ୍ନ ସଂଗଠନ କର୍ମକର୍ତ୍ତା ମାନେ ମଧ୍ୟ ଏଥିରେ ସକ୍ରିୟ ସାମିଲ୍ ହୋଇ ସହଯୋଗ କରିଥିଲେ।

## କଳିଙ୍ଗା ଘାଟିରେ ଦୁର୍ଘଟଣା

**ଭଞ୍ଜନଗର,୮।୫(ସଂଚାର ବ୍ୟୁରୋ):** ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା କଳିଙ୍ଗା ଘାଟିରେ ଗୁରୁବାର ଏକ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଗାଡ଼ି ଚାଳକ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଭଞ୍ଜନଗର ଏବଂ ଜି ଉଦୟଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିବା ସୂଚନା ମିଳିଛି। ପ୍ରାଥମିକ ସୂଚନା ଅନୁସାରେ ଟ୍ୟାଙ୍କର ଫୁଲବାଣୀରୁ ଭଞ୍ଜନଗର ଦେଇ ଯିବାର ଥିଲା। ହେଲେ କଳିଙ୍ଗା ଘାଟିରେ ଟ୍ୟାଙ୍କର ଚାଳକ ଭାରସାମ୍ୟ ହରାଇବାରୁ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ରାସ୍ତାରେ ଯାଉଥିବା ଲୋକେ ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇଥିଲେ।

## ହେନେରୀ ଡୁନାଣ୍ଟଙ୍କ ଜନ୍ମ ବାର୍ଷିକୀ ପାଳନ ସହ ବିଶ୍ୱ ରେଡକ୍ରସ ଦିବସ ପାଳିତ




**ସୁନ୍ଦରଗଡ଼,୮।୫(ସଂଚାର ବ୍ୟୁରୋ):** ସ୍ଥାନୀୟ ସଦଭାବନା ଭବନଠାରେ ସମାଜସେବୀ ସାର୍ ଜନ୍ ହେନେରୀ ଡୁନାଣ୍ଟଙ୍କ ଜନ୍ମ ବାର୍ଷିକୀ ପାଳନ ସହ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର, ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଗୁରୁ ପ୍ରସାଦ ମହାନ୍ତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ମହାଜନ ସାର୍ ଜନ୍ ହେନେରୀ ଡୁନାଣ୍ଟଙ୍କ ଜୀବନୀ ତଥା ତାଙ୍କର ସମାଜସେବା ଉପରେ ଆଲୋକପାତ କରିଥିଲେ। ସେହିଭଳି ରେଡକ୍ରସର ଭୂମିକା ଉପରେ ଆଲୋଚନା କରିଥିଲେ ଏବଂ ରେଡକ୍ରସ ଆହୁରି ଅଧିକ ସକ୍ରିୟ କରିବା ସହିତ ଅଧିକରୁ ଅଧିକ କିଭଳି ଭାବେ ଅର୍ଥ ସଂଗ୍ରହ କରାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ନିୟମିତ ଅର୍ଥଦାତା ମାନଙ୍କୁ ସମ୍ବର୍ଦ୍ଧନା କରାଯିବା ଉପରେ ମଧ୍ୟ କହିଥିଲେ। ସେହିଭଳି ଅତିଥିମାନେ ସାର୍ ଜନ୍ ହେନେରୀଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହିତ ଜନସାଧାରଣଙ୍କୁ ଆର୍ଥିକ ସହାୟତା ଯୋଗାଇବାରେ ରେଡକ୍ରସର ଭୂମିକା ଉପରେ ଆଲୋଚନା କରିଥିଲେ। କୌଣସି ପ୍ରାକୃତିକ ଦୁର୍ବିପାକ ହେଉ, ରୋଗ କିମ୍ବା ଦୁର୍ଘଟଣା ହେଉ ରେଡକ୍ରସରୁ ଆର୍ଥିକ ସହାୟତା ଯୋଗାଇ ଦିଆ ଯାଇଥାଏ। ତେଣୁ ଅର୍ଥ ସଂଗ୍ରହର ଆବଶ୍ୟକତାକୁ ଉପରେ ଗୁରୁତ୍ୱାରୋପ କରିଥିଲେ। ରେଡକ୍ରସ ନିମନ୍ତେ ଅର୍ଥ ସଂଗ୍ରହରେ ସମଗ୍ର ରାଜ୍ୟରେ ସୁନ୍ଦରଗଡ଼ ଜିଲ୍ଲା କୁ ସର୍ବାଗ୍ରେ କରିବାକୁ ଅତିଥି ମାନେ ଆହ୍ୱାନ ଦେଇଥିଲେ।